


‘ଦାଦା’ର ସୁଟିଂ ଆରମ୍ଭ କଲେ ରାଜକୁମାର

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-278 ♦MONDAY ♦06 APRIL 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୭୮ ♦ସୋମବାର ♦୦୬ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


ହାତର ଟାଟୁ ଖୋଲିଦେଲା ରହସ୍ୟ

## ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ପେଟ୍ରୋଲ୍ ଢାଳି ଜାଳିଦେଲା

■ ଆଗ୍ରା, ୫।୪ (ଏଜେନ୍ସି): ଉତ୍ତରପ୍ରଦେଶରେ ଆଗ୍ରା ଅଞ୍ଚଳରେ ଏକ ସାଂଘାତିକ ଘଟଣାର ପର୍ଦ୍ଦାଫାସ ହୋଇଛି। ଜଣେ ମହିଳା ତାଙ୍କ ପ୍ରେମିକ ସହ ମିଶି ନିଜ ସ୍ୱାମୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଏପ୍ରିଲ ପହିଲା ରାତିରେ ଆଗ୍ରାର ସାୟାନ ଅଞ୍ଚଳରୁ ଏକ ଅର୍ଦ୍ଧଦଗ୍ଧ ଶବ ମିଳିଥିଲା। ମୃତଦେହର ମୁହଁ ପୋଡ଼ି ଯାଇଥିବାରୁ ଚିହ୍ନଟ କରିବା କଷ୍ଟକର ଥିଲା। କିନ୍ତୁ ହାତରେ ଥିବା ଟାଟୁ ପୁଲିସକୁ ବଡ଼ ସୁରାକ ଦେଇଥିଲା। ସେହି ଟାଟୁରେ ଲୋକେନ୍ଦ୍ର ବୋଲି ଲେଖାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ମୃତ ଲୋକେନ୍ଦ୍ରଙ୍କ ସ୍ତ୍ରୀ ଓ ମହେଶ ପ୍ରଜାପତିଙ୍କ ମଧ୍ୟରେ ଦୀର୍ଘ ଦିନରୁ ପ୍ରେମ ସମ୍ପର୍କ ଥିଲା। ଏହା ଜାଣିବା ପରେ ଲୋକେନ୍ଦ୍ର ସ୍ତ୍ରୀଙ୍କୁ ବିରୋଧ କରିଥିଲେ। ଏଥିପାଇଁ ଉଭୟ ପ୍ରେମୀଯୁଗଳ ତାଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ଏପ୍ରିଲ ୧ରେ ▶ପୃଷ୍ଠା-୭

## ବ୍ରାଜିଲରେ ରେସ୍ତୋରାଁ ଉପରେ ଖସିପଡ଼ିଲା ବିମାନ

ଦମ୍ପତିଙ୍କ ସହ ୪ ମୃତ

■ ରିଓ ଗ୍ରାଣ୍ଡେ ଡୋ ସୁଲ୍, ୫।୪ (ଏଜେନ୍ସି): ବ୍ରାଜିଲର ରିଓ ଗ୍ରାଣ୍ଡେ ଡୋ ସୁଲ୍ ରାଜ୍ୟରେ ଏକ ବଡ଼ଧରଣର ବିମାନ ଦୁର୍ଘଟଣା ଘଟିଛି। ଏକ ଛୋଟ ବିମାନ ନିୟନ୍ତ୍ରଣ ହରାଇ ଏକ ରେସ୍ତୋରାଁ ଉପରେ ଖସି ପଡ଼ିଛି। ଫଳରେ ବିମାନରେ ଥିବା ଦମ୍ପତିଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ଘଟିଛି। ଏକ ‘ପାଇପର ମାଲିବୁ’ ବିମାନ ସାଓ ପାଉଲୋରୁ ଉଡ଼ାଣ ଭରି କାପାଓ ଦା କନୋଆ ବିମାନ ବନ୍ଦର ଅଭିମୁଖେ ଯାଉଥିଲା। କିନ୍ତୁ ଅବତରଣ କରିବାର ଠିକ୍ ପୂର୍ବରୁ ବିମାନଟି ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଥିଲା ଏବଂ ସିଧାସଳଖ ରେସ୍ତୋରାଁ ଉପରେ ଖସି ପଡ଼ିଥିଲା। ବିମାନଟି ଖସିବା ମାତ୍ରେ ସେଠାରେ ଭୟଙ୍କର ନିଆଁ ଲାଗିଯାଇଥିଲା ଏବଂ ସମଗ୍ର ଅଞ୍ଚଳ କଳା ଧୂଆଁରେ ଭରି ଯାଇଥିଲା। ଏହି ଦୁର୍ଘଟଣାରେ ପାଇଲଟ୍ ଏବଂ ବିମାନରେ ଯାତ୍ରା କରୁଥିବା ୩ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଦମ୍ପତି ସାମିଲ ଅଛନ୍ତି। ଦୁର୍ଘଟଣା ସମୟରେ ▶ପୃଷ୍ଠା-୭

## ପ୍ରେମ ବିବାହ କରିବାରୁ ଝିଅକୁ ହତ୍ୟା କଲା ବାପା

ମାମଲା ଲୁଚାଇବା ଅଭିଯୋଗରେ ପୁଲିସ ଅଧିକାରୀ ନିଲମ୍ବିତ

■ ମାର୍ଚ୍ଚେଲା(ଆନ୍ଧ୍ରପ୍ରଦେଶ), ୫।୪ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ମାର୍ଚ୍ଚେଲା ସହରରେ ଜଣେ ୨୨ ବର୍ଷୀୟା ଯୁବତୀଙ୍କୁ ତାଙ୍କ ପରିବାର ଲୋକେ ହତ୍ୟା କରିବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛନ୍ତି। ଏହି ଘଟଣାରେ ଜଣେ ପୁଲିସ ଅଧିକାରୀ ପରିବାରକୁ ସାହାଯ୍ୟ କରିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ମୃତ ଯୁବତୀ ଚୌଦେଶ୍ୱରୀ ଜଣେ ଯୁବକଙ୍କୁ ଭଲ ପାଉଥିଲେ ଓ ଏହାକୁ ପରିବାର ଲୋକେ ବିରୋଧ କରୁଥିଲେ। ଗତ ମାର୍ଚ୍ଚ ୪ରେ ସେ ଘର ଛାଡ଼ି ନିଜ ପ୍ରେମିକଙ୍କୁ ବିବାହ କରିଥିଲେ। ମାର୍ଚ୍ଚେଲା ଟାଉନ୍ ସର୍କଲ ଇନିସପେକ୍ଟର (ସିଆଇ) ଯୁବତୀଙ୍କୁ ଧମକ ଦେଇ ଜବରଦସ୍ତି ତାଙ୍କ ବାପଘରକୁ ପଠାଇ ଦେଇଥିଲେ। ବାପଘରକୁ ଫେରିବାର ୩ ଦିନ ପରେ ଚୌଦେଶ୍ୱରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପରିବାର ଲୋକେ ଏହାକୁ ଆତ୍ମହତ୍ୟା ବୋଲି କହିଥିଲେ। ତେବେ ପୋଷ୍ଟମର୍ଟମ ରିପୋର୍ଟରୁ ତାଙ୍କୁ ▶ପୃଷ୍ଠା-୭

## ନିର୍ଣ୍ଣାୟକ ମୋଡ଼ରେ ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଟ୍ରମ୍ପଙ୍କ ‘ଅଲଟିମେଟମ୍’; ଇରାନର ‘ସରପ୍ରାଇଜ୍’



- ମାନସିକ ନିୟନ୍ତ୍ରଣ ହରାଉଛନ୍ତି ଡୋନାଲ୍ଡ ଟ୍ରମ୍ପ
- ଇରାନ୍ ପ୍ରତି ଆମେରିକା ରାଷ୍ଟ୍ରପତିଙ୍କ ଅପଶବ୍ଦ
- ଇରାନର ସବୁ ସେତୁ, ଶକ୍ତିକେନ୍ଦ୍ର ଧ୍ୱଂସ ଧମକ
- ଚକିତ କରିଦେବାଲାଗି ଇରାନର ଚେତାବନୀ
- ଏଯାଏ ୭ ଯୁଦ୍ଧ ବିମାନ ହରାଇଲାଣି ଆମେରିକା

■ ତେହରାନ/ୱାସିଂଟନ, ୫।୪ (ଏଜେନ୍ସି): ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି ଇରାନ୍ ଉପରେ ଆମେରିକା-ଇସ୍ରାଏଲ୍‌ର ଆକ୍ରମଣ। ଇରାନକୁ ଧ୍ୱଂସ କରିଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୪୮ ଘଣ୍ଟିଆ ଚେତାବନୀକୁ ‘ମୂର୍ଖାମୀ ଓ ହତାଶା’ କହି ପରିହାସ କରିଛି ଇରାନ। ଯଦି ୪୮ ଘଣ୍ଟା ମଧ୍ୟରେ ଶାନ୍ତି ଚୁକ୍ତି ନ ହୁଏ ଓ ହର୍ମୁଜ ପ୍ରଣାଳୀ ଖୋଲା ନ ଯାଏ, ତେବେ ଇରାନ ଉପରେ ‘ନର୍କର ନିଆଁ’ ବର୍ଷିବ ବୋଲି ଆମେରିକା ଧମକ ଦେଇଛି। ପୁନଶ୍ଚ ମାନସିକ ନିୟନ୍ତ୍ରଣ ହରାଇ ଆମେରିକା ରାଷ୍ଟ୍ରପତି ଇରାନ୍ ପ୍ରତି ‘ବାଷ୍ଟାର୍ଡ’ ପରି ଅପଶବ୍ଦ ପ୍ରୟୋଗ କରିଛନ୍ତି। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଏପରି ଚେତାବନୀକୁ ଇରାନ ଅସହାୟ, ଅସ୍ଥିର ଓ ନିର୍ବୋଧ କାର୍ଯ୍ୟ ବୋଲି ପରିହାସ କରିଛି।

ଇରାନ ସାମରିକ ମୁଖ୍ୟାଳୟର ଜେନେରାଲ ଅଲି ଅବଦୁଲ୍ଲାହି ଅଲିଆବାଦୀ ଆମେରିକା ରାଷ୍ଟ୍ରପତିଙ୍କୁ ପାଲଟା ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକା ପାଇଁ ନର୍କର ଦ୍ୱାର ଖୋଲିଯିବ। ଯଦି ଆମେରିକା କିମ୍ବା ଇସ୍ରାଏଲ ଇରାନର ଭିତ୍ତିଭୂମି ଉପରେ ଆକ୍ରମଣ କରେ, ମଧ୍ୟପ୍ରାଚ୍ୟରେ ଥିବା ସମସ୍ତ ଆମେରିକୀୟ ଘାଟି ଏବଂ ଇସ୍ରାଏଲ ଉପରେ ଇରାନ ବିଧ୍ୱଂସକାରୀ ଆକ୍ରମଣ କରିବ। ସେହିପରି ଇରାନର ଜଣେ ସୁରକ୍ଷା ଅଧିକାରୀ ମଧ୍ୟ ସମାନ କଥା ଦୋହରାଇଛନ୍ତି। ସେମାନଙ୍କ ପାଖରେ ଏବେ ବି ଆମେରିକା ଓ ଇସ୍ରାଏଲ ପାଇଁ ଅନେକ ‘ସରପ୍ରାଇଜ’ ରହିଛି। ଆମେରିକା ଗୁଇନ୍ଦା ତଥ୍ୟ ଭୁଲ ଓ ଇରାକର ପୋଲ ଗୁଡ଼ିକ ଉପରେ ଆକ୍ରମଣ କରିବା ଧମକ ନିହାତି ହାସ୍ୟାସ୍ପଦ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ▶ପୃଷ୍ଠା-୭

### ହର୍ମୁଜ ସମସ୍ୟା ସମାଧାନ ପାଇଁ ଇରାନ-ଓମାନ ବୈଠକ

■ ମସ୍କାଟ/ତେହରାନ, ୫।୪ (ଏଜେନ୍ସି): ହର୍ମୁଜ ପ୍ରଣାଳୀକୁ ଇରାନର ଅବରୋଧ ସାରା ବିଶ୍ୱରେ ଇନ୍ଧନ ସଙ୍କଟ ଭୟଙ୍କର ରୂପ ନେଇଛି। ଏହି ସମୟରେ ସମସ୍ୟାର ସମାଧାନ ପାଇଁ ଓମାନ ଓ ଇରାନ ଏକ ଉଚ୍ଚସ୍ତରୀୟ ବୈଠକରେ ଏକାଠି ହୋଇଛନ୍ତି। ଉଭୟ ଦେଶର ବୈଦେଶିକ ମନ୍ତ୍ରଣାଳୟର ଉପ- ▶ପୃଷ୍ଠା-୭



୨୦୨୭ ଜନଗଣନା ପ୍ରକ୍ରିୟାରେ ସାମିଲ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ବାସଭବନରେ ରବିବାର ସ୍ୱ-ଗଣନା ପର୍ଯ୍ୟାୟରେ ବ୍ୟକ୍ତିଗତ ତଥ୍ୟ ଦାଖଲ କରୁଛନ୍ତି

‘ମୁଡିସ୍’ ଆକଳନ

## କମିବ ଅଭିବୃଦ୍ଧି; ବିପଦରେ ଅର୍ଥନୀତି

■ ନୂଆଦିଲ୍ଲୀ, ୫।୪ (ଏଜେନ୍ସି/ସମିସ): ଚଳିତ ଆର୍ଥିକ ବର୍ଷରେ ଦେଶର ଅଭିବୃଦ୍ଧି ୬.୮ ପ୍ରତିଶତ ହେବ ବୋଲି ଆକଳନ କରିଥିବା ରେଟିଂ ଏଜେନ୍ସି ‘ମୁଡିସ୍’ ଜାରି କରିଛି ନୂଆ ଆକଳନ। ଦେଶର ଅଭିବୃଦ୍ଧି ମନ୍ଥର ଓ ମୁଦ୍ରାସ୍ଫୀତି ବୃଦ୍ଧି ଘଟିବାର ଆଶଙ୍କା ସହ ଅଭିବୃଦ୍ଧି ହାରକୁ ୬ ପ୍ରତିଶତକୁ ହ୍ରାସ କରିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯଦି ଦୀର୍ଘ ସମୟ ଜାରିରହିଲେ ଏଲ୍‌ପିଜି ଯୋଗାଣ ପ୍ରଭାବିତ ହେବ, ଇନ୍ଧନ ଓ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବ; ଏହା ସିଧାସଳଖ ଖାଦ୍ୟ ମୂଲ୍ୟକୁ ବୃଦ୍ଧି କରିବ। ଅନ୍ୟପକ୍ଷରେ ଭାରତ ସାର ଆମଦାନୀ ଉପରେ ନିର୍ଭରଶୀଳ ଥିବାରୁ କୃଷି କ୍ଷେତ୍ର ମଧ୍ୟ ପ୍ରଭାବିତ ହେବ।

> ବୃଦ୍ଧି ପାଇବ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ
>
> ପ୍ରଭାବିତ କରିବ ଇନ୍ଧନ ସଙ୍କଟ ଓ ପରିବହନ ବ୍ୟୟ

ରିପୋର୍ଟ ଅନୁସାରେ ନିଜ ଆବଶ୍ୟକତାର ୫୫% ଅଶୋଧିତ ତୈଳ ଓ ୯୦% ଏଲ୍‌ପିଜି ପଶ୍ଚିମ ଏସିଆରୁ ଆମଦାନୀ କରିଥାଏ। ସେଠାରେ ଯୁଦ୍ଧସ୍ଥିତି ସିଧାସଳଖ ଭାରତର ଅର୍ଥନୀତିକୁ ପ୍ରଭାବିତ କରିବ। ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତି ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧି କରିବାର ଆଶଙ୍କା ରହିଛି। ୨୦୨୭ ଆର୍ଥିକ ବର୍ଷରେ ଦେଶରେ ମୁଦ୍ରାସ୍ଫୀତି ୨.୪% ଆକଳନ କରାଯାଇଥିଲେ ହେଁ ବାସ୍ତବରେ ଏହା ୪.୮%ରେ ପହଞ୍ଚିପାରେ। ମୁଦ୍ରାସ୍ଫୀତି ଓ ବର୍ଦ୍ଧିତ ବ୍ୟୟ ପରିବାରଗୁଡ଼ିକୁ ପ୍ରଭାବିତ କରିବ ଓ ଏହା ସହ ଶିଳ୍ପ କ୍ଷେତ୍ରରେ ମନ୍ଥରତା, ନିବେଶରେ ହ୍ରାସ ପରିଲକ୍ଷିତ ହୋଇପାରେ।

କେବଳ ମୁଡିସ୍ ନୁହେଁ, ଅର୍ଗାନାଇଜେସନ ଫର ଇକୋନୋମିକ୍ କୋ-ଅପରେସନ ଏଣ୍ଡ ଡ଼େଭଲପ୍‌ମେଣ୍ଟ ମଧ୍ୟ ଦେଶର ଅଭିବୃଦ୍ଧି ହାର ହ୍ରାସର ଆଶଙ୍କା କରିଛି। ଚଳିତ ଆର୍ଥି ବର୍ଷରେ ଦେଶର ଅଭିବୃଦ୍ଧି ୭.୬ ଆକଳନ କରିଥିବା ଏହି ସଙ୍ଗଠନ ସମ୍ପ୍ରତି ଦେଶର ଅଭିବୃଦ୍ଧି ସମ୍ଭାବନାକୁ ୬.୧%କୁ ହ୍ରାସ କରିଛି। ଯଦି ପଶ୍ଚିମ ଏସିଆରେ ଉତ୍ତେଜନା ଦୀର୍ଘ ସମୟ ଧରି ଜାରି ରହେ, ତେବେ ୨୦୨୬-୨୭ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ପ୍ରାୟ ୧ ପ୍ରତିଶତ ହ୍ରାସ ହୋଇପାରେ ଓ ଖୁଚୁରା ମୁଦ୍ରାସ୍ଫୀତି ପ୍ରାୟ ୧.୫% ବୃଦ୍ଧି ହୋଇପାରେ ବୋଲି କୁହାଯାଇଛି। ▶ପୃଷ୍ଠା-୭

ଆଜି ମୁଦ୍ରା ନୀତି କମିଟି ବୈଠକ

## କମି ନ ପାରେ ସୁଧହାର

> ଦେଶ ପାଇଁ ବିପଦ ‘ଆମଦାନୀ ମୁଦ୍ରାସ୍ଫୀତି’
>
> ମୁଦ୍ରାସ୍ଫୀତି ବଢ଼ାଇବ ‘ସୁପର ଏଲ୍ ନିନୋ’

■ ନୂଆଦିଲ୍ଲୀ, ୫।୪ (ଏଜେନ୍ସି/ସମିସ): ଆସନ୍ତାକାଲିଠାରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରା ନୀତି କମିଟି ବୈଠକ। ମାତ୍ର ଚଳନ୍ତି ସମୟରେ ଦେଶର ଅର୍ଥନୀତି ଉପରେ ବୈଶ୍ୱିକ ସ୍ଥିତିର ଚାପ ▶ପୃଷ୍ଠା-୭

ଦ୍ୱନ୍ଦ୍ୱରେ ୫ କେଜିଆ ଗ୍ୟାସ ଉପଭୋକ୍ତା

## କେନ୍ଦ୍ର କହୁଛି ମିଳିବ; ରାଜ୍ୟ କହୁଛି ମିଳିବନି

■ ଭୁବନେଶ୍ୱର, ୫।୪ (ସମିସ): ୫ କେଜି ସିଲିଣ୍ଡରଗୁଡ଼ିକ ଏଲପିଜି ବିତରକଙ୍କ କାଉଣ୍ଟରରେ ସହଜରେ ଉପଲବ୍ଧ। କୌଣସି ଉପଭୋକ୍ତା କେବଳ ପରିଚୟପତ୍ର ଦେଖାଇ ବିତରକଙ୍କ ପାଖରୁ ୫ କିଲୋ ଏଲ୍‌ପିଜି ସିଲିଣ୍ଡର ନେଇ ପାରିବେ। ଏହି ୫ କିଲୋଗ୍ରାମ ସିଲିଣ୍ଡରଗୁଡ଼ିକ

- ପରିଚୟପତ୍ର ଦେଖାଇ ଉପଭୋକ୍ତା ନେଇପାରିବେ ୫ କେଜିଆ ଗ୍ୟାସ: କେନ୍ଦ୍ର
- ଗତ ୧୨ ଦିନରେ ବିକ୍ରି ହୋଇଛି ୬.୬ ଲକ୍ଷ ୫ କେଜି ଗ୍ୟାସ ସିଲିଣ୍ଡର
- ରାଜ୍ୟରେ ସମ୍ପୂର୍ଣ୍ଣ ବନ୍ଦ କରାଯିବ ୫ କେଜିଆ ଗ୍ୟାସ ଟାଙ୍କି: ଯୋଗାଣ ମନ୍ତ୍ରୀ



ସବସିଡିଯୁକ୍ତ ୧୪.୨ କିଲୋଗ୍ରାମ ଘରୋଇ ସିଲିଣ୍ଡରଠାରୁ ଭିନ୍ନ। ଏଗୁଡ଼ିକର ମୂଲ୍ୟ ବଜାର ଅନୁସାରେ ଧାର୍ଯ୍ୟ କରାଯାଇଛି, ଏଗୁଡ଼ିକୁ କିଣିବା ପାଇଁ କୌଣସି ଠିକଣା ପ୍ରମାଣ ଆବଶ୍ୟକ ନାହିଁ; କେବଳ ଏକ ବୈଧ ପରିଚୟପତ୍ର ଆବଶ୍ୟକ ବୋଲି ▶ପୃଷ୍ଠା-୭


SIKSHA ‘O’ ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in




# ମୋଡ଼ିଦେଲେ ‘ମେଟ୍ରୋ’ ତଣ୍ଟି

## ନବୀନଙ୍କୁ ଶ୍ରେୟ ନ ଦେବା ପାଇଁ ବନ୍ଦ କରିଦେଲେ ପ୍ରକଳ୍ପ

- ବିରୋଧୀରେ ଥିବାବେଳେ ତୁରନ୍ତ ସାରିବାକୁ କରୁଥିଲେ ଦାବି
- ମେଟ୍ରୋ ଟାଣିବାରେ ବିଫଳ ହେଲେ ‘ଡବଲ ଇଞ୍ଜିନ’ ସରକାର
- ଗୋଟିଏ ଦଶନ୍ଧି ପଛେଇ ଗଲା ଓଡ଼ିଶାବାସୀଙ୍କ ମେଟ୍ରୋ ସ୍ୱପ୍ନ
- ୨୦୨୭ ସୁଦ୍ଧା ପ୍ରକଳ୍ପ ସାରିବାକୁ ନବୀନ କରିଥିଲେ ଉଦ୍ୟମ
- ରାଜ୍ୟ ରାଜକୋଷରୁ ବରାଦ କରିଥିଲେ ୬ ହଜାର କୋଟି


■ ଭୁବନେଶ୍ୱର, ୫।୪ (ସମିସ): ୨୦୨୪ ଜାନୁଆରୀ ୧ ତାରିଖରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତ୍ରିଶୂଳିଆରେ କରିଥିଲେ ମେଟ୍ରୋ ପ୍ରକଳ୍ପର ଶିଳାନ୍ୟାସ। ପ୍ରଥମ ପର୍ଯ୍ୟାୟରେ ଦ୍ୱୈତ ନଗରୀ ଓ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ କଟକରୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ହୋଇଥିଲା ଯୋଜନା । ଏଥିପାଇଁ ୬ ହଜାର କୋଟି ଟଙ୍କା ବରାଦ କରାଯାଇଥିଲା ଓ ପ୍ରଥମ ବର୍ଷ ବଜେଟରେ ୧ ହଜାର କୋଟି ଟଙ୍କା ବ୍ୟବସ୍ଥା ବି ହୋଇଥିଲା। ରାଜ୍ୟରେ ପ୍ରଥମ ମେଟ୍ରୋ ଚଳାଚଳ ପାଇଁ ରାଜ୍ୟବାସୀ ସ୍ୱପ୍ନ ଦେଖିଥିଲେ। ମାତ୍ର ସରକାର ପରିବର୍ତ୍ତନ ପରେ ଶୀତଳଭଣ୍ଡାରକୁ ଫିଙ୍ଗି ଦିଆଯାଇଥିବା ଏହି ପ୍ରକଳ୍ପର ତଣ୍ଟି ମୋଡ଼ି ମହାନଦୀକୁ ଫିଙ୍ଗି ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦାୟିତ୍ୱ ନେଇଥିବା ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ସହ ଚୁକ୍ତିକୁ ସରକାର ବାତିଲ କରି ଦେଇଛନ୍ତି। କେବଳ ନବୀନ ପଟ୍ଟନାୟକ ସରକାର ମେଟ୍ରୋ ଆରମ୍ଭ କରିଥିବାରୁ କାଳେ ନାଁ ନେଇଯିବେ, ସେହି ଅସୂୟାବଶତଃ ବିଜେପି ସରକାର ଏହି ପ୍ରକଳ୍ପକୁ ବନ୍ଦ କରିବା ଆଦୌ ଯୁକ୍ତିସଙ୍ଗତ ମନେହେଉ ନାହିଁ।

ବିଡ଼ମ୍ବନା ହେଉଛି ଦୁଇ ବର୍ଷ ତଳେ ଶାସକ ବିଜେପି ଯେତେବେଳେ ବିରୋଧୀ ଦଳରେ ଥିଲା, ସେତେବେଳେ ମେଟ୍ରୋ ପ୍ରକଳ୍ପକୁ ଦ୍ରୁତ ବେଗରେ ଶେଷ କରିବାକୁ ଦାବି କରୁଥିଲା। ମେଟ୍ରୋ ପ୍ରକଳ୍ପ କାହିଁକି ବିଳମ୍ବିତ ହେଉଛି ବୋଲି ପ୍ରଶ୍ନ କରିବା ସହ ତତ୍‌କାଳୀନ ବିଜେଡି ସରକାରଙ୍କୁ ସମାଲୋଚନା କରିଥିଲା। ଦେଶର ଅନେକ ସହରରେ ମେଟ୍ରୋ ରେଳ ▶ପୃଷ୍ଠା-୭

ସକାଳ
THE SAKALA
www.sakalaepaper.com



# ଟ୍ରମ୍ପଙ୍କ ଧମକ ପରେ ଇରାନର ପାଲଟା ଜବାବ୍



ତେହରାନ/ୱାସିଂଟନ, ୫।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୪୮ ଘଣ୍ଟିଆ ଚେତାବନୀକୁ ଇରାନ 'ମୂର୍ଖାମୀ ଓ ହତାଶା' କହି ଏକପ୍ରକାର ପରିହାସ କରିବା ସହ ପ୍ରତ୍ୟାଖ୍ୟାନ କରିଛି। ଟ୍ରମ୍ପ କହିଥିଲେ ଯେ ଯଦି ୪୮ ଘଣ୍ଟା ମଧ୍ୟରେ ଶାନ୍ତି ଚୁକ୍ତି ନହୁଏ କିମ୍ବା ହର୍ମୁଜ ପ୍ରଣାଳୀ ଖୋଲା ନଯାଏ, ତେବେ ଇରାନ ଉପରେ 'ନର୍କର ନିଆଁ' ବର୍ଷିବ। ଏହାର ଜବାବରେ ଇରାନ ଏହାକୁ ଏକ ଅସହାୟ, ଅସ୍ଥିର ଓ ନିର୍ବୋଧ କାର୍ଯ୍ୟ ବୋଲି କହିଛି। ଇରାନ ସାମରିକ ମୁଖ୍ୟାଳୟର ଜେନେରାଲ ଅଲି ଅବଦୁଲ୍ଲାହି ଅଲିଆବାଦୀ ଟ୍ରମ୍ପଙ୍କ ଭାଷାରେ ଜବାବ ଦେଇ କହିଛନ୍ତି ଯେ ଆମେରିକା ପାଇଁ ନର୍କର ଦ୍ୱାର ଖୋଲିଯିବ। ଯଦି ଆମେରିକା କିମ୍ବା ଇସ୍ରାଏଲ ଇରାନର ଭିତ୍ତିଭୂମି ଉପରେ ଆକ୍ରମଣ କରେ, ମଧ୍ୟପ୍ରାଚ୍ୟରେ ଥିବା ସମସ୍ତ ଆମେରିକୀୟ ଘାଟି ଏବଂ ଇସ୍ରାଏଲ ଉପରେ ବିଧ୍ୱଂସକାରୀ ଆକ୍ରମଣ କରାଯିବ। ଇରାନର ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି ଯେ ଆମେରିକା ଓ ଇସ୍ରାଏଲ ପାଇଁ ସେମାନଙ୍କ ପାଖରେ ଏକ 'ବଡ଼ ସର୍ପ୍ରାଇଜ୍' ଅଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମେରିକା ଗୁଇନ୍ଦା ତଥ୍ୟ ଭୁଲ ଓ ଇରାନର ପୋଲ ଗୁଡ଼ିକ ଉପରେ ଆକ୍ରମଣ କରିବା ଧମକ ନିହାତି ହାସ୍ୟାସ୍ପଦ। ସୂଚନାଯୋଗ୍ୟ ଯେ, ଟ୍ରମ୍ପ ପୂର୍ବରୁ ମାର୍ଚ୍ଚ ୨୬ରେ ୧୦ ଦିନର ସମୟ ଦେଇଥିଲେ, ଯାହାର ସମୟସୀମା ଏପ୍ରିଲ ୬ ରାତି ୮ଟାରେ (ଆମେରିକା ସମୟ) ଶେଷ ହେଉଛି। ଟ୍ରମ୍ପ ଧମକ ଦେଇଥିଲେ ଯେ ଯଦି ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଖୋଲା ନଯାଏ, ତେବେ ସେ ଇରାନର ପ୍ଲାଣ୍ଟଗୁଡ଼ିକୁ ଧ୍ୱଂସ କରିଦେବେ। ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଏବେ ଷଷ୍ଠ ସପ୍ତାହରେ ପହଞ୍ଚିଛି।

## ହର୍ମୁଜ ସ୍ୱାଭାବିକ ପାଇଁ ଇରାନର ପ୍ରୟାସ

ମସ୍କାଟ/ତେହରାନ, ୫।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ବିଶ୍ୱର ସବୁଠାରୁଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍ମୁଜ ପ୍ରଣାଳୀ ବନ୍ଦ ହୋଇ ରହିଛି। ଏହି ସଙ୍କଟର ସମାଧାନ ପାଇଁ ଶନିବାର ଓମାନ ଓ ଇରାନ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ଉଭୟ ଦେଶର ବୈଦେଶିକ ମନ୍ତ୍ରଣାଳୟର ଉପ-ମନ୍ତ୍ରୀ ସ୍ତରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ପକ୍ଷର ବିଶେଷଜ୍ଞ ଏବଂ ସାମରିକ ରଣନୀତିକାରମାନେ ସାମିଲ ଥିଲେ। ବର୍ତ୍ତମାନର ଯୁଦ୍ଧ ପରିସ୍ଥିତି ମଧ୍ୟରେ କିପରି ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳକୁ ସୁରକ୍ଷିତ କରାଯାଇପାରିବ, ସେ ନେଇ ସମ୍ଭାବ୍ୟ ବିକଳ୍ପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଓମାନ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ଏକ୍ସରେ ଦିଆଯାଇଥିବା ସୂଚନା ଅନୁସାରେ, ଦୁଇ ଦେଶର ବିଶେଷଜ୍ଞମାନେ କେତେକ ନୂତନ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ଏହି ପ୍ରସ୍ତାବଗୁଡ଼ିକୁ ବର୍ତ୍ତମାନ ଅନୁଧ୍ୟାନ କରାଯାଉଛି। ଏହି ଆଲୋଚନା ସମଗ୍ର ବିଶ୍ୱ ପାଇଁ ଏକ ଆଶାର କିରଣ ସଦୃଶ ହୋଇଛି। ଆଗାମୀ ଦିନରେ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ଖୋଲିବ କି ନା, ତାହା ଉଭୟ ଦେଶର ବିଶେଷଜ୍ଞଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବର ଅନୁଧ୍ୟାନ ପରେ ଜଣାପଡ଼ିବ।

## ଇରାନରୁ ଆମେରିକୀୟ ପାଇଲଟଙ୍କ ନାଟକୀୟ ଉଦ୍ଧାର

ଇରାନ ମାଟିରେ ଆମେରିକା ଏକ ବଡ଼ ସଫଳତା ହାସଲ କରିଛି। ଇରାନ ଦ୍ୱାରା ଗୁଳି କରି ଖସାଇ ଦିଆଯାଇଥିବା ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ ଯୁଦ୍ଧ ବିମାନର ନିଖୋଜ ପାଇଲଟ ଓ କ୍ରୁ ସଦସ୍ୟଙ୍କୁ ଆମେରିକା ସେନା ସଫଳତାର ସହ ଉଦ୍ଧାର କରିଛି। ଏହି ସୂଚନା ଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେ ତାଙ୍କୁ ପାଇଗଲୁ। ଗତ ଶୁକ୍ରବାର ଇରାନ ଏକ ଆମେରିକୀୟ ଏଫ୍-୧୫ଇ ଯୁଦ୍ଧ ବିମାନକୁ ଗୁଳି କରି ଖସାଇଥିଲା। ଏଥିରେ ଜଣେ ପାଇଲଟ ଓ ଜଣେ ୱେପନ୍ ସିଷ୍ଟମ ଅଫିସର ଥିଲେ।

- ଶତାଧିକ ବିମାନ ଓ ସ୍ପେଶାଲ ଫୋର୍ସର ଦୁଃସାହସିକ ଅପରେସନ
- ଇରାନର ପାଲଟା ଦାବି; ସି-୧୩୦ ବିମାନ, ୨ ବ୍ଲାକ-ହକ୍ ହେଲିକପ୍ଟର ଖସାଇଛୁ



ପାଇଲଟଙ୍କୁ ତୁରନ୍ତ ଉଦ୍ଧାର କରାଯାଇଥିବା ବେଳେ ଦ୍ୱିତୀୟ ସଦସ୍ୟ ଜଣକ ଦୁଇଦିନ ଧରି ନିଖୋଜ ଥିଲେ। ଏହି ଉଦ୍ଧାର କାର୍ଯ୍ୟ ପାଇଁ ଶତାଧିକ ସ୍ପେଶାଲ ଫୋର୍ସ ଏବଂ ଅତ୍ୟାଧୁନିକ ଯୁଦ୍ଧ ବିମାନ ମୁତୟନ କରାଯାଇଥିଲା। ଇରାନର ପାହାଡ଼ିଆ ଅଞ୍ଚଳରେ ଆମେରିକୀୟ ସୈନ୍ୟ ଏବଂ ଇରାନ ବାହିନୀ ମଧ୍ୟରେ ପ୍ରବଳ ଗୁଳିବିନିମୟ ହୋଇଥିଲା। ଆମେରିକୀୟ ଗୁପ୍ତଚର ସଂସ୍ଥା ସିଆଇଏ ଏହି ବିଭ୍ରାନ୍ତିକର ଅଭିଯାନ ଚଳାଇ ଇରାନ ସେନାକୁ ଭୁଆଁ ବୁଲାଇଥିଲା, ଯାହା ଫଳରେ ସଠିକ୍ ସମୟରେ ପାଇଲଟଙ୍କ ନିକଟରେ ପହଞ୍ଚିବା ସହଜ ହୋଇଥିଲା। ରାଷ୍ଟ୍ରପତି ଟ୍ରମ୍ପଙ୍କ ଅନୁସାରେ, ଏହି ଅଭିଯାନରେ ବିଶ୍ୱର ସବୁଠାରୁ ମାରାତ୍ମକ ଅସ୍ତ୍ର ବ୍ୟବହାର କରାଯାଇଥିଲା। ଏଥିରେ ଏଚ୍‌ଏଚ୍-୬୦ଡବ୍ଲ୍ୟୁ ଜଲି ଗ୍ରୀନ୍ ୨ ସାମିଲ ଥିଲା। ଏହା ଏକ ଅତ୍ୟାଧୁନିକ ଉଦ୍ଧାରକରୀ ହେଲିକପ୍ଟର, ଯାହା ଶତ୍ରୁ ପକ୍ଷର ଆକ୍ରମଣ ସତ୍ତ୍ୱେ କାର୍ଯ୍ୟ କରିବାକୁ ସକ୍ଷମ। ସେହିପରି ଏ-୧୦ ୱାର୍ଥଗର ମଧ୍ୟ ବ୍ୟବହାର ହୋଇଥିଲା ଓ ଏହା ବିମାନଗୁଡ଼ିକ ଉପରୁ ସୁରକ୍ଷା କବଚ ପ୍ରଦାନ କରିଥିଲେ। ଏଫ୍-୩୫ ଷ୍ଟିଲ୍‌ଥ ଜେଟ୍‌ର ମଧ୍ୟ ବ୍ୟବହାର ହୋଇଥିଲା। ଶତ୍ରୁ ପକ୍ଷର ରାଡାରକୁ ଚକ୍‌ମା ଦେବା ପାଇଁ ଏହାକୁ ମୁତୟନ ମଧ୍ୟ କରାଯାଇଥିଲା। ଉଦ୍ଧାର କାର୍ଯ୍ୟ ପୂର୍ବରୁ ସିଆଇଏ ଇରାନ ଭିତରେ ଏକ ଗୁଜବ ପ୍ରଚାର କରିଥିଲା ଯେ, ଆମେରିକା ପାଇଲଟଙ୍କୁ ପାଇସାରିଛି ଏବଂ ସ୍ଥଳ ପଥରେ ତାଙ୍କୁ ନେଇ ଯାଉଛି। ଏହି ଭ୍ରମ ସୃଷ୍ଟି କରି ଇରାନ ସେନାକୁ ଚକ୍‌ମା ଦେବା ସହ ସିଆଇଏ ଓ ଆମେରିକୀୟ ସେନା ଆକାଶ ମାର୍ଗରୁ ଅଧିକାରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା।

ଅପରପକ୍ଷରେ ଇରାନ କିନ୍ତୁ ପାଲଟା ଦାବି କରିଛି। ଆମେରିକାର ଏହି ଅପରେସନ ବିଫଳ ହୋଇଛି ବୋଲି ଇରାନ ଦାବି କରିଛି। ଇରାନର ରିଭୋଲ୍ୟୁସନାରୀ ଗାର୍ଡ୍ସ କହିଛନ୍ତି ଯେ ସେମାନେ ଉଦ୍ଧାର କାର୍ଯ୍ୟ ପାଇଁ ଆସିଥିବା ଏକ ଆମେରିକୀୟ ସି-୧୩୦ ପରିବହନ ବିମାନ ଓ ଦୁଇଟି ବ୍ଲାକ-ହକ୍ ହେଲିକପ୍ଟରକୁ ଗୁଳି କରି ଖସାଇଛନ୍ତି। ଏହି ଘଟଣାରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ଇରାନ ଦାବି କରିଛି। ତେବେ ଆମେରିକା ଏହାକୁ ଖଣ୍ଡନ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ'ରେ ଲେଖିଛନ୍ତି 'ଆମେ ଆମର କୌଣସି ଯୋଦ୍ଧାଙ୍କୁ ଶତ୍ରୁ ମାଟିରେ ଛାଡିବୁ ନାହିଁ। ଏହି ଉଦ୍ଧାର କାର୍ଯ୍ୟ ଆମର ବାୟୁସେନାର ଶକ୍ତି ଏବଂ ସର୍ବୋଚ୍ଚତାକୁ ପ୍ରମାଣିତ କରୁଛି'। ଉଦ୍ଧାର ହୋଇଥିବା କ୍ରୁ ସଦସ୍ୟ ଜଣକ ଜଣେ ଅଭିଜ୍ଞ କର୍ଣ୍ଣେଲ ବୋଲି ଜଣାପଡ଼ିଛି। ଦୁଇ ଦିନର ଲଢ଼େଇ ପରେ ଇରାନ ଭଳି ଦେଶରୁ ନିଜ ସୈନ୍ୟଙ୍କୁ ଜୀବନ୍ତ ଫେରାଇ ଆଣିବାରେ ଆମେରିକା ସଫଳ ହୋଇଛି, ଯାହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଛି।

## ଡ୍ରୋନ ଆକ୍ରମଣ ଫଟୋ ସେୟାର କରି ବ୍ରିଟିଶ୍ ବିମାନ କର୍ମଚାରୀ ଗିରଫ

ଦୁବାଇ, ୫।୪(ଏଜେନ୍ସି): ଦୁବାଇରେ ଏକ ଡ୍ରୋନ ଆକ୍ରମଣର ଫଟୋ ସେୟାର କରି ଜଣେ ୨୫ ବର୍ଷୀୟ ବ୍ରିଟିଶ ବିମାନ କର୍ମଚାରୀ ଗିରଫ ହୋଇଛନ୍ତି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇ ଅନ୍ତର୍ଜାତୀୟ ବିମାନ ବନ୍ଦର (ଡିଏକ୍ସବି) ନିକଟରେ ହୋଇଥିବା ଏକ ଡ୍ରୋନ ଆକ୍ରମଣର ଫଟୋ ଏକ ବ୍ୟକ୍ତିଗତ ହ୍ୱାଟ୍ସଆପ ଗ୍ରୁପ୍‌ରେ ସେୟାର କରିବା ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ୟୁଏଇର କଠୋର ସାଇବର କ୍ରାଇମ୍ ନିୟମ ଯୋଗୁଁ ସେ ଗିରଫ ହୋଇଛନ୍ତି। ସମ୍ପୃକ୍ତ କର୍ମଚାରୀ ଜଣକ ଡ୍ରୋନ ଆକ୍ରମଣ ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଫଟୋ ଉଠାଇ ନିଜ ସହକର୍ମୀଙ୍କ ଗ୍ରୁପ୍‌ରେ ପୋଷ୍ଟ କରିଥିଲେ। ସେ ସେଠାରେ ଚାଲିଚାଲି ଯିବା ସୁରକ୍ଷିତ କି ନୁହେଁ ବୋଲି ପଚାରିଥିଲେ। ୟୁଏଇ କର୍ତ୍ତୃପକ୍ଷ ତାଙ୍କ ଫୋନ ଯାଞ୍ଚ୍ କରିବା ପରେ ତାଙ୍କୁ ଗିରଫ କରିଛନ୍ତି। ଯଦି ସେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ତାଙ୍କୁ ୨ ବର୍ଷ ଜେଲ ଏବଂ ୪୫ ଲକ୍ଷ ଟଙ୍କାରୁ ଅଧିକ ଜରିମାନା ଦେବାକୁ ପଡ଼ିପାରେ। ସଜା କାଟିବା ପରେ ତାଙ୍କୁ ଦେଶରୁ ବାହାର କରିଦିଆଯିବ। ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଇରାନ- ଆମେରିକା ସଂଘର୍ଷ ପରଠାରୁ ଦୁବାଇରେ ଏପର୍ଯ୍ୟନ୍ତ ୭୦ ଜଣ ବ୍ରିଟିଶ ନାଗରିକଙ୍କୁ ଏଭଳି ସମ୍ବେଦନଶୀଳ ଫଟୋ କିମ୍ବା ଭିଡ଼ିଓ ସୋସିଆଲ ମିଡ଼ିଆରେ ସେୟାର କରିବା ଅଭିଯୋଗରେ ଅଟକ ରଖାଯାଇଛି। ୟୁଏଇରେ ସର୍ବସାଧାରଣ ସୁରକ୍ଷାକୁ ବିପନ୍ନ କରୁଥିବା ଭଳି କୌଣସି ବିଷୟବସ୍ତୁ ସେୟାର କରିବା ଏକ ଗମ୍ଭୀର ଅପରାଧ ବୋଲି ବିବେଚନା କରାଯାଏ। ଏପରିକି ଜଣେ ୬୦ ବର୍ଷୀୟ ବ୍ରିଟିଶ ପର୍ଯ୍ୟଟକ ମଧ୍ୟ ଆକ୍ରମଣର ଭିଡ଼ିଓ ରେକର୍ଡ କରି ସେୟାର କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେଠାରେ ଥିବା ଭାରତୀୟ ନାଗରିକଙ୍କୁ କୌଣସି ସମ୍ବେଦନଶୀଳ ସାମରିକ କିମ୍ବା ସୁରକ୍ଷା ସମ୍ବନ୍ଧୀୟ ଫଟୋ ଉଠାଇବା କିମ୍ବା ସୋସିଆଲ ମିଡିଆରେ ପୋଷ୍ଟ ନ କରିବାକୁ କଡ଼ା ଚେତାବନୀ ଦିଆଯାଇଛି।

## ଏଲ୍‌ପିଜି ସଙ୍କଟ: ଦିଲ୍ଲୀ ଛାଡୁଛନ୍ତି ପ୍ରବାସୀ ଶ୍ରମିକ

ନୂଆଦିଲ୍ଲୀ, ୫।୪(ଏଜେନ୍ସି): କରୋନା ଲକ୍‌ଡାଉନ ସମୟରେ ହୋଇଥିବା ପଳାୟନ ଭଳି ଏବେ ପୁଣି ଦିଲ୍ଲୀରୁ ଶ୍ରମିକମାନଙ୍କ ରିଭର୍ସ ମାଇଗ୍ରେସନ ଆରମ୍ଭ ହୋଇଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଇରାନ ଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇଥିବା ବିଶ୍ୱସ୍ତରୀୟ ଗ୍ୟାସ୍ ସଙ୍କଟ ଏବେ ଦେଶର ସାଧାରଣ ଲୋକଙ୍କ ରୋଷେଇ ଶାଳରେ ପଡ଼ିଛି। ରାଜଧାନୀ ଦିଲ୍ଲୀରେ ଏଲ୍‌ପିଜି ସିଲିଣ୍ଡର ଅଭାବ ଓ ଏହାର କ୍ରମାଗତ ବଢୁଥିବା ଦାମ୍ ଯୋଗୁଁ ସହରରେ ରହୁଥିବା ହଜାର ହଜାର ପ୍ରବାସୀ ଶ୍ରମିକ ଏବେ ନିଜ ଗାଁ ଅଭିମୁଖେ ବାହାରିଛନ୍ତି। ଦିଲ୍ଲୀରେ ୧୪.୨ କେଜି ସିଲିଣ୍ଡରର ସରକାରୀ ମୂଲ୍ୟ ୯୦୦ ଟଙ୍କା ହୋଇଥିବା ବେଳେ, ବାହାରେ ଏହାକୁ କେଜି ପିଛା ୨୫୦ରୁ ୭୦୦ ଟଙ୍କାରେ ବିକ୍ରି କରାଯାଉଛି। ଫଳରେ ଦୈନିକ ୨୦୦- ୪୦୦ ଟଙ୍କା ରୋଜଗାର କରୁଥିବା ଶ୍ରମିକଙ୍କ ପାଇଁ ଏହା ଅସମ୍ଭବ ହୋଇପଡ଼ିଛି। ସରକାର ପାଇପ ଗ୍ୟାସ୍ ପାଇଁ ପରାମର୍ଶ ଦେଉଥିଲେ ମଧ୍ୟ ଅନେକ ଅଞ୍ଚଳରେ ଏହାର ସଂଯୋଗ ନାହିଁ। ଭଡ଼ା ଘରେ ରହୁଥିବା ଶ୍ରମିକମାନଙ୍କ ପାଇଁ ୭, ୦୦୦ ଟଙ୍କା ଦେଇ ନୂଆ କନେକସନ ନେବା ସମ୍ଭବ ନୁହେଁ। ସେହିପରି ୟୁପିଏସ୍‌ସି ଓ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀ ମଧ୍ୟ ଦିଲ୍ଲୀ ଛାଡ଼ିବା ଆରମ୍ଭ କଲେଣି। ମେସ୍‌ରେ ଖାଇବା ଦାମ ବଢ଼ିବା ସହ ଗୁଣବତ୍ତା କମିଥିବାରୁ ସେମାନେ ନିଜ ଘରୁ ପାଠ ପଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ସହରରେ ଥିବା ଛୋଟ ହୋଟେଲ ଏବଂ ଉଠା ଦୋକାନୀମାନେ ଇନ୍ଧନ ଖର୍ଚ୍ଚ ସମ୍ଭାଳି ନପାରି ଦୋକାନ ବନ୍ଦ କରୁଛନ୍ତି କିମ୍ବା ଖାଦ୍ୟର ଦାମ ବଢ଼ାଉଛନ୍ତି।

## ପାକ୍ ମନ୍ତ୍ରୀ ଖ୍ୱାଜା ଆସିଫଙ୍କ ଭାରତକୁ 'କୋଲକାତା' ଧମକ

ନୂଆଦିଲ୍ଲୀ, ୫।୪(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟ ଚାଲିଥିବା ବୟାନବାଜି ଏବେ ଏକ ବିପଜ୍ଜନକ ମୋଡ଼ ନେଇଛି। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଭାରତକୁ ଧମକ ଦେଇ କହିଛନ୍ତି ଯେ ଯଦି ଭାରତ କୌଣସି ଭୁଲ ପଦକ୍ଷେପ ନିଏ, ତେବେ ପାକିସ୍ତାନ ଏହାର ଜବାବ୍‌ରେ କୋଲକାତା ପର୍ଯ୍ୟନ୍ତ ଆକ୍ରମଣ କରି ଦେବ। ଆସିଫ କହିଛନ୍ତି ଯେ ଯଦି ଭାରତ ଏଥର କୌଣସି ମିଥ୍ୟା ଅପରେସନ କରିବାକୁ ଚେଷ୍ଟା କରେ, ତେବେ ଆଲ୍ଲା ଚାହିଁଲେ ଆମେ ଏହାର ଜବାବ କୋଲକାତା ପର୍ଯ୍ୟନ୍ତ ନେଇଯିବୁ। ପୂର୍ବରୁ ଗତ ଗୁରୁବାର କେରଳର ଏକ ନିର୍ବାଚନୀ ସଭାରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାକିସ୍ତାନକୁ ସତର୍କ କରାଇଥିଲେ। ସେ କହିଥିଲେ ଯେ ପାକିସ୍ତାନ ଯଦି କୌଣସ ଦୁଃସାହସ କରେ, ତେବେ ଭାରତ ଅଭୂତପୂର୍ବ ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ରାଜନାଥ ମନେ ପକାଇଦେଇଥିଲେ ଯେ ୨୦୨୫ ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା 'ଅପରେସନ ସିନ୍ଦୂର' ମାଧ୍ୟମରେ ମାତ୍ର ୨୨ ମିନିଟ୍ ମଧ୍ୟରେ ପାକିସ୍ତାନକୁ ଆଣ୍ଠେଇ ଦେଇଥିଲା। ଏହି ଅପରେସନରେ ପାକିସ୍ତାନରେ ଥିବା ଅତିକମ୍‌ରେ ୯ଟି ଆତଙ୍କବାଦୀ ଶିବିର ଓ ସାମରିକ ଘାଟିକୁ ଧ୍ୱଂସ କରାଯାଇଥିଲା। ଉଲ୍ଲେଖଥାଉ କି, ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାର ବର୍ଷପୂର୍ତ୍ତି ପୂର୍ବରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ପାକିସ୍ତାନ ଦାବି କରିଛି ଯେ ଭାରତ ନିଜ ଲୋକଙ୍କୁ ବ୍ୟବହାର କରି ଏକ ମିଥ୍ୟା ଆକ୍ରମଣରେ ଯୋଜନା କରୁଛି ଏବଂ ଏହାର ଦୋଷ ପାକିସ୍ତାନ ଉପରେ ଲଦିବାକୁ ଚେଷ୍ଟା କରୁଛି। କିନ୍ତୁ ପାକିସ୍ତାନ ଏ ନେଇ କୌଣସି ପ୍ରମାଣ ଦେଇନାହିଁ। ପାକିସ୍ତାନ ମନ୍ତ୍ରୀଙ୍କର ଏହି କୋଲକାତା ବୟାନକୁ ନେଇ ଭାରତ ପକ୍ଷରୁ କୌଣସି ସରକାରୀ ପ୍ରତିକ୍ରିୟା ମିଳିନାହିଁ। ତେବେ ରାଜନାଥ ସ୍ପଷ୍ଟ କରିଛନ୍ତି ଯେ, ମୋଦୀ ସରକାରଙ୍କ ଅମଳରେ ଜାତୀୟ ସୁରକ୍ଷା ଅଧିକ ମଜବୁତ ହୋଇଛି।

### ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ନେଇ ଜାତିସଂଘକୁ ଚିଠି ଲେଖିଲା ଇରାନ

## ବିକିରଣ ଗଲ୍ଫ ଦେଶଗୁଡ଼ିକୁ ନିଶ୍ଚିହ୍ନ କରିଦେବ

ତେହରାନ, ୫।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଦିନକୁ ଦିନ ଭୟଙ୍କର ରୂପ ନେଉଛି। ଇରାନର ଏକମାତ୍ର କାର୍ଯ୍ୟକ୍ଷମ ପରମାଣୁ କେନ୍ଦ୍ର 'ବୁଶେହର' ନିକଟରେ ବାରମ୍ବାର ହେଉଥିବା ଆକ୍ରମଣକୁ ନେଇ ସାରା ବିଶ୍ୱରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଆକ୍ରମଣ ଯୋଗୁଁ ସୃଷ୍ଟି ହୋଇଥିବା ରେଡିଓଆକ୍ଟିଭ ରେଡିଏସନ ବା ପାରମାଣବିକ ବିକିରଣର ଭୟାଭୟତା ସମ୍ପର୍କରେ ଇରାନ ଜାତିସଂଘକୁ ସତର୍କ କରାଇଛି। ଇରାନ ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରଗଚି ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରେସଙ୍କୁ ଏକ ଚିଠି ଲେଖି ଆମେରିକା ଓ ଇସ୍ରାଏଲର ଏହି ପଦକ୍ଷେପକୁ କଡ଼ା ନିନ୍ଦା କରିଛନ୍ତି। ଆରାଗଚି ଚେତାବନୀ ଦେଇଛନ୍ତି ଯେ, ଯଦି ଏହି ପରମାଣୁ କେନ୍ଦ୍ରରୁ କୌଣସି ପ୍ରକାର ବିକିରଣ ହୁଏ, ତେବେ ଏହାର ପ୍ରଭାବ ତେହରାନ ଅପେକ୍ଷା ଗଲ୍ଫ ସହଯୋଗ ପରିଷଦ (ଜିସିସି) ସଦସ୍ୟ ଦେଶଗୁଡ଼ିକର ରାଜଧାନୀ ଉପରେ ଅଧିକ ପଡ଼ିବ। ଏହି ବିକିରଣ ସେଠାକାର ଜୀବଜଗତକୁ ଶେଷ କରିଦେଇପାରେ।



ଶନିବାର ସକାଳେ ପ୍ଲାଣ୍ଟ ପରିସର ନିକଟରେ ପୁଣି ଏକ ପ୍ରୋଜେକ୍ଟାଇଲ ମାଡ଼ ହୋଇଛି। ଗତ କିଛି ସପ୍ତାହ ମଧ୍ୟରେ ଏହା ହେଉଛି ଚତୁର୍ଥ ଘଟଣା। ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ଅନୁଯାୟୀ, ଏହି ଆକ୍ରମଣରେ ପ୍ଲାଣ୍ଟର ଜଣେ ସୁରକ୍ଷାକର୍ମୀଙ୍କର ମୃତ୍ୟୁ ହୋଇଛି। ପ୍ଲାଣ୍ଟର ଏକ ସହାୟକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ତେବେ ସୌଭାଗ୍ୟବଶତଃ ଏପର୍ଯ୍ୟନ୍ତ କୌଣସ ବିକିରଣ ସ୍ତର ବୃଦ୍ଧି ପାଇଥିବା ସୂଚନା ମିଳିନାହିଁ। ୟୁକ୍ରେନ୍ ଜାପୋରିଜିଆ ପରମାଣୁ ପ୍ଲାଣ୍ଟ ନିକଟରେ ଯୁଦ୍ଧ ଚାଲିଥିବା ବେଳେ ପାଶ୍ଚାତ୍ୟର ଯେଉଁ ଦେଶ ଗୁଡ଼ିକ ଉଦ୍‌ବେଗ ପ୍ରକାଶ କରୁଥିଲେ, ଏବେ ବୁଶେହର କ୍ଷେତ୍ରରେ ନୀରବ କାହିଁକି ବୋଲି ଆରାଗାଚି କହିଛନ୍ତି। ଆଇଏଇଏ ମହାନିର୍ଦ୍ଦେଶକ ରାଫେଲ ମାରିଆନା ଗ୍ରୋସି ଏହି ଘଟଣାରେ ଗଭୀର ଚିନ୍ତା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ କୌଣସି ବି ପରିସ୍ଥିତିରେ ପରମାଣୁ ପ୍ରତିଷ୍ଠାନ କିମ୍ବା ତାହାର ଆଖପାଖ ଅଞ୍ଚଳକୁ ଟାର୍ଗେଟ କରାଯିବା ଉଚିତ ନୁହେଁ। ଏହା ଏକ ବଡ଼ ପରମାଣୁ ଦୁର୍ଘଟଣାକୁ ନିମନ୍ତ୍ରଣ ଦେଇପାରେ। ମୋଟାମୋଟି ଉପରେ କହିବାକୁ ଗଲେ ଇରାନର ପେଟ୍ରୋକେମିକାଲ ଏବଂ ପରମାଣୁ କେନ୍ଦ୍ରଗୁଡ଼ିକ ଉପରେ ହେଉଥିବା ଏହି ଆକ୍ରମଣ ମଧ୍ୟପ୍ରାଚ୍ୟରେ ଏକ ଭୟଙ୍କର ପରିବେଶ ଏବଂ ମାନବୀୟ ସଙ୍କଟ ସୃଷ୍ଟି କରିବାର ଆଶଙ୍କା ବଢ଼ାଇ ଦେଇଛି।

## ପରମାଣୁ ପ୍ଲାଣ୍ଟ ଉପରେ ଆକ୍ରମଣକୁ ରୁଷ୍‌ର ନିନ୍ଦା

ତେହରାନ, ୫।୪(ଏଜେନ୍ସି): ଇରାନର ବୁଶେହର ପରମାଣୁ ଶକ୍ତି କେନ୍ଦ୍ର ଉପରେ ବାରମ୍ବାର ହେଉଥିବା ଆକ୍ରମଣ ପରେ ରୁଷ୍ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ରୁଷର ପରମାଣୁ ନିଗମ 'ରୋସାଟମ୍' ପକ୍ଷରୁ ସେଠାରେ କାର୍ଯ୍ୟରତ ନିଜର କର୍ମଚାରୀଙ୍କୁ ତୁରନ୍ତ ସେହି ସ୍ଥାନରୁ ସୁରକ୍ଷିତ ଭାବେ ବାହାର କରିବାର ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ରୁଷର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ମାରିଆ ଜାଖାରୋଭା ଏହି ଆକ୍ରମଣକୁ କଡ଼ା ନିନ୍ଦା କରିଛନ୍ତି। ଏହି ଆକ୍ରମଣ ଏକ 'ଦୁର୍ଭାଗ୍ୟଜନକ ଏବଂ ବିଦ୍ୱେଷପୂର୍ଣ୍ଣ କାର୍ଯ୍ୟ' ବୋଲି ଅଭିହିତ କରିଛନ୍ତି। ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ତୁରନ୍ତ ବନ୍ଦ କରିବାକୁ ସେ ଅନ୍ତର୍ଜାତୀୟ ସମୁଦାୟକୁ ଆହ୍ୱାନ ଦେଇଛନ୍ତି। ଶନିବାର ଦିନ 'ରୋସାଟମ' ପକ୍ଷରୁ ପ୍ଲାଣ୍ଟରୁ ଅତିରିକ୍ତ ୧୯୮ ଜଣ କର୍ମଚାରୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଫେବୃଆରୀ ଶେଷରୁ ଇରାନରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବା ପରଠାରୁ ଏହି ପ୍ରକ୍ରିୟା ଜାରି ରହିଛି। ରୋସାଟମ ମୁଖ୍ୟ ଆଲେକ୍ସି ଲିଖାଚେଭ୍ ଚେତାବନୀ ଦେଇଛନ୍ତି ଯେ ପ୍ଲାଣ୍ଟ ଚାରିପାଖର ସ୍ଥିତି କ୍ରମାଗତ ଭାବେ ବିଗିଡ଼ିବାରେ ଲାଗିଛି। ଫଳରେ ଏକ ବଡ଼ ପରମାଣୁ ଦୁର୍ଘଟଣାର ବିପଦକୁ ବଢ଼ାଇ ଦେଇଛି। ଏହି ସଦ୍ୟତମ ଆକ୍ରମଣରେ ପ୍ରାଣ ହରାଇଥିବା ସୁରକ୍ଷା କର୍ମୀ ଜଣକ ଜଣେ ଇରାନୀ ନାଗରିକ ବୋଲି ରୁଷ ସ୍ପଷ୍ଟ କରିଛି। ଆକ୍ରମଣର ପ୍ରଭାବରେ ପ୍ଲାଣ୍ଟର ପ୍ରାସଙ୍ଗିକ କୋଠା କ୍ଷତିଗ୍ରସ୍ତ ହୋଇଛି। ଏପର୍ଯ୍ୟନ୍ତ ଏହି ଆକ୍ରମଣ ପାଇଁ ଆମେରିକା କିମ୍ବା ଇସ୍ରାଲଲ ସାମରିକ ବାହିନୀ ପକ୍ଷରୁ କୌଣସି ଆଧିକାରିକ ସୂଚନା ଦିଆଯାଇନାହିଁ। ତେବେ ଇରାନ ବୈଦେଶିକ ମନ୍ତ୍ରୀ ପୂର୍ବରୁ ଉଭୟ ଦେଶକୁ ଦାୟୀ କରିଛନ୍ତି।

## କୁଏତ୍‌ର ତୈଳ ପ୍ରକଳ୍ପ ଉପରେ ଇରାନର ଭୟଙ୍କର ଡ୍ରୋନ ଆକ୍ରମଣ


କୁଏତ ସିଟି, ୫।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏବେ ଆହୁରି ଭୟଙ୍କର ରୂପ ନେଇଛି। ରବିବାର ଦିନ ଇରାନ ପକ୍ଷରୁ କୁଏତର ପ୍ରମୁଖ ତୈଳ ଏବଂ ପେଟ୍ରୋକେମିକାଲ୍ସ ପ୍ରକଳ୍ପଗୁଡ଼ିକ ଉପରେ ଡ୍ରୋନ ଆକ୍ରମଣ କରାଯାଇଛି। ଏହି ଆକ୍ରମଣ ଯୋଗୁଁ କୁଏତର ତୈଳ ଭିତ୍ତିଭୂମିର ଗୁରୁତର କ୍ଷୟକ୍ଷତି ହୋଇଥିବା ଦେଶର ସରକାରୀ ପେଟ୍ରୋଲିୟମ କମ୍ପାନୀ ସୂଚନା ଦେଇଛି। କୁଏତ ପେଟ୍ରୋଲିୟମ କର୍ପୋରେସନ (କେପିସି) ଅନୁସାରେ, ଇରାନ ତରଫରୁ କରାଯାଇଥିବା ଏହି ଡ୍ରୋନ ଆକ୍ରମଣରେ ସେମାନଙ୍କ ସହଯୋଗୀ ସଂସ୍ଥା 'ପେଟ୍ରୋକେମିକାଲ ଇଣ୍ଡଷ୍ଟ୍ରିଜ୍ କମ୍ପାନୀ'ର ଅନେକ ପ୍ରକଳ୍ପକୁ ଟାର୍ଗେଟ କରାଯାଇଥିଲା। ଏହି ଆକ୍ରମଣ ପରେ ଅନେକ ସ୍ଥାନରେ ଭୟଙ୍କର ନିଆଁ ଲାଗିଯାଇଥିଲା। ଏହାଦ୍ୱାରା ବହୁ ପରିମାଣର ଆର୍ଥିକ ଏବଂ ସାମଗ୍ରିକ କ୍ଷୟକ୍ଷତି ହୋଇଛି। ଇରାନ ବର୍ତ୍ତମାନ ଗଲ୍ଫ ଦେଶଗୁଡ଼ିକର ସାଧାରଣ ଓ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରଖିଛି, ଯାହା ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ଏହି ସଂଘର୍ଷରେ ଏବେ କୁଏତ ଭଳି ଦେଶଗୁଡ଼ିକ ସିଧାସଳଖ ପ୍ରଭାବିତ ହେଉଛନ୍ତି। ଏହି ଆକ୍ରମଣ ପରେ କୁଏତ୍ ଓ ପଡୋଶୀ ଦେଶଗୁଡ଼ିକରେ ହାଇ-ଆଲର୍ଟ ଜାରି କରାଯାଇଛି।

## ପତ୍ନୀଙ୍କ ନାମରେ '୩ଟି ପାସପୋର୍ଟ' ଅଭିଯୋଗ: ହିମନ୍ତଙ୍କ କଡ଼ା ଜବାବ

ନୂଆଦିଲ୍ଲୀ, ୫।୪(ଏଜେନ୍ସି): କଂଗ୍ରେସ ନେତା ପବନ ଖେରା ଆସାମ ମୁଖ୍ୟମନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କ ବିରୋଧରେ ସାମ୍ବାଦିକ ସମ୍ମିଳନୀରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ପତ୍ନୀ ରିନିକି ଭୂୟାଁ ଶର୍ମାଙ୍କ ପାଖରେ ୟୁଏଇ, ଇଜିପ୍ଟ, ଆଣ୍ଟିଗୁଆ-ବାର୍ବୁଡ଼ା ଭଳି ତିନୋଟି ଭିନ୍ନ ଦେଶର ବୈଧ ପାସପୋର୍ଟ ରହିଛି ବୋଲି ଖେରା ଅଭିଯୋଗ କରିଛନ୍ତି। ଖେରା ଆହୁରି ମଧ୍ୟ ଦାବି କରିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତାଙ୍କ ପତ୍ନୀଙ୍କ ନାମରେ ଦୁବାଇରେ ଦୁଇଟି ସମ୍ପତ୍ତି ଏବଂ ଆମେରିକାରେ ଥିବା ଏକ କମ୍ପାନୀ ବିଷୟରେ ସୂଚନା ଲୁଚାଇଛନ୍ତି। ଶର୍ମା ଏବଂ ତାଙ୍କ ପତ୍ନୀ ଜମି ହଡ଼ପ, ମନ୍ଦିର ଦାନର ଅପବ୍ୟବହାର, ସରକାରୀ ଅନୁଦାନକୁ ଆତ୍ମସାତ କରିବା ଭଳି ଅନେକ ଅଭିଯୋଗ କରିଛନ୍ତି। ହିମନ୍ତ ବିଶ୍ୱ ଶର୍ମା ଆସାମ ଏବଂ ଭାରତ ପାଇଁ ଏକ ଅପମାନ ପାଲଟିଛନ୍ତି ଏବଂ ତାଙ୍କୁ ନିଜର ଅପରାଧ ପାଇଁ ଜବାବ ଦେବାକୁ ପଡ଼ିବ ବୋଲି ଆସାମ କଂଗ୍ରେସ ସଭାପତି ଗୌରବ ଗୋଗୋଇ କହିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ଶର୍ମା ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଖେରାଙ୍କ ସମସ୍ତ ଅଭିଯୋଗକୁ ସେ ଦ୍ୱେଷପୂର୍ଣ୍ଣ, ମନଗଢ଼ା ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ଏହାକୁ 'ଡ଼ିଜିଟାଲ୍ କାରସାଦି' ଏବଂ ତାଙ୍କ ପତ୍ନୀଙ୍କ ସାଙ୍ଗିଆର ଇଂରାଜୀ ବନାନଗତ ତ୍ରୁଟି ରହିଥିବା ସେ ଦର୍ଶାଇଛନ୍ତି। ଶର୍ମାଙ୍କ ପତ୍ନୀ ରିନିକି ଭୂୟାଁ ଶର୍ମା ଖେରାଙ୍କ ଅଭିଯୋଗକୁ 'ଏଆଇ ଉତ୍ପଜ ଏବଂ ଫଟୋସପ୍'ର ଅଭାବ ରହିଥିବା କହି ତାଚ୍ଛଲ୍ୟ କରିଛନ୍ତି। ଆସାମ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ପତ୍ନୀ ଆଗାମୀ ୪୮ ଘଣ୍ଟା ମଧ୍ୟରେ ପବନ ଖେରାଙ୍କ ବିରୋଧରେ କ୍ରିମିନାଲ ମାମଲା ଦାୟର କରିବେ ବୋଲି କହିଛନ୍ତି।

### ଅନିଲ ଅମ୍ବାନୀ-ଏପଷ୍ଟିନ୍ ଆଲୋଚନା ନେଇ ରିପୋର୍ଟ

## କୌଣସି ଯୌନ ନିର୍ଯାତନା, ଅସଦାଚରଣ ଅଭିଯୋଗ ନାହିଁ



ନୂଆଦିଲ୍ଲୀ, ୫।୪(ଏଜେନ୍ସି): ନ୍ୟୁୟର୍କ ଟାଇମ୍ସର (ଏନ୍‌ୱାଇଟି)ର ଏକ ନୂତନ ରିପୋର୍ଟ ଅନୁସାରେ, ଆମେରିକାର ପ୍ରଭାବଶାଳୀ ତଥା କୁଖ୍ୟାତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍ ନିଜକୁ ହ୍ୱାଇଟ୍ ହାଉସ୍‌ର ଜଣେ ଅନ୍ତରଙ୍ଗ ବ୍ୟକ୍ତି ଭାବେ ଅନିଲ ଅମ୍ବାନୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ୨୦୧୭ରୁ ୨୦୧୯ ମଧ୍ୟରେ ଉଭୟଙ୍କ ମଧ୍ୟରେ ଶତାଧିକ ମେସେଜ ଆଦାନ ପ୍ରଦାନ ହୋଇଥିବା ଜଣାପଡ଼ିଛି। ଡୋନାଲ୍ଡ ଟ୍ରମ୍ପ ପ୍ରଥମଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଅନିଲ ଭାରତର ପ୍ରତିରକ୍ଷା ସହଯୋଗ ଏବଂ ହ୍ୱାଇଟ୍ ହାଉସ୍ ସହ ସମ୍ପର୍କକୁ ନେଇ ଏପଷ୍ଟିନଙ୍କ ମାର୍ଗଦର୍ଶନ ଚାହିଁଥିଲେ। ଏପଷ୍ଟିନ ମଧ୍ୟ ତାଙ୍କୁ ହ୍ୱାଇଟ୍ ହାଉସ୍‌ର କିଛି ଗୁପ୍ତ ସୂଚନା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ଟ୍ରମ୍ପ ପ୍ରଶାସନର କିଛି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ବିଷୟରେ ଆଗୁଆ ସୂଚନା ଅନିଲଙ୍କୁ ଦେଉଥିଲେ। ଉଦାହରଣ ସ୍ୱରୂପ, ଭାରତ ପାଇଁ ଆମେରିକା ରାଷ୍ଟ୍ରଦୂତ କିଏ ହେବ। ସେ ବିଷୟରେ ସେମାନଙ୍କ ମଧ୍ୟରେ ଆଲୋଚନା ହେଉଥିଲା। ଯେତେବେଳେ ଅନିଲଙ୍କ ବ୍ୟବସାୟିକ ସ୍ଥିତି ଖରାପ ହେବାକୁ ଲାଗିଲା, ସେତେବେଳେ ଏପଷ୍ଟିନ ଜଣେ ବନ୍ଧୁ ହିସାବରେ ଅନିଲଙ୍କୁ ମାନସିକସ୍ତରରେ ଦୃଢ଼ ରହିବାକୁ ପରାମର୍ଶ ଦେଉଥିଲେ। ଅନିଲ 'ଆର୍ମାନୀ ଏ' ନାମରେ ଏପଷ୍ଟିନଙ୍କ ସହ ଏନକ୍ରିପ୍ଟେଡ ପ୍ଲାଟଫର୍ମ ଯଥା ସିଗନାଲ ଓ ଟେଲିଗ୍ରାମ୍‌ରେ କଥାହେଉଥିଲେ। ୨୦୧୯ ମେ ୨୩ରେ ଅନିଲ ଏପଷ୍ଟିନ୍‌ଙ୍କୁ ତାଙ୍କ ମ୍ୟାନହଟନ ସ୍ଥିତ ବାସଭବନରେ ଭେଟିଥିଲେ। କିନ୍ତୁ ରିପୋର୍ଟରେ ଗୋଟିଏ କଥା ସ୍ପଷ୍ଟ କରାଯାଇଛି ଯେ, ଅନିଲଙ୍କ ବିରୋଧରେ କୌଣସି ଯୌନ ନିର୍ଯାତନା କିମ୍ବା ଅସଦାଚରଣ ଅଭିଯୋଗ ନାହିଁ। ଏହି ଆଲୋଚନା ଓ କଥାବାର୍ତ୍ତା କେବଳ ବ୍ୟବସାୟିକ ଓ କୂଟନୈତିକ ପରାମର୍ଶ ମଧ୍ୟରେ ସୀମିତ ଥିଲା।

## ଟ୍ରେନ୍‌ର ପୂରା ବଗି ବୁକ୍ କରି ବାହାଘର ପାଇଁ ଯାତ୍ରା କଲା ପରିବାର

ନୂଆଦିଲ୍ଲୀ, ୫।୪(ଏଜେନ୍ସି): ଭାରତୀୟ ରେଳବାଇର ଏକ କୋଚ୍ ତଥା ବଗିକୁ ସମ୍ପୂର୍ଣ୍ଣ ଭାବେ ବୁକ୍ କରି ଏକ ପରିବାର ବିବାହ ଉତ୍ସବ ପାଳନ କରୁଥିବାର ଭିଡ଼ିଓ ଇଣ୍ଟରନେଟ୍‌ରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଟ୍ରେନ୍ ଭିତରରେ ନାଚଗୀତ ଓ ମସ୍ତିର ଏହି ଦୃଶ୍ୟ ଦେଖିବା ପରେ ସାମାଜିକ ଗଣମାଧ୍ୟମରେ ୟୁଜର୍ସମାନେ ଦୁଇ ଭାଗରେ ବିଭକ୍ତ ହୋଇଛନ୍ତି। ଭାଇରାଲ ଭିଡ଼ିଓରେ ଦେଖିବାକୁ ମିଳୁଛି ଯେ, ପରିବାର ସଦସ୍ୟମାନେ ଟ୍ରେନ୍ କୋଚ୍‌ର ନେମ୍‌ପ୍ଲେଟ୍‌ରେ ଫୁଲମାଳ ଲଗାଇଛନ୍ତି।




ଟ୍ରେନ୍ ଭିତରରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଗୀତର ତାଳେ ତାଳେ ନାଚୁଛନ୍ତି। ଏପରିକି ଭାବି କନ୍ୟା ଜଣକ ଟ୍ରେନ୍ ଭିତରେ କେକ୍ କାଟୁଥିବା ବେଳେ ପରିବାର ଲୋକେ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି। ଏହି ସମୟରେ ଟିକେଟ କଲେକ୍ଟର (ଟିସି) ମଧ୍ୟ ସେହି ଭିଡ଼ ଭିତରେ ହସୁଥିବାର ଦେଖାଯାଉଛନ୍ତି। କିଛି ୟୁଜର୍ସ ଏହାକୁ ସପକ୍ଷରେ ମତ ଦେଇଛନ୍ତି। ସେମାନେ ଏହାକୁ ଭାରତୀୟ ସଂସ୍କୃତିର ଏକ ସୁନ୍ଦର ଦିଗ ବୋଲି କହିଛନ୍ତି। ଅନ୍ୟପଟେ କିଛି ଲୋକ ସର୍ବସାଧାରଣରେ ଏଭଳି କୋଳାହଳକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ କହିବା କଥା ହେଉଛି, ଯଦିଓ ପୂରା କୋଚ୍ ବୁକ୍ ହୋଇଛି, ତଥାପି ଅନ୍ୟ ଯାତ୍ରୀଙ୍କ ସୁବିଧା ଏବଂ ରେଳବାଇର ଶିଷ୍ଟାଚାର ପ୍ରତି ଧ୍ୟାନ ଦେବା ଉଚିତ୍। ସୂଚନାଯୋଗ୍ୟ ଯେ, ଭାରତୀୟ ରେଳବାଇରେ ପୂରା ଟ୍ରେନ୍ କିମ୍ବା ଏକ ନିର୍ଦ୍ଦିଷ୍ଟ କୋଚ୍ ବୁକ୍ କରିବା ଏକ ବୈଧ ସେବା। ଆଇଆରସିଟିସି ଫୁଲ୍ ଟାରିଫ୍ ରେଟ୍ (ଏଫ୍‌ଟିଆର) ସିଷ୍ଟମ ମାଧ୍ୟମରେ ଯେକେହି ମଧ୍ୟ ୬ ମାସ ପୂର୍ବରୁ ଆବେଦନ କରି ଏବଂ କୋଚ୍ ପିଛା ପ୍ରାୟ ୫୦, ୦୦୦ ଟଙ୍କା ସିକ୍ୟୁରିଟି ଡିପୋଜିଟ୍ ଦେଇ ନିଜର ବ୍ୟକ୍ତିଗତ କାର୍ଯ୍ୟକ୍ରମ ପାଇଁ କୋଚ୍ ବୁକ୍ କରିପାରିବେ।

### କାଳବୈଶାଖୀ ସହ ପଶ୍ଚିମା ଝଡ଼ ପ୍ରଭାବ

# ସପ୍ତାହେ ପର୍ଯ୍ୟନ୍ତ ବିଜୁଳି, ଘଡ଼ଘଡ଼ି ସହ ବର୍ଷା

ଭୁବନେଶ୍ୱର, ୫।୪(ସମିସ): ରାଜ୍ୟରେ ଗତ ୩ ଦିନ ହେବ ବିଭିନ୍ନ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ଜାରି ରହିଛି। ଦିନ ବେଳା ଖରା ଓ ଗରମ ସ୍ଥିତି ଲାଗି ରହୁଥିବା ବେଳେ ଅପରାହ୍ଣ ପରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେଉଛି। ମିଶ୍ରିତ ପାଗ ଯୋଗୁଁ ଦିନରେ ଗରମ ସହ ସନ୍ଧ୍ୟା ପରେ ସ୍ଥିତି ସାମାନ୍ୟ ପରିବର୍ତ୍ତନ ହେଉଛି। ଅନ୍ୟପଟେ ରବିବାର ଭୁବନେଶ୍ୱର ସମେତ ଅନେକ ଅଞ୍ଚଳ ଦିନ ତମାମ୍ ମେଘୁଆ ପାଗ ସାଙ୍ଗକୁ ହାଲୁକା ବର୍ଷା ଓ ବିଜୁଳି ଘଡ଼ଘଡ଼ି ହୋଇଛି। ଏଥିପାଇଁ ଲାଗି ରହିଥିବା ଗରମ ଗୁଳୁଗୁଳିରୁ ରାଜଧାନୀବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ପାଗ ଅନୁକୂଳ ଥିବାରୁ ଏହି ସ୍ଥିତି ଆହୁରି ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ରାଜ୍ୟରେ ଲାଗି ରହିଥିବା ପାଗ ସମ୍ପର୍କରେ ସୂଚନା ଦେଇ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଓଡ଼ିଶାରେ ଏବେ ଏକ ଜଟିଳ ପାଣିପାଗ ସ୍ଥିତି ଦେଖାଦେଇଛି। ସ୍ଥାନୀୟ କାଳବୈଶାଖୀ ଓ କ୍ରମାଗତ ପଶ୍ଚିମା ଝଡ଼ (ୱେଷ୍ଟର୍ଣ୍ଣ ଡିଷ୍ଟରବାନ୍ସ) ମିଳିତ ଭାବେ ପାଣିପାଗକୁ ପ୍ରଭାବିତ କରୁଛନ୍ତି। ଏହା ଆସନ୍ତା ୭-୧୦ ଦିନ ପର୍ଯ୍ୟନ୍ତ ପାଣିପାଗକୁ ନିୟନ୍ତ୍ରଣ କରିବାର ସମ୍ଭାବନା ରହିଛି। ବର୍ତ୍ତମାନ ଛୋଟନାଗପୁର ମାଳଭୂମିର ଅତ୍ୟଧିକ ଉତ୍ତାପ ଯୋଗୁଁ ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ତୀବ୍ର କାଳବୈଶାଖୀ ସକ୍ରିୟ ରହିଛି। ଏହାର ପ୍ରଭାବରେ ସକାଳର ପ୍ରଖର ଉଷ୍ଣତା ଅପରାହ୍ଣ ବେଳକୁ ହଠାତ୍ ଘଡ଼ଘଡ଼ି, ବିଜୁଳି ଏବଂ ଘଣ୍ଟାପ୍ରତି ୪୦-୫୦ କିଲୋମିଟର ବେଗରେ ବହୁଥିବା ପବନରେ ପରିବର୍ତ୍ତିତ ହେଉଛି। ଉତ୍ତର ଭାରତରେ ଦେଖାଦେଇଥିବା ପ୍ରଥମ ପଶ୍ଚିମା ଝଡ଼ର ପ୍ରଭାବ ଓଡ଼ିଶା ଉପରେ ପରୋକ୍ଷ ଭାବରେ ପଡୁଛି। ଏହି ବ୍ୟବସ୍ଥା ବାୟୁମଣ୍ଡଳରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରି ବଙ୍ଗୋପସାଗରରୁ ପ୍ରଚୁର ଜଳୀୟବାଷ୍ପପୂର୍ଣ୍ଣ ଉଷ୍ମ ବାୟୁକୁ ଓଡ଼ିଶା ଆଡ଼କୁ ଟାଣି ଆଣୁଛି। ଯେତେବେଳେ ବାୟୁମଣ୍ଡଳର ଉପର ଭାଗରେ ଥିବା ଏହି ଶୀତଳ ବାୟୁ ସ୍ଥାନୀୟ ଉଷ୍ମ ବାୟୁ ସହିତ ମିଶୁଛି, ତାହା କାଳବୈଶାଖୀକୁ ଆହୁରି ଶକ୍ତିଶାଳୀ କରୁଛି। ଏହି ପ୍ରକ୍ରିୟା ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ ଏବଂ ସୁନ୍ଦରଗଡ଼ ପରି ଜିଲ୍ଲାଗୁଡ଼ିକରେ ସର୍ବାଧିକ ପ୍ରଭାବ ପକାଇବ। ଏହାପରେ, ୭-୮ ତାରିଖ ବେଳକୁ ଉତ୍ତର ଭାରତରେ ଦ୍ୱିତୀୟ ପଶ୍ଚିମା ଝଡ଼ ପହଞ୍ଚିବାର ସମ୍ଭାବନା ରହିଛି। ଏହା ଓଡ଼ିଶାର ବାୟୁମଣ୍ଡଳକୁ ସ୍ଥିର ହେବାକୁ ଦେବ ନାହିଁ। ଯାହା ଫଳରେ ଏହି ଅସ୍ଥିର ପାଣିପାଗ ଏପ୍ରିଲ ୧୧ ତାରିଖ ପର୍ଯ୍ୟନ୍ତ ଜାରି ରହିପାରେ। ଏହି ଦ୍ୱିତୀୟ ପର୍ଯ୍ୟାୟରେ କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି ଏବଂ ନୟାଗଡ଼ ପରି ଉପକୂଳ ଓ ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଆକାଶ ଅଧିକ ସମୟ ଧରି ମେଘୁଆ ରହିବା ସହ ପବନର ବେଗ ଘଣ୍ଟାପ୍ରତି ୫୦-୬୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ।

ଅନ୍ୟପଟେ ଏହି ଦ୍ୱୈତ ପାଣିପାଗ ବ୍ୟବସ୍ଥା ତାପମାତ୍ରା କ୍ଷେତ୍ରରେ ଏକ ପ୍ରକାର ଆଶ୍ୱସ୍ତି ଆଣିବ। ଲଗାତାର ବାଦଲ ଏବଂ ବର୍ଷା ଯୋଗୁଁ ରାଜ୍ୟର ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ କମ୍ ରହିବ। ଗ୍ରୀଷ୍ମ ପ୍ରବାହ ପରିବର୍ତ୍ତେ ଅଧିକାଂଶ ସ୍ଥାନରେ ତାପମାତ୍ରା ୩୫ରୁ ୩୮ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରହିବାର ଅନୁମାନ କରାଯାଉଛି। ଅନ୍ୟପଟେ ବର୍ତ୍ତମାନ ପରିସ୍ଥିତିରେ ପ୍ରବଳ ବର୍ଷା ଅପେକ୍ଷା ବଜ୍ରପାତ ଏବଂ ପ୍ରବଳ ପବନ ସବୁଠାରୁ ବଡ଼ ବିପଦ ରହିବ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି। ତେଣୁ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଅପରାହ୍ଣ ୩ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ସତର୍କତା ଅବଲମ୍ବନ କରିବାକୁ ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

### ୭ରେ ଛତିଶା ନିଯୋଗ ବୈଠକ

## ଚୂଡ଼ାନ୍ତ ହେବ ଚନ୍ଦନ ଯାତ୍ରା ରୂପରେଖ

ପୁରୀ, ୫।୪(ସମିସ): ଆସନ୍ତା ୭ ତାରିଖ ଅର୍ଥାତ୍ ମଙ୍ଗଳବାର ଅନୁଷ୍ଠିତ ହେବ ଛତିଶା ନିଯୋଗ ବୈଠକ। ଅପରାହ୍‌ଣ ୫ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଅଧ୍ୟକ୍ଷତା କରିବେ। ଏଥିରେ ମୁଖ୍ୟତଃ ମହାପ୍ରଭୁଙ୍କ ଚନ୍ଦନଯାତ୍ରାର ନୀତି ନିର୍ଘଣ୍ଟ କରାଯିବ। ଆସନ୍ତା ୨୦ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନ ରଥ ନିର୍ମାଣ ଅନୁକୂଳ କରାଯିବ। ଏତଦ୍‌ବ୍ୟତୀତ ଏହି ଦିନଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ପଞ୍ଚମହାଦେବଙ୍କ ସହ ମିଶି ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ। ତେଣୁ, କିପରି ଠାକୁରଙ୍କ ଚନ୍ଦନ ଯାତ୍ରା ନୀତି ଶୃଙ୍ଖଳିତ ହେବ, ତାହା ଉପରେ ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା କରାଯିବ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୮ ତାରିଖରୁ ରତ୍ନ ଅଳଙ୍କାରର ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି ଆରମ୍ଭ ହେବ। ତେଣୁ, ଏହା କିପରି ଶୃଙ୍ଖଳିତ ହେବ ଏବଂ ଏହି ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ଦର୍ଶନ କିପରି ସ୍ୱାଭାବିକ ରହିବ, ତା' ଉପରେ ମଧ୍ୟ ଆଲୋଚନା କରାଯିବ। ଏହାବ୍ୟତୀତ ସଭପତିଙ୍କ ଅନୁମୋଦନକ୍ରମେ ଅନ୍ୟାନ୍ୟ ପ୍ରସଙ୍ଗ ଆଲୋଚନା ହେବା ସମ୍ଭାବନା ରହିଛି।

# ବଜ୍ରପାତ ନେଲା ୫ ଜୀବନ

ଆଠଗଡ଼/ବଡ଼ମ୍ବା/କପ୍ତିପଦା/ଜୁନାଗଡ, ୫।୪(ସମିସ): କାଳବୈଶାଖୀଜନିତ ବଜ୍ରପାତରେ ରବିବାର ରାଜ୍ୟରେ ୫ଜଣଙ୍କର ମୃତ୍ୟୁ ଘଟିଛି। ମୟୂରଭଞ୍ଜ, ବୌଦ୍ଧ, କଳାହାଣ୍ଡି ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଥିବା ବେଳେ କଟକ ଜିଲ୍ଲାରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି।

କଟକ ଜିଲ୍ଲା ଆଠଗଡ଼ ଥାନା ଯୋରନ୍ଦା ପଞ୍ଚାୟତ କରିକୋଲ ଶବରସାହିର ବିଳାସିନୀ ଗୁରୁ ନିଜ ଘରଦାଣ୍ଡରେ ଛିଡ଼ା ହୋଇଥିବା ବେଳେ ହଠାତ୍ ବଜ୍ରପାତର ଶିକାର ହୋଇଥିଲେ। ସେ ସଂଜ୍ଞାହୀନ ହୋଇ ପଡ଼ିଯିବାରୁ ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବ। ସେହିପରି, ବଡ଼ମ୍ବା ବ୍ଲକ୍ ମାଣିଆବନ୍ଧ ଥାନା ଅଧୀନ ମୁଗଗହୀର ଗ୍ରାମର କାଶୀନାଥ ବେହେରା (୫୦) ଗାଈ ଚରାଇବାକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଛନ୍ତି। ବର୍ଷାରୁ ରକ୍ଷା ପାଇବା ପାଇଁ ସେ ଏକ ଗଛମୂଳେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତ ଘଟିଥିଲା। ଏଥିରେ ତାଙ୍କ ଶରୀରର ବିଭିନ୍ନ ଅଂଶ ପୋଡ଼ିଯିବା ସହ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅପରପକ୍ଷେ ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତ ଲେମ୍ବୁଆସାହି ଗ୍ରାମର ମେଞ୍ଜ ସିଂଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ରବିବାର ଅପରାହ୍‌ଣରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ମେଞ୍ଜ ଘର ବାହାରେ ଶୁଖୁଥିବା ଲୁଗା ଗୋଟାଉଥିବା ବେଳେ ତାଙ୍କ ଉପରେ ବଜ୍ର ପଡ଼ିଥିଲା। ଘଟଣାସ୍ଥଳରେ ହିଁ ସେ ଟଳି ପଡ଼ିଥିଲେ। ପରିବାରଲୋକ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି, କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ବଳଦିଆମାଳ ଗ୍ରାମରେ ରବିବାର ମଧ୍ୟାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। ଚାଷ ଜମିରୁ କାମ କରି ଫେରୁଥିବା ସମୟରେ ବଜ୍ରପାତ ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ମହିଳା ଗୁରୁତର ହୋଇଛନ୍ତି। ମୃତ ମହିଳାଙ୍କ ନାମ ସଞ୍ଚିତା ବିଶ୍ୱାଳ। ଗୁରୁତର ମହିଳାମାନେ ହେଲେ, କ୍ଷୀରଦେଇ ପ୍ରଧାନୀ, ସଂଯୁକ୍ତା ଲହଜଳ ଓ ଭୂମିସୂତା ଲହଜଳ। ସମସ୍ତଙ୍କୁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ଜଣାପଡ଼ିଛି।

### ପୁଅର ଲଗ୍ନପତ୍ର ଦେବାକୁ ଯାଉଥିବା ବାପାର ମୃତ୍ୟୁ

ବୌଦ୍ଧ/ସମ୍ବଲପୁର, ୫।୪(ସମିସ): ବୌଦ୍ଧ ଜିଲ୍ଲା ବଘିଆପଡ଼ା ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ବିବାହ ଲଗ୍ନପତ୍ର ଦେବାକୁ ଯାଇଥିବା ବେଳେ ବଜ୍ରପାତରେ ବାପାର ମୃତ୍ୟୁ ଘଟିଛି। ମୃତକ ହେଲେ, ଗ୍ରାମର ବିପ୍ଳବ ବେହେରା(୬୦)। ବଜ୍ରପାତରେ ତାଙ୍କ ସାନ ଭାଇ ବଳରାମ ବେହେରା (୫୭) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଯୁଯୁମରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁସାରେ, ବିପ୍ଳବଙ୍କ ପୁଅ ସୁନୀଲ ବେହେରାଙ୍କ ବାହାଘର ସ୍ଥିର ହୋଇଛି। ସାନଭାଇ ବଳରାମ ସହ ବିପ୍ଳବ ଆଜି ପୁଅର ବିବାହ ଲଗ୍ନପତ୍ର ଦେବାକୁ ବନ୍ଧୁଘର ସମ୍ବଲପୁର ଜିଲ୍ଲା ଯୁଯୁମରାକୁ ଯାଉଥିଲେ। ଅପରାହ୍ଣରେ ବର୍ଷା ହେବାରୁ ଦୁଇ ଭାଇ ବଣ୍ଡିଝରଣ ବସ୍‌ଷ୍ଟାଣ୍ଡ ନିକଟରେ ଆଶ୍ରୟ ନେଇଥିଲେ। ଏହି ସମୟରେ ସେଠାରେ ଏକ ପ୍ରଚଣ୍ଡ ବଜ୍ରପାତ ହେବାରୁ ଦୁଇ ଭାଇ ସଂଜ୍ଞାହୀନ ହୋଇଯାଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ଯୁଯୁମରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ବିପ୍ଳବଙ୍କୁ ମୃତ ଘୋଷଣା କରିଥିଲେ।

# ପୁଅ ବାହାଘର ସାରି ବାପାର ଆତ୍ମହତ୍ୟା

ବଲାଙ୍ଗିର, ୫।୪ (ସମିସ): ପୁଅ ବାହାଘର ସରିବା ପରେ ବନ୍ଧୁମିଳନ ପାଇଁ ପ୍ରସ୍ତୁତି ଚାଲିଥିଲା। ସମ୍ପର୍କୀୟଙ୍କ ହାଉଜାଉ ଭିତରେ ପୂରା ଘର ଫାଟି ପଡୁଥିଲା। ଭୋଜିଭାତ ପାଇଁ ବି ରନ୍ଧା ଆରମ୍ଭ ହୋଇଯାଇଥିଲା। କିନ୍ତୁ, ହଠାତ୍ ବାପାଙ୍କ ଆତ୍ମହତ୍ୟା ଭଳି ଘଟଣା ସବୁ କିଛି ନିମିଷକରେ ଓଲଟପାଲଟ କରିଦେଲା। ବଲାଙ୍ଗିର ଜିଲ୍ଲା ଲୋଇସିଂହା ଅଞ୍ଚଳରୁ ଆସିଥିବା ଏଭଳି ଏକ ଦୁଃଖଦ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ, ଲୋଇସିଂହା ଧୋବାପଡ଼ାର ଶ୍ୟାମ ମହାକୁର। ଶ୍ୟାମ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ପୁଲିସ ତାଙ୍କ ଖଣ୍ଡବିଖଣ୍ଡିତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ସୂଚନାନୁଯାୟୀ, ଶ୍ୟାମ ଜଳଖିଆ ମିସ୍ତ୍ରୀ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। କିଛି ମାସ ତଳେ ସେ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। କିଛି ମାସ ତଳେ ତାଙ୍କ ପୁଅଙ୍କ ବାହାଘର ଠିକ୍ ହୋଇଥିଲା। ନିର୍ଦ୍ଧାରିତ ଲଗ୍ନ ଅନୁସାରେ ଶନିବାର ପୁଅ ବାହାଘର ହୋଇଥିଲା। ବେଶ୍ ହସଖୁସିରେ ବାହାଘର ସଂପନ୍ନ ହୋଇଥିଲା। କିନ୍ତୁ, ବାହାଘର ପରଦିନ ଅର୍ଥାତ୍ ପ୍ରୀତିଭୋଜନ ଆରମ୍ଭ ହେବା ପୂର୍ବରୁ ସବୁକିଛି ଏପଟ ସେପଟ ହୋଇଯାଇଥିଲା। ବାହାଘର ସାରି ଘରକୁ ଫେରିବା ପରେ ସକାଳୁ ପ୍ରାୟ ୯ଟାରେ ଶ୍ୟାମ ଲୋଇସିଂହା ଦେଇ ଯାଇଥିବା ରେଳପଥ ଅଣ୍ଡରପାସ୍ ନିକଟରେ ଟ୍ରେନ ଲାଇନ୍‌ରେ ମୁଣ୍ଡ ରଖି ଆତ୍ମହତ୍ୟା କରିଥିଲେ। ଟ୍ରେନ୍‌ରେ କଟିଯିବାରୁ ତାଙ୍କ ମୁଣ୍ଡ-ଗଣ୍ଡି ସଂପୂର୍ଣ୍ଣ ଅଲଗା ହୋଇଯାଇଥିଲା। ତେବେ ପୁଅ ବାହାଘର ଭଳି ଏକ ଉତ୍ସବ ଭିତରେ ସେ କାହିଁକି ଏଭଳି ଏକ ଚରମ ନିଷ୍ପତ୍ତି ନେଲେ, ତାହା ଜଣାପଡ଼ିନାହିଁ। ଏହି ଘଟଣା ପରେ ଗାଁରେ ଦୁଃଖର ବାତାବରଣ ସୃଷ୍ଟି ହୋଇଛି।

### ଅମ୍ବାଦଳା ହାଇସ୍କୁଲରେ ର୍‍ୟାଗିଂ

# ରାତିଅଧରେ ୨ ଛାତ୍ରଙ୍କୁ ନିର୍ଘୁମ୍ ଛେଚିଲେ

ମୁନିଗୁଡ଼ା/ଅମ୍ବାଦଳା, ୫।୪(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳାସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ର ରାଗିଂ। ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଏହି ସ୍କୁଲ ହଷ୍ଟେଲରେ ରହୁଥିବା ଦୁଇ ଛାତ୍ରଙ୍କୁ କିଛି ସିନିୟର୍ ଛାତ୍ର ରାତି ଅଧରେ ନିଷ୍ଠୁକ ମାଡ଼ ମାରି ଲହୁଲୁହାଣ କରିଛନ୍ତି। ଆହତ ଛାତ୍ରଦ୍ୱୟଙ୍କୁ ଅମ୍ବାଦଳା ପୁଲିସ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛି। ସେମାନଙ୍କ ମଧ୍ୟରୁ ଜଣେ ଅଷ୍ଟମ ଓ ଅନ୍ୟ ଜଣେ ଦଶମ ଶ୍ରେଣୀ ଛାତ୍ର ବୋଲି ଜଣାପଡ଼ିଛି। ଅପରପକ୍ଷେ, ଆଜି ଏହି ଘଟଣା ପଦାକୁ ଆସିବା ପରେ ଅଭିଭାବକମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ମାଡ଼ ଖାଇଥିବା ଛାତ୍ରଙ୍କ ପରିବାରଲୋକ ଏହି ଘଟଣା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ସହ ଏ ସଂପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ପ୍ରଧାନ ଶିକ୍ଷକଙ୍କ ଅବହେଳା ଯୋଗୁଁ ଶିକ୍ଷାନୁଷ୍ଠାନ ପରିସରରେ ଏଭଳି ଅଘଟଣ ଘଟିଥିବା ସେମାନେ ଏତଲାରେ ଦର୍ଶାଇଛନ୍ତି।

ସୂଚନାନୁଯାୟୀ, କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀର ଛାତ୍ରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏଥିରେ ପ୍ରତିଶୋଧପରାୟଣ ହୋଇ ଗୋଟିଏ ଗୋଷ୍ଠୀର ଛାତ୍ର ସୁଯୋଗ ଅପେକ୍ଷାରେ ଥିଲେ। ସମସ୍ତେ ଖାଇପିଇ ହଷ୍ଟେଲରେ ଶୋଇଥିବା ବେଳେ ଗତକାଲି ବିଳମ୍ବିତ ରାତିରେ କିଛି ବରିଷ୍ଠ ଛାତ୍ର

### ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ

ଅପରଗୋଷ୍ଠୀର ୨/୩ଜଣ ଛାତ୍ରଙ୍କୁ ନିଦରୁ ଉଠାଇ ନିଷ୍ଠୁକ ମାଡ଼ ମାରିଥିଲେ। ମଶାରି ବନ୍ଧା ରଡ୍ ଓ ବାଡିରେ ସେମାନଙ୍କୁ ନିଷ୍ଠୁକ ପିଟିଥିଲେ। ଏଥିରେ ଦୁଇ ଜଣ ଛାତ୍ର ଗୁରୁତର ହୋଇଥିଲେ। ଖାଲି ସେତିକି ନୁହେଁ, ଏ ସଂପର୍କରେ କାହାରିକୁ କହିଲେ, ହତ୍ୟା କରିବାକୁ ଆକ୍ରମଣକାରୀ ସିନିୟର ଛାତ୍ରମାନେ ଧମକ ଦେଇ ସେଠାରୁ ପଳାଇଥିଲେ। ତେବେ ଆହତ ଛାତ୍ରମାନେ ଏ ସଂପର୍କରେ ନିଜନିଜ ଅଭିଭାବକଙ୍କୁ ଜଣାଇବା ପରେ କଥା ପଦାକୁ ଆସିଥିଲା। ଆଜି ମାଡ଼ ଖାଇଥିବା ଛାତ୍ରଦ୍ୱୟଙ୍କ ଅଭିଭାବକ ଅମ୍ବାଦଳା ଥାନାରେ ଏ ସଂପର୍କରେ ଏତଲା ଦେଇଥିଲେ। ଅପରପକ୍ଷେ, ଏହି ଘଟଣା ପରେ ସ୍କୁଲରେ



ଭୟର ବାତାବରଣ ସୃଷ୍ଟି ହୋଇଛି। ଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ପରିଚଳନା ଉପରେ ସଂଗିନ୍ ଅଭିଯୋଗ ଆଣିଛନ୍ତି। ବିଶେଷକରି ପ୍ରଧାନଶିକ୍ଷକଙ୍କ ଖାମଖିଆଲି ଯୋଗୁଁ ଏଭଳି ଘଟଣା ଘଟିଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷେ, ବିଦ୍ୟାଳୟରେ ବାରମ୍ବାର ଏପରି ଘଟଣା ଘଟୁଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ଗୁରୁତର ପ୍ରଶ୍ନ ଉଠିଛି। କିନ୍ତୁ ଖବର ଲେଖା ହେବା ସୁଦ୍ଧା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସ୍ୱଷ୍ଟ ପ୍ରତିକ୍ରିୟା ମିଳିପାରିନାହିଁ। ଏନେଇ ପୁଲିସ ବ୍ଲକ୍ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କୁ ଅବଗତ କରିବା ସହ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା, ତାହାର ତଦନ୍ତ କରାଯିବ ବୋଲି ଅମ୍ବାଦଳା ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ସେହିପରି, ପ୍ରାୟ ୧ବର୍ଷ ହେଲା ଏହି ସ୍କୁଲର ପ୍ରଧାନ ଶିକ୍ଷକଙ୍କ ବିରୋଧରେ ବିଭିନ୍ନ ଅନିୟମିତତା ଅଭିଯୋଗ ହୋଇଆସୁଛି। କିନ୍ତୁ ମଙ୍ଗଳ ବିଭାଗ କିମ୍ବା ଜିଲ୍ଲା ମଙ୍ଗଳ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି।

# ସ୍ତ୍ରୀର ପରକୀୟା ପ୍ରୀତି ବିରୋଧ କରିବାରୁ ଯୁବକଙ୍କୁ ହତ୍ୟା!

ବାଲିକୁଦା, ୫।୪(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବାହାରଣା ପଞ୍ଚାୟତ ଅନ୍ତର୍ଗତ ଜନତା କୋଠିରୁ କପିଳାତୋଟା ରାସ୍ତାରୁ ପୁଲିସ ଜଣେ ଯୁବକଙ୍କ ଶବ ଜବତ କରିଛି। ମୃତକ ହେଲେ, ତଳକୁସୁମାସ୍ଥିତ ବାଲିପାଟଣାପଡ଼ା ଗ୍ରାମରେ ଦିନମଜୁରିଆ ଭାବେ କାମ କରୁଥିବା ବିଜୟ କୁମାର ସ୍ୱାଇଁ(୪୦)। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ରାସ୍ତାକଡ଼ରେ ଫିଙ୍ଗି ଦେଇଥିବା କୁହାଯାଉଛି। ଅପରପକ୍ଷେ,

### ■ ରାସ୍ତାକଡ଼ରୁ ମିଳିଲା ଶବ
### ■ ପତ୍ନୀ ସମେତ ୩ ଅଟକ

ସ୍ତ୍ରୀର ପରକୀୟା ପ୍ରୀତିକୁ ବିରୋଧ କରିବାରୁ ବିଜୟଙ୍କୁ ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ନମ୍ବର ୧୩୮/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ଆଜି ସଂଧ୍ୟାରେ ବିଜୟଙ୍କ ଶବ ଗାଁରେ ପହଞ୍ଚିବା ପରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଏହି ଘଟଣାରେ ପୁଲିସ ବିଜୟଙ୍କ ସ୍ତ୍ରୀଙ୍କ ସମେତ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ଜନତା କୋଠିରୁ କପିଳାତୋଟା ରାସ୍ତା ମଝିରେ ବିଜୟଙ୍କ ଶବ ପଡ଼ିଥିବା ନେଇ ଗତକାଲି ରାତି ପ୍ରାୟ ୧୨ଟାରେ କିଛି ଲୋକ ଦେଖିବା ପରେ ବାଲିକୁଦା ପୁଲିସକୁ ସୂଚନା ଦେଇଥିଲେ। ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମେଡିକାଲ ପଠାଇଥିଲେ। ବିଜୟଙ୍କ ବେକ, ମୁହଁ ଓ ଶରୀର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା।

ପୁଲିସ ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ ପରକୀୟା ପ୍ରୀତି କାରଣରୁ ଏହି ଘଟଣା ଘଟିଥାଇପାରେ। ତେଣୁ, ଅଧିକ ତଦନ୍ତ ପାଇଁ ପୁଲିସ ବିଜୟଙ୍କ ପତ୍ନୀ ସମେତ ତାଙ୍କ ଘରକୁ ଆସୁଥିବା ବ୍ୟକ୍ତି ଓ ତାଙ୍କର ସମ୍ପର୍କୀୟ ପୁତୁରାକୁ ଥାନାକୁ ଉଠାଇ ଆଣି ପଚରାଉଚରା ଜାରି ରଖିଛି। ଏ ସଂପର୍କରେ ଥାନାଧିକାରୀ ଶ୍ରୀ ସାହୁ କହିଛନ୍ତି ଯେ ପ୍ରାରମ୍ଭିକ ତଦନ୍ତରୁ ପରକୀୟା ପ୍ରୀତିକୁ ବିରୋଧ କରିବାରୁ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ଜଣାପଡ଼ିଛି। ତେବେ ଏପର୍ଯ୍ୟନ୍ତ ହତ୍ୟା ସମ୍ପର୍କରେ କୌଣସି ସୂଚନା ଅଟକ ରହିଥିବା ବ୍ୟକ୍ତି କହୁ ନଥିବା ବେଳେ ଆସନ୍ତାକାଲି ସୁଦ୍ଧା ଏହାର ସତ୍ୟାସତ୍ୟ ସମ୍ମୁଖକୁ ଆସିବ। ଏହା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ। ସନ୍ଦେହରେ ଅଟକ ବ୍ୟକ୍ତି ଜଣଙ୍କ ପୋଷ୍ଟାଲରେ କାର୍ଯ୍ୟରତ ଥିବା ବେଳେ ଦୀର୍ଘ ବର୍ଷ ହେବ ସେ ବିଜୟର ପତ୍ନୀ ସହ ସମ୍ପର୍କରେ ଥିଲା ବୋଲି ପୁଲିସ୍ କହିଛି।

# ଜୈବିକ ଚାଉଳରେ ପ୍ରସ୍ତୁତ ହେବ ଆଡ଼ପ ଅବଢ଼ା

ପୁରୀ, ୫।୪ (ସମିସ): ମହାପ୍ରଭୁଙ୍କ କୋଠଭୋଗରେ ଜୈବିକ ଉପାୟରେ ପ୍ରସ୍ତୁତ ଚାଉଳ ବ୍ୟବହାର ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ଆଗାମୀ ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରରେ କୋଠଭୋଗରେ ଜୈବିକ ଚାଉଳରେ ଆଡ଼ପ ଅବଢ଼ା ପ୍ରସ୍ତୁତ କରାଯିବ। ତେବେ ଜୈବିକ ଚାଉଳ ପରେ ଜୈବିକ ଡାଲି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖିଛି ଶ୍ରୀମନ୍ଦିର ପ୍ରଶାସନ। କୃଷି ବିଭାଗର ସହଭାଗିତାରେ ଜୈବିକ ଡାଲି ଉତ୍ପାଦନ ପାଇଁ ଯୋଜନା କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ବରିଷ୍ଠ ସେବାୟତ ଓ ଜଗନ୍ନାଥପ୍ରେମୀ।

ଆଗାମୀ ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରରେ

### ଜୈବିକ ଡାଲିରେ ଭୋଗ ପ୍ରସ୍ତୁତ ଲାଗି ଯୋଜନା

ମହାପ୍ରଭୁଙ୍କ କୋଠଭୋଗ ସମ୍ପୂର୍ଣ୍ଣ ଭାବେ ଜୈବିକ ଚାଉଳରେ ପ୍ରସ୍ତୁତ ହେବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଛି। ସୁଆର-ମହାସୁଆର ନିଯୋଗ ସହ ଆଲୋଚନା ମଧ୍ୟ ସରିଛି। ତେବେ ଜୈବିକ ଚାଉଳ ପରେ ଜୈବିକ ଡାଲି ଉତ୍ପାଦନ ପାଇଁ ଯୋଜନା କରୁଛି ଶ୍ରୀମନ୍ଦିର ପ୍ରଶାସନ। କୃଷି ବିଭାଗ ସହାୟତାରେ ଜୈବିକ ଚାଷ କରୁଥିବା ଚାଷୀଙ୍କ ସହ ଯୋଗାଯୋଗ କରାଯାଇ ଆଗାମୀ ଦିନରେ ଡାଲି ଚାଷ କରାଯିବ। ଏହି ଡାଲିକୁ ଚାଷୀମାନେ ସାଧାସଳଖ କୃଷି ବିଭାଗକୁ ବିକ୍ରି କରିପାରିବେ। କୃଷି ବିଭାଗ ଜୈବିକ ଡାଲିକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବ। ତେବେ ଜୈବିକ ଚାଉଳ ପରେ ଜୈବିକ ଡାଲି ଉତ୍ପାଦନକୁ ସ୍ୱାଗତ କରିଛନ୍ତି ଶ୍ରୀମନ୍ଦିର ସେବାୟତ। ଶ୍ରୀମନ୍ଦିରରେ ବ୍ୟବହାର ହେଉଥିବା ପନିପରିବାକୁ ମଧ୍ୟ ଜୈବିକ ଉପାୟରେ ଉତ୍ପାଦନ କରିବାକୁ ମତ ଦେଇଛନ୍ତି।

ଶ୍ରୀମନ୍ଦିରରେ ଜୈବିକ ଚାଉଳରେ ମହାପ୍ରଭୁଙ୍କର ଦୈନିକ କୋଠଭୋଗ ପ୍ରସ୍ତୁତ ପାଇଁ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ଜୈବିକ ଚାଉଳ ଉତ୍ପାଦନ ବୃଦ୍ଧି ପାଇଲେ, ବରାଦି ଭୋଗ ପାଇଁ ମଧ୍ୟ ଏହା ବ୍ୟବହାର କରିହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଆଗାମୀ ଦିନରେ ଖେଚେଡିରେ ବ୍ୟବହୃତ ମୁଗଡାଲି ମଧ୍ୟ ଜୈବିକ ଉପାୟରେ ଉତ୍ପାଦନ ପାଇଁ ଯୋଜନା କରାଯାଇଛି। ଏ ସମ୍ପର୍କରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ଜୈବିକ ଚାଉଳ ପରେ ଜୈବିକ ଡାଲି ଉତ୍ପାଦନ ପାଇଁ ଯୋଜନା ରହିଛି। ଏନେଇ ଆଗାମୀ ଦିନରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ସବିଶେଷ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ।

ବିନା କୌଣସି ରାସାୟନିକ ସାରରେ ଉତ୍ପାଦନ ହେଉଥିବା ଚାଉଳକୁ ଜୈବିକ ଚାଉଳ କୁହାଯାଉଛି। ଏହାର ସ୍ୱତନ୍ତ୍ର ସ୍ୱାଦ ମଧ୍ୟ ରହିଛି। ଏଣୁ ଜୈବିକ ଚାଉଳ ଏବଂ ଡାଲି ଉତ୍ପାଦନ ପାଇଁ ଆଗାମୀ ଦିନରେ ଶ୍ରୀମନ୍ଦିର ପ୍ରଶାସନ କୃଷି ବିଭାଗ ଜରିଆରେ ଜୈବିକ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ଯୋଜନା ରହିଛି।

### କଂଗ୍ରେସର ଆକ୍ଷେପ

# ପଶ୍ଚିମବଙ୍ଗରେ ପୁଶିଂ କାର୍ଡ ବାଣ୍ଟୁଛନ୍ତି ବିଜେପି ବିଧାୟକ

ଭୁବନେଶ୍ୱର, ୫।୪(ସମିସ): ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପାଇଁ ଓଡ଼ିଶା ନେତା ସେଠାରେ ଡେରା ପକାଇଛନ୍ତି। ପର୍ଯ୍ୟାୟ କ୍ରମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଶ୍ଚିମବଙ୍ଗ ଗସ୍ତ କରୁଥିବା ବେଳେ ଓଡ଼ିଶାର ଅନେକ ବିଜେପି ବିଧାୟକ, ପରାଜିତ ବିଧାୟକ ପ୍ରାର୍ଥୀ ଏବେ ପଶ୍ଚିମବଙ୍ଗରେ ଡେରା ପକାଇଛନ୍ତି। ସେମାନେ ବିଜେପି ପ୍ରାର୍ଥୀଙ୍କ ନିର୍ବାଚନୀ ବିଜୟ ପାଇଁ ସବୁ ପ୍ରକାର ଉଦ୍ୟମ କରୁଥିବା ବେଳେ ବିଜେପି ନେତାମାନଙ୍କର ଗସ୍ତକୁ ନେଇ ରାଜ୍ୟ କଂଗ୍ରେସ ସମାଲୋଚନା କରିଛି। କଂଗ୍ରେସ ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଓଡ଼ିଶାର ବିଜେପି ବିଧାୟକମାନେ ପଶ୍ଚିମବଙ୍ଗ ଯାଇ ପୁଶିଂ କାର୍ଡ ବାଣ୍ଟୁଛନ୍ତି। ଗାଁ ଗଣ୍ଡାରେ ହାପ୍ ପ୍ୟାଣ୍ଟ ପିନ୍ଧି ଟହଲିଆମାନେ ଯେମିତି ବୁଲନ୍ତି,

### ହିନ୍ଦୀ ଆସୁନାହିଁ, ଖଣ୍ଡିଆ ବଙ୍ଗଳାରେ ଚାଲିଛି ପ୍ରଚାର

ପଶ୍ଚିମବଙ୍ଗରେ ଓଡ଼ିଶା ବିଧାୟକମାନେ ବର୍ତ୍ତମାନ ସେମିତି ହେଉଛନ୍ତି ବୋଲି ତାରା କହିଛନ୍ତି। ଓଡ଼ିଶାର ବିଧାୟକ ମନ୍ତ୍ରୀମାନଙ୍କୁ ସେଠାରେ କେହି ଚିହ୍ନି ନାହାନ୍ତି। ସେଠାରେ ତାଙ୍କ ଭାଷା ଜାଣି ନାହାନ୍ତି। କେବଳ ଖାଇବେ, ପିଇବେ ସେଠାରୁ ଆସିବେ। ସେଠାରେ ପୋଷ୍ଟର ମାରିବେ ଓ ପୁଶିଂ କାର୍ଡ ବାଣ୍ଟି ଓଡ଼ିଶା ଫେରିବେ ବୋଲି ତାରା କହିଛନ୍ତି।

### ତାଣ୍ଡବ ରଚିଲା କାଳବୈଶାଖୀ

# ଉଡ଼ିଲା ଛପର, ଭାଙ୍ଗିଲା ଗଛ; ୩ ବଳଦ ମୃତ

ଖଲ୍ଲିକୋଟ/ ପାତ୍ରପୁର, ୫।୪(ସମିସ): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଓ ପାତ୍ରପୁର ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ରଚିଛି। ବର୍ଷା, ପବନରେ ବଡ଼ବଡ଼ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବା ବେଳେ ବହୁ ଲୋକଙ୍କ ଟିଣ ଛପର ଉଡ଼ି ଯାଇଛି। ସେହିପରି, ବର୍ଷା, ପବନ ଓ ବଜ୍ରପାତରେ ୩ ବଳଦଙ୍କ ମୃତ୍ୟୁ ହୋଇଛି।

ରବିବାର ଅପରାହ୍‌ଣରେ ହଠାତ୍ କଳାହାଣ୍ଡିଆ ମେଘ ମାଡ଼ି ଆସିବା ସହ ଖୁବ୍ ଜୋର୍‌ରେ ପବନ ଦେଇଥିଲା। ପବନର ବେଗ ଏତେ କ୍ଷିପ୍ର ଥିଲା ଯେ ଲୋକଙ୍କ ଟିଣ ଛପର ଉଡ଼ାଇ ନେଇଥିଲା। ସେହିପରି ପବନରେ ବଡ଼ବଡ଼ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ମାଟିରେ ଲୋଟି ପଡ଼ିଥିଲା। ଏହା ସାଙ୍ଗକୁ କୁଆପଥର ବର୍ଷା ପୂରା ଅଞ୍ଚଳରେ ତାଣ୍ଡବ ସୃଷ୍ଟି କରିଥିଲା। ମିଳିଥିବା ସୂଚନାନୁଯାୟୀ, ଖଲ୍ଲିକୋଟ ବ୍ଲକ୍‌ର ନିର୍ମଳଝରଠାରୁ ଖଲ୍ଲିକୋଟ ମଧ୍ୟରେ ପ୍ରାୟ ୧୦ଟି ବଡ଼ବଡ଼ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିବାରୁ ଆସିକା-ଭୁବନେଶ୍ୱର ୩୦ନମ୍ବର



ରାଜ୍ୟ ରାଜପଥରେ ଯାତାୟାତ ବନ୍ଦ ହୋଇଯାଇଥିଲା। ଦୁଇ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ସେହିପରି, ଖଲ୍ଲିକୋଟ ଏନ୍‌ଏସିର ୭ ନମ୍ବର ୱାର୍ଡରେ ଥିବା ହରିଜନ ସାହିରେ କିଛି ଘର ଭାଙ୍ଗିଥିବା ବେଳେ କେନ୍ଦୁପାଟ ଗ୍ରାମରେ ୩ ଜଣଙ୍କ ଘର ଭାଙ୍ଗିଥିବା ଜଣାଯାଇଛି। ଏହାବ୍ୟତୀତ, ପିଟଣାପଲ୍ଲୀ ଗ୍ରାମରେ ପ୍ରଦୀପ ପ୍ରଧାନଙ୍କ ଘର ଭାଙ୍ଗିଥିବା ବେଳେ ବିଭିନ୍ନ ବ୍ୟକ୍ତିଙ୍କ କଦଳୀ ଚାଷ ଉଜୁଡି ଯାଇଥିବା ଖବର ମିଳିଛି। ଖଲ୍ଲିକୋଟ ସ୍ୱାସ୍ଥ୍ୟପୁରୀ କଲୋନୀରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଖଲ୍ଲିକୋଟ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା।

### ଆସିକା-ଭୁବନେଶ୍ୱର ରାଜପଥରେ ଯାତାୟାତ ବାଧାପ୍ରାପ୍ତ

ସେହିପରି ପାତ୍ରପୁର ବ୍ଲକ୍‌ରେ ମଧ୍ୟ କାଳବୈଶାଖୀ ଜନିତ ବ୍ୟାପକ କ୍ଷୟକ୍ଷତି ଘଟିଛି। ତୁହାକୁତୁହାକୁଆପଥର ବର୍ଷା ହେବାରୁ ଘରୁ ବାହାରିବା ଲୋକଙ୍କ ପାଇଁ ମୁସ୍କିଲ ହୋଇପଡ଼ିଥିଲା। ପୋଲରାଜପୁରଠାରେ ରବି ସାହୁଙ୍କ ବଳଦ ଉପରେ ନଡ଼ିଆ ଗଛ ପଡ଼ିବାରୁ ତା'ର ମୃତ୍ୟୁ ଘଟିଥିଲା। ସେହିପରି ଖାରିଆଗୁଡା ପଞ୍ଚାୟତ ମହୁଲ ବାଡ ଗ୍ରାମର ମାଲୁ ଶବର ଓ ସୀମା ଶବରଙ୍କ ଦୁଇଟି ବଳଦ ବଜ୍ରପାତରେ ପ୍ରାଣ ହରାଇଛନ୍ତି।





# ଡ. ସୁନାମଣି ରାଉତଙ୍କ କବିତା ପ୍ରଶଂସିତ



କଟକ,୫।୪(ସମିସ): ନୂଆଦିଲ୍ଲୀସ୍ଥିତ କେନ୍ଦ୍ର ସାହିତ୍ୟ ଅକାଦେମୀ ପକ୍ଷରୁ ଆୟୋଜିତ ଛଅ ଦିନିଆ ସାହିତ୍ୟ ଉତ୍ସବର ଉଦଯାପନୀ ଦିବସରେ ଓଡ଼ିଆ ଶିଶୁ ସାହିତ୍ୟର ଝଲକ ଦେଖିବାକୁ ମିଳିଛି। "ବାଲ୍ ସାହିତ୍ୟର ସ୍ୱତନ୍ତ୍ର ପରିଚୟ ଫେରିପାଇବା" ଶୀର୍ଷକରେ ଆୟୋଜିତ ଏହି ଶିଶୁ କବିତା ପାଠ କାର୍ଯ୍ୟକ୍ରମରେ ଓଡ଼ିଆ କବି ଡ. ସୁନାମଣି ରାଉତଙ୍କ କବିତା ଉଚ୍ଚ ପ୍ରଶଂସିତ ହୋଇଛି। ଏହି ସାରସ୍ୱତ ସମାରୋହରେ ଓଡ଼ିଆ ଭାଷାରେ ଡ. ସୁନାମଣି ରାଉତଙ୍କ ସମେତ ପଞ୍ଜାବୀ, ରାଜସ୍ଥାନୀ, ସାନ୍ତାଳୀ ଏବଂ ସିନ୍ଧୀ ଭାଷାର ବିଶିଷ୍ଟ ଶିଶୁ ସାହିତ୍ୟିକମାନେ ଯୋଗଦେଇଥିଲେ। ସମସ୍ତ କବି ନିଜ ନିଜ ମାତୃଭାଷା ସହିତ ହିନ୍ଦୀରେ ରୂପାନ୍ତରିତ କବିତା ପାଠ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ଅବସରରେ ଡ. ରାଉତଙ୍କ କବିତାକୁ ଏଆଇ ବା କୃତ୍ରିମ ବୁଦ୍ଧିମତା ମାଧ୍ୟମରେ ଏକ ନୂତନ ରୂପରେ ପ୍ରଦର୍ଶିତ କରାଯାଇଥିଲା, ଯାହା ଉପସ୍ଥିତ ସାହିତ୍ୟିକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ବିଶିଷ୍ଟ ଶିଶୁ ସାହିତ୍ୟିକା ଶକୁନ୍ତଳା କଲ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ର ସାହିତ୍ୟ ଅକାଦେମୀର କାର୍ଯ୍ୟକ୍ରମ ଅଧିକାରୀ ପଙ୍କଜ ସେଠ୍ ଏବଂ ବିଭିନ୍ନ ଭାଷାର ପ୍ରତିଷ୍ଠିତ ସାହିତ୍ୟିକମାନେ ଉପସ୍ଥିତ ଥିଲେ। ଜାତୀୟସ୍ତରରେ ଓଡ଼ିଆ ଶିଶୁ ସାହିତ୍ୟର ଏହି ସଫଳତା ସାହିତ୍ୟ ଜଗତ ପାଇଁ ଏକ ଗୌରବର ବିଷୟ ବୋଲି ମତ ପ୍ରକାଶ ପାଇଛି।

## ନିରବଦ୍ରଷ୍ଟା ସାଜିଛି କମିସନରେଟ୍ ପୁଲିସ

# ଫେରାର୍ ଅଛନ୍ତି ୧୨ ଦୁର୍ଦ୍ଦାନ୍ତ ଅପରାଧୀ

- ୨୦୨୫ରେ ଗ୍ୟାଙ୍ଗଷ୍ଟର ଗିରଫଦାରୀ ଶୂନ୍ୟ
- ୨୦୨୬ର ପ୍ରଥମ ୩ ମାସରେ ବି ସମାନ ସ୍ଥିତି
- ୧୬୮ ତାଲିକା ମଧ୍ୟରୁ ମାତ୍ର ୨୦ ପ୍ରତିଶତ ଗିରଫ
- ପୁଲିସର 'ଗୁପ୍ତ ଅଭିଯାନ' କେବଳ କାଗଜ କଲମରେ!

କଟକ,୫।୪(ସମିସ):

କଟକ ସହରରେ ଅପରାଧ ନିୟନ୍ତ୍ରଣ ପାଇଁ କମିସନରେଟ୍ ପୁଲିସ ପ୍ରସ୍ତୁତ କରିଥିବା ମାଷ୍ଟର ପ୍ଲାନ୍ ଏବେ ଫେଲ୍ ମାରିଥିବା ପରିଲକ୍ଷିତ ହେଉଛି। ବିଶେଷକରି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଇଥିଲେ ହେଁ, ବାସ୍ତବ କ୍ଷେତ୍ରରେ ଗିରଫଦାରୀ ସଂଖ୍ୟା ଅତି ନଗଣ୍ୟ। ଗ୍ୟାଙ୍ଗଷ୍ଟର ସକିଲ୍ ଓ ତାର ୬ ଜଣ ସହଯୋଗୀଙ୍କୁ ଗିରଫ କରାଯିବା ପରେ ପୁଲିସ ପକ୍ଷରୁ ଅନ୍ୟ ୧୨ ଜଣ ପ୍ରମୁଖ ଗ୍ୟାଙ୍ଗଷ୍ଟରଙ୍କୁ ଗିରଫ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା ଏବଂ ସେମାନଙ୍କ ବିରୋଧରେ "ତଡ଼ିପାର୍ ନିର୍ଦ୍ଦେଶ ମଧ୍ୟ ରହିଥିଲା। ମାତ୍ର ଏହା ଭିତରେ ଦୁଇ ବର୍ଷ ବିତିଯାଇଥିଲେ ହେଁ ପୁଲିସ ସେମାନଙ୍କୁ ଛୁଇଁ ପାରିନାହିଁ। ପୁଲିସ ଏହି ଅପରାଧୀମାନଙ୍କୁ ଗୁପ୍ତ ଢଙ୍ଗରେ ଧରିବାକୁ କହୁଥିବା ବେଳେ ଏବେ ବି ସେମାନେ ନିର୍ଭୟରେ ସହର ମଧ୍ୟରେ ଚଳପ୍ରଚଳ ହେଉଥିବା ଅଭିଯୋଗ ଉଠିଛି। ପୁଲିସର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ପୂର୍ବରୁ ଗିରଫଦାରୀ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସମ୍ଭବ ହୋଇ ନ ଥିବା ବେଳେ ଖୁବଶୀଘ୍ର ସେମାନଙ୍କୁ କାବୁ କରାଯିବ।


ସୂଚନାଯୋଗ୍ୟ ଯେ ସହରର ବିଭିନ୍ନ ଥାନା ଅଞ୍ଚଳରେ ଦାଦାବଟି, ଜୁଲମ ଓ ଗଣ୍ଡଗୋଳରେ ଲିପ୍ତ ଥିବା ପେଶାଦାର ଅପରାଧୀଙ୍କୁ ଜେଲ୍ ପଠାଇବା ପାଇଁ ପୁଲିସ ଏକ ବିସ୍ତୃତ ଅଭିଯାନ ଆରମ୍ଭ କରିଥିଲା। ନିର୍ବାଚନ ପୂର୍ବରୁ ସହରର ୬ଟି ଜୋନ୍‌ରୁ ମୋଟ ୧୬୮ ଜଣ ଅପରାଧୀଙ୍କ ତାଲିକା ପ୍ରସ୍ତୁତ ହୋଇଥିଲା (ଜୋନ୍-୧: ୩୭, ଜୋନ୍-୨: ୨୯, ଜୋନ୍-୩: ୨୫, ଜୋନ୍-୪: ୩୦, ଜୋନ୍-୫: ୨୫ ଏବଂ ଜୋନ୍-୬: ୨୨)। ମାତ୍ର ଦୁଃଖର ବିଷୟ ଏହି ଯେ, ପୁଲିସ ଏହି ତାଲିକାରୁ ମାତ୍ର ୨୦ ପ୍ରତିଶତ ଅପରାଧୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଯଦିଓ ପୁଲିସ ଫୋନ୍ ଟ୍ରାକିଂ ଓ ବିଭିନ୍ନ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଅପରାଧୀଙ୍କ ଉପରେ ନଜର ରଖିଥିବା ଏବଂ ରାତ୍ରିକାଳୀନ ବ୍ଲକିଂ-ଚେକିଂ କଡ଼ାକଡ଼ି କରୁଥିବା ଦାବି କରୁଛି, ତଥାପି ମୁଖ୍ୟ ୧୨ ଜଣ ଗ୍ୟାଙ୍ଗଷ୍ଟର ଏବେ ବି ପୁଲିସ ଆଖିରେ ଧୂଳି ଦେଇ ଫେରାର୍ ଅଛନ୍ତି। କେବଳ ଛୋଟମୋଟ ଅପରାଧୀ ଓ ଜାମିନବିହୀନ ଗିରଫ ପରୱାନା ଥିବା ବ୍ୟକ୍ତିଙ୍କୁ ଗିରଫ କରି ପୁଲିସ ନିଜ ଦାୟିତ୍ୱ ସାରିଦେଉଛି। ଫଳରେ ସହରର ସାଧାରଣ ଜନତାଙ୍କ ମଧ୍ୟରେ ଅସୁରକ୍ଷା ମନୋଭାବ ବୃଦ୍ଧି ପାଉଛି।

# ହୋମିଓପ୍ୟାଥ୍ ଚିକିତ୍ସକ ପ୍ରହଲ୍ଲାଦ ମହାନ୍ତିଙ୍କ ପରଲୋକ



କଟକ,୫।୪(ସମିସ): ବିଶିଷ୍ଟ ହୋମିଓପ୍ୟାଥ୍ ଚିକିତ୍ସକ ପ୍ରହଲ୍ଲାଦ ପ୍ରସାଦ ମହାନ୍ତିଙ୍କ ରବିବାର ଏକ ଘରୋଇ ଚିକିତ୍ସାଳୟରେ ହୃଦଘାତରେ ପରଲୋକ ଘଟିଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଜଣେ ସୁନାମଧନ୍ୟ ଡାକ୍ତର ଭାବେ ପରିଚିତ ଶ୍ରୀ ମହାନ୍ତି ନିଜର ସରଳ ବ୍ୟବହାର, ମେଳାପୀ ପ୍ରକୃତି ଓ ମିଷ୍ଟଭାଷୀ ଗୁଣ ପାଇଁ ସ୍ଥାନୀୟ ଅଞ୍ଚଳରେ ବେଶ୍ ଲୋକପ୍ରିୟ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ମହାନଦୀବିହାର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ମହାନଦୀବିହାରସ୍ଥିତ ବାସଭବନକୁ ଅଣାଯିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ତାଙ୍କର ଶେଷ ଦର୍ଶନ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ମୈତ୍ରୀରାଣୀ ବିଶ୍ୱାଳ, ଶାଳକ ତଥା ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଏବଂ ଅନ୍ୟାନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ

# କବି ଭାଗବତ ମହାନ୍ତିଙ୍କ ଦୁଇଟି କବିତା ସଙ୍କଳନ ଉନ୍ମୋଚିତ



କଟକ,୫।୪(ସମିସ): ସ୍ଥାନୀୟ ସାରସ୍ୱତ ପୀଠ ସାରଳା ଭବନରେ ରବିବାର ପୂର୍ବାହ୍ନରେ ବିଶିଷ୍ଟ କବି ଭାଗବତ ମହାନ୍ତିଙ୍କ ଦୁଇଟି ନୂତନ କବିତା ସଙ୍କଳନ "ସଦଭାବନା ପଥେ' ଓ "ମାନସପକ୍ଷୀ' ଉନ୍ମୋଚିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି ଡ. ଇଂ ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସଭାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଅରୁଣ କୁମାର ପରିଚ୍ଛା ମୁଖ୍ୟ ଉଦ୍‌ଘାଟକ ଭାବେ ଯୋଗଦେଇ ପୁସ୍ତକ ଦ୍ୱୟକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଜଷ୍ଟିସ ଶ୍ରୀ ପରିଚ୍ଛା କହିଥିଲେ ଯେ ଯେଉଁ କବିତା ଅନ୍ତରକୁ ସ୍ପର୍ଶ କରେ ତାହା ହିଁ ପ୍ରକୃତ ସାହିତ୍ୟ ଏବଂ ଶ୍ରୀ ମହାନ୍ତିଙ୍କ କବିତା ପାଠକଙ୍କ ହୃଦୟ ଜିଣିବାରେ ସମର୍ଥ ହେବ। ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ କହିଥିଲେ ଯେ କବିତାଗୁଡ଼ିକରେ ଆତ୍ମବୋଧ ଓ ଭାବାବେଗକୁ ଅତି ସରଳ ତଥା କଳାତ୍ମକ ଶୈଳୀରେ ଉପସ୍ଥାପନ କରାଯାଇଛି। ମୁଖ୍ୟବକ୍ତା ଡ. ସଞ୍ଜିତା ମିଶ୍ର କବିଙ୍କ ଲେଖନୀରେ ସତ୍ୟାନୁଭୂତି, ପ୍ରକୃତି ଓ ଆଧ୍ୟାତ୍ମିକତାର ସୁନ୍ଦର ସମନ୍ୱୟ ଘଟିଛି ବୋଲି ମତବ୍ୟକ୍ତ କରିଥିଲେ। କବି ଭାଗବତ ମହାନ୍ତି ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିବା ବେଳେ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ପ୍ରଫେସର ନର୍ମଦା କୁମାରୀ ପରିଡ଼ା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ମୃତିରେଖା ନାୟକ ଓ ସହଯୋଗୀଙ୍କ ଦ୍ୱାରା ଉତ୍କଳ ବନ୍ଦନା ଗାନ କରାଯାଇଥିଲା।

# ମିଶନ ରୋଡ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ 'ଥିଙ୍କ ସ୍ପ୍ରିଙ୍ଗ'

କଟକ, ୫।୪(ସମିସ): ବସନ୍ତର ଆଗମନରେ ପଲ୍ଲବିତ ହୁଏ ଧରା। ଋତୁରାଜ ଆମନ୍ତ୍ରିତ କରେ ଅନ୍ୟ ଋତୁମାନଙ୍କୁ। ମନରେ ଭରିଯାଏ ଅନେକ ଆଶା ଭରସା। ସେହିଭଳି ନୂତନ କରି ସେଣ୍ଟ ଜାଭିୟର୍ସ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ଗଢ଼ିଉଠିଥିବା ମିଶନ ରୋଡସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଭରିଛି ପିଲାମାନଙ୍କ ଭିତରେ ନୂତନ ଆଶା। ବିଦ୍ୟାଳୟର ପରିବେଶ ସୃଷ୍ଟି କରିଛି ବିଭିନ୍ନତା ମଧ୍ୟରେ ଏକତା। ଜାତି ଧର୍ମ ନିର୍ବିଶେଷରେ ବିଦ୍ୟାଳୟର ମୂଳ ଲକ୍ଷ୍ୟ ହେଉଛି ନୈତିକ ଶିକ୍ଷା। ଏହି ନୈତିକ ଶିକ୍ଷା ବିଦ୍ୟାର୍ଥୀଙ୍କୁ ଏକ ସୁନ୍ଦର ଭାରତ ଗଠନ କରିବାରେ ସହାୟକ ହେବ ବୋଲି ବିଦ୍ୟାଳୟ ପରିସରରେ ଆୟୋଜିତ ଥିଙ୍କ୍ ସ୍ପ୍ରିଙ୍ଗ କାର୍ଯ୍ୟକ୍ରମରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥି ଭାବେ ମେୟର ସୁବାସ ସିଂ ଶିକ୍ଷା ବର୍ଷ ଆରମ୍ଭ ପୂର୍ବରୁ ବିଦ୍ୟାଳୟ ଦ୍ୱାରା ଆୟୋଜିତ ଏଭଳି କାର୍ଯ୍ୟକ୍ରମ ଏକ ନିଆରା ପରମ୍ପରା ବୋଲି ମତ ରଖିଥିଲେ। ଉଦ୍‌ଘାଟକ ଭାବେ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଡକ୍ଟର ପ୍ରଭୁଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ହାଇକୋର୍ଟ ବାର୍ ଆସୋସିଏସନ୍ ସମ୍ପାଦକ ହୃଦାନନ୍ଦ ମହାପାତ୍ର ଯୋଗ ଦେଇଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ରୂପା ମିଶ୍ର ସଂଯୋଜନା କରିଥିଲେ। ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି, ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି, ସହ ନିର୍ଦ୍ଦେଶିକା ଆୟେଶା ମହାନ୍ତି, ସହକାରୀ ନିର୍ଦ୍ଦେଶକ ସମର୍ଥ ମହାନ୍ତି ଉପସ୍ଥିତ ଥିଲେ। ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ବାସନ୍ତିକ କରିଦେଇଥିଲା। ଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# 'ନାଦ ନିନାଦ' ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ



କଟକ,୫।୪(ସମିସ): ଶ୍ରୀରାମଚନ୍ଦ୍ର ଭବନରେ ରବିବାର ସକାଳେ "ନାଦ ନିନାଦ' ଅନୁଷ୍ଠାନ ପକ୍ଷରୁ ଏକ ଭବ୍ୟ ପ୍ରାତଃକାଳୀନ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ଓ ପ୍ରସାର ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସ୍ତମ୍ଭକାର ତଥା "ସମାଜ'ର ପୂର୍ବତନ ସମ୍ପାଦକ ଡଃ ସତ୍ୟ ରାୟ, ଆକାଶବାଣୀର ପୂର୍ବତନ କାର୍ଯ୍ୟକ୍ରମ ନିଷ୍ପାଦକ ସୁମିତ୍ରା ମହାପାତ୍ର ଏବଂ ଗୌର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଗଣେଶ ବନ୍ଦନା ଗାନ କରିଥିଲେ। ଏହାପରେ ଶିଳ୍ପୀ ଗୋପାଳକୃଷ୍ଣ ସାହୁ "ରାଗ ମୋଡ଼ି', ଦେବସ୍ମିତା ମିଶ୍ର "ରାଗ ଅହିର ଭୈରବ', ସୁବର୍ଣ୍ଣରେଖା ପ୍ରଧାନ "ରାଗ ବାହାର' ଏବଂ ରିତିକା ସ୍ୱାଇଁ "ରାଗ ନଟ ଭୈରବ' ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଛାତ୍ରଛାତ୍ରୀମାନେ ସାମୂହିକ ଭାବେ "ରାଗ ତିଲକକାମୋଦ' ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ହାର୍ମୋନିଅମ୍‌ରେ ଏ. ନାରାୟଣ ରାଓ, ବିଶ୍ୱନାଥ ମିଶ୍ର ଏବଂ ତବଲାରେ ଯୋଗେନ୍ଦ୍ରନାଥ ସ୍ୱାଇଁ ସହଯୋଗ କରିଥିଲେ। ବିଶିଷ୍ଟ ସଙ୍ଗୀତ ବିଦୂଷୀ ପଦ୍ମଶ୍ରୀ ଡଃ ଶ୍ୟାମାମଣି ଦେବୀ ସମସ୍ତ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୁରୁ ଶ୍ରୀ ଏ. ମହେଶ୍ୱର ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଶିଷ୍ଟ ଉଦ୍‌ଘୋଷକ ବିଚିତ୍ରାନନ୍ଦ ପଣ୍ଡା ପରିଚାଳନା କରିଥିଲେ। ସୁଜନ ରାୟ ଚୌଧୁରୀ, ମିଳନ ପରିଡ଼ା ଓ ବିଜୟ ସ୍ୱାଇଁ ସହଯୋଗ କରିଥିଲେ।

# ନେତାଜୀ ସୁଭାଷ ଜୟନ୍ତୀ କମିଟି ପକ୍ଷରୁ ଚିତ୍ରକଳା କର୍ମଶାଳା



କଟକ,୫।୪(ସମିସ): ନେତାଜୀ ସୁଭାଷ ଜୟନ୍ତୀ କମିଟି ଓ କଟକ ଦୁର୍ଗାବାଡ଼ି ସମିତିର ମିଳିତ ଆନୁକୂଲ୍ୟରେ ଦୁର୍ଗାବାଡ଼ିଠାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଗୌତମ ମୁଖାର୍ଜୀ ଉଦଘାଟନ କରିଥିଲେ। ଚିତ୍ରଶିଳ୍ପୀ ରବି ନାରାୟଣ ରଥ, ସତ୍ୟ ଓଝା, ଡ. ଶୁଭ୍ରା ରୟ, ଦୀପକ ବିଶ୍ୱାଳ ଏହାକୁ ପରିଚାଳନା କରିଥିଲେ। କର୍ମଶାଳା ଆରମ୍ଭରେ କମିଟିର ଉପସଭାପତି ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜଙ୍କ ସଭାପତିତ୍ୱରେ ନେତାଜୀଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇ ନେତାଜୀଙ୍କ ଜୀବନୀ ସମ୍ପର୍କରେ ସମ୍ୟକ୍ ଆଲୋକପାତ କରାଯାଇଥିଲା। କମିଟିର ସମ୍ପାଦକ ବବି ବଳବନ୍ତରାୟ, ଶିକ୍ଷାବିତ ଡ. ଅର୍ଜୁନ ବିଶ୍ୱାଳ, ରଞ୍ଜନ ଲେଙ୍କା, ପ୍ରଫେସର ଆଲୋକେଶ ରୟ, ଡ. ଜୟଶ୍ରୀ ଷଡଙ୍ଗୀ, ଡ. ସ୍ନେହଲତା ମିଶ୍ର, ବିଶିଷ୍ଟ ଆଇନଜୀବୀ ସୋମା ପଟ୍ଟନାୟକ, ସୁବାଷ ଚନ୍ଦ୍ର ପ୍ରଧାନ, ସାହିତ୍ୟିକ ଅକ୍ଷୟ ରାଉଳ, ସାମାଜିକ କର୍ମୀ ମଞ୍ଜୁଲତା ଜେନା, ହୃଷିକେଶ ବଳ ତଥା କମିଟିର କୋଷାଧ୍ୟକ୍ଷ ବିନୋଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କଟକ ଦୁର୍ଗାବାଡ଼ି ସମିତିର ସଦସ୍ୟ ରାଜନାଥ ରୟ, ତପେନେଶ ରାୟ, ପାର୍ଥ ବାସୁମାଲିକ, ଶ୍ୟାମଳ କର୍ମକାର, ଗୌତମ ରାୟ, କାନୁ ଗୋପାଳ ଚକ୍ରବର୍ତ୍ତୀ, ଗିରିନ୍ଦ୍ର ନାରାୟଣ ଘୋଷ, ସୋମ୍ୟଦେବ ରାୟ, ଇଶାନି ମିତ୍ର ଏବଂ ତ୍ରିଦିବ ସରକାର ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ଓ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଡ. ସତ୍ୟ ରାୟଙ୍କୁ 'ଉତ୍କଳମଣି ଗୋପବନ୍ଧୁ ଫେଲୋ' ସମ୍ମାନ



କଟକ,୫।୪(ସମିସ): ବରିଷ୍ଠ ସାମ୍ବାଦିକ ତଥା ବିଶିଷ୍ଟ ସାମାଜିକ କର୍ମକର୍ତ୍ତା ଡ. ସତ୍ୟରାୟଙ୍କୁ ତାଙ୍କର ଉଲ୍ଲେଖନୀୟ ସାମାଜିକ ସେବା ପାଇଁ 'ଉତ୍କଳମଣି ଗୋପବନ୍ଧୁ ଫେଲୋ' ସମ୍ମାନ ପ୍ରଦାନ କରାଯାଇଛି। କଟକ ୱାକର୍ସ କ୍ଲବ ପକ୍ଷରୁ ଆୟୋଜିତ ଏକ ସୌଜନ୍ୟମୂଳକ ସାକ୍ଷାତକାର ଅବସରରେ ଡ. ରାୟଙ୍କୁ ଏହି ଗୌରବ ସୂଚକ ଉପାଧିରେ ଭୂଷିତ କରାଯାଇଛି। କ୍ଲବ୍‌ର ସଭାପତି ପ୍ରଫେସର ଡା. ଜୟନ୍ତ ପଣ୍ଡା ଏବଂ ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ରଙ୍କ ପରାମର୍ଶକ୍ରମେ ଉପସଭାପତି ପ୍ରଫୁଲ୍ଲ ସାହୁ ଡ. ରାୟଙ୍କୁ ଭେଟି ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ଅଭିନନ୍ଦନ ଜ୍ଞାପନ କରିଥିଲେ। ସମାଜସେବା କ୍ଷେତ୍ରରେ ତାଙ୍କର ନିରନ୍ତର ପ୍ରଚେଷ୍ଟା ଓ ସାମ୍ବାଦିକତା ଜରିଆରେ ଜନସଚେତନତା ସୃଷ୍ଟି କରିବାରେ ତାଙ୍କର ଭୂମିକାକୁ କ୍ଲବ୍ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ପାଇଁ ଡ. ରାୟ କ୍ଲବ୍‌ର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ଡକ୍ଟର ରାୟଙ୍କ ସହିତ କ୍ଲବ୍‌ର ଅନ୍ୟତମ ପୁରୁଖା ସଦସ୍ୟ ଶ୍ୟାମ ସୁନ୍ଦର ସାହୁଙ୍କୁ ମଧ୍ୟ ସମାନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ପରେ ସହରର ବିଭିନ୍ନ ମହଲରୁ ଉଭୟ ବ୍ୟକ୍ତିତ୍ୱଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଏୟାରଫୋର୍ସ ଆସୋସିଏସନ ପକ୍ଷରୁ ଉତ୍କଳ ଦିବସ



କଟକ,୫।୪(ସମିସ): ଏୟାରଫୋର୍ସ ଆସୋସିଏସନ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଏୟାର କମାଣ୍ଡର ଅରବିନ୍ଦ ମହାନ୍ତି ଓ ସ୍ମୃତି ମହାନ୍ତି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ବରପୁତ୍ରଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଡଃ ସୌମ୍ୟ ଶୁଭଦର୍ଶିନୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିନିୟର ଭେଟରାନ୍ ଶ୍ରୀ ମଙ୍ଗରାଜ, ହୃଷିକେଶ ସ୍ୱାଇଁ, ନବକିଶୋର ସାହୁ, ଜଗଦିଶ ସାମଲ, ବିଭୂତି ପଟ୍ଟନାୟକ, ସାମନ୍ତ ଶ୍ରୀକାନ୍ତ, ବିମଳ ଜେନା, ରବିନ୍ଦ୍ର ପଣ୍ଡା, ପବିତ୍ର ସାହୁ ଏବଂ କୃତିବାସ ମିଶ୍ର ଉପସ୍ଥିତ ଥିଲେ। ରବୀନ୍ଦ୍ରନାଥ ଟାଗୋରଙ୍କ ଗୀତ "ଅକେଲା ଚଲୋ'ର ଓଡ଼ିଆ ଅନୁବାଦ, ସଞ୍ଜୟ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ସଙ୍ଗୀତ 'ଏକଲା ଚାଲରେ'କୁ ଇଂ ଗଦାଧର ଗୁମାନସିଂହ ପରିବେଷଣ କରିଥିଲେ।

# କଟକରେ ଜିଲ୍ଲାସ୍ତରୀୟ 'ଐତିହ୍ୟ ଗଣଦୌଡ଼'





କଟକ,୫।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ କଟକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଏକ ବିଶାଳ "ଐତିହ୍ୟ ଗଣଦୌଡ଼' ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ଦୌଡ଼ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରୁ ବାହାରି ଗଡ଼ଖାଇ, ଦୟା ଆଶ୍ରମ ଓ ବିଜୁ ପଟ୍ଟନାୟକ ଛକ ଦେଇ ପୁନଶ୍ଚ ଷ୍ଟାଡିୟମରେ ପହଞ୍ଚିଥିଲା। ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ ଏହି ଐତିହ୍ୟ ଦୌଡ଼ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ, ବରଂ ଆମର ଗୌରବମୟ ଅତୀତ ସହ ନୂତନ ପିଢ଼ିକୁ ଯୋଡ଼ିବାର ଏକ ସଶକ୍ତ ମାଧ୍ୟମ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ ବେହେରାଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୨୫୦ରୁ ଅଧିକ ଛାତ୍ରଛାତ୍ରୀ ଓ ସରକାରୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଅଲିମ୍ପିକ ଆସୋସିଏସନ ସମ୍ପାଦକ ଅଭିଜିତ ପାଲ, ବାସ୍କେଟବଲ ଆସୋସିଏସନ ସଭାପତି ଜ୍ଞାନରଞ୍ଜନ ପରିଡ଼ା, ସାଇକଲିଙ୍ଗ ଆସୋସିଏସନ ସମ୍ପାଦକ ପ୍ରସନ୍ନ ରାଉତ ଏବଂ ଷ୍ଟାଡିୟମର ଅଫିସର-ଇନ-ଚାର୍ଜ ଗଙ୍ଗାଧର ବେହେରା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

## ଓଡ଼ିଆ ଠିକାଦାରଙ୍କୁ ଅଣଦେଖା ଓ 'ଅସ୍ମିତା'କୁ ହତ୍ୟା

# କାଠଯୋଡ଼ି ସେତୁ ନିର୍ମାଣରେ ଦାଗୀ କମ୍ପାନୀ

- ସରକାରଙ୍କୁ ଘେରିଲା ସିପିଆଇ-ଏମ୍
- ବିହାରରେ ଦୁଇଥର ପୋଲ ଭୁଶୁଡ଼ାଇଥିବା ସଂସ୍ଥାକୁ ୨୨୦ କୋଟିର କାମ

କଟକ, ୫।୪ (ସମିସ):

କାଠଯୋଡ଼ି ନଦୀରେ ପ୍ରସ୍ତାବିତ ସେତୁ ନିର୍ମାଣ ପାଇଁ କରାଯାଇଥିବା ଟେଣ୍ଡର ପ୍ରକ୍ରିୟାକୁ ନେଇ ଏବେ ରାଜନୈତିକ ସରଗରମ ବୃଦ୍ଧି ପାଇଛି। ହରିୟାଣାର ବିବାଦୀୟ କମ୍ପାନୀ "ଏସ.ପି. ସିଙ୍ଗଲା କନଷ୍ଟ୍ରକସନ'କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସିପିଆଇ (ଏମ୍) କଟକ ଜିଲ୍ଲା କମିଟି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏହି ଟେଣ୍ଡର ପ୍ରକ୍ରିୟା କେବଳ ଏକ ପ୍ରହସନ ଏବଂ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଦାଗୀ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି ବୋଲି ଦଳ ଅଭିଯୋଗ କରିଛି।

ବିଭିନ୍ନ ପୂର୍ବ ତଥ୍ୟକୁ ଆଧାର କରି ସିପିଆଇ(ଏମ୍) ଦର୍ଶାଇଛି ଯେ ଏହି କମ୍ପାନୀ ବିହାରର ସୁଲତାନଗଞ୍ଜ-ଖଗରୀଆ ସେତୁ ନିର୍ମାଣ ଦାୟିତ୍ୱରେ ଥିବାବେଳେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁଁ ସେଠାରେ ପୋଲ ଦୁଇ ଦୁଇ ଥର ଭୁଶୁଡ଼ି ପଡ଼ିଥିଲା। ଏହି ଘଟଣାରେ ପାଟଣା ହାଇକୋର୍ଟ ମଧ୍ୟ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏଭଳି ଏକ "ପୋଲ ଭୁଶୁଡ଼ାଇବା ଅଭ୍ୟାସଗତ' କମ୍ପାନୀକୁ ଓଡ଼ିଶା ସରକାର କେଉଁ ଆଧାରରେ ୨୨୦ କୋଟି ଟଙ୍କାର କାର୍ଯ୍ୟ ପ୍ରଦାନ କଲେ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ଅନୁଯାୟୀ, ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ବ୍ଲକସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସ୍ଥାନୀୟ ଓଡ଼ିଆ ଠିକାଦାରମାନେ ଅଣଦେଖାର ଶିକାର ହେଉଛନ୍ତି। ହରିୟାଣା, ବିହାର ଓ ଛତିଶଗଡ଼ ଭଳି ବିଜେପି ଶାସିତ ରାଜ୍ୟର ଠିକଦାରମାନେ ଓଡ଼ିଶାର ସିଂହଭାଗ କାମ ହାତେଇ ନେଉଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାର ସୁପର ଶ୍ରେଣୀ ଠିକାଦାରମାନେ ଶାସକ ଦଳର ନେତା ଓ କର୍ମୀଙ୍କ ନିର୍ଯାତନା ସହି ନ ପାରି କାମ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଏହା "ଓଡ଼ିଆ ଅସ୍ମିତା' ଉପରେ ଏକ ବଡ଼ ପ୍ରହାର ବୋଲି ଦଳ କହିଛି। ଓଡ଼ିଶାର ରାଜସ୍ୱ ଓ ସାଧାରଣ ଜନତାଙ୍କ ଜୀବନର ସୁରକ୍ଷା ପାଇଁ ଏହି ଦାଗୀ କମ୍ପାନୀକୁ ତୁରନ୍ତ ସେତୁ ନିର୍ମାଣ ଦାୟିତ୍ୱରୁ ମୁକ୍ତ କରିବାକୁ ସିପିଆଇ (ଏମ୍) କଟକ ଜିଲ୍ଲା କମିଟି ସମ୍ପାଦକ ତଥା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ବଦ୍ରି ନାରାୟଣ ଦାଶ ଦାବି କରିଛନ୍ତି। ଦିଲ୍ଲୀର ଖାଉନ୍ଦମାନଙ୍କୁ ସନ୍ତୁଷ୍ଟ ନ କରି ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି।



## ରାଜା ସାହାଣୀକୁ ନେଇ ୪ ରାଜ୍ୟ ପୁଲିସର ତନାଘନା

# ପର୍ଦ୍ଦାଫାସ ହେବ ଚୋରା ସୁନା ବିସ୍କୁଟ୍ ସିଣ୍ଡିକେଟ୍






- ନେପାଳ ଦେଇ ବିଭିନ୍ନ ଦେଶକୁ ଚାଲାଣ ହେଉଥିଲା ବେଆଇନ୍ ସୁନା ବିସ୍କୁଟ୍
- ୮ ଦିନିଆ ରିମାଣ୍ଡରେ ଆସିବ ଦୁର୍ଦ୍ଦାନ୍ତ ରାଜା ଓ ମଧୁକାନ୍ତ: ମୁହାଁମୁହିଁ କରାଯିବ ଜେରା
- ଓଡ଼ିଶା ଲିଙ୍କ୍‌ରେ ଆଉ କେଉଁ ଅଭିଯୁକ୍ତ ଅଛନ୍ତି, ତାହାର ହେଉଛି ଖୋଳତାଡ଼୍

କଟକ, ୫।୪(ସମିସ): ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିବା ବିହାରର ଦୁର୍ଦ୍ଦାନ୍ତ ଅପରାଧୀ ଶୁଭମ୍ ଓରଫ ରାଜା ସାହାଣୀ ଦୀର୍ଘ ୬ମାସ ପରେ ପୁଲିସ ହାତରେ ଧରାପଡ଼ି ଚୌଦ୍ୱାର ଜେଲ୍‌ରେ ରହିଛି। ତାକୁ ଜେରା କରିବା ପାଇଁ ୪ଟି ରାଜ୍ୟର ପୁଲିସ କଟକ ଆସୁଛନ୍ତି। କମିଶନରେଟ୍ ପୁଲିସ ରାଜାକୁ ୮ଦିନିଆ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଅବେଦନ କରିଛି। ଅଭିଯୁକ୍ତ ମଧୁକାନ୍ତକୁ ବି ରିମାଣ୍ଡରେ ଅଣାଯାଇ ରାଜା ସହିତ ସାମ୍ନାସାମ୍ନି ଜେରା କରାଯିବ ବୋଲି ସୂଚନା ମିଳିଛି। ମୁଖ୍ୟତଃ ଗହଣା ଡକାୟତି, ସୁନା ବିସ୍କୁଟ କାରବାର ଏବଂ ଏହାର ବିଦେଶ ଲିଙ୍କ୍‌ର ଖୋଳତାଡ଼୍ କରାଯାଉଛି। ବିହାର, କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ ଓ ଝାଡ଼ଖଣ୍ଡରେ ୧୦୦କୋଟି ଅଧିକ ଟଙ୍କାର ସୁନା ଅଳଙ୍କାର ଡକାୟତି ହୋଇଛି। ଅଭିଯୁକ୍ତ ରାଜା ନେତୃତ୍ୱରେ ଗଠିତ ଟିମ୍ ୨୦ କୋଟି ଟଙ୍କାର ସୁନା ଅଳଙ୍କାର ମାରଣାସ୍ତ୍ର ଦେଖାଇ ଡକାୟତି କରିଛନ୍ତି। ଏହି ସୁନାକୁ ତରଳା ଯାଇ ପ୍ରଥମେ ବିସ୍କୁଟ୍ ବନାଯାଉଥିଲା। ଏହା ପରେ ନେପାଳ ରାସ୍ତା ଦେଇ ବିଭିନ୍ନ ଦେଶକୁ ବେଆଇନ୍ ସୁନା କାରବାର କରାଯାଉଥିଲା। ବେଆଇନ୍ ସୁନା ବିସ୍କୁଟ୍ କାରବାର ସିଣ୍ଡିକେଟ୍‌ରେ ରାଜା ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲା। ଏହି ସିଣ୍ଡିକେଟ୍‌ରେ ୧୦୦ଜଣ ସକ୍ରିୟ ଅପରାଧି ଥିବା ପୁଲିସ ଜାଣିବାକୁ ପାଇଛି। ତେବେ ଏହାର ମାଷ୍ଟର୍‌ମାଇଣ୍ଡ କିଏ? ତାହାକୁ ଖୋଜୁଛି ୪ଟି ରାଜ୍ୟର ପୁଲିସ। ନେପାଳ ଦେଇ ଡକାୟତି କରାଯାଉଥିବା ସୁନାକୁ ବିସ୍କୁଟ୍ ବନାଯାଇ କେଉଁ ଦେଶକୁ ଏବଂ କାହା ପାଖକୁ ପଠାଯାଉଥିଲା, ତାହାର ଲିଙ୍କ୍ ଖୋଜାଯାଉଛି। ରାଜା ରିମାଣ୍ଡରେ ଆସିବ ପରେ ତମାମ ଘଟଣା ଉପରୁ ପରଦା ହଟିବ। ଏ ସମ୍ପର୍କରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କୁ ପଚାରିବାରୁ ସେ କହିଛନ୍ତି, ସୁନା ଡକାୟତି ଏବଂ ସୁନା ଚାଲାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ରାଜା ସାହାଣୀକୁ କଟକ ପୁଲିସ ସମେତ ୪ଟି ରାଜ୍ୟ ପୁଲିସ ଜେରା କରିବେ। ଏହାପରେ ପ୍ରକୃତ ସତ୍ୟାସତ ସାମ୍ନାକୁ ଆସିବ।

ମିଳିଥିବା ସୂଚନା ଅନୁସାରେ, ରାଜା ସାହାଣୀର ପ୍ରେମିକା ପାଖରେ ଲକ୍ଷାଧିକ ଟଙ୍କାର ସୁନା ବିସ୍କୁଟ୍ ରହିଛି। ରାଜାକୁ ଗିରଫ କରାଯିବା ସମୟରେ ପୁଲିସ ତା' ପ୍ରେମିକାକୁ ଛାଡ଼ି ଦେଇଥିଲା। କିନ୍ତୁ ତା'ଉପରେ ପୁଲିସର ନଜର ରହିଛି। ଆବଶ୍ୟକ ହେଲେ ରାଜାର ପ୍ରେମିକାକୁ ଗିରଫ କରାଯିବ ବୋଲି କମିଶନରେଟ୍ ପୁଲିସର ସ୍କ୍ୱାଡ୍ ସୂଚନା ଦେଇଛି। ଏବେ ସମ୍ପୂର୍ଣ୍ଣ ସିଣ୍ଡିକେଟ୍‌କୁ ପର୍ଦ୍ଦାଫାସ୍ କରିବାକୁ ପୁଲିସ ପ୍ରାଣପ୍ରଣେ ଉଦ୍ୟମ କରୁଥିବା ବେଳେ ମାଷ୍ଟର୍‌ମା।।ଇଣ୍ଡ ପାଖରେ ଏପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ। ରାଜାକୁ ଜେରା କରାଯିବା ପରେ ମାଷ୍ଟରମାଇଣ୍ଡ କିଏ ତାହା ସ୍ପଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶାରେ ରାଜାର ଲିଙ୍କ୍ କଣ ରହିଛି, ତାହାକୁ ଗୁରୁତ୍ୱ ଦିଆଯାଉଛି। ଗତ ୨୦୨୫ ଅକ୍ଟୋବର ୨ତାରିଖରେ ସେ ଚୌଦ୍ୱାର ଜେଲରୁ ଫେରାର ହେବା ପରେ କର୍ଣ୍ଣାଟକ ମହିଶୁରରେ ଏକ ବଡ଼ ଲୁଟ କରିଥିଲା। ଏକ ଗହଣା ଦୋକାନରୁ ୨୦ କୋଟିରୁ ଅଧିକ ମୂଲ୍ୟର ସୁନା ଅଳଙ୍କାର ଲୁଟି ନେଇଥିଲା। ଏହାକୁ ସେ ସୁନା ବିସ୍କୁଟ୍‌ରେ ରୂପାନ୍ତର କରି ବିକ୍ରୟ କରିଛି ନା କେଉଁଠି ଲୁଚେଇଛି, ସେ ସମ୍ପର୍କରେ ମଧ ଖୋଳତାଡ କରିବ ପୁଲିସ। ଅନ୍ୟପଟେ ଖୁବଶୀଘ୍ର ଚୌଦ୍ୱାର ଜେଲ୍‌ରେ ଏଆଇ କ୍ୟାମେରା ଲଗାଯିବାକୁ ଜୋରଦାର ପ୍ରୟାସ କରାଯାଉଛି। କୌଣସି କଏଦୀ ପାଚେରୀ କଡ଼କୁ ଆସିବା ମାତ୍ରେ ଅଟୋମେଟିକ୍ ସାଇରନ୍(ବର୍ଜର) ବାଜି ଉଠିବ। ରାଜାର ରିମାଣ୍ଡ ଶେଷ

## ବରଗଡ଼ରେ ପାଦ ଥାପିଲା 'ଚାନ୍ଦି ଭଣ୍ଡାର'

ବରଗଡ଼, ୫।୪(ସମିସ୍): ଓଡ଼ିଶାର ଅଗ୍ରଣୀ ଏବଂ ପ୍ରିମିୟମ ରୁପା ଅଳଙ୍କାର ପ୍ରତିଷ୍ଠାନ 'ଚାନ୍ଦି ଭଣ୍ଡାର' ଏବେ ବରଗଡ଼ ସହରରେ ନିଜର ବ୍ୟବସାୟ ଆରମ୍ଭ କରିଛି। ଏଠାରେ ଏହି ପ୍ରତିଷ୍ଠାନର ୨୮ ତମ ଶାଖା ଖୋଲିଛି। ଶନିବାର ଦିନ ସ୍ଥାନୀୟ ଭାଟଲି

### ୨୮ ତମ ଶୋ'ରୁମ୍ ଉଦ୍‌ଘାଟିତ



ଚୌକ ନିକଟରେ ଏ ନେଇ ଆୟୋଜିତ ସମ୍ମିଳନୀ ଜରିଆରେ ପ୍ରତିଷ୍ଠାନ ପକ୍ଷରୁ ଏହି ନୂଆ ଶୋ'ରୁମ୍ ସମ୍ପର୍କରେ ସୂଚନା ଦିଆଯାଇଛି। ସମ୍ମିଳନୀକୁ ସମ୍ବୋଧିତ କରି ମାଣିକ ହାନ୍ସ କହିଛନ୍ତି ଯେ, ବରଗଡ଼ବାସୀଙ୍କୁ ଉଚ୍ଚକୋଟୀର ଏବଂ ଅତ୍ୟାଧୁନିକ ଡିଜାଇନ୍‌ର ରୁପା ଅଳଙ୍କାର ଯୋଗାଇଦେବା ଲକ୍ଷ୍ୟରେ ଏହି ଶୋ'ରୁମ୍ ଖୋଲାଯାଇଛି। ଏଠାରେ ଗ୍ରାହକମାନେ ପାରମ୍ପରିକ ଏବଂ ଆଧୁନିକ ଶୈଳୀର ବିଭିନ୍ନ ପ୍ରକାରର ରୁପା ଗହଣା, ଉପହାର ସାମଗ୍ରୀ ଏବଂ ଦେବଦେବୀଙ୍କ ମୂର୍ତ୍ତି ଅତି ସହଜରେ ପାଇପାରିବେ। ବରଗଡ଼ ଭଳି ଏକ ସାଂସ୍କୃତିକ ଏବଂ ବ୍ୟବସାୟିକ କେନ୍ଦ୍ରରେ ନିଜର ଶାଖା ବିସ୍ତାର କରିଥିବାରୁ ପ୍ରତିଷ୍ଠାନ ପକ୍ଷରୁ ଖୁସି ବ୍ୟକ୍ତ କରାଯାଇଛି। ଆଜିର ଏହି ପ୍ରେସ୍ କନଫରେନ୍ସରେ ଅନେକ ବରିଷ୍ଠ ସାମ୍ବାଦିକ, ବିଶିଷ୍ଟ ଉଦ୍ୟୋଗପତି ଶ୍ରବଣ ଲାଠ, ଅମିତ୍ ଲାଠ, ରାକେଶ କୁମାର ସାହୁ, ଚାନ୍ଦି ଭଣ୍ଡାର, ପଶ୍ଚିମ ଓଡ଼ିଶାର କ୍ଲଷ୍ଟର ମ୍ୟାନେଜର ଆଶିଷ କୁମାର ପଣ୍ଡା, ବରଗଡ଼ ଷ୍ଟୋର ମ୍ୟାନେଜର ଶିବ ରଞ୍ଜନ ବେହେରାଙ୍କ ସମେତ ପ୍ରତିଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ବରଗଡ଼ର ଏହି ନୂଆ ଷ୍ଟୋର୍ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଆଉ ବାହାର ସହରକୁ ଯିବାକୁ ପଡ଼ିବ ନାହିଁ, ସେମାନେ ନିଜ ସହରରେ ହିଁ ଅନ୍ତର୍ଜାତୀୟ ମାନର ଅଳଙ୍କାର ପାଇପାରିବେ।

## ଅହମ୍ମଦିୟା ମୁସଲିମ ସଂଗଠନ ପକ୍ଷରୁ ବିଶ୍ୱଶାନ୍ତି ସଚେତନତା



କଟକ, ୫।୪(ସମିସ): ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଏବଂ ସମ୍ଭାବ୍ୟ ତୃତୀୟ ବିଶ୍ୱଯୁଦ୍ଧକୁ ରୋକିବା ପାଇଁ ଅହମ୍ମଦିୟା ମୁସଲିମ ସଂଗଠନ ପକ୍ଷରୁ କଟକ ସହରରେ ଏକ ସଚେତନତା ଅଭିଯାନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସହରର ବିଭିନ୍ନ ସ୍ଥାନରେ ଶାନ୍ତିବାର୍ତ୍ତା ବଣ୍ଟନ କରାଯିବା ସହ ସନ୍ଧ୍ୟାରେ ପିଠାପୁର-ସଲାମତବାଗସ୍ଥିତ ନମାଜ ହଲ୍‌ରେ 'ବିଶ୍ୱଶାନ୍ତି ଓ ତୃତୀୟ ବିଶ୍ୱଯୁଦ୍ଧ ନ ହେବା' ଶୀର୍ଷକ ଏକ ସାରଗର୍ଭକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୌଲାନା ଫଜଲ ହକ ଖାନ୍‌ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୌଲବି ନବିଦୁଲ ଫତହ କହିଥିଲେ ଯେ ଦୁଇଟି ବିଭୀଷିକାମୟ ବିଶ୍ୱଯୁଦ୍ଧରୁ ଶିକ୍ଷା ଲାଭ କରି ମାନବ ଜାତି ନ୍ୟାୟ ପ୍ରତିଷ୍ଠା କରିବା ଉଚିତ। ମୁଖ୍ୟବକ୍ତା ମୌଲାନା ଫଜଲ ହକ ଖାନ ବିଶ୍ୱଶାନ୍ତି ପାଇଁ ସଂଗଠନର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦଙ୍କ ୧୦ଟି ନୀତିବାଣୀ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପବିତ୍ର କୋରାନ ପାଠ ଓ ଉର୍ଦ୍ଦୁ ତଥା ଓଡ଼ିଆ ନଜମ (କବିତା) ପାଠ କରାଯାଇଥିଲା। ଏହି ସମ୍ମିଳନୀରେ ସଂଗଠନର ମହିଳା, ବୃଦ୍ଧ ଓ ଯୁବ ଶାଖାର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ଆଗାମୀ ଦିନରେ ମଧ ଏଭଳି ଶାନ୍ତି ପ୍ରତିଷ୍ଠା ଅଭିଯାନ ଜାରି ରହିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ବୁଢ଼ୀ ମଙ୍ଗଳାଙ୍କ ବାର୍ଷିକ ଉତ୍ସବ

କଟକ, ୫।୪(ସମିସ): କଟକ ମହାନଗର ୫୬ନମ୍ବର ୱାର୍ଡ ଅନ୍ତର୍ଗତ ବାଲିକୁଦା ସାମଲ ସାହିରେ ଥିବା ମା'ବୁଢ଼ୀମଙ୍ଗଳାଙ୍କ ୫୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସକାଳେ ସମୟରେ ମା'ଙ୍କ ନିକଟରେ ଘଟ ସ୍ଥାପନ ପରେ ଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏକ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ କର୍ପୋରେଟର ଲିପ୍ସା ନାୟକ, ସମ୍ମାନିତଅତିଥି ଭାବେ ପୂର୍ବତନ କର୍ପୋରେଟର ସଞ୍ଜୟ କୁମାର ବରାଳ, ମହାପ୍ରସାଦ ଫାଉଣ୍ଡେସନର ପ୍ରତିଷ୍ଠାତା ପାର୍ଥସାରଥୀ ମହାନ୍ତି, ସମାଜସେବୀ ସୁରେନ୍ଦ୍ର ସେଠୀ, ଦୀନକୃଷ୍ଣ ମହାନ୍ତି, ପ୍ରଭାତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମର ସଭାପତି ଫକୀର ଚରଣ ସାମଲ, ସମ୍ପାଦକ ପ୍ରଭଞ୍ଜନ ନାୟକ, ସଞ୍ଜୟ ଦେବଭକ୍ତ, ଜ୍ଞାନ ରଞ୍ଜନ ନାୟକ, ବିପନ ସାମଲ, ରବୀନ୍ଦ୍ର ନାୟକ, ସୁବାସ ଚୌହାନ, ଦୁଷ୍ମନ୍ତ ସାମଲ, ସୁଜିତ ନାୟକ, ଜିତୁ ନାୟକ, ବିଜୟ ବେହେରା, ସନ୍ତୋଷ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଭଟିମୁଣ୍ଡାରେ ଭାଗବତ ମେଳଣ



କଟକ, ୫।୪(ସମିସ): ଚୈତ୍ର ପୂର୍ଣ୍ଣମୀରେ ଟାଙ୍ଗୀ-ଚୌଦ୍ୱାର ଅନ୍ତର୍ଗତ ଶ୍ରୀଜୀଉଙ୍କ ସେବକ ଗ୍ରାମ ଭଟିମୁଣ୍ଡାର ପ୍ରାକୃତିକ ପରିବେଷ୍ଟନୀ ଦଣ୍ଡାବର ମହାପୁରୁଷଙ୍କ ବିଜେସ୍ଥଳୀରେ ଭାଗବତ ମେଳଣ ଅନୁଷ୍ଠିତ ହୋଇଯାଇଛି। ବୁଧବାର ରାତିରେ ଥାନପତି ଜାଡୁଆଙ୍କ ପୀଠରୁ ଶ୍ରୀମଦ୍ ଭାଗବତ ଗ୍ରନ୍ଥ ଓ ଶ୍ରୀଜଗନ୍ନାଥଙ୍କ ପ୍ରତିମା ବିମାନରେ ବିଜେ କରି ବାଜାବାଣ ରୋଶଣି ସହ ମେଳଣ ସ୍ଥଳକୁ ଆସିଥିଲେ। ଏହାପରେ ବିଭିନ୍ନ ସାହି ଓ ଭାଗବତ ଟୁଙ୍ଗୀର ବିମାନ ମେଳଣରେ ସାମିଲ ହୋଇଥିଲେ। ଏହି ଅବସରରେ ଦଣ୍ଡାବର ମହାପୁରୁଷଙ୍କ ପୂଜା, ହୋମ ଆଦି ଅନୁଷ୍ଠିତ ହୋଇଥିଲା। ଭାଗବତ ପାରାୟଣ, ରାସ ଏବଂ ଓଡିଶୀ ଓଡିଶୀ କୀର୍ତ୍ତନ ପରିବେଷଣ ହୋଇଥିଲା। ଭଗବତପ୍ରେମୀ, ଶ୍ରଦ୍ଧାଳୁ ପୀଠକୁ ଆସି ମହାପୁରୁଷଙ୍କୁ ଦର୍ଶନ ସହ ଭାଗବତ ଗୋସାଇଁଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

## ସିଜିମାଳିରେ ଦମନମୂଳକ ନିଷେଧାଦେଶକୁ ସିପିଡିଆର୍‌ଏସ୍‌ର ନିନ୍ଦା

କଟକ, ୫।୪(ସମିସ): ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ସିଜିମାଳି ଅଞ୍ଚଳରେ ବକ୍ସାଇଟ୍ ଖଣି ଖନନ ବିରୋଧରେ ଆନ୍ଦୋଳନରତ ଆଦିବାସୀ ଓ ଦଳିତ ସମ୍ପ୍ରଦାୟଙ୍କ ଉପରେ ଜାରି ହୋଇଥିବା ପ୍ରଶାସନିକ କଟକଣାକୁ 'ସିପିଡିଆରଏସ' ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସଂଗଠନ ପକ୍ଷରୁ ଜାରି ଏକ ପ୍ରେସ ଇସ୍ତାହାରରେ ଏହି ନିଷେଧାଦେଶକୁ ଅଗଣତାନ୍ତ୍ରିକ ଓ ସ୍ୱେଚ୍ଛାଚାରୀ ବୋଲି ଅଭିହିତ କରାଯାଇଛି। ଗତ ଏପ୍ରିଲ ୩ ତାରିଖରେ ରାୟଗଡ଼ା ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିଜିମାଳି ପାହାଡ଼କୁ ଯାଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ୧୦୦ ମିଟର ପରିଧି ମଧ୍ୟରେ ୧୪୪ ଧାରା ସଦୃଶ କଟକଣା ଲଗାଯାଇଛି। ଏହାଦ୍ୱାରା ଚାରିରୁ ଅଧିକ ବ୍ୟକ୍ତି ଏକତ୍ରିତ ହେବା ଉପରେ ଏକ ମାସ ପାଇଁ ରୋକ୍ ଲଗାଯାଇଛି। ସଂଗଠନର ଅଭିଯୋଗ ଅନୁଯାୟୀ, ପଞ୍ଚମ ଅନୁସୂଚୀଭୁକ୍ତ ଏହି ଅଞ୍ଚଳରେ ଆଦିବାସୀଙ୍କ ଗୋଷ୍ଠୀଗତ ଜୀବନଶୈଳୀ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବା ବେଳେ, ଏଭଳି କଟକଣା ସେମାନଙ୍କ ଦୈନନ୍ଦିନ ଜଙ୍ଗଲ ଯିବା, ବନଜାତ ଦ୍ରବ୍ୟ ସଂଗ୍ରହ ଓ ଧାର୍ମିକ ରୀତିନୀତି ପାଳନରେ ବାଧା ସୃଷ୍ଟି କରୁଛି। ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରୁଥିବା ଗ୍ରାମବାସୀଙ୍କୁ ପୁଲିସ ନିର୍ଯାତନା ଦେବା ସହ ମିଛ ଅଭିଯୋଗରେ ଗିରଫ କରାଯାଉଥିବା ନେଇ ସିପିଡିଆରଏସ ଅସନ୍ତୋଷ ବ୍ୟକ୍ତ କରିଛି। ବିଶିଷ୍ଟ ନେତା ଲିଙ୍ଗରାଜ ଆଜାଦଙ୍କ ସମେତ ଅନ୍ୟ ୨୨ ଜଣଙ୍କୁ ବିନା ସର୍ତ୍ତରେ ଖଲାସ କରିବାକୁ ସଂଗଠନ ଦାବି କରିଛି। 'ମା-ମାଟି-ମାଳି ସୁରକ୍ଷା ମଞ୍ଚ' ନେତୃତ୍ୱରେ ଚାଲିଥିବା ଏହି ଆନ୍ଦୋଳନ ପ୍ରତି ସଂଗଠନ ପୂର୍ଣ୍ଣ ସମର୍ଥନ ଜଣାଇବା ସହ ତୁରନ୍ତ ଏହି ଦମନମୂଳକ ନିଷେଧାଦେଶ ପ୍ରତ୍ୟାହାର କରିବାକୁ ପ୍ରଶାସନ ନିକଟରେ ଦାବି କରିଛି।

## ବିଶରପୁର ଭଗବତ ମେଳଣ ଉଦଯାପିତ



ବାଲିଅନ୍ତା, ୫।୪(ସମିସ): ବାଲିଅନ୍ତା ବ୍ଲକ ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ବିଶରପୁର ଗ୍ରାମରେ ୨ ଦିନ ଧରି ଚାଲିଥିବା ଭଗବତ ମେଳନ ଉଦ୍‌ଯାପିତ ହୋଇଯାଇଛି। ପଡ଼ୋଶୀ ଗ୍ରାମର ୪ ବିମାନ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ଆସିଥିଲେ। ଏ ନେଇ ଗ୍ରାମରେ ଆୟୋଜିତ ସଭାରେ ସରକାରଙ୍କ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ମାଗୁଣି ସେଠୀ, ଜିଲ୍ଲା ସାଂଗଠନିକ ସମ୍ପାଦିକା ଝିଲ୍ଲୀ ସାମନ୍ତରାୟ, ବିଜେପି କୃଷକ ମୋର୍ଚ୍ଚା ସଭାପତି ସଞ୍ଜୟ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମ କମିଟି ପକ୍ଷରୁ ନିମନ୍ତ୍ରିତ ଅତିଥିବୃନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। କମିଟି ସଭାପତି -ମନୋରଞ୍ଜନ ଭଞ୍ଜ, ସମ୍ପାଦକ ସମୀର ପରିଡ଼ା, ଉପ ସଭାପତି-ମଧୁସୂଦନ ମହାନ୍ତି, ସାଧାରଣ ସମ୍ପାଦକ ଭାଗୀରଥି ସେଠୀ, କୋଷାଧ୍ୟକ୍ଷ ଦାଶରଥି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପଦେଷ୍ଟା-ପୂର୍ଣ୍ଣଚନ୍ଦ୍ର ଖଟୁଆ ମଞ୍ଚ ପରିଚାଳନା କରିଥିଲେ।

## ପାତ୍ରସାହି ରାସ୍ତାକାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ନନ୍ଦନକାନନ, ୫।୪(ସମିସ): ବିଏମ୍‌ସି ୱାର୍ଡ ନମ୍ବର ୧୨ ଅନ୍ତର୍ଗତ ପାତ୍ରସାହି ରାସ୍ତାକାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ରାସ୍ତା କାର୍ଯ୍ୟ ୬ ମାସ ଭିତରେ ଶେଷ କରାଯିବ ବୋଲି ୧୨ ନମ୍ବର ୱାର୍ଡ କର୍ପୋରେଟର ଜୟନ୍ତୀ ସାହୁ କହିଛନ୍ତି। ଏହି ରାସ୍ତା ଦେଇ ମୁଣ୍ଡାସାହି ଲୋକମାନେ ଯାତାୟାତ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ କର୍ପୋରେଟର, ମେୟର ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସହରୀ ବିକାଶ ଯୋଜନା ମାଧ୍ୟମରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଶ୍ରୀମତୀ ସାହୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ପାତ୍ରସାହିର ବରିଷ୍ଠ ନାଗରିକ, ଯୁବକ, ମହିଳାମାନେ ଯୋଗଦାନ କରିଥିଲେ।

## ଆଇନ ମନ୍ତ୍ରୀଙ୍କ ମନ୍ତବ୍ୟ ପରେ ଉଠିଲାଣି ପ୍ରତିବାଦର ସ୍ୱର

### ମହାପ୍ରଭୁଙ୍କ ଦର୍ଶନ ପାଇଁ ହେବ ଅନ୍‌ଲାଇନ୍ ସ୍ଲଟ୍ ବୁକିଂ!

ପୁରୀ, ୫।୪(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଅନ୍‌ଲାଇନ୍ ସ୍ଲଟ୍ ବୁକିଂ ବ୍ୟବସ୍ଥା କରାଯିବ। ଭୁବନେଶ୍ୱରରେ ଆୟୋଜିତ ଏକ କନ୍‌କ୍ଲେଭ୍‌ରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିବା ପରେ ଏହାକୁ ନେଇ ଆରମ୍ଭ ହେଲାଣି ବିରୋଧ। ମନ୍ତ୍ରୀ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ପାଇଁ ଖୁବ୍‌ଶୀଘ୍ର ଅନ୍‌ଲାଇନ୍ ସ୍ଲଟ୍ ବୁକିଂ ବ୍ୟବସ୍ଥା ହେବାକୁ ଯାଉଛି। ଯେଉଁ ଶ୍ରଦ୍ଧାଳୁ ଦୂରଦୂରାନ୍ତରୁ ଆସୁଛନ୍ତି ସେମାନେ ତାଙ୍କ ସୁବିଧା ଓ ସମୟ ଅନୁସାରେ ମହାପ୍ରଭୁଙ୍କ ସାନିଧ ପାଇପାରିବେ। ତାଙ୍କୁ ଆଉ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ। ସରକାର ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା କରିବାକୁ ଯାଉଛନ୍ତି। ସେହିପରି ଭକ୍ତଙ୍କ ନାଟମଣ୍ଡପରେ ଶ୍ରଦ୍ଧାଳୁଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯିବ। ମନ୍ଦିର ବାହାରେ ଅପେକ୍ଷା କରୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ୪ ଲାଇନ୍‌ର ଏକ ସେଡ୍ ବ୍ୟବସ୍ଥା ହେବ। ଏହା ବଡ଼ଦାଣ୍ଡର ମାର୍କେଟ ଛକ ପର୍ଯ୍ୟନ୍ତ ଲମ୍ବିବ। ସେଠାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପାନୀୟ ଜଳ ଓ ଫ୍ୟାନ୍ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ଏହାକୁ ନେଇ ଉଠିଲାଣି ପ୍ରତିବାଦର ସ୍ୱର। ଏଭଳି ବ୍ୟବସ୍ଥା ଲାଗୁ ନ କରିବାକୁ କହିଛନ୍ତି। ଅନ୍ୟପକ୍ଷରେ ଅନ୍‌ଲାଇନ୍ ସ୍ଲଟ୍ ବୁକିଂ ବ୍ୟବସ୍ଥାର ରୂପରେଖ କ'ଣ ରହିବ ତାହା ସ୍ପଷ୍ଟ ହେବା ଦରକାର। ପୂର୍ବରୁ ମଧ ଅନ୍‌ଲାଇନ୍ ଟିକଟ୍ ବ୍ୟବସ୍ଥା ପ୍ରସଙ୍ଗ ଉଠିଥିଲା। କିନ୍ତୁ ଏହାକୁ ନେଇ ବିବାଦ ଉଠିବାରୁ ଏହା ଥମିଯାଇଥିଲା।

## ଏସ୍‌ସିବିରୁ ୩ ରକ୍ତ ଦଲାଲ୍ ଗିରଫ




କଟକ, ୫।୪(ସମିସ): ଏସ୍‌ସିବି ମେଡିକାଲରୁ ଆଜି ୩ଜଣ ରକ୍ତ ଦଲାଲଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ, ଯାଜପୁର ଜିଲ୍ଲା ବରୀ ଅଞ୍ଚଳର ଶିବ ମହନ୍ତ(୨୯), କେନ୍ଦ୍ରାପଡ଼ା ଜିଲ୍ଲା ସଦର ଅଞ୍ଚଳର ଅବିନାଶ ରାଉତ ଓରଫ୍ ଅଭି(୨୮) ଏବଂ ଜଗତସିଂହପୁର ଜିଲ୍ଲା ନାଇଲୋ ଅଞ୍ଚଳର ଧନେଶ୍ୱର ମହାନ୍ତି ଓରଫ୍ ଧୂନା (୪୦)। ସମସ୍ତ ଜାମିନ୍ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ପୁଲିସ ସୂଚନା ଅନୁସାରେ, ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅନ୍ତର୍ଗତ ବାଲିପାଟଣା ଗ୍ରାମର ଅଭିଯୋଗକାରୀ ବିବେକାନନ୍ଦ ବେହେରାଙ୍କ ଅଭିଯୋଗକ୍ରମେ ମଙ୍ଗଳାବାଗ ଥାନାର ଏକ ଟିମ୍ ଏସ୍‌ସିବି ପରିସରରେ ଚଢ଼ଉ କରିଥିଲା। ବିବେକାନନ୍ଦ ଅଭିଯୋଗ କରିଥିଲେ ଯେ, ତାଙ୍କର ଜଣେ ସମ୍ପର୍କୀୟ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ରକ୍ତର ଆବଶ୍ୟକତା ରହିଥିଲା। ରକ୍ତ ସହଜରେ ଯୋଗାଇ ଦେବା ପାଇଁ ଅଭିଯୁକ୍ତ ଧୂନା, ଅଭି ଓ ଶିବ ତାଙ୍କୁ ପ୍ରତିଶ୍ରୁତି ଦେଇ ଅଧିକ ଟଙ୍କା ମାଗିଥିଲେ। ଏ ସମ୍ପର୍କରେ ବିବେକାନନ୍ଦ ଥାନାରେ ଜଣାଇବା ପରେ ପୁଲିସ ଚଢ଼ଉ କରି ୩ଜଣଙ୍କୁ ଗିରଫ କରିଥିଲା।

## ଋଣରେ ବୁଡ଼ିଥିବା ଯୁବକଙ୍କ ଆତ୍ମହତ୍ୟା

କଟକ, ୫।୪(ସମିସ): ମାଲଗୋଦାମ ଥାନା ଅଞ୍ଚଳରେ ଜଣେ ଯୁବକ ବେକରେ ରଶିଦେଇ ଆତ୍ମହତ୍ୟା କରିଛନ୍ତି। ମୃତକଜଣକ ହେଲେ ରାକେଶକୁମାର ମହାନ୍ତି(୪୦)। ଖବର ପାଇ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଯୋବ୍ରା ସମାଧିପାଟଣା ଅଞ୍ଚଳର ରାକେଶ ତାଙ୍କର ପରିବାର ସହିତ ରହୁଥିଲେ। ସେ ଅଟୋ ଚଳାଇ ପରିବାର ଭରଣପୋଷଣ କରୁଥିଲେ। ତେବେ କୌଣସି କାରଣରୁ ରାକେଶ କରଜରେ ବୁଡ଼ିଯାଇଥିଲେ। ଫଳରେ ରାକେଶ ଏକପ୍ରକାର ମାନସିକ ଦୁଶ୍ଚିନ୍ତା ମଧ୍ୟରେ ରହୁଥିଲେ। ଏପଟେ ତାଙ୍କ ପତ୍ନୀ ଏକ ମହିଳା ସମିତିରେ ଥିଲେ। ତେଣୁ ରାକେଶ ତାଙ୍କଠାରୁ ଟଙ୍କା ନେଇ ଆଣିଥିବା କରଜର କେବଳ ସୁଧ ଦେଉଥିଲେ। ତେବେ ବାରମ୍ବାର ରାକେଶ ଟଙ୍କା ମାଗିବାରୁ ପତ୍ନୀ ସମିତିରୁ ଟଙ୍କା ଆଣିବାକୁ ମନା କରିଦେଇଥିଲେ। ଫଳରେ ଏଥିପାଇଁ ମାନସିକ ଭାରସାମ୍ୟ ହରାଇ ବସିଥିବା ରାକେଶ ପୂର୍ବରୁ ୩ ଥର ଆତ୍ମହତ୍ୟା କରି ବର୍ତ୍ତି ଯାଉଥିଲା। ଏପରିକି ଗତ ୪ମାସ ପୂର୍ବେ ଯୋବ୍ରା ବ୍ୟାରେଜରୁ ମହାନଦୀକୁ ଡେଇଁ ପଡ଼ିଥିଲା, ହେଲେ ସେ ଅଳ୍ପକେ ବର୍ତ୍ତିଯାଇଥିଲା। ଏହିକ୍ରମରେ ଆଜି ରାକେଶ ହଠାତ୍ ଏକ ପ୍ରକୋଷ୍ଠ ଭିତରକୁ ପଶିଯାଇ କବାଟ ବନ୍ଦ କରିଥିଲେ। ପ୍ରାୟ ୧ଘଣ୍ଟା ଧରି ସେ ବାହାରକୁ ନ ବାହାରିବାରୁ ପରିବାରଲୋକ ସନ୍ଦେହକରି କବାଟ ବାଡ଼େଇଥିଲେ, ହେଲେ ସେ କୌଣସି ଉତ୍ତର ଦେଇ ନଥିଲା। ଫଳରେ ପଡ଼ିଶା ଲୋକଙ୍କ ସହାୟତାରେ କବାଟ ଭଙ୍ଗାଯିବା ପରେ ରାକେଶ ବେକରେ ରଶି ଲଗାଇ ଝୁଲିପଡ଼ିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପୁଲିସ ସେଠାରେ ପହଞ୍ଚି ଶବକୁ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଜିମା ଦିଆଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକ ଦୀପକ ଖଣ୍ଡାୟତରାୟ ସୂଚନା ଦେଇଛନ୍ତି।

## କେନାଲ୍‌ରୁ ଯୁବକଙ୍କ ମୃତଦେହ ଉଦ୍ଧାର

- ଯାତ୍ରା ଦେଖିବାକୁ ଆସି ନିଖୋଜ ଥିଲେ

କଟକ, ୫।୪(ସମିସ): କଟକ ସଦର ଥାନା ଅଧୀନ ପ୍ରତାପନଗରୀ ଅଞ୍ଚଳ କାକଟପୁର ବ୍ରାଞ୍ଚ କେନାଲର ଜରିପଡ଼ା ନିକଟରୁ ପୁଲିସ ଆଜି ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକଜଣକ ପ୍ରତାପନଗରୀ ଗ୍ରାମର ସନ୍ଦୀପ ରାଉତ (୨୮) ବୋଲି ଚିହ୍ନଟ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସନ୍ଦୀପ ଗତକାଲି ରାତିରେ ଘରେ ରାତ୍ରି ଭୋଜନ ସାରି ସ୍ଥାନୀୟ ମା' ଧାକୁଲେଇଙ୍କ ପୀଠରେ ଚାଲିଥିବା ଯାତ୍ରା ଦେଖିବା ପାଇଁ ବାହାରିଥିଲେ। ମାତ୍ର ସେ ଆଉ ଘରକୁ ଫେରି ନ ଥିଲେ। ଆଜି ସକାଳୁ ଜରିପଡ଼ା ନିକଟ କେନାଲରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଯୁବକମାନେ ପୁଲିସକୁ ଖବର ଦେଇଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଏକ ଘରୋଇ ମଧୁମେହ ଚିକିତ୍ସାଳୟ ବା ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୁଲିସ ହସ୍ପିଟାଲରେ ପହଞ୍ଚି ଶବ ଜବତ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ମୃତଦେହର ପଞ୍ଚନାମା ଶେଷ ହେବା ପରେ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଛି। ଏହି ଘଟଣାକୁ ନେଇ ସନ୍ଦିପଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ସମ୍ପାଦକୀୟ



ଜାତିପ୍ରଥା ଏଭଳି ଏକ ଭୟଙ୍କର ରାକ୍ଷସ, ଯିଏ ତୁମ ଗତିପଥର ପ୍ରତିଟି ପାଦରେ ପ୍ରତିବନ୍ଧକ ସୃଷ୍ଟି କରେ।
- ମହାତ୍ମା ଜ୍ୟୋତିରାଓ ଫୁଲେ

ସକାଳ
THE SAKALA

## ବିଦ୍ୟାଳୟର ବିକଳ ଅବସ୍ଥା

ନୂଆ ଶିକ୍ଷା ନୀତି ଅନୁରୂପ ପାଠ୍ୟକ୍ରମକୁ ନେଇ ପ୍ରଚାର ଓ ପ୍ରସାର ପ୍ରକ୍ରିୟା ଏତେ ବ୍ୟାପକ ଯେ ସତେଯେପରି ମନେ ହେଲା ଖୁବ୍‌ଶୀଘ୍ର ବ୍ୟବସ୍ଥାରେ ଏକ ବଡ଼ଧରଣର ପରିବର୍ତ୍ତନ ଘଟିବାକୁ ଯାଉଛି। ଅଥଚ ଶିକ୍ଷାବ୍ୟବସ୍ଥାର ମୂଳ ଭିତ୍ତିଭୂମି ସେମିତି ଅପରିବର୍ତ୍ତିତ ରହିଛି। କେଉଁଠି ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ପାଇଁ ସର୍ବନିମ୍ନ ସୁବିଧା ସୁଯୋଗ ନାହିଁ ତ କେଉଁଠି ଶିକ୍ଷାଦାନ ଦାୟିତ୍ୱରେ ଶିକ୍ଷକ ନାହାନ୍ତି। ପରିବର୍ତ୍ତନର ପ୍ରୟାସ ମୁଖ୍ୟତଃ ଭିତ୍ତିଭୂମି ଓ ଶିକ୍ଷାଦାନ ବ୍ୟବସ୍ଥାରେ ଆବଶ୍ୟକ ପରିବର୍ତ୍ତନରୁ ଆରମ୍ଭ ହୋଇଥାଏ। ପ୍ରଚଳିତ ବ୍ୟବସ୍ଥା ପ୍ରତି କ୍ରମେ ଆସ୍ଥା ଓ ବିଶ୍ୱାସ ହ୍ରାସ ପାଉଥିବା ଘଟଣା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଓ ଉଚ୍ଚ ମାଧ୍ୟମିକ ପରିଷଦ ଅଧୀନରେ ହେଉଥିବା ଦ୍ୱାଦଶ ଶ୍ରେଣୀ ପରୀକ୍ଷାରୁ ଅନୁଭୂତ ହେଉଛି। ଫି ଦାଖଲ କରି ଫର୍ମ ପୂରଣ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୪,୪୬୧ ଜଣ ପରୀକ୍ଷା ଦେବାକୁ ଉଚିତ୍ ମନେ କରିନାହାନ୍ତି। ଏହାର କାରଣ ସ୍ପଷ୍ଟ ହୋଇନାହିଁ। ନିରାକରଣ କଥା ପଚାରେ ବା କିଏ? ଏଥିସହ ଯୋଡ଼ି ହୋଇଯାଇଛି ନୂଆ ଶିକ୍ଷାବର୍ଷର ପାଠ୍ୟପୁସ୍ତକ ସମସ୍ୟା। ଏପ୍ରିଲ ୨ ତାରିଖରୁ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଛି। ପିଲାମାନେ ଶିକ୍ଷାନୁଷ୍ଠାନ ଯିବା ଆରମ୍ଭ କରିଦେଇଛନ୍ତି। ତେଣୁ ଶିକ୍ଷାୟତନରେ ପାଠପଢ଼ାକୁ ଛାଡ଼ି ଆଉସବୁ ଚାଲିଛି। ଏଭଳି ବ୍ୟତିକ୍ରମରୁ ହିଁ ନୂଆ ଶିକ୍ଷାନୀତିର ପରୀକ୍ଷାମୂଳକ ପ୍ରୟୋଗ ଆରମ୍ଭ ହୋଇଛି।

ସଦ୍ୟ ହସ୍ତଗତ ହୋଇଥିବା ଖବରରୁ ପ୍ରକାଶ ଯେ ଗୁରୁବାର ଏନସିଆରଟିର ନୂତନ ପାଠ୍ୟପୁସ୍ତକ ଉନ୍ମୋଚିତ ହୋଇଛି। ସେସବୁ ମୁଦ୍ରଣ ଓ ପ୍ରେରଣ ଉପରେ ନିର୍ଭର କରେ ବିଦ୍ୟାଳୟରେ କେବେ ପାଠପଢ଼ା ଆରମ୍ଭ ହେବ। ବିଶେଷକରି ନବମ ଶ୍ରେଣୀରେ ଏହି ସମସ୍ୟା ଅଧିକ ଜଟିଳ ହୋଇଛି। ନୂଆ ପାଠ୍ୟକ୍ରମ, ପୁସ୍ତକ ଯୋଗାଣ ଦାୟିତ୍ୱ ଏନସିଇଆଇଟିର। ଏଭଳି ସ୍ଥିତିରେ ଆମେ କାହାକୁ ଦୋଷ ଦେବା? ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍ଥିତି ଭିନ୍ନ। କୌଣସିପ୍ରକାରେ ଅନଲାଇନ ଓ ଅଫଲାଇନରେ ପାଠ୍ୟପୁସ୍ତକ ଉପଲବ୍ଧ କରି ସରକାର ନିଶ୍ଚିନ୍ତ। କେବଳ ସିବିଏସ୍‌ଇର ନୁହେଁ ଓଡ଼ିଆ ମାଧ୍ୟମ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ପାଠ୍ୟ ପୁସ୍ତକ ଉପଲବ୍ଧ ହୋଇନାହିଁ। ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଅଭିଭାବକଙ୍କ ଉପରେ ଚାପ ନ ପଡ଼ିବା ସକାଶେ ରାଜ୍ୟ ସରକାର ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ମାଗଣାରେ ଯୋଗାଇଥା'ନ୍ତି। ଗତ ଶିକ୍ଷାବର୍ଷରୁ ଏକ୍ଷେତ୍ରରେ ଲାଗି ରହିଥିବା ଅବ୍ୟବସ୍ଥା ଏପର୍ଯ୍ୟନ୍ତ ସୁଧୁରି ନାହିଁ। ହସ୍ତଗତ ହୋଇଥିବା ତଥ୍ୟ ଓ ସୂତ୍ରରୁ ପ୍ରକାଶ ଯେ ଏଯାବତ ମାତ୍ର ୩୦ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ସରକାର ମାଗଣା ପାଠ୍ୟପୁସ୍ତକ ଯୋଗଇବାକୁ ସମର୍ଥ ହୋଇଛନ୍ତି। ସୌଭାଗ୍ୟର ବିଷୟ ଯେ ଏହି ୩୦ ପ୍ରତିଶତ ମଧ୍ୟରେ ଅଛନ୍ତି ଉପାନ୍ତ ଓ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଅପେକ୍ଷାକୃତ ପଛୁଆ ଓ ଶିକ୍ଷାପ୍ରତି ବିମୁଖ ଥିବା ଅଞ୍ଚଳ ପ୍ରତି ସରକାର ଧ୍ୟାନ ଦେଇଛନ୍ତି। ପାଠ୍ୟପୁସ୍ତକ ଯୋଗାଣରେ ଏହି ଅବ୍ୟବସ୍ଥା ଜାରି ରହିଥିବାରୁ ଖଡିଛୁଆଁ ଉତ୍ସବକୁ ଘୁଞ୍ଚାଇବା ବ୍ୟତୀତ ଅନ୍ୟ କୌଣସି ବାଟ ନାହିଁ। କାରଣ ଏହି ଉତ୍ସବ ସହିତ ନୂତନ ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ଶିକ୍ଷା ଉପକରଣ ବଣ୍ଟନ ପରମ୍ପରା ଜଡ଼ିତ ଥିବାରୁ ସରକାର କ'ଣ କରିବେ ନ କରିବେ ବାଟ ଉଣ୍ଡାଳି ପାଉନାହାନ୍ତି।

ଓଡ଼ିଆ ମାଧ୍ୟମ ଶିକ୍ଷାନୁଷ୍ଠାନ ପ୍ରତି ଅଭିଭାବକଙ୍କ ଅନାଗ୍ରହ ଭାବ ପଛରେ ଏକାଧିକ କାରଣ ରହିଛି। ଏକ୍ଷେତ୍ରରେ ପାଠ୍ୟପୁସ୍ତକ ଯୋଗାଣରେ ବ୍ୟତିକ୍ରମ ଏକମାତ୍ର କାରଣ ନୁହେଁ। ଶିକ୍ଷାନୁଷ୍ଠାନରେ ମୌଳିକ ଭିତ୍ତିଭୂମିର ଅଭାବ ସାଙ୍ଗକୁ ବିଷୟଭିତ୍ତିକ ଶିକ୍ଷକ ନିଯୁକ୍ତି ଓ ଶିକ୍ଷାଦାନ ଢାଞ୍ଚା କ୍ରମାଗତ ଦୁର୍ବଳ ହେବାରେ ଲାଗିଛି। ଶିକ୍ଷାଦାନର ମୂଳ ଭିତ୍ତିଭୂମି ସୁଧାରିବା ପ୍ରତି କ୍ରମାଗତ ଅବହେଳା ପ୍ରଦର୍ଶନ କରାଯାଉଥିବାରୁ ସଚେତନ ଅଭିଭାବକ ପିଲାଙ୍କ ଭବିଷ୍ୟତ ନେଇ ଅନିଶ୍ଚିତ ହୋଇପଡୁଛନ୍ତି। ଆମକୁ ଏଠାରେ ଦୁଃଖର ସହ କହିବାକୁ ପଡୁଛି ଯେ କେବଳ ମଧ୍ୟାହ୍ନଭୋଜନ ମାଧ୍ୟମରେ ପିଲାଙ୍କୁ ବିଦ୍ୟାଳୟ ଅନୁରାଗୀ କରିବା ସମ୍ଭବ ନୁହେଁ। ତେଣୁ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ କ୍ରମାଗତ ଭାବେ ଆସ୍ଥା ହରାଉଛି। ଦିନକୁ ଦିନ ସେଠାରେ ଛାତ୍ରାଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଉଛି। ସମୟ ଥିଲା ସହରାଞ୍ଚଳରେ ମୁଣ୍ଡ ଟେକିଥିବା ବିଭିନ୍ନ ସ୍ୱନାମଧନ୍ୟ ଓଡ଼ିଆ ମାଧ୍ୟମିକ ବିଦ୍ୟାଳୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଉଭୟ ସ୍ତରରୁ ଆସୁଥିବା ପିଲାଙ୍କ ମଧ୍ୟରେ ମହାବିଦ୍ୟାଳୟ ସ୍ତରରେ ଏକପ୍ରକାର ପ୍ରତିଯୋଗିତା ହେଉଥିଲା। ସେ ସମୟ ଏବେ ଆଉ ନାହିଁ। ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ଶିକ୍ଷାଦାନ ବ୍ୟବସ୍ଥାର ଏତେ ଅଧୋଗତି ଘଟିଛି ଯେ ମଧ୍ୟମ ଓ ସ୍ୱଚ୍ଛଳ ବର୍ଗ ନିଜ ପିଲାଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢ଼ାଇବାକୁ ବାଧ୍ୟ ହେଉଛନ୍ତି। ପ୍ରଚଳିତ ବ୍ୟବସ୍ଥାରେ ଶିକ୍ଷାର ଯେଉଁ ଢାଞ୍ଚାଗତ ପରିବର୍ତ୍ତନ ହେବାକୁ ଯାଉଛି ସେଥିରେ ଭାଷା ଏକ ପ୍ରତିବନ୍ଧକ ନୁହେଁ। ସବୁକ୍ଷେତ୍ରରେ ଆଞ୍ଚଳିକ ଭାଷାକୁ ପ୍ରାଧାନ୍ୟ ଦିଆଯାଉଥିଲେ ମଧ୍ୟ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ସ୍ଥିତିରେ ସେଭଳି କୌଣସି ପରିବର୍ତ୍ତନ ଲକ୍ଷ୍ୟ କରାଯାଉନାହିଁ।

ଉଦ୍ଦେଶ୍ୟ ଓ ଲକ୍ଷ୍ୟହୀନ ପାଠପଢ଼ା ପିଲାଙ୍କୁ ପଠନ ମନସ୍କ, କରିପାରୁନାହିଁ। ତେଣୁ ଦଶମ ଶ୍ରେଣୀ ପରେ ଉଚ୍ଚତର ଶିକ୍ଷା ପାଇଁ କ୍ରମେ ଆଗ୍ରହ କମୁଥିବାର ଲକ୍ଷ୍ୟ କରାଯାଉଛି। ସରକାରଙ୍କ ସକଳ ଉଦ୍ୟମ ସତ୍ତ୍ୱେଡ୍ରପଆଉଟ ବଢ଼ିଚାଲିଛି। ୨୦୨୧-୨୨ ଶିକ୍ଷାବର୍ଷରେ ଉଚ୍ଚ ପ୍ରାଥମିକ ସ୍ତରରେ ଡ୍ରପଆଉଟ ହାର ୬.୩ ପ୍ରତିଶତ, ମାଧ୍ୟମିକ ସ୍ତରରେ ୨୭.୩ ପ୍ରତିଶତ ଓ ହାଇସ୍କୁଲ ଶିକ୍ଷାପରେ ୨୪ ପ୍ରତିଶତ। ଦ୍ୱାଦଶ ବା ଯୁକ୍ତ ଦୁଇ ଶିକ୍ଷା ପରେ ଅଧିକାଂଶ ପିଲା ପାଠଛାଡ଼ି କୌଣସି ସଂକ୍ଷିପ୍ତ ତାଲିମ ନେଇ ନିଯୁକ୍ତି ପାଇଁ ଚେଷ୍ଟା କରୁଛନ୍ତି। ଏକ୍ଷେତ୍ରରେ ପରିବାରର ଆର୍ଥିକ ସମସ୍ୟା ହିଁ ମୁଖ୍ୟ ପ୍ରତିବନ୍ଧକ ପାଲଟିଛି। ଭୋଟବ୍ୟାଙ୍କ ସୃଷ୍ଟି ପାଇଁ ଯେଉଁ ମାଗଣା ସଂସ୍କୃତିକୁ ସରକାର ଆପଣାଇଛନ୍ତି ତାହା ବଦଳରେ ମେଧା ଅନ୍ୱେଷଣ କରି ଗରିବ ପରିବାରର ପିଲାଙ୍କୁ ଯୋଗ୍ୟ ଓ ସମର୍ଥ କରାଯାଇପାରେ। ପାରିବାରିକ ସ୍ତରରେ ଥିବା ଅସ୍ୱଚ୍ଛଳତା ଦୂର କରିବାରେ ଏହି ଯୋଜନା ଅଧିକ ଫଳପ୍ରଦ ହୋଇପାରନ୍ତା।

ଏକଥା ସତ ଯେ କିଛି ପରିବର୍ତ୍ତନ ବା ନୂଆ ବ୍ୟବସ୍ଥାର ପ୍ରୟୋଗ ବେଳେ ପ୍ରତିବନ୍ଧକ ସୃଷ୍ଟି ହେବା ସ୍ୱାଭାବିକ। ତେବେ ଉଦ୍ଦେଶ୍ୟମୁକ୍ତ ପ୍ରୟାସ ହେଲେ ଉପୁଜୁଥିବା ପ୍ରତିବନ୍ଧକ ତାହାକୁ ରୋକିପାରିବ ନାହିଁ। ଏସବୁ ଉଲ୍ଲେଖ କଲା ବେଳେ, ଏକ ବ୍ୟଥିତ ହୃଦୟରେ କହିବାକୁ ପଡ଼େ ଯେ ଆମ ଶିକ୍ଷାବ୍ୟବସ୍ଥା ଏକପ୍ରକାର ଭୁଶୁଡ଼ି ପଡ଼ିବା ପରିସ୍ଥିତିରେ ଉପନୀତ। ଏଥିପାଇଁ ଆମେ ନିର୍ଦ୍ଦିଷ୍ଟ ଭାବେ କୌଣସି ସରକାରଙ୍କୁ ଦାୟୀ କରୁନାହୁଁ। କ୍ରମାଗତ ଅବହେଳା ଓ ଶିକ୍ଷକଙ୍କୁ ନେଇ ଚାଲିଥିବା ରାଜନୀତି ପରିସ୍ଥିତି ବିଗିଡ଼ିଯିବାର ମୁଖ୍ୟକାରଣ। ତେଣୁ ପରିବର୍ତ୍ତନ ପ୍ରୟାସ ଜରୁରୀ।

## ବାଲ୍ୟବିବାହ ମୁକ୍ତ ଓଡ଼ିଶା: ସ୍ଥିତି, ସମସ୍ୟା ଓ ସମାଧାନ

ସୁମିତ୍ରା ସାହୁ

ବାଲ୍ୟବିବାହ କେବଳ ଏକ ପାରିବାରିକ କିମ୍ବା ସାମାଜିକ ସମସ୍ୟା ନୁହେଁ, ଏଥିସହିତ ଯୋଡ଼ିହୋଇଛି ଜାତୀୟ ସ୍ୱାସ୍ଥ୍ୟ କଲ୍ୟାଣ ଓ ବିକାଶ ପ୍ରସଙ୍ଗ। ଶିକ୍ଷା ପାଇଁ ସୁଯୋଗ ଅଭାବ, ସାମାଜିକ ପ୍ରଥା, ଧାର୍ମିକ ରୀତିନୀତି, କନ୍ୟାସନ୍ତାନଙ୍କ ସୁରକ୍ଷା ଚିନ୍ତା, ଯୌତୁକ ବୋଝ, ପରିବାରରେ ନୈତିକତାର ଅଭାବ, ପ୍ରଶାସନିକ ଉଦାସୀନତା, ଆଇନଗତ ସଚେତନତାର ଅଭାବ ଆଦି କାରଣରୁ ବାଲ୍ୟବିବାହ ସହିତ କିଶୋରୀ ମାତୃତ୍ୱ ହାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ଅନେକ କ୍ଷେତ୍ରରେ ସଚେତନ ନାବାଳିକାମାନେ ମଧ୍ୟ ଆମ ପୁରୁଷ ପ୍ରାଧାନ୍ୟ ସମାଜରେ ସ୍ୱର ଉତ୍ତୋଳନ କରିପାରୁନାହାନ୍ତି। ଆଉ କେତେକ ଘଟଣାରେ ପରିବାରର ଆର୍ଥିକ ଦୁରବସ୍ଥା ବାଲ୍ୟବିବାହକୁ ପ୍ରୋତ୍ସାହିତ କରୁଛି ଏବଂ ନାବାଳିକାମାନେ ଅନିଚ୍ଛା ସତ୍ତ୍ୱେ ଏପରି ଅଲିଖିତ ବ୍ୟବସ୍ଥାକୁ ଆବୋରି ନେଉଛନ୍ତି।

ସରକାର ଯେ ଏ ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି ତା' ନୁହେଁ। ବାଲ୍ୟବିବାହ ସମ୍ପୂର୍ଣ୍ଣରୂପେ ବନ୍ଦ କରିବାକୁ ଓଡ଼ିଶା ସରକାର ମାଳମାଳ ଯୋଜନା ପ୍ରଣୟନ କରୁଛନ୍ତି। ଏଥିପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ରୂପାୟନରେ ନିଷ୍ଠାର ଅଭାବ ଏବଂ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା କାରଣରୁ ବାଲ୍ୟବିବାହର ହାରାହାରି ସଂଖ୍ୟା ଜାତୀୟ ହାରଠାରୁ ଆଗରେ ରହି ଓଡ଼ିଶା ଏକ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ଏହିସବୁ କାରଣ ପାଇଁ ଯେଉଁ ଜିଲ୍ଲାଗୁଡ଼ିକୁ ଏକଦା ବାଲ୍ୟବିବାହମୁକ୍ତ ଘୋଷଣା କରାଯାଇଥିଲା ସେଠାରେ ପୁଣି ଥରେ ବାଲ୍ୟବିବାହ ପରିସଂଖ୍ୟାନ ବୃଦ୍ଧି ପାଉଛି। ଏହି ଧାରା ଜାରି ରହିଲେ ୨୦୩୦ ମସିହା ସୁଦ୍ଧା ଓଡ଼ିଶାକୁ 'ବାଲ୍ୟବିବାହ ମୁକ୍ତ ରାଜ୍ୟ' କରିବା ପାଇଁ ସରକାର ଧାର୍ଯ୍ୟ କରିଥିବା ଲକ୍ଷ୍ୟ ସୁଦୂର ପରାହତ ହେବାର ଆଶଙ୍କା ସୃଷ୍ଟି ହୋଇଛି।

'ନ୍ୟାସନାଲ୍ ଫ୍ୟାମିଲି ହେଲଥ୍ ସର୍ଭେ-୫' ରିପୋର୍ଟ ଆଧାରରେ ବିଧାନସଭାର ଗତ ବଜେଟ୍ ଅଧିବେଶନରେ ଓଡ଼ିଶା ସରକାର ଦେଇଥିବା ସୂଚନା ଅନୁଯାୟୀ, ବାଲ୍ୟବିବାହର ଜାତୀୟ ହାର ୨୩.୩% ରହିଥିବା ବେଳେ ଓଡ଼ିଶାର ବାରଟି ଜିଲ୍ଲାରେ ଏହି ହାର ତା'ଠାରୁ ଅଧିକ ରହିଛି। ବାଲ୍ୟବିବାହରେ ଉଦ୍‌ବେଗଜନକ ରେକର୍ଡ ସୃଷ୍ଟି କରିଥିବା ଏହି ଜିଲ୍ଲାଗୁଡ଼ିକ ହେଉଛି - ନବରଙ୍ଗପୁର ୩୯.୪%, ନୟାଗଡ଼ ୩୫.୭%, କୋରାପୁଟ ୩୫.୫%, ରାୟଗଡ଼ା ୩୩.୨%, ମାଲକାନଗିରି ୩୨.୪, ମୟୂରଭଞ୍ଜ ୩୧.୩%, କେନ୍ଦୁଝର ୨୯%, ଗଜପତି ୨୮.୧, ବାଲେଶ୍ୱର ୨୬.୪, ବୌଦ୍ଧ ୨୫.୩%, ଅନୁଗୁଳ ୨୫%। ତେବେ ରାଜ୍ୟର ହାରାହାରି ବାଲ୍ୟବିବାହ ହାର ୨୦.୫%(ଜାତୀୟ ହାରଠାରୁ କମ୍) ରହିବା ଓଡ଼ିଶା ସରକାରଙ୍କ ଲକ୍ଷ୍ୟ ହାସଲ ଦିଗରେ କିଛିଟା ଆଶା ସଞ୍ଚାର କରୁଛି।

୨୦୩୦ ସୁଦ୍ଧା ଓଡ଼ିଶାକୁ 'ବାଲ୍ୟବିବାହ ମୁକ୍ତ ରାଜ୍ୟ' ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ୨୦୧୯ ମସିହା ଅକ୍ଟୋବର ମାସରେ 'ଷ୍ଟେଟ୍ ଆକ୍ସନ ପ୍ଲାନ୍ ଟୁ ଏଣ୍ଡ ଚାଇଲ୍ଡ ମ୍ୟାରେଜ୍' ଆରମ୍ଭ ହୋଇଥିଲା। ଏହାପରେ ୨୦୨୪ ମସିହା ସୁଦ୍ଧା ବାଲ୍ୟବିବାହର ହାର ଅଧାକୁ ହ୍ରାସ କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାର ପ୍ରୟାସ କରିଥିଲେ। ଏ ଦିଗରେ ପଞ୍ଚାୟତ, ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ବିଭିନ୍ନ ପଦକ୍ଷେପ ମଧ୍ୟ ନିଆଯାଉଛି। ଏହିକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାରେ 'ନିର୍ଭୟ କଢ଼ି', ସୁବର୍ଣ୍ଣପୁର ଜିଲ୍ଲାରେ 'ସଂକଳ୍ପ', କୋରାପୁଟ ଜିଲ୍ଲାରେ 'ଅପରାଜିତା' ଆଦି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା। ବାଲ୍ୟବିବାହ ପଛରେ ଥିବା ମୂଳକାରଣ ଚିହ୍ନଟ କରି ତାହାର ନିରାକରଣ କରିବା ଏହିସବୁ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ବର୍ତ୍ତମାନ ଯଦିଓ 'ନିର୍ଭୟ କଢ଼ି' ଓ 'ସଂକଳ୍ପ' କାର୍ଯ୍ୟକ୍ରମ ଜାରି ରହିଛି, 'ଅପରାଜିତା' କାର୍ଯ୍ୟକ୍ରମ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ତଥାପି ଏଦିଗରେ ସରକାରୀ କିମ୍ବା ପ୍ରଶାସନିକ ତତ୍ପରତା ପ୍ରକାଶ ପାଉ ନଥିବା ଉଦ୍‌ବେଗଜନକ।

ଏତଦ୍‌ବ୍ୟତୀତ ଅନେକ ସଚେତନତା କାର୍ଯ୍ୟକ୍ରମ (ପ୍ରିଭେଣ୍ଟିଭ୍ ଆକ୍ଟିଭିଟିଜ୍) ମଧ୍ୟ ହାତକୁ ନିଆଯାଇଥିଲା। ବାଲ୍ୟବିବାହକୁ ଏକ ଅପରାଧ ରୂପେ ପରିଗଣିତ କରି ଦଣ୍ଡବିଧାନ ଦ୍ୱାରା ଏହାକୁ ନିରୁତ୍ସାହିତ କରିବା ପାଇଁ ରାଜ୍ୟରେ 'ବାଲ୍ୟ ବିବାହ ନିଷେଧ ଆଇନ' ପ୍ରଣୟନ ହୋଇଛି। ଏହି ଆଇନ ଅନୁଯାୟୀ, ଜିଲ୍ଲାପାଳମାନଙ୍କୁ ନୋଡାଲ ଅଫିସର ଭାବେ ସ୍ୱୀକୃତ କରାଯାଇଛି। ସେମାନେ ବାଲ୍ୟବିବାହ ନିରାକରଣ ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ହାତକୁ ନେଇ ତାହାକୁ କାର୍ଯ୍ୟକାରୀ କରିପାରିବେ। ଏହିକ୍ରମରେ ନୟାଗଡ଼ ଜିଲ୍ଲାରେ ତତ୍କାଳୀନ ଜିଲ୍ଲାପାଳ ପୁମା ଟୁଡୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନ - 'ଅଲିଭା' ଅଧୀନରେ ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରରେ ଏକ 'ଅଲିଭା ରେଜିଷ୍ଟ୍ରର' ପ୍ରସ୍ତୁତ କରାଯାଇଥିଲା, ଯେଉଁଥିରେ କିଶୋରୀ ବାଳିକାମାନଙ୍କର ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ତଥ୍ୟ ରହିବା ଓ ତନଖି କରିବାର ବ୍ୟବସ୍ଥା କରାଯାଇଥିଲା। କିଶୋରୀମାନଙ୍କର ସ୍ଥିତି ଆକଳନ, ଉନ୍ନତି ପାଇଁ ଯୋଜନା ସହିତ ବାଲ୍ୟବିବାହ ସମ୍ପର୍କିତ ସୂଚନା ମଧ୍ୟ ଏଥିରେ ସମୀକ୍ଷା କରାଯାଇଥିଲା। ତେଣୁ ବୟସ ଲୁଚାଇ ଗୋପନରେ ବାଲ୍ୟବିବାହ ଉଦ୍ୟମକୁ ବିଫଳ କରିବାରେ ଏହି ଯୋଜନା ସହାୟକ ହୋଇଥିଲା। ଏଥିରେ ଉଭୟ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କର୍ମୀଙ୍କ ସ୍ୱାକ୍ଷରରେ ବିବରଣୀ ରହୁଥିବାରୁ ଅଧାରୁ ପାଠ ଛାଡ଼ିଥିବା(ଡ୍ରପଆଉଟ୍) ପିଲାଙ୍କୁ ପୁଣି ବିଦ୍ୟାଳୟକୁ ଫେରାଇ ଆଣିବାରେ ଜିଲ୍ଲା ପ୍ରଶାସନ କେତେକାଂଶରେ ସଫଳ ହୋଇଥିଲା। ଏହାଛଡ଼ା 'ଅଦ୍ୱିକା' କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ କିଶୋର-କିଶୋରୀମାନଙ୍କ ସହ ବିଭିନ୍ନ ସଚେତନତାମୂଳକ ଆଲୋଚନା କରାଯାଉଛି। ଏହି କାର୍ଯ୍ୟକ୍ରମରେ ୨୦୨୪-୨୫ ଆର୍ଥିକ ବର୍ଷରେ ୮ କୋଟି ୫୨ଲକ୍ଷ ୪୬ହଜାର ୧୫୫ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ରହିଛି।

'ଓଡ଼ିଶା ରାଜ୍ୟ ବାଲ୍ୟ ବିବାହ ସଂଶୋଧିତ ନିୟମାବଳୀ-୨୦୧୯' ଅନୁଯାୟୀ ପଞ୍ଚାୟତ ସ୍ତରରେ ଟାସ୍କ ଫୋର୍ସ କମିଟି ମାଧ୍ୟମରେ ତ୍ରୈମାସିକ ସମୀକ୍ଷା ବୈଠକ, ଅଙ୍ଗନବାଡ଼ି କେନ୍ଦ୍ରରେ ସଚେତନତା କାର୍ଯ୍ୟକ୍ରମ, ପ୍ରତି ୩ ମାସରେ ବ୍ଲକ, ଗ୍ରାମ ପଞ୍ଚାୟତରେ ସଭାର ଆୟୋଜନ, ପୁଲିସର ସହାୟତା ନିଆଯିବା ସହ ଅକ୍ଷୟ ତୃତୀୟାରେ ବାଲ୍ୟ ବିବାହ ବିରୋଧରେ ଜନସଚେତନତା ସୃଷ୍ଟି ଆଦି କାର୍ଯ୍ୟକ୍ରମ କରାଯାଉଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ), ପଞ୍ଚାୟତ ନିର୍ବାହୀ ଅଧିକାରୀ, ଆବାସିକ ଛାତ୍ରୀନିବାସର ୱାର୍ଡେନ୍ସ ବା ମାଟ୍ରୋନ୍‌ମାନଙ୍କୁ ବାଲ୍ୟବିବାହ ନିଷେଧ ଅଧିକାରୀ(ସିଏମପିଓ) ଭାବରେ ସୂଚୀତ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟକ୍ଷ ଓ ପ୍ରଧାନ ଶିକ୍ଷକମାନଙ୍କୁ 'ବାଲ୍ୟବିବାହ ସୂଚନା ଅଧିକାରୀ' ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ପ୍ରତି ୬ମାସରେ ବାଲ୍ୟବିବାହ ରୋକିବା ପାଇଁ ରାଜ୍ୟସ୍ତରରେ ପିସିଏମଏ କମିଟି ବୈଠକ ଅନୁଷ୍ଠିତ ହେଉଛି। ଏତେସବୁ ସତ୍ତ୍ୱେ ବାଲ୍ୟବିବାହ ହାର କାହିଁକି ଉଦ୍‌ବେଗଜନକ ରହୁଛି ସେ ଦିଗରେ ଗମ୍ଭୀରତାର ସହିତ ଚିନ୍ତା କରିବାର ସମୟ ଉପନୀତ।

ବାଲ୍ୟବିବାହ ମୁକ୍ତ ଓଡ଼ିଶା ଲକ୍ଷ୍ୟ ହାସଲ କରିବାକୁ ହେଲେ ଶାସନ, ପ୍ରଶାସନ ସହିତ ସମ୍ପ୍ରଦାୟ ଓ ପରିବାରର ସାମୂହିକ ସକ୍ରିୟ ଅଂଶଗ୍ରହଣ ଅନିବାର୍ଯ୍ୟ। ବିଶେଷକରି ବାଳିକାମାନଙ୍କ ପାଇଁ ଶିକ୍ଷାର ପ୍ରବେଶ ହାରକୁ ତ୍ୱରାନ୍ୱିତ କରିବା, ବିଶେଷକରି ଗ୍ରାମାଞ୍ଚଳ ଓ ଆର୍ଥିକ ଭାବେ ପଛୁଆ ଅଞ୍ଚଳରେ ମାଧ୍ୟମିକ ଶିକ୍ଷାକୁ ସୁଲଭ ଓ ଆକର୍ଷଣୀୟ କରିବା ଦିଗରେ ଶାସନ ଓ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। ଯେଉଁ ପିଲାମାନେ ୧୫ଦିନ ଯାଏଁ ସ୍କୁଲରେ ଅନୁପସ୍ଥିତ ରହୁଛନ୍ତି ସେମାନଙ୍କ ଅଭିଭାବକମାନଙ୍କୁ ଭେଟି ଶିକ୍ଷକମାନେ ଏବିଷୟରେ ପଚରାଉଚରା କରିବା ଉଚିତ୍। ସରକାର, ନାଗରିକ ସମାଜ ସଂଗଠନ, ସ୍ଥାନୀୟ ନେତା, ପିତାମାତା ଏବଂ କିଶୋର-କିଶୋରୀମାନଙ୍କୁ ସାମିଲ କରି ସମ୍ପ୍ରଦାୟ-ନେତୃତ୍ୱାଧୀନ ଉଦ୍ୟମ ବଳରେ ଏହି ସମସ୍ୟା ଅନେକାଂଶରେ ହ୍ରାସ ପାଇପାରିବ। ଦାରିଦ୍ର୍ୟଚକ୍ରକୁ ଭାଙ୍ଗିବା ପାଇଁ ଲକ୍ଷ୍ୟଭିତ୍ତିକ ଆର୍ଥିକ ଯୋଜନା, ବାଳିକାମାନଙ୍କ ପାଇଁ ଛାତ୍ରବୃତ୍ତି ଭଳି ଆର୍ଥିକ ସହାୟତା ପ୍ରଦାନ ଆଦି କାର୍ଯ୍ୟକ୍ରମ ବାଲ୍ୟବିବାହକୁ ବିଳମ୍ବ କରିବ ଏବଂ ଶିକ୍ଷାକୁ ପ୍ରୋତ୍ସାହନ ଦେବାରେ ପ୍ରଭାବଶାଳୀ ହେବ। ସରକାର ଯେଉଁ ଯୋଜନା ବା କାର୍ଯ୍ୟକ୍ରମମାନ ଆୟୋଜନ କରିବାକୁ ମୋଟାଅଙ୍କର ଅର୍ଥ ଖର୍ଚ୍ଚ କରୁଛନ୍ତି ସେଗୁଡ଼ିକ କେଉଁ ଜିଲ୍ଲାରେ କେତେ ପରିମାଣରେ କାର୍ଯ୍ୟକାରୀ ହେଉଛି ତାହାର ନିୟମିତ ସମୀକ୍ଷା ମଧ୍ୟ ଆବଶ୍ୟକ। ରେକର୍ଡଭୁକ୍ତ ବାଲ୍ୟବିବାହ ଘଟଣାରେ ଅଭିଭାବକ ଓ ପୀଡ଼ିତାଙ୍କୁ ନୋଡାଲ୍ ଅଧିକାରୀମାନେ ପ୍ରତ୍ୟକ୍ଷ ସାକ୍ଷାତ କରି ରେକର୍ଡରେ ଲେଖାଥିବା କାରଣ ଓ ପ୍ରତ୍ୟକ୍ଷ ଅନୁଭବକୁ ତର୍ଜମା କରିବା ପରେ ସେଥିମଧ୍ୟରୁ ଏକାଭଳି କାରଣଗୁଡ଼ିକ ସମ୍ପର୍କରେ ରାଜ୍ୟର ନୀତି ନିର୍ଦ୍ଧାରକମାନଙ୍କ ପାଖକୁ ସମାଧାନ ସୁପାରିସ ସହ ପଠାଗଲେ ଯୋଜନା ଓ ରୂପାୟନ ଭିତରେ ଥିବା ତ୍ରୁଟି ଓ ଦୁର୍ବଳତା ସାମ୍ନାକୁ ଆସିପାରିବ। କର୍ତ୍ତବ୍ୟ ପାଳନ ଓ ଦାୟିତ୍ୱ ନିର୍ବାହରେ ଯେଉଁମାନେ ଖିଲାପ କରୁଛନ୍ତି ସେମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ତାଗିଦ୍, ଦ୍ୱିତୀୟ ପର୍ଯ୍ୟାୟରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଏବଂ ଶେଷପର୍ଯ୍ୟାୟରେ କଠୋର ଦଣ୍ଡବିଧାନ କରାଯିବା ଜରୁରୀ।

ଭୁବନେଶ୍ୱର, ମୋ: ୭୬୫୩୦୯୪୩୫

## ଆମେରିକାର ଆର୍ଟେମିସ୍ ଅଭିଯାନ

ଇଂ ମାୟାଧର ସ୍ୱାଇଁ

ସୋଭିଏତ୍ ରୁଷ ୧୯୫୯ ମସିହାରେ ଓ ଯୁକ୍ତରାଷ୍ଟ୍ର ଆମେରିକା ୧୯୬୨ ମସିହାରେ ଚନ୍ଦ୍ରପୃଷ୍ଠକୁ ପ୍ରଥମେ ଯାନ ପଠାଇଥିଲେ। ଏହାପରେ ଦୁଇଦେଶ ଆଉ କେତୋଟି ଯାନ ପଠାଇବା ପରେ ୧୯୬୮ ମସିହାରେ ଆପୋଲୋ – ୮ ଯାନରେ ମହାକାଶଚାରୀମାନେ ପ୍ରଥମେ ଚନ୍ଦ୍ରକୁ ପରିକ୍ରମଣ କରି ଫେରି ଆସିଲେ। ଏହାପରେ ଆଉ ଦୁଇଟି ଅଭିଯାନରେ ମହାକାଶଚାରୀମାନେ ଚନ୍ଦ୍ରକୁ ପରିକ୍ରମଣ କରିବା ପରେ ୧୯୬୯ ମସିହାରେ ଆପୋଲୋ – ୧୧ ଯାନରେ ଯାଇ ନିଲ୍ ଆର୍ମଷ୍ଟ୍ରଙ୍ଗ ଓ ଏଡୱିନ ଆଲଡ୍ରିନ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲେ। ଏହାପରେ ଆଉ ପାଞ୍ଚଟି ଅଭିଯାନରେ ମହାକାଶଚାରୀମାନେ ଚନ୍ଦ୍ରକୁ ଯାଇଥିଲେ। ଏହିପରି ମୋଟ ଛଅଟି ଅଭିଯାନରେ ବାର ଜଣ ଆମେରିକୀୟ ମହାକାଶଚାରୀ ଚନ୍ଦ୍ରପୃଷ୍ଠରେ ଅବତରଣ କରି ସେଠାରେ ବିଭିନ୍ନ ପରୀକ୍ଷା କରିଥିଲେ ଏବଂ ସେଠାରୁ ମୃତ୍ତିକା ଆଣି ଫେରିଲେ।

ଚନ୍ଦ୍ରପୃଷ୍ଠକୁ ମହାକାଶଚାରୀଙ୍କର ଶେଷ ଯାତ୍ରା ୧୯୭୨ ମସିହାରେ ଥିଲା। ଏହାର ପଚାଶ ବର୍ଷ ପରେ ପୁଣି ଚନ୍ଦ୍ର ଆମକୁ ଆକର୍ଷଣ କରିଛି। ଭାରତ, ଚୀନ, ଜାପାନ, ଆମେରିକା, ୟୁରୋପୀୟ ମହାକାଶ ସଂସ୍ଥା ସମେତ ଅନ୍ୟ କେତୋଟି ଦେଶ ଚନ୍ଦ୍ରକକ୍ଷକୁ ଓ ଏହାର ପୃଷ୍ଠକୁ ମହାକାଶ ଯାନ ପଠାଇଛନ୍ତି। ଚୀନ ୨୦୩୦ ମସିହା ସୁଦ୍ଧା ଓ ଭାରତ ୨୦୪୦ ମସିହା ସୁଦ୍ଧା ନିଜ ନାଗରିକଙ୍କୁ ଚନ୍ଦ୍ରପୃଷ୍ଠକୁ ପଠାଇବା ପାଇଁ ଘୋଷଣା କରିଛନ୍ତି। କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକା ଆର୍ଟେମିସ୍ କାର୍ଯ୍ୟକ୍ରମରେ ଚନ୍ଦ୍ରପୃଷ୍ଠକୁ ମନୁଷ୍ୟ ପଠାଇବା ପାଇଁ ଯୋଜନା କରି କାର୍ଯ୍ୟକାରୀ କରାଉଛି। ଗ୍ରୀକ୍ ଦେବୀ ଆର୍ଟେମିସ୍‌ଙ୍କ ନାମରେ ଏହା ନାମିତ ହୋଇଛି।

ଆର୍ଟେମିସ୍ ଅଭିଯାନର ମୁଖ୍ୟ ତିନୋଟି ଯାନ ହେଉଛି ମହାକାଶ ଉତ୍କ୍ଷେପଣ ବ୍ୟବସ୍ଥା (ସ୍ପେସ୍ ଲଞ୍ଚ ସିଷ୍ଟମ) ରକେଟ, ଓରିଅନ ଯାନ ଏବଂ ଚନ୍ଦ୍ରରେ ଅବତରଣ ଯାନ। ଓରିଅନ ଯାନରେ ମହାକାଶଚାରୀମାନେ ଚନ୍ଦ୍ର ଯାତ୍ରା କରିବେ। ଏହାମଧ୍ୟରେ ବାୟୁ, ଜଳ ଓ ସଠିକ୍ ତାପମାତ୍ରା ବ୍ୟବସ୍ଥା, ପରୀକ୍ଷାଗାର ସହିତ ପୃଥିବୀ ସହିତ ଯୋଗାଯୋଗ ପାଇଁ ପ୍ରାବଧାନ କରାଯାଇଛି। ଆଜି ପର୍ଯ୍ୟନ୍ତ ନିର୍ମିତ ସମସ୍ତ ରକେଟଠାରୁ ଏସ୍,ଏଲ୍,ଏସ୍, ସବୁଠାରୁ ଶକ୍ତିଶାଳୀ। ଏହା ଓରିଅନ୍ ଓ ଏହାର ଯାତ୍ରୀମାନଙ୍କୁ ପୃଥିବୀ କକ୍ଷକୁ ଉତ୍କ୍ଷେପଣ କରିବ ଏବଂ ସେଠାରେ ଓରିଅନ ପୃଥିବୀକୁ ୨୪ ଘଣ୍ଟା ପରିକ୍ରମଣ କରି ଚନ୍ଦ୍ର ଆଡ଼କୁ ଗତି କରିବ। ଓରିଅନ ଚନ୍ଦ୍ରକକ୍ଷରେ ପହଞ୍ଚିବା ପରେ ସେଥିରୁ ମହାକାଶଚାରୀମାନେ ଚନ୍ଦ୍ରଯାନରେ ଯାଇ ଚନ୍ଦ୍ରପୃଷ୍ଠରେ ଅବତରଣ କରିବେ।

ଆର୍ଟେମିସ୍ କାର୍ଯ୍ୟକ୍ରମରେ ଅନେକଗୁଡ଼ିଏ ଅଭିଯାନର ଯୋଜନା କରାଯାଇଛି। ଆର୍ଟେମିସ୍-୧ ଏକ ପରୀକ୍ଷାମୂଳକ ଉଡ଼ାଣ ଥିଲା। ଏଥିରେ କୌଣସି ମହାକାଶଚାରୀ ନଥିଲେ। ଏହାକୁ ୨୦୨୨ ମସିହା ନଭେମ୍ବର ୧୬ ତାରିଖରେ ଉତ୍କ୍ଷେପଣ କରାଯାଇଥିଲା ଏବଂ ଯାନ ଚନ୍ଦ୍ରକକ୍ଷକୁ ଯାଇ ଛଅଦିନ ପରେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରି ଆକାଶଛତା ସାହାଯ୍ୟରେ ପ୍ରଶାନ୍ତ ମହାସାଗରରେ ପଡ଼ିଥିଲା।

ଆର୍ଟେମିସ୍ – ୨ ଅଭିଯାନକୁ ଏହି ମାସ ୧ ତାରିଖରେ ଉତ୍କ୍ଷେପଣ କରାଯାଇଛି। ଏଥିରେ ଚାରିଜଣ ମହାକାଶଚାରୀ ଅଛନ୍ତି। ସେମାନେ ହେଉଛନ୍ତି ରାଇଡ୍ ୱାଇଜମାନ, ଭିକ୍ଟର ଗ୍ଲୋଭର, କ୍ରିଷ୍ଟିନା କୋଚ ଓ ଜେରେମି ହାନସେନ୍। ୱାଇଜମାନ ଅଭିଯାନର ନେତୃତ୍ୱ ନେଉଛନ୍ତି। ଗଭୀର ମହାକାଶକୁ ଯିବାରେ ଗ୍ଲୋଭର ହେଉଛନ୍ତି ପ୍ରଥମ କୃଷ୍ଣକାୟ ବ୍ୟକ୍ତି ଓ କୋଚ୍ ହେଉଛନ୍ତି ପ୍ରଥମ ମହିଳା। ହାନସେନ୍ ହେଉଛନ୍ତି କାନାଡ଼ାର ନାଗରିକ ଏବଂ ଚନ୍ଦ୍ର ଅଭିଯାନରେ ସେ ହେଉଛନ୍ତି ପ୍ରଥମ ଅଣ-ଆମେରିକୀୟ ବ୍ୟକ୍ତି। ମହାକାଶଚାରୀମାନେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବେ ନାହିଁ। ସେମାନେ ଚନ୍ଦ୍ରକକ୍ଷରେ ପରିକ୍ରମଣ କରି ଦଶ ଦିନ ପରେ ଅପ୍ରେଲ ୧୦ ତାରିଖରେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି ଅଭିଯାନରେ ସେମାନେ ପୃଥିବୀଠାରୁ ରେକର୍ଡ ଦୂରତାକୁ ଯିବେ। ଏହା ହେଉଛି ଆପୋଲୋ- ୮ ଅଭିଯାନ ସଦୃଶ।

ଆର୍ଟେମିସ୍ -୩ ଅଭିଯାନରେ (୨୦୨୭) ମହାକାଶଚାରୀମାନେ ନିମ୍ନ ପୃଥିବୀ କକ୍ଷରେ ପୃଥିବୀକୁ ପରିକ୍ରମଣ କରି ସ୍ପେସ୍ ଏକ୍ସ ଏବଂ ବ୍ଲୁ ଓରିଜିନ୍‌ର ଯାନ ସହିତ ଓରିଅନକୁ ସଂଯୋଗ କରି ବିଭିନ୍ନ ପରୀକ୍ଷା କରିବେ। ଆର୍ଟେମିସ୍ – ୪ ଅଭିଯାନରେ (୨୦୨୮) ମହାକାଶଚାରୀମାନେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବେ ଏବଂ ସେଠାରେ ଏକ ଘାଟି ସ୍ଥାପନ କାର୍ଯ୍ୟ ଆରମ୍ଭ କରିବେ। ୨୦୨୮ ମସିହାରେ ଶେଷ ଭାଗରେ ଆର୍ଟେମିସ – ୫ ଓ ୨୦୩୧ ମସିହାରେ ଆର୍ଟେମିସ – ୬ ଅଭିଯାନରେ ମହାକାଶଚାରୀମାନେ ଚନ୍ଦ୍ରପୃଷ୍ଠକୁ ଯିବାର କାର୍ଯ୍ୟକ୍ରମ ଅଛି।

୧୯୬୯ ରୁ ୧୯୭୨ ମସିହା ପର୍ଯ୍ୟନ୍ତ ଚନ୍ଦ୍ରାବତରଣର ଉଦ୍ଦେଶ୍ୟ ଥିଲା ବିଜ୍ଞାନ ଜିଜ୍ଞାସା। ଏହାଦ୍ୱାରା ଚନ୍ଦ୍ରର ଗଠନ, ବାୟୁମଣ୍ଡଳ, ପୃଷ୍ଠଭୂମି ଆଦି ସମ୍ବନ୍ଧରେ ଅନେକ ତଥ୍ୟ ଜଣାପଡ଼ିଲା। କିନ୍ତୁ ଆର୍ଟେମିସ୍ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ବ୍ୟାପକ। ଚନ୍ଦ୍ରପୃଷ୍ଠରେ ମହାକାଶଚାରୀମାନେ ଅଧିକ ଦିନ ରହି ସେଠାରେ ମନୁଷ୍ୟ ବାସୋପଯୋଗୀ ବ୍ୟବସ୍ଥା କରିବେ। ସେଠାରେ ଏକ ଘାଟି ପ୍ରତିଷ୍ଠା କରିବେ, ଯେଉଁଠାରୁ ମଙ୍ଗଳ ଓ ଅନ୍ୟ ଗ୍ରହକୁ ଅଭିଯାନରେ ଯିବା ସହଜ ହେବ। ସେଠାରୁ ହିଲିୟମ୍ – ୩ ଭଳି ବିରଳ ଖଣିଜ ପଦାର୍ଥ ଉତ୍ତୋଳନ କରିବାର ଲକ୍ଷ୍ୟ ମଧ୍ୟ ରହିଛି। ଏଥିପାଇଁ ମହାକାଶଚାରୀମାନଙ୍କୁ ଚନ୍ଦ୍ରପୃଷ୍ଠରେ ଏକାଦିକ୍ରମେ ଅନେକ ଦିନ ରହିବାକୁ ପଡ଼ିପାରେ। ଉଦାହରଣ ସ୍ୱରୂପ, ମହାକାଶଚାରୀମାନେ ଚନ୍ଦ୍ରପୃଷ୍ଠରେ ଆର୍ଟେମିସ୍ – ୭ ଅଭିଯାନରେ (୨୦୩୨) ୩୦ ଦିନ, ଆର୍ଟେମିସ୍ – ୮ (୨୦୩୩) ଓ ଆର୍ଟେମିସ – ୯ (୨୦୩୪)ରେ ୬୦ ଦିନ, ଆର୍ଟେମିସ୍ – ୧୦ (୨୦୩୫) ଅଭିଯାନରେ ୧୮୦ ଦିନ ରହିବା ପାଇଁ ଯୋଜନା ଓ ତଦନୁଯାୟୀ ବ୍ୟବସ୍ଥା କରାଯାଉଛି।

ଆର୍ଟେମିସ୍ ହେଉଛି ଗୋଟିଏ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ। ଆମେରିକାର ନାସା ଏହାର ମୁଖ୍ୟ ଥିବା ବେଳେ ଏହାର ସହଯୋଗୀ ଭାବରେ ୟୁରୋପୀୟ ମହାକାଶ ସଂସ୍ଥା, କାନାଡ଼ା, ଜାପାନ, ଇଂଲଣ୍ଡ, ଇଟାଲି, ଜର୍ମାନୀ, ଇସ୍ରାଏଲ, ସଂଯୁକ୍ତ ଆରବ ରାଷ୍ଟ୍ର ଓ ଦକ୍ଷିଣ କୋରିଆର ମହାକାଶ ସଂସ୍ଥାଗୁଡ଼ିକ ଅଛନ୍ତି।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ଆମ ବୃକ୍ଷଲତା ଆମ ଜୀବନ

### ପ୍ରକୃତି-ପରିବେଶ

### ଅସନ

(Indian Laurel or Asan Tree- Terminalia alata)

ସୌଭାଗ୍ୟସୁନ୍ଦର

ଅସନ ବୃକ୍ଷ ଭାରତ, ମିଆଁମାର, ନେପାଳ, ଥାଇଲ୍ୟାଣ୍ଡର ମୂଳଜାତ ଉଦ୍ଭିଦ। ଏହା ଦକ୍ଷିଣ ଭାରତରେ ୧୦୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଶୁଷ୍କ ଓ ଆର୍ଦ୍ର ପର୍ଣ୍ଣମୋଚୀ ଜଙ୍ଗଲର ଏକ ପ୍ରମୁଖ ବୃକ୍ଷ। ଅସନ କିମ୍ବା ସାହଜ ହେଉଛି ଏକ ମଧ୍ୟମ ଆକାରର ପର୍ଣ୍ଣମୋଚୀ ବା ଋତୁପାତୀ ଗଛ, ଯାହା ୩୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼େ। ଏହାର କାଣ୍ଡର ବ୍ୟାସ ୧ ମିଟର। ଏହାର ଛାଲି ଭଙ୍ଗିଳ, ପୃଷ୍ଠ ଗଭୀର ଭାବରେ ଫାଟି ଫାଟି କୁମ୍ଭୀର ଚର୍ମ ପରି ଦେଖାଯାଏ। ତେଣୁ ଏହାକୁ ସାଧାରଣତଃ 'କୁମ୍ଭୀର ଛାଲି' କୁହାଯାଏ। ପତ୍ରଗୁଡ଼ିକ ସରଳ, ଡେମ୍ଫଯୁକ୍ତ, ଟାଣ, ଆୟତାକାରରୁ ଡିମ୍ବାକାର-ଆକାର, ଶୀର୍ଷ ଗୋଲରୁ ତୀବ୍ର, ଚମକଦାର, ୧-୨ ସେମି ଲମ୍ବା। ପୁଷ୍ପୋଦଗମ ପତ୍ର ଅକ୍ଷ କିମ୍ବା ଡାଳର ଶୀର୍ଷରେ ଅବସ୍ଥିତ ଥାଏ। ଫୁଲ ୬-୧୫ ସେମି ଲମ୍ବା, ସାମାନ୍ୟ ପୀତ ବର୍ଣ୍ଣ, କ୍ୟାଲିକ୍ସ ବା ବୃତି ମଣ୍ଡଳ ନଳୀ ଆକାରର। ଫଳ ବିସ୍ତୃତ ଭାବରେ ଅଣ୍ଡାକାରରୁ ଡିମ୍ବାକାର, ପ୍ରାୟ ତିନି ସେମି ଲମ୍ବା, ୫-ପକ୍ଷ ଯୁକ୍ତ, ମସୃଣ, ଚମକଦାର। ବିହନଗୁଡ଼ିକୁ ୨ ବର୍ଷ ଯାଏଁ ସଂରକ୍ଷଣ କରାଯାଇପାରିବ।

ଅସନ ହେଉଛି ବିଶ୍ୱବ୍ୟାପୀ ପାରମ୍ପରିକ ଔଷଧୀୟ ଉଦ୍ଦେଶ୍ୟରେ ସର୍ବାଧିକ ବ୍ୟବହୃତ ଉଦ୍ଭିଦ ମଧ୍ୟରୁ ଗୋଟିଏ। ଏହା ରକ୍ତ ଶୁଦ୍ଧକାରୀ, ବିରେଚକ, ବ୍ୟାକ୍ଟେରିଆ ପ୍ରତିରୋଧୀ, କବକ ବା ଫଙ୍ଗସ ପ୍ରତିରୋଧୀ, ସୂକ୍ଷ୍ମ ଅଣୁଜୀବ ପ୍ରତିରୋଧୀ, ସାଲମୋନେଲା ପ୍ରତିରୋଧୀ, ମଧୁମେହ ପ୍ରତିରୋଧୀ, ଯକୃତ ପ୍ରଦାହରୋଧୀ, ମାଂସ ପେଶୀ ସଙ୍କୋଚନ ରୋଧୀ, ଅତିସାର ବା ତରଳ ଝାଡ଼ା ପ୍ରତିରୋଧୀ, ଭୂତାଣୁ ପ୍ରତିରୋଧୀ, ପୀଡ଼ା ଉପଶମକାରୀ, ମ୍ୟାଲେରିଆ ପ୍ରତିରୋଧୀ, ପ୍ରଦାହ ପ୍ରତିରୋଧୀ, କର୍କଟ ପ୍ରତିରୋଧୀ, ହୃଦରୋଗ ପ୍ରତିରୋଧକ ଓ ଶ୍ୱାସନଳୀ ପ୍ରଦାହ ପ୍ରତିରୋଧୀ ଗୁଣ ବିଶିଷ୍ଟ। ଅସନ ଫ୍ଲାଭୋନଏଡ୍ସ, ଟାନିନ୍, ସାପୋନିନ୍, ଫେନୋଲିକ୍ ଏସିଡ୍ ଓ ଟ୍ରାଇଟରପେନୋଏଡ୍ସ, ଅକ୍ସାଲିକ୍ ଏସିଡ୍ ପରି ଫାଇଟୋକେମିକାଲ୍ସ ବା ଜୈବ ରାସାୟନିକ ଉପାଦାନରେ ଭରପୂର, ଯାହା ଏହାର ପତ୍ର, ଛାଲି, ଫଳ ଓ ମୂଳରେ ଗଚ୍ଛିତ ଥାଏ।

ଅସନ ଛାଲି ଅଗ୍ନି-ପ୍ରତିରୋଧୀ। ଏହାର କାଠ ମୋଟା, ଖଦଡ଼ା, ସିଧା ଦାନାଯୁକ୍ତ, କିଛିଟା ଚମକଦାର ଏବଂ କୌଣସି ଗନ୍ଧ କିମ୍ବା ସ୍ୱାଦ ବିହୀନ। ମଞ୍ଜି କାଠ ହାଲୁକା ମାଟିଆ, ଗାଢ଼ ମାଟିଆ କିମ୍ବା ମାଟିଆ କଳା ରଙ୍ଗର ଏବଂ ଭିନ୍ନ ଭିନ୍ନ ରେଖା ସହିତ ଗାଢ଼ ହୋଇଥାଏ। ମଞ୍ଜିର ବାହ୍ୟ ଭାଗ ଲାଲ, ଧଳା ଓ ତୀବ୍ର। ମଞ୍ଜି କାଠ ମଧ୍ୟମ ପରିମାଣର ସ୍ଥାୟୀ ଏବଂ ସେପ ଉଡ ବା ବାହ୍ୟାବରଣକୁ ପାଉଡର-ପୋଷ୍ଟ ବିଟଲ୍, ଭଅଁର ବା ଗୋବର ପୋକ ଆକ୍ରମଣ କରିବା ଆଶଙ୍କା ଅଧିକ। ଏହା କାଠର ଏକ ମୂଲ୍ୟବାନ ଏବଂ ବାଣିଜ୍ୟିକ ଉତ୍ସ, ଯାହା ଗୃହ ନିର୍ମାଣ, ଫର୍ଣ୍ଣିଚର, ଉପକରଣ ହ୍ୟାଣ୍ଡେଲ ଏବଂ ପାଣି ତଳେ ବ୍ୟବହାର କରାଯାଏ। ଅସନ କାଠ ଆକର୍ଷଣୀୟ ଭିନର ଅର୍ଥାତ୍ କୌଣସି ଭଲ କାଠ ବସ୍ତୁ ଉପରେ ପତଳା ଆବରଣ କିମ୍ବା ସୂକ୍ଷ୍ମ ଆବରଣ ଦେବା ପାଇଁ ଉପାଦାନ ପ୍ରଦାନ କରେ। ଛାଲି, ବିଶେଷକରି ଫଳ ପାଇରୋଗାଲୋଲ ଏବଂ କ୍ୟାଟେକୋଲ ରସ ବା ଅଠା ପ୍ରଦାନ କରେ ଯାହା ଚମଡ଼ାକୁ ଟାନିଙ୍ଗ ବା କଷାଇବା ପାଇଁ ବ୍ୟବହାର କରାଯାଏ। ନେପାଳରେ ପତ୍ରଗୁଡ଼ିକୁ ଗୋଖାଦ୍ୟ ଭାବରେ ବ୍ୟବହାର କରାଯାଏ। ଟସର ଲାର୍ଭା ବା ଶୂକ ପାଇଁ ଶାଳ ଓ ଅର୍ଜୁନ ପତ୍ର ଭଳି ଅସନ ପତ୍ର ମଧ୍ୟ ଏକ ମନ ପସନ୍ଦର ଖାଦ୍ୟ।

ସାମଗ୍ରିକ ଭାବରେ ଅସନ ଗଛକୁ ଭାରତର ଅର୍ଜୁନ ଗଛ ପରେ ଏକ ପବିତ୍ର ବୃକ୍ଷ ଭାବରେ ବିବେଚନା କରାଯାଏ, ଯାହା କେବଳ ଆୟୁର୍ବେଦରେ ଏହାର ବ୍ୟାପକ ଔଷଧୀୟ ବ୍ୟବହାର ପାଇଁ ନୁହେଁ (ବିଶେଷକରି ହୃଦ୍‌ସ୍ୱାସ୍ଥ୍ୟ ପାଇଁ) ବରଂ ପୌରାଣିକ ଓ ଆଧ୍ୟାତ୍ମିକ ଗୁରୁତ୍ୱ ପାଇଁ। ଅସନ ପର୍ଣ୍ଣମୋଚୀ ଓ ଶୁଷ୍କ ଜଙ୍ଗଲରେ ମିଳିଥାଏ। ଏହା ସିଧାସଳଖ ବିହନରୁ, କଟିଂ ଓ କଲମି ଦ୍ୱାରା ପ୍ରସାରିତ କରାଯାଇପାରିବ। ଏହା ଆର୍ଦ୍ର ପଟୁ ମାଟି ଏବଂ ଚିକିଟା ବା କାଦୁଆ ମାଟିକୁ ପସନ୍ଦ କରେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ THE SAKALA


## ପୋଷ୍ୟଗ୍ରହଣ କେନ୍ଦ୍ରରେ ଶିଶୁକନ୍ୟାର ମୃତ୍ୟୁ

# ଉଦ୍ଧାର ଶିଶୁକୁ ସୁରକ୍ଷା ଦେଇପାରିଲାନି ପ୍ରଶାସନ

ବଲାଙ୍ଗିର, ୫।୪(ସମିସ): ମାଆ ସେବା କରିପାରିଲାନି ବୋଲି ଯାଁଳା ଶିଶୁଙ୍କୁ ଅନ୍ୟ ହାତକୁ ଟେକି ଦେଇଥିଲା। ଶିଶୁ ବିକ୍ରି ଅଭିଯୋଗ ହେବା ପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଯାଁଳା ଶିଶୁକୁ ଉଦ୍ଧାର କରି ସ୍ୱତନ୍ତ୍ର ପୋଷ୍ୟଗ୍ରହଣ ଗୃହରେ ରଖିଥିଲା। କିନ୍ତୁ ଶନିବାର ସେମାନଙ୍କ ମଧ୍ୟରୁ ଶିଶୁକନ୍ୟାର ଦେହାନ୍ତ ହୋଇଯାଇଛି। ପ୍ରଶାସନ ମୃତ ଶିଶୁକୁ ତା' ବାପା-ମାଆଙ୍କୁ ହସ୍ତାନ୍ତର କରିବା ବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ବାପା-ମା' ଶିଶୁର ଶବ ନେବାକୁ ମନା କରିଦେଇଛନ୍ତି। ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା କନ୍ଦାପୁରୀ ଗାଁରେ ଏଭଳି ଏକ ଘଟଣା ଘଟିଛି। ନିଜର ଶିଶୁଦ୍ୱୟଙ୍କୁ ଫେରାଇବା ପାଇଁ ଉକ୍ତ ଦମ୍ପତି ବାରମ୍ବାର ଆବେଦନ କରିଥିଲେ ହେଁ ସେମାନଙ୍କୁ ଦିଆଯାଇନଥିଲା। ଏପରିକି, ଦେଖିବା ପାଇଁ ମଧ୍ୟ ଦିଆଯାଇ ନଥିଲା ବୋଲି ଦମ୍ପତି ଅଭିଯୋଗ କରିଛନ୍ତି। ଅପରପକ୍ଷେ, ପ୍ରଶାସନ ହେପାଜତରେ ଥିବା ଶିଶୁର କେମିତି ମୃତ୍ୟୁ ହେଲା, ତାହାକୁ ନେଇ ପରିବାରଲୋକ ପ୍ରଶ୍ନ ଉଠାଇଛନ୍ତି।

ସୂଚନାନୁସାରେ, ଲୋଇସିଂହା ଥାନା କନ୍ଦାପୁରୀ ଗାଁର ଧର୍ମେନ୍ଦ୍ର ତାଣ୍ଡି ଓ ସୁକାନ୍ତୀ ତାଣ୍ଡିଙ୍କ ଘରେ ନଭେମ୍ବର ୧୮ରେ ଯାଁଳା ଶିଶୁ ଜନ୍ମ ହୋଇଥିଲେ। ଏହାର କିଛି ଦିନ ପରେ ଉକ୍ତ ଯାଆଁଳା ଶିଶୁ (ଗୋଟିଏ କନ୍ୟା ଓ ଗୋଟିଏ ପୁଅ)ଙ୍କୁ ସେମାନେ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଗୋଟିଏ ଶିଶୁକୁ ବେଲପଡ଼ା ଅଞ୍ଚଳରୁ ଉଦ୍ଧାର କରିଥିବା ବେଳେ ଅନ୍ୟଟିକୁ ସୋନପୁର ଜିଲ୍ଲା ପୁଆରୁ ଉଦ୍ଧାର କରିଥିଲା। ଉକ୍ତ ଶିଶୁଦ୍ୱୟଙ୍କୁ ଡିସିପିୟୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ହାଜର କରିଥିଲେ। ଯାଞ୍ଚ ପରେ ଦୁଇ ଶିଶୁଙ୍କୁ ସ୍ୱତନ୍ତ୍ର ପୋଷ୍ୟ ଗ୍ରହଣ ଗୃହରେ ରଖାଯାଇଥିଲା। ଏହି କିଛି ମାସ

### ନଭେମ୍ବରରେ ଉଦ୍ଧାର ହୋଇଥିଲେ ଯାଁଳା ଶିଶୁ

ଭିତରେ ଯାଁଳା ଶିଶୁ ମଧ୍ୟରୁ ଶିଶୁକନ୍ୟାଟି ଅସୁସ୍ଥ ରହୁଥିବାରୁ ତା'ର ଚିକିତ୍ସା କରାଯାଉଥିଲା। କିନ୍ତୁ ୩ ଦିନ ତଳେ ତା' ଅବସ୍ଥା ଗୁରୁତର ହେବାରୁ ତାକୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ଶିଶୁଟିର ମୃତ୍ୟୁ ଘଟିଛି। ଆଇନ ଅନୁଯାୟୀ ରବିବାର ମୃତ ଶିଶୁକନ୍ୟାକୁ ପରିବାରଲୋକଙ୍କୁ ହସ୍ତାନ୍ତର କରିବାକୁ ଯାଇଥିବା ବେଳେ ପରିବାରଲୋକେ ମୃତଦେହକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ।

ଏଠାରେ ପ୍ରଶ୍ନ ଉଠୁଛି, ପରିବାରଲୋକ ଦାୟିତ୍ୱ ନେବାରେ ଅସମର୍ଥ ହେବାରୁ ପ୍ରଶାସନ ଦାୟିତ୍ୱ ନେଇଥିଲା। କିନ୍ତୁ ଶିଶୁକନ୍ୟାକୁ ଜୀବିତ ଓ ସୁରକ୍ଷିତ ରଖିବାରେ କିପରି ବିଫଳ ହେଲା। ଯଦି ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ନିୟମିତ ଭାବେ ଠିକ୍ ନଥିଲା ଓ ଚିକିତ୍ସା ଚାଲିଥିଲା, ପୂର୍ବରୁ ଏନେଇ ତାଙ୍କ ବାପା-ମାଆଙ୍କୁ କାହିଁକି ସୂଚନା ଦିଆଯାଇନଥିଲା।

ଅପରପକ୍ଷେ, ଉଦ୍ଧାର ଶିଶୁମାନଙ୍କୁ ଫେରାଇ ଦେବାକୁ ପରିବାରଲୋକେ ପ୍ରଶାସନକୁ ଅନୁରୋଧ କରିଥିଲେ। କିନ୍ତୁ ତାହା କରାଯାଇନଥିଲା। ଏପରିକି, ସେମାନେ ଏକାଧିକଥର ଶିଶୁମାନଙ୍କୁ ଦେଖିବା ପାଇଁ ଯାଇଥିବା ବେଳେ ତାଙ୍କୁ ଦେଖିବାକୁ ମଧ୍ୟ ଦିଆଯାଇ ନ ଥିଲା। ଅନ୍ୟପକ୍ଷରେ ଉକ୍ତ ପୋଷ୍ୟଗ୍ରହଣ ଗୃହରେ ତାଙ୍କର ଶିଶୁପୁତ୍ରଟି ରହିଥିବା ବେଳେ ସେ କେମିତି ଅଛି, ସେନେଇ ମଧ୍ୟ କୌଣସି ସୂଚନା ଦିଆଯାଉ ନ ଥିବାରୁ ପରିବାରଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ବଲାଙ୍ଗିର ଗସ୍ତରେ ଆସିଥିବା ବେଳେ ଉକ୍ତ ଦମ୍ପତି ନିଜର ଶିଶୁମାନଙ୍କୁ ଫେରାଇବା ପାଇଁ ଫେରାଦ ହୋଇଥିଲେ।

ତେବେ ଶିଶୁକନ୍ୟାର ମୃତଦେହ ଗ୍ରହଣ କରିବା ବଦଳରେ ଆସନ୍ତା ସାତଦିନ ଭିତରେ ଶିଶୁପୁତ୍ରକୁ ପରିବାରଲୋକଙ୍କୁ ହସ୍ତାନ୍ତର କରିବା, ହରିଶ୍ଚନ୍ଦ୍ର ଯୋଜନା ଓ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରିବା ପ୍ରତିଶ୍ରୁତି ମିଳିବା ପରେ ଶିଶୁର ବାପା-ମାଆ ମୃତଦେହ ଗ୍ରହଣ କରିଥିବା ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷା ଲିନା ବାବୁ ସୂଚନା ଦେଇଛନ୍ତି।

■ ହିଙ୍ଗୁଳା ଯାତ୍ରାରେ ଅଘଟଣ

## ଡ୍ରାଗନ୍ ଦୋଳି ଛିଡ଼ି ୩ ଗୁରୁତର

ତାଳଚେର ସହର, ୫।୪ (ସମିସ): ହିଙ୍ଗୁଳା ଯାତ୍ରାରେ ଅଘଟଣ। ଡ୍ରାଗନ ଦୋଳି ଛିଡ଼ି ପଡ଼ିବାରୁ ୩ ଜଣ ଗୁରୁତର ଆହତ ହୋଇଥିବା ବେଳେ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ତାଳଚେରରେ ଚାଲିଥିବା ହିଙ୍ଗୁଳା ଯାତ୍ରା ଓ ଲୋକ ମହୋତ୍ସବରେ ରବିବାର ସନ୍ଧ୍ୟାରେ ପ୍ରବଳ ଭିଡ଼ ଜମିଥିଲା। ବହୁ ଲୋକ ଦୋଳିର ମଜା ମଧ୍ୟ ନେଉଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ସେଠାରେ ଥିବା ଏକ ଡ୍ରାଗନ ଦୋଳି ଲାଇନଚ୍ୟୁତ ହୋଇ ପ୍ରାୟ ୧୦ ଫୁଟ୍ ତଳକୁ ଖସି ପଡ଼ିଥିଲା। ଆହତମାନଙ୍କୁ ପ୍ରଶାସନ ପକ୍ଷରୁ ମେଡିକାଲରେ ଭର୍ତ୍ତି କରାଯିବା ସହ ମେଳାରେ ଥିବା ସମସ୍ତ ଦୋଳିକୁ ବନ୍ଦ କରି ଦିଆଯାଇଛି।

# ରାଜ୍ୟରେ ଅପରିଣାମଦର୍ଶୀ ସରକାର: ଅରୁଣ

ବଲାଙ୍ଗିର, ୫।୪(ସମିସ): ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ବିଜେଡିର ବରିଷ୍ଠ ବିଧାୟକ ଅରୁଣ ସାହୁ। ବଲାଙ୍ଗିର ସାମ୍ବାଦିକ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ରାଜ୍ୟ ସରକାରଙ୍କୁ ଏକ ଅପରିଣାମଦର୍ଶୀ ସରକାର ବୋଲି କହିଛନ୍ତି।



ଶନିବାର ରାଜ୍ୟ କ୍ୟାବିନେଟ୍‌ରେ ଉଚ୍ଚଶିକ୍ଷାରେ ଅନୁସୂଚିତ ଜାତି/ଜନଜାତି, ପଛୁଆ ବର୍ଗ ଓ ଆର୍ଥିକ ଅନଗ୍ରସରଙ୍କ ପାଇଁ ରହିଥିବା ସଂରକ୍ଷଣ ବ୍ୟବସ୍ଥା ସଂଶଧୋନ ଉପରେ ହୋଇଥିବା ନିଷ୍ପତ୍ତିକୁ ସେ ସ୍ୱାଗତ କରିଥିଲେ। ସେ କହିଥିଲେ ଯେ ଏନେଇ ପୂର୍ବରୁ ବିଜେଡି ବିଧାନସଭାରେ ଦାବି କରିଆସିଥିଲା। ଏହି ଚାପରେ ରାଜ୍ୟ ସରକାର ଉକ୍ତ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତେବେ ପଛୁଆ ବର୍ଗଙ୍କ ପାଇଁ କରାଯାଇଥିବା ସଂରକ୍ଷଣ ପ୍ରତିଶତ କମ୍ ଥିବା ବେଳେ ଏହାକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ପୁନର୍ବିଚାର କରନ୍ତୁ ବୋଲି ସେ ଦାବି କରିଛନ୍ତି। 'ଯାହାର ସଂଖ୍ୟା ଯେତେ, ତାହାର ଭାଗ ସେତେ' ନ୍ୟାୟରେ ତାମିଲନାଡୁ ଓ କର୍ଣ୍ଣାଟକରେ ସଂରକ୍ଷଣ ବୃଦ୍ଧି କରାଯାଇଛି। ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଥିବାରୁ ରାଜ୍ୟ ସରକାର ଏହାକୁ ସହଜରେ କରାଇପାରିବେ ବୋଲି ସେ କହିଛନ୍ତି। ରାଜ୍ୟରେ ୫୪ପ୍ରତିଶତ ପଛୁଆ ବର୍ଗ ଥିବା ବେଳେ ସେହି ଅନୁସାରେ ସେମାନଙ୍କୁ ସଂରକ୍ଷଣ ବ୍ୟବସ୍ଥା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

ଭୁବନେଶ୍ୱରରେ ପ୍ରସ୍ତାବିତ ମେଟ୍ରୋ ରେଳ ପ୍ରକଳ୍ପକୁ ସରକାର ବନ୍ଦ କରିଦେବା ପ୍ରସଙ୍ଗରେ ସେ ରାଜ୍ୟ ସରକାର ଉପରେ ଭୀଷଣ ବର୍ଷିଛନ୍ତି। ସେ କହିଛନ୍ତି ଯେ ବିଜେଡି ସରକାର ସମୟରେ ଏହି ପ୍ରକଳ୍ପ ରୂପରେଖ ପ୍ରସ୍ତୁତ ହୋଇଥିଲା। କିନ୍ତୁ ବିଜେପି ସରକାରକୁ ଆସିବା ପରେ ଏହାକୁ ବନ୍ଦ କରିଦେଇଛି। ସରକାରଙ୍କ ପାଖରେ ପ୍ରକଳ୍ପ କରିବାକୁ ଅର୍ଥ ନାହିଁ। ଦୁଇ ବର୍ଷରେ ରାଜ୍ୟ ସରକାରଙ୍କ ରାଜସ୍ୱ ହ୍ରାସ ପାଇଛି। ପ୍ରକଳ୍ପ ପାଇଁ ଅର୍ଥାଭାବ ଥିବାରୁ ବିଭିନ୍ନ ଆଳ ଦେଖାଇ ଏହି ପ୍ରକଳ୍ପକୁ ସରକାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଇଛନ୍ତି। ଏହା ଏକ ଅପରିଣାମଦର୍ଶୀ ସରକାରର କାମ ବୋଲି ସେ କହିଛନ୍ତି।

ସେହିପରି ମହାନଦୀ ଜଳ ବିବାଦ ମାମଲାରେ ମଧ୍ୟ ସେ ରାଜ୍ୟ ବିଜେପି ସରକାରକୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ରାଜ୍ୟ ଓ ରାଜ୍ୟବାସୀଙ୍କ ହିତ ଉଦ୍ଦେଶ୍ୟରେ ନିଷ୍ପତ୍ତି ନେଉନାହାନ୍ତି।

# ଦୁର୍ଘଟଣାରେ ଡାକ୍ତର ପାର୍ଥସାରଥୀଙ୍କ ମୃତ୍ୟୁ



ଖୋର୍ଦ୍ଧା ଜିଲ୍ଲା ମେଡିକାଲରେ ଶୋକର ଛାୟା

ଖୋର୍ଦ୍ଧା, ୫।୪(ସମିସ): ରବିବାର ଛୁଟି ଦିନରେ ଦୁଇ ଦୁଇଟି ଶବ ବ୍ୟବଚ୍ଛେଦ କରି ଘରକୁ ଫେରୁଥିବା ବେଳେ ସଡ଼କ ଦୁର୍ଘଟଣାର ଶିକାର ହୋଇ ଜଣେ ଡାକ୍ତରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିସାଳୟର ଏଲଟିଆରଏଲଓ ଭାବେ କାର୍ଯ୍ୟରତ ଡାକ୍ତର ପାର୍ଥସାରଥୀ ନାୟକ (୩୫)। ରବିବାର ସନ୍ଧ୍ୟାରେ ୧୬ନଂ. ଜାତୀୟ ରାଜପଥର ଇନ୍‌ଫୋଭ୍ୟାଲି ଥାନା ଅଧୀନ ଗଙ୍ଗପଡ଼ା ଟୋଲଗେଟ୍ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ଡାକ୍ତର ନାୟକ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କ ପଛପଟୁ ଧକ୍କା ଦେଇ ଚାଲିଯାଇଥିଲା। ଉପସ୍ଥିତ ଲୋକ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସାରା ହସ୍ପିଟାଲରେ ଶୋକର ଛାୟା ଖେଳି ଯାଇଥିବା ବେଳେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କଠାରୁ ଆରମ୍ଭ କରି ଡିଏମ୍‌ଓ, ସିଡିଏମ୍‌ଓ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶ୍ୟାମାପ୍ରସନ୍ନ ମିତ୍ର ପହଂଚି ଘଟଣାର ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି।

# କଲରାପତରିଆ ବାଘଛାଲ ଜବତ

ଟିକାବାଲି, ୫।୪(ସମିସ): ଟିକାବାଲି ବନ ବିଭାଗ ଏକ କଲରାପତରିଆ ବାଘ ଛାଲ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଜଣଙ୍କ ଚକାପାଦ ଥାନା ଅନ୍ତର୍ଗତ ବ୍ରାହ୍ମଣପାଦ ପଞ୍ଚାୟତ ରିଙ୍ଗିବାଡି ଗ୍ରାମର ପଙ୍କଜ କହଁର (୩୧)। ଚକାପାଦ ଓ ବ୍ରାହ୍ମଣପାଦ ମଧ୍ୟବର୍ତ୍ତୀ କଲରା ନାଳ ନିକଟରେ ବାଘଛାଲ ବିକ୍ରି ପାଇଁ ଡିଲ୍ ଚାଲିଥିବା ନେଇ ବନ ବିଭାଗକୁ କୌଣସି ସୂତ୍ରରୁ ଖବର ମିଳିଥିଲା। ଟିକାବାଲି ରେଞ୍ଜ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ସଦଳବଳେ ଘଟଣାସ୍ଥଳରେ ଚଢ଼ଉ କରିଥିଲେ। ବନ ବିଭାଗ କର୍ମଚାରୀ ଅଭିଯୁକ୍ତଙ୍କୁ ମାଡ଼ି ବସିବା ସହ ତାଙ୍କ ନିକଟରୁ ବାଘଛାଲ ଜବତ କରିଥିଲେ। ଜବତ ବାଘଛାଲର ଲମ୍ବ ୧୬୪ ସେମି ଏବଂ ଚଉଡ଼ା ୨୧ ସେମି ବୋଲି ବନ ବିଭାଗ ସୂଚନା ଦେଇଛି। ଏ ସଂକ୍ରାନ୍ତରେ ଟିକାବାଲି ରେଞ୍ଜରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ୪ ମାସ ପୂର୍ବରୁ ସେ ଏକ ମରିଯାଇଥିବା ଗୋରୁ ଦେହରେ ଚାଷ କାର୍ଯ୍ୟରେ ବ୍ୟବହୃତ ଦାନାଦାର ବିଷ ପ୍ରୟୋଗ କରିଥିଲେ। ସେହି ମାଂସ ଖାଇ ବାଘଟିର ମୃତ୍ୟୁ ଘଟିବା ପରେ ତା'ର ଛାଲକୁ ବାହାର କରି ବିକ୍ରି କରିବାକୁ ଯୋଜନା କରିଥିବା ପଚରାଉଚରା ସମୟରେ ଅଭିଯୁକ୍ତ ପଙ୍କଜ ସ୍ୱୀକାର କରିଛି। ପ୍ରକାଶଥାଉ କି, ପୂର୍ବରୁ ମଧ୍ୟ ଏହି ଅଞ୍ଚଳରୁ ବାଘଛାଲ ବେପାରୀଙ୍କୁ ଗିରଫ କରାଯାଇଛି। ଏହି ଅଞ୍ଚଳରେ ବନ୍ୟପ୍ରାଣୀ ଶିକାରୀଙ୍କ ସକ୍ରିୟ ବଢୁଥିବାରୁ ବନ ବିଭାଗ ଏଠାରେ ସ୍ୱତନ୍ତ୍ର ନଜର ରଖିବା ସହ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରେମିକ ସହ...

ଲୋକେନ୍ଦ୍ର ଘରୁ ବାହାରିବା ମାତ୍ରେ ତାଙ୍କ ସ୍ତ୍ରୀ ମହେଶଙ୍କୁ ଖବର ଦେଇଥିଲେ। ମହେଶ ଓ ତାଙ୍କ ସାଙ୍ଗ ଧର୍ମବୀର ଲୋକେନ୍ଦ୍ରଙ୍କୁ ମଦ ପିଇବା ବାହାନାରେ ଏକ ବିଲକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ଅଚେତ କରିବା ପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଘଟଣାସ୍ଥଳରୁ ମିଳିଥିବା ମଦ ବୋତଲ, କ୍ୟୁଆର କୋଡ୍ ଏବଂ ଖାଦ୍ୟ ପୁଡିଆର କାଗଜ ଟୁକୁଡ଼ାକୁ ଆଧାର କରି ପୁଲିସ ଦୋଷୀଙ୍କ ପାଖରେ ପହଞ୍ଚିଥିଲା। ସିସିଟିଭି ଫୁଟେଜ ଓ ଟେକ୍ନିକାଲ ପ୍ରମାଣ ବ୍ୟବହାର କରି ପୁଲିସ ମହେଶ, ଧର୍ବବୀର ଓ ସ୍ତ୍ରୀଙ୍କୁ ଗିରଫ କରିଛି।

### ବ୍ରାଜିଲରେ ରେଷ୍ଟୋରାଁ...

ରେଷ୍ଟୁରାଁଟି ବନ୍ଦ ଥିବାରୁ ଭିତରେ କେହି ଲୋକ ନଥିଲେ, ଯାହା ଫଳରେ ଏକ ବଡ଼ଧରଣର ଜୀବନହାନିକୁ ଏଡ଼ାଇ ଦିଆଯାଇପାରିଛି। ସୌଭାଗ୍ୟବଶତଃ ଅଳ୍ପକେ ବହୁ ଲୋକ ବର୍ତ୍ତିଯାଇଥିଲେ। ତେବେ ପାଖରେ ଥିବା ଏକ ଦୋକାନ ଏବଂ କିଛି ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଘଟଣା ପରେ ସିଭିଲ ଡିଫେନ୍ସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆଖପାଖ ଘରେ ଥିବା ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲେ। ବର୍ତ୍ତମାନ ଦୁର୍ଘଟଣା ଭାରତ ଜାଣିବା ପାଇଁ ତଦନ୍ତ ଜାରି ରହିଛି। ଏହି ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ରାଜ୍ୟ ଗଭର୍ଣ୍ଣର ଏଡୁଆର୍ଡୋ ଲେଇଟେ କହିଛନ୍ତି ଯେ ସେ ସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ସମସ୍ତ ସୁରକ୍ଷା ଏଜେନ୍ସିକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ପ୍ରେମ ବିବାହ...

ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଶୋଇଥିବା ଅବସ୍ଥାରେ ଏକ ତକିଆ ସାହାଯ୍ୟରେ ତାଙ୍କ ମୁହଁ ଚାପି ଶ୍ୱାସରୁଦ୍ଧ କରି ମାରିଦିଆଯାଇଛି। ପୁଲିସ ଏହି ଘଟଣାରେ ବାପା ଚନ୍ଦ୍ରଶ୍ରୀନୁ ଓ ଅନ୍ୟ ସମ୍ପର୍କୀୟଙ୍କୁ ଗିରଫ କରିଛି। ନିଲମ୍ବିତ ଅଧିକାରୀଙ୍କ ବିରୋଧରେ ଷଡ଼ଯନ୍ତ୍ର, ଲାଞ୍ଚ ଗ୍ରହଣ ଓ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଆପରାଧିକ ମାମଲା ରୁଜୁ କରାଯିବ ବୋଲି କୁହାଯାଇଛି।

### ଟ୍ରମ୍ପଙ୍କ 'ଅଲ୍‌ଟିମେଟମ'...

ମାର୍ଚ୍ଚ ୨୬ରେ ଡ଼ୋନାଲ୍ଡ ଟ୍ରମ୍ପ ଇରାନକୁ ୧୦ ଦିନର ସମୟ ଦେଇଥିଲେ, ଯାହାର ସମୟସୀମା ଏପ୍ରିଲ ୬ ରାତି ୮ଟାରେ (ଆମେରିକା ସମୟ) ଶେଷ ହେଉଛି। ଟ୍ରମ୍ପ ଧମକ ଦେଇଥିଲେ ଯେ ଯଦି ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଖୋଲା ନଯାଏ, ତେବେ ସେ ଇରାନର ପ୍ଲାଣ୍ଟଗୁଡ଼ିକୁ ଧ୍ୱଂସ କରିଦେବେ।

ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନ୍ ଏକ ଧ୍ୱଂସ ସ୍ତୁପରେ ପରିଣତ ହୋଇଛି । ଅପରପକ୍ଷରେ ଇରାନର ପାଲଟା ଆକ୍ରମଣରେ ଇସ୍ରାଏଲ୍ ମଧ୍ୟ ଭୟଙ୍କର କ୍ଷତିଗ୍ରସ୍ତ ହୋଇଛି । ମଧ୍ୟପ୍ରାଚ୍ୟରେ ଆମେରିକାର ପ୍ରାୟ ସମସ୍ତ ସାମରିକ ଘାଟି, ରଡ଼ାର ସିଷ୍ଟମ ମଧ୍ୟ ନଷ୍ଟ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଇରାନ କ୍ଷେପଣାସ୍ତ୍ର ମାଡ଼ରେ ଆମେରିକା ଏଯାଏ ୭ଟି ଏଫ୍ ୩୫, ଏଫ୍ ୧୫ ସହ ଶକ୍ତିଶାଳୀ ହରକ୍ୟୁଲେସ୍ ବିମାନ ହରାଇଛି ।

### ହର୍ମୁଜ ସମସ୍ୟା...

ମନ୍ତ୍ରୀଙ୍କ ସହ ଦୁଇଦେଶର ବିଶେଷଜ୍ଞ ଏବଂ ସାମରିକ ରଣନୀତିକାରମାନେ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳକୁ ସୁରକ୍ଷିତ କରାଯାଇପାରିବ, ସେ ନେଇ ସମ୍ଭାବ୍ୟ ବିକଳ୍ପଗୁଡ଼ିକ ଉପରେ ଆଲୋଚନା କରିଛନ୍ତି । ଓମାନ ବୈଦେଶିକ ମନ୍ତ୍ରଣାଳୟ ପ୍ରଦାନ କରିଥିବା ସୂଚନା ଅନୁସାରେ ଦୁଇ ଦେଶର ବିଶେଷଜ୍ଞମାନେ ପ୍ରଦାନ କରିଥିବା ପ୍ରସ୍ତାବଗୁଡ଼ିକୁ ବର୍ତ୍ତମାନ ଅନୁଧ୍ୟାନ କରାଯାଉଛି। ଓମାନ ସର୍ବଦା ମଧ୍ୟପ୍ରାଚ୍ୟରେ ଶାନ୍ତି ରକ୍ଷା ପାଇଁ ମଧ୍ୟସ୍ଥି ଭାବେ କାର୍ଯ୍ୟ କରିଆସୁଥିବାରୁ ଏହି ବୈଠକରୁ ସକାରାତ୍ମକ ଫଳାଫଳ ମିଳିବ ବୋଲି ଆଶା କରାଯାଉଛି।

### କେନ୍ଦ୍ର କହୁଛି...

କେନ୍ଦ୍ର ସରକାର କହିଛନ୍ତି। ମାତ୍ର ରାଜ୍ୟ ସରକାର ୫ କେଜି ସିଲିଣ୍ଡରକୁ ନେଇ ଗ୍ରାହକଙ୍କୁ ଭୂଆଁ ବୁଲାଉଛନ୍ତି। ରାଜ୍ୟରେ ୫ କେଜି ଗ୍ୟାସ ଟାଙ୍କି ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି ବୋଲି ରାଜ୍ୟ ଯୋଗାଣମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି। କେନ୍ଦ୍ର ସରକାର ଓ ତୈଳ ମନ୍ତ୍ରଣାଳୟ ୫ କେଜି ଗ୍ୟାସ ଟାଙ୍କି ବିକ୍ରି ଉପରେ କୌଣସି କଟକଣା ଜାରି କରି ନ ଥିବାବେଳେ ରାଜ୍ୟ ସରକାର କିପରି ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଲେ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ତୈଳ ମନ୍ତ୍ରଣାଳୟର ସୂଚନା ଅନୁସାରେ ଗ୍ୟାସ କମ୍ପାନୀଗୁଡ଼ିକ ଗତ ୧୨ ଦିନ ଅର୍ଥାତ୍ ମାର୍ଚ୍ଚ ୨୩ରୁ ଏପ୍ରିଲ ୪ ତାରିଖ ମଧ୍ୟରେ ୬.୬ ଲକ୍ଷ ୫ କେଜି ଗ୍ୟାସ ସିଲିଣ୍ଡର ବିକ୍ରି କରିଛନ୍ତି। କେବଳ ଗତକାଲି ଅର୍ଥାତ୍ ୪ ତାରିଖରେ ଗୋଟିଏ ଦିନରେ ଦେଶରେ ୯୦,୦୦୦ ରୁ ଅଧିକ ୫ କିଲୋଗ୍ରାମ ସିଲିଣ୍ଡର ବିକ୍ରି ହୋଇଛି। ଏଲପିଜି ବିତରକମାନଙ୍କ ପାଖରେ ଗ୍ୟାସର ଅଭାବ ନାହିଁ। ପ୍ରତିଦିନ ୫୧ ଲକ୍ଷରୁ ଅଧିକ ଘରୋଇ ସିଲିଣ୍ଡର ଯୋଗାଇ ଦିଆଯାଉଛି। ଅନଲାଇନ୍ ବୁକିଂ ମାଧ୍ୟମରେ ଚାହିଦାର ୯୫% ପୂରଣ କରାଯାଉଛି। ତେବେ କଳାବଜାର ରୋକିବା ପାଇଁ କିଛି ପଦକ୍ଷେପ ନିଆଯାଇଛି । ୧୪୦୦ରୁ ଉର୍ଦ୍ଧ୍ୱ ବିତରକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ଏବଂ ୩୬ ଟି ଡିଲରସିପ୍ ନିଲମ୍ବନ କରାଯାଇଛି।

ମାତ୍ର ଓଡ଼ିଶାରେ ଯୋଗାଣ ବିଭାଗ ଭିନ୍ନ ନୀତି ଅବଲମ୍ବନ କରୁଛି। ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ଗ୍ୟାସ ବିକ୍ରି ନେଇ ଇ-କେୱାଇସି କରାଯିବ। ଯାହା ନାଁରେ କାର୍ଡ ଥିବ ଗ୍ୟାସ ଏଜେନ୍ସିରୁ ସେମାନେ ହିଁ ଗ୍ୟାସ ଟାଙ୍କି ନେଇ ପାରିବେ। ଯେଉଁ ୫ କିଲୋ ଗ୍ରାମ ଗ୍ୟାସ ଟାଙ୍କି ବିକ୍ରି ହେଉଥିଲା ତାହା ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଏଭଳି ଉକ୍ତି ପରେ ବିଶେଷ କରି ଛାତ୍ରଛାତ୍ରୀମାନେ ଚିନ୍ତାରେ ପଡ଼ିଛନ୍ତି। କାରଣ ବିଭିନ୍ନ ସହରାଞ୍ଚଳରେ ଛାତ୍ରଛାତ୍ରୀମାନେ ୫ କେଜି ଗ୍ୟାସ ଟାଙ୍କି ରଖି ରୋଷେଇ କରିଥାନ୍ତି। ଅଳ୍ପ ରୋଜଗାର କରୁଥିବା ଲୋକେ ମଧ୍ୟ ୫ କେଜି ଟାଙ୍କିରେ ଗୁଜୁରାଣ ମେଣ୍ଟାଇଥାନ୍ତି। ମାତ୍ର ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ନେଇ ଘୋଷଣା ହେବା ପରେ ଏମାନଙ୍କ ମନରେ ଭାଳେଣି ପଡ଼ିଛି। ଅନ୍ୟପଟେ ଏହି ଗ୍ୟାସ ବନ୍ଦ ହେବା ଓ ଛାତ୍ରଛାତ୍ରୀଙ୍କ ସମସ୍ୟା ନେଇ ପ୍ରଶ୍ନରେ ସେମାନେ (ଛାତ୍ରଛାତ୍ରୀ) ହଷ୍ଟେଲ୍‌ରେ ଖାଇପାରିବେ। ହଷ୍ଟେଲ୍‌ଗୁଡ଼ିକୁ ଗ୍ୟାସ ଯୋଗାଣରେ କୌଣସି ସମସ୍ୟା ନାହିଁ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଲାଗି ଗ୍ୟାସ୍ ଯୋଗାଣରେ ଅଙ୍କୁଶ ଲଗାଯାଇଛି। ଖାସ୍ କରି ଖୋଲା ବଜାରରେ ମିଳୁଥିବା ଗ୍ୟାସ୍ ଦର ଅଚାନକ ବଢିବା ସହ ଗ୍ରାହକଙ୍କୁ ମିଳିବା ମଧ୍ୟ କଷ୍ଟ ହେଉଛି। ଏ ଭିତରେ ବି କଳାବଜରରେ ଗ୍ୟାସ ଛଡ଼ା ଦରରେ ବିକ୍ରି ହେଉଛି। ପୂର୍ବରୁ ଖୋଲା ବଜାରରେ ୫ କେଜି ଟାଙ୍କି ଭର୍ତ୍ତି ପାଇଁ ମାତ୍ର ୫୦୦ ଟଙ୍କା ଲାଗୁଥିବା ବେଳ ଏବେ ୫ କେଜି ଟାଙ୍କି ଭର୍ତ୍ତି କରାଇବା ପାଇଁ ଖୋଲା ବଜାରରେ ୧୫୦୦ ଟଙ୍କା ନେଉଛନ୍ତି। ଅନ୍ୟପଟେ ସରକାରୀ ଭାବେ ୧୪ କେଜି ଟାଙ୍କି ମାତ୍ର ୯୪୦ ଟଙ୍କାରେ ମିଳୁଥିବା ବେଳେ ଚୋରାରେ ଏହା ୪୫୦୦ ଟଙ୍କାରେ ବିକ୍ରି ହେଉଛି।

### ମୋଡ଼ିଦେଲେ 'ମେଟ୍ରୋ'...

ଗଢୁଥିବା ବେଳେ ଓଡ଼ିଶା ସରକାର କେବଳ ଡିପିଆର ଓ ବିଜ୍ଞାପନରେ ଅଟକି ଯାଇଛି ଅଭିଯୋଗ କରିବା ସହ ପ୍ରେସ ବିଜ୍ଞପ୍ତିରେ ତତ୍‌କାଳୀନ ସରକାରଙ୍କୁ କାଠଗଡ଼ାକୁ ଟାଣିଥିଲା। ମାତ୍ର ସେହି ବିଜେପି ରାଜ୍ୟରେ ସରକାରକୁ ଆସିବା ପରେ ପ୍ରଥମରୁ ହିଁ ମେଟ୍ରୋ ପ୍ରକଳ୍ପକୁ ଖତଗଦାକୁ ଫିଙ୍ଗି ଦେଇଛି। ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ସ୍ୱପ୍ନ ଦେଖାଉଛନ୍ତି। କଥାକଥାକେ ବିଜେପି ନେତାମାନେ ୨୦୩୬ରେ ଓଡ଼ିଶା ବିକଶିତ ରାଜ୍ୟ ହେବ ବୋଲି କହୁଛନ୍ତି । ଦଳର ଜାତୀୟ ନେତାମାନେ ନିର୍ବାଚନ ସମୟରେ ଓଡ଼ିଶା ଦେଶରେ ଏକ ନମ୍ବର ରାଜ୍ୟ ହେବ ବୋଲି କହିଥିଲେ, ରାଜ୍ୟ ବିଜେପି ନେତାମାନେ ତାହାକୁ ଦୋହରାଇଥିଲେ । ମାତ୍ର ସାରା ଦେଶର ସବୁ ସହରରେ ମେଟ୍ରୋ ପ୍ରକଳ୍ପକୁ ଅଗ୍ରାଧିକାର ଦିଆଯାଉଥିବାବେଳେ ଓଡ଼ିଶାରେ ଡ଼ବଲ ଇଞ୍ଜିନ ସରକାର ମେଟ୍ରୋ ରେଳକୁ ଟାଣିବାରେ ବିଫଳ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଦେଶର ପ୍ରାୟ ୨୬ରୁ ଅଧିକ ସହରରେ ମେଟ୍ରୋ ରେଳ ମଧ୍ୟ ଚଳାଚଳ କଲାଣି। ଏପରିକି ମୁମ୍ବାଇ-ଅହମଦାବାଦ ବୁଲେଟ ଟ୍ରେନ ଆସନ୍ତା ୨୦୨୯ ସୁଦ୍ଧା ଚଳାଚଳ କରାଯିବ ବୋଲି ଆଶା କରାଯାଉଛି। ବିହାର, ଉତ୍ତର ପ୍ରଦେଶ, ହରିୟାଣା ପରି ରାଜ୍ୟରେ ଭୁବନେଶ୍ୱରଠାରୁ ଅପେକ୍ଷାକୃତ ଅନୁନ୍ନତ ସହରରେ ମେଟ୍ରୋ ସେବା ଆରମ୍ଭ ହୋଇ ସାରିଛି। କର୍ଣ୍ଣାଟକ, କେରଳ, ତାମିଲନାଡୁ ଓ ତେଲେଙ୍ଗାନାରେ ପ୍ରାୟ ୨୫୧ କିଲୋମିଟର ବିଶିଷ୍ଟ ନୂଆ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ପୂର୍ବରୁ ଉପରୋକ୍ତ ୪ ରାଜ୍ୟରେ ୨୪୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରେଳ ଲାଇନ କାର୍ଯ୍ୟକ୍ଷମ ହୋଇ ସାରିଥିବା ବେଳେ ଏହି ରାଜ୍ୟ ବିଜେପି ସରକାର ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ବାତିଲ କରିଦେବାକୁ ନେଇ ପ୍ରଶ୍ନବାଚୀ ଉଠାଇଛନ୍ତି ବିଶେଷଜ୍ଞ । ଭୁବନେଶ୍ୱର-କଟକରେ ଲୋକସଂଖ୍ୟା ୨୫ ଲକ୍ଷ ଅତିକ୍ରମ କରିଛି ଓ ୨୦୩୦ ସୁଦ୍ଧା ଦୁଇ ସହରର ଜନସଂଖ୍ୟା ୩୦ ଲକ୍ଷ ଛୁଇଁବ। ମେଟ୍ରୋରେ ସଂଯୋଗ ପାଇଁ ଯୋଜନା ହୋଇଥିବା ପୁରୀକୁ ମିଶାଇଲେ ଜନସଂଖ୍ୟା ୩୫ ଲକ୍ଷ ଅତିକ୍ରମ କରିବ । ତେଣୁ ଏଠାରେ ମେଟ୍ରୋ ଚଳାଇବା ନିହାତି ଅପରିହାର୍ଯ୍ୟ ବୋଲି ସେମାନେ କହିଛନ୍ତି ।

ରାଜ୍ୟ ବିଜେପି ସରକାର ଗଠନ କରିଥିବା ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ରିପୋର୍ଟ ଗ୍ରହଣଯୋଗ୍ୟ ନୁହେଁ ବୋଲି ବିଶେଷଜ୍ଞ ମହଲ ଯୁକ୍ତି ବାଢ଼ିଛି। ମେଟ୍ରୋରେ ଆଶାଜନକ ଯାତ୍ରୀ ହେବେନାହିଁ ବୋଲି କମିଟି ଯେଉଁ ରିପୋର୍ଟ ଦେଇଛି, ତାହାକୁ ନିରାଧାର ବୋଲି ଅଭିହିତ କରି ବିଶେଷଜ୍ଞମାନେ ସମାଲୋଚନା କରିଛନ୍ତି ଭୁବନେଶ୍ୱର ତୁଳନାରେ ଦେଶର ବହୁ ଛୋଟ ଛୋଟ ସହରରେ ମେଟ୍ରୋ ରେଳ ଲାଭରେ ଚାଲିଥିବା ବେଳେ ଆନ୍ତ ମନ୍ତ୍ରୀସ୍ତରୀୟ କମିଟି କେଉଁ ତଥ୍ୟ ଆଧାରରେ ଏପରି ରିପୋର୍ଟ ଦେଲା ତାହା ସାର୍ବଜନୀନ ହେବା ଦରକାର ବୋଲି ସେମାନେ ଦାବି କରିଛନ୍ତି ।

ଅପରପକ୍ଷେ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ମେଟ୍ରୋ ପ୍ରକଳ୍ପ ସମ୍ପୂର୍ଣ୍ଣ ବନ୍ଦ ହେବା କଥା କୁହାଯାଇନି। ତେବେ ପୂର୍ବ ସରକାର ପ୍ରକଳ୍ପ ପାଇଁ ଯେଉଁ କଣ୍ଟ୍ରାକ୍ଟ ଦେଇଥିଲେ, ସେଥିରେ ତ୍ରୁଟି ଥିଲା। ଯେଉଁଠି ଯେଉଁଠି ମେଟ୍ରୋ ହୋଇଛି, ସେଠାରେ କେନ୍ଦ୍ର ସରକାରଙ୍କ ସହଭାଗିତାରେ ହୋଇଛି। ମାତ୍ର ଗତ ସରକାର ଜାଣିଶୁଣି କେନ୍ଦ୍ରର ସହାୟତା ନ ନେଇ, ନିଜ ବଜେଟରେ ପ୍ରକଳ୍ପ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଜିକା ଦିନରେ ରାଜ୍ୟରେ ମେଟ୍ରୋ ଚଳାଚଳ କ୍ଷତିଜନକ ହୋଇପାରେ। ତେବେ ଆଗାମୀ ଦିନରେ ସରକାର ଗମ୍ଭୀର ଅଛନ୍ତି, ଏବଂ ଚିନ୍ତା କରୁଛନ୍ତି ବୋଲି ସେ କହିଛନ୍ତି।

ଅପରପକ୍ଷେ ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ମୋହନ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଅପାରଗତା ଓ ବିଜେପିର ରାଜନୀତି କାରଣରୁ ଆଜି ମେଟ୍ରୋ ପ୍ରକଳ୍ପରେ ତାଲା ଝୁଲିଲା। କେବଳ ନବୀନ ପଟ୍ଟନାୟକ ଥିଲେ ହିଁ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ବାସ୍ତବତାର ରୂପ ନେଇଥାନ୍ତା। ଓଡ଼ିଶା ସରକାରଙ୍କ ନିଷ୍ପତ୍ତିକୁ ଆମେ ନିନ୍ଦା କରୁଛୁ ବୋଲି ସେ କହିଛନ୍ତି।

### କମିବ ଅଭିବୃଦ୍ଧି...

ଘରୋଇ ରେଟିଂ ଏଜେନ୍ସି ଆଇସିଏମ୍‌ଆର ମଧ୍ୟ ଦେଶର ଅଭିବୃଦ୍ଧି ହାର ୬.୫ ମଧ୍ୟରେ ରହିବ ବୋଲି ଆକଳନ କରିଛି। ସମ୍ପ୍ରତି ବିଶ୍ୱରେ ଯୁଦ୍ଧ ପରିସ୍ଥିତି ଭାରତ ପାଇଁ ଚିନ୍ତା ବଢ଼ାଉଛି। ର ଅଶୋଧିତ ତୈଳ, ଗ୍ୟାସ ଓ ସାର ମୂଲ୍ୟ ସରକାରଙ୍କ ସବସିଡି ବୋଝକୁ ବୃଦ୍ଧି କରିବ। ଏହା ସରକାରୀ ଖର୍ଚ୍ଚ ବୃଦ୍ଧି କରିବ ଓ ରାଜସ୍ୱ ଉପରେ ଚାପ ପକାଇବ। ଫେବୃଆରୀ ୨୮ ତାରିଖରେ ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ ପରେ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇଛି। ଏହି ପ୍ରଭାବ ଭାରତ ଭଳି ଆମଦାନୀ-ନିର୍ଭରଶୀଳ ଦେଶମାନଙ୍କ ଉପରେ ସ୍ପଷ୍ଟ ପରିଦୃଶ୍ୟ ହୋଇଛି। ପେଟ୍ରୋଲ ଓ ଡିଜେଲ ଉପରେ ସରକାରଙ୍କ ଉତ୍ପାଦ ଶୁଳ୍କ ହ୍ରାସ ସିଧାସଳଖ ଟିକସ ସଂଗ୍ରହକୁ ପ୍ରଭାବିତ କରିବ। ମହଙ୍ଗା କଞ୍ଚାମାଲ ଶିଳ୍ପ ଓ କର୍ପୋରେଟ ଉପରେ ଚାପ ବଢ଼ାଇଛି, ଏହା ସିଧାସଳଖ କର୍ପୋରେଟ ଟିକସ ହ୍ରାସ କରିବ।

ସରକାର ୨୦୩୦-୩୧ ସୁଦ୍ଧା ୫୭% ଋଣକୁ ୫୦ ପ୍ରତିଶତକୁ ହ୍ରାସ କରିବାକୁ ରଖିଥିବା ଲକ୍ଷ୍ୟ ପୂରଣ ହେବା ମଧ୍ୟ ଅସମ୍ଭବ ମନେ ହେଉଛି। ସେହିପରି ବୈଶ୍ୱିକ ଉତ୍ତେଜନା, କଞ୍ଚାମାଲର ମୂଲ୍ୟବୃଦ୍ଧି, ଆମଦାନୀ ହ୍ରାସ ମଧ୍ୟ ଦେଶର ଚଳନ୍ତି ନିଅଣ୍ଟକୁ ବୃଦ୍ଧି କରିବ ବୋଲି ରେଟିଂ ଏଜେନ୍ସିଗୁଡ଼ିକ ଆକଳନ କରିଛନ୍ତି। ତେଣୁ ଭାରତକୁ ଏବେ ସାର ଏବଂ ଗ୍ୟାସ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ବିକଳ୍ପ ଖୋଜିବାକୁ ପଡ଼ିବ ଓ ଏହା ମହଙ୍ଗା ହେବାର ମଧ୍ୟ ଆଶଙ୍କା ରହିଛି। ଅନୁରୂପ ଭାବରେ ଭାରତର କୃଷି ଉତ୍ପାଦଗୁଡ଼ିକ ପାଇଁ ପଶ୍ଚିମ ଏସିଆ ଏକ ପ୍ରମୁଖ ବଜାର ରହିଆସିଛି। ସେଠାକୁ ରପ୍ତାନୀରେ ବାଧା ଭାରତୀୟ ଉତ୍ପାଦର ଚାହିଦାକୁ ହ୍ରାସ କରିବ, ଯାହାଦ୍ୱାରା ରାଜସ୍ୱ ମଧ୍ୟ ହ୍ରାସ ପାଇବ ବୋଲି ରେଟିଂ ଏଜେନ୍ସିଗୁଡ଼ିକ ମତ ଦେଇଛନ୍ତି।

### କମି ନ ପାରେ...

ସୁଧହାର କମିବା ସମ୍ଭାବନାକୁ ହ୍ରାସ କରିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବିଶ୍ୱ ଅନିଶ୍ଚିତତା ଓ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ମୁଦ୍ରା ନୀତି କମିଟି ରେପୋ ରେଟରେ କୌଣସି ପରିବର୍ତ୍ତନ ନ କରିବାକୁ ନିଷ୍ପତ୍ତି ରହିଛି । ଅର୍ଥାତ୍ ବର୍ତ୍ତମାନ ରେପୋରେଟ ୫.୨୫% ଆସନ୍ତାକାଲି ଅନୁଷ୍ଠିତ ବୈଠକରେ ଅପରିବର୍ତ୍ତିତ ରହିପାରେ।

ଏସ୍‌ବିଆଇ ପକ୍ଷରୁ ଏକ ଗବେଷଣା ରିପୋର୍ଟରେ କୁହାଯାଇଛି ଯେ ଇସ୍ରାଏଲ ଓ ଇରାନ ମଧ୍ୟରେ ବଢୁଥିବା ସଂଘର୍ଷ ସମଗ୍ର ବିଶ୍ୱକୁ ସଙ୍କଟରେ ପକାଇଛି। ୧୯୭୩ ପରେ ପ୍ରଥମଥର ପାଇଁ ହରମୁଜ୍ ପ୍ରଣାଳୀ ବନ୍ଦ ହେବା ଭଳି ପରିସ୍ଥିତି ବିଶ୍ୱ ତୈଳ ବଜାର ପାଇଁ ସମସ୍ୟା ସୃଷ୍ଟି କରିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ଏହା ପ୍ରଥମ ନୀତି ସମୀକ୍ଷା ହୋଇଥିବାରୁ ଅତ୍ୟନ୍ତ ସତର୍କତାର ସହ ମୁଦ୍ରା ନୀତି କମିଟି ଏହା ଉପରେ ବିଚାର କରିପାରେ ବୋଲି କୁହାଯାଉଛି ।

ସମ୍ପ୍ରତି ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ମୂଲ୍ୟ ୧୦୦ ଡଲାର ଅତିକ୍ରମ କରିଛି, ଅନ୍ୟପକ୍ଷରେ ଡ଼ଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ଭାରତରେ 'ଆମଦାନୀ ମୁଦ୍ରାସ୍ଫୀତି' ପରିସ୍ଥିତି ସୃଷ୍ଟି କରିଛି । ଏହି ସମୟରେ ଆଗାମୀ ଦିନରେ 'ସୁପର ଏଲ୍ ନିନୋ'ର ବିପଦ ଆଶଙ୍କା ଦେଶରେ ଭୟଙ୍କର ମୁଦ୍ରାସ୍ଫୀତି ସୃଷ୍ଟ କରିପାରେ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି। ଏପରିକି ପରବର୍ତ୍ତୀ ତିନୋଟି ତ୍ରୟମାସିକ ଅର୍ଥାତ୍ ଚଳିତ ଆର୍ଥିକ ବର୍ଷରେ ଶେଷ ଯାଏ ଦେଶରେ ମୁଦ୍ରାସ୍ଫୀତି ୪.୫ ଅତିକ୍ରମ କରିବାରେ ବୋଲି ଆଶଙ୍କା କରାଯାଉଛି ।

ସମ୍ପ୍ରତି ଆମଦାନୀ ମୁଦ୍ରାସ୍ଫୀତି ପୂର୍ବରୁ ୫.୪%ରେ ପହଞ୍ଚିଛି ଓ ଭବିଷ୍ୟତରେ ଏହା ଆହୁରି ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ମୁଦ୍ରାସ୍ଫୀତି ଚଳିତ ଆର୍ଥିକ ବର୍ଷରେ ୪.୫% ଉପରେ ରହିବ ବୋଲି ଆକଳନବେଳେ ସୁଧ ହାର ହ୍ରାସ କରିବା ଆରବିଆଇ ପାଇଁ ବିପଦପୂର୍ଣ୍ଣ ହେବ ବୋଲି ଅର୍ଥନୀତିଜ୍ଞମାନେ ମନେ କରୁଛନ୍ତି । ପୁନଶ୍ଚ ଆରବିଆଇ କେବଳ ସୁଧ ହାର ଉପରେ ଧ୍ୟାନ ଦେବା ପରିବର୍ତ୍ତେ ମାଇକ୍ରୋଷ୍ଟ୍ରକ୍‌ଚରକୁ ଉନ୍ନତ କରିବା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ଅର୍ଥନୀତିଜ୍ଞମାନେ ପରାମର୍ଶ ଦେଇଛନ୍ତି। ସେହିପରି ରିଜର୍ଭ ବ୍ୟାଙ୍କ 'ଅପରେସନ୍ ଟ୍ୱିଷ୍ଟ' (ଦୀର୍ଘକାଳୀନ ବଣ୍ଡ କିଣିବା ଏବଂ ସ୍ୱଳ୍ପକାଳୀନ ବଣ୍ଡ ବିକ୍ରି କରିବା) ଭଳି ପଦକ୍ଷେପ କାର୍ଯ୍ୟକାରୀ କରିପାରିବ।

**QUOTATION NOTICE**

Quotation is invited from reputed firms/authorised dealers / vendors to supply and installation of desktop printer etc. Quotation should be submitted in the official email that is **kalingadegreecollegemanada1@gmail.com** on or before 15 days of this publication. For more details about specifications of these items please feel free to contact in **mob no. 8847842509.**

**Principal cum-Sec.**
**Kalinga Degree College, Manada, Bisoi, Mayurbhanj**

34001/17/2627 E-mail ID : eerbkbj@rediffmail.com

Government of Odisha

OFFICE OF THE SUPERINTENDING ENGINEER
KANTABANJI (R&B) DIVISION

Bid Identification No.18 / KBJ / 2025-2026

The **Superintending Engineer, Kantabanji (R&B) Division** on behalf of Governor of Odisha invites **Percentage Rate bid** for **Building** works detailed in the table below in **Single Cover** system **ONLINE MODE** from the Class of Contractors mentioned in **Column-7** registered with the State Government and contractors of equivalent Grade / Class registered with Central Government/ MES/ Railways for execution of **Building** works. The proof of registration from the appropriate authority shall be enclosed along with the bid.

1) No. of work :- 01 Nos. (Single Cover)
2) Nature of work :- Building work
3) Class of contractor :- "B" Class
4) Approximate value of work :- Rs.43.76 Lakh
5) Tender cost :- Rs.6,000/-
6) Date and time of vailability of Bid documents in online :- From Dt. 09.04.2026, 11.00 A.M. to Dt.20.04.2026 up to 05:00 P.M.
7) Date of Opening :- Dt.21.04.2026 at 11:30 A.M.
8) Other details can be seen in the bidding documents from the e-procurement portal "**www.tendersodisha.gov.in**"
9) The bidders have to participate in ONLINE bidding only. Further details can be seen from the website: **www.tendersodisha.gov.in**. All future corrigendum will be available on ONLINE MODE only.

Superintending Engineer,
Kantabanji (R&B) Division

OIPR-34001/34099/1/26-27/0002

GOVERNMENT OF ODISHA 32001/16/2627
OFFICE OF THE SUPERINTENDING ENGINEER
POTTERU IRRIGATION DIVISION, AT/PO: BALIMELA
DIST: MALKANGIRI(ODISHA)
**e-mail Id: eepid78@gmail.com**

**e-Procurement Notice No.- SE-PID-BML-01/2026-27**

1. No. of works : 1 (One)
2. Approx. Estimated cost : Rs.33.34 Lac
3. Eligibility of the bidders : Registered & licensed security service agencies for deployment of security personnel
4. Period of completion : 335 days
5. Date & time of availability of bid document in the portal : 10/04/2026 (10:00 A.M.) to 20/04/2026 (05:00 P.M.)
6. Last date/time for receipt of bid in the portal : 20/04/2026 (05:00 P.M.)
7. Date of opening of the bids on-line : 21/04/2026 (11:00 A.M.)
8. Name & address of the O.I.T. : Superintending Engineer, Potteru Irrigation Division, At/Po: Balimela, District: Malkangiri

Further details can be seen from the e-procurement portal http://tendersodisha.gov.in

Superintending Engineer
Potteru Irrigation Division
Balimela

OIPR-32001/32052/1/26-27/0001

# କାଠଯୋଡ଼ି ସେତୁ ଟେଣ୍ଡରର ବିବାଦକୁ ନେଇ ଘେରିଲା କଂଗ୍ରେସ

ଭୁବନେଶ୍ୱର,୫।୪(ସମିସ): କାଠଯୋଡ଼ି ଟେଣ୍ଡରକୁ ନେଇ ରାଜ୍ୟ ସରକାରଙ୍କୁ କଠୋର ସମାଲୋଚନା କରିଛି। ପ୍ରାୟ ୨୦୦ କୋଟିର କାଠଯୋଡ଼ି ସେତୁ ପ୍ରକଳ୍ପକୁ ଏସପିଏସ୍ କନଷ୍ଟ୍ରକ୍ସନ୍ କମ୍ପାନୀକୁ ଦେବା ସିଦ୍ଧାନ୍ତକୁ କଂଗ୍ରେସ 'ଜନ ସୁରକ୍ଷା ଏବଂ ଲୋକଙ୍କ ଜୀବନ ସହ ଖେଳ' ବୋଲି କହିଛି।

ରବିବାର କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ କଂଗ୍ରେସ ପ୍ରବକ୍ତା ସୋନାଲି ସାହୁ ବିହାରର ବିବାଦିତ ସୁଲତାନଗଞ୍ଜ ଖୋଗାରିଆ ପୋଲ ଭୁଶୁଡ଼ିବା ଘଟଣାକୁ ଉଦ୍ଧୃତ କରି କହିଥିଲେ ଯେ ଏହି କମ୍ପାନୀ ତିଆରି କରୁଥିବା ୧୭୦୦ କୋଟିରୁ ଅଧିକ ମୂଲ୍ୟର ସେତୁ ତିନିଥର ଭାଙ୍ଗି ପଡ଼ିବା ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହା କେବଳ ଦୁର୍ଘଟଣା ନୁହେଁ; ବରଂ କମ୍ପାନୀର ଗୁରୁତର ଅବହେଳା, ନିମ୍ନମାନର କାର୍ଯ୍ୟ, ନିମ୍ନମାନର ସାମଗ୍ରୀ, ଦକ୍ଷତାର ଅଭାବ, ତ୍ରୁଟିପୂର୍ଣ୍ଣ ଡିଜାଇନ୍ ଓ କାର୍ଯ୍ୟ ସମ୍ପାଦନ ବିଫଳତାର ପ୍ରମାଣ ବୋଲି ସେ କହିଛନ୍ତି। ଆଇଆଇଟି ରୁର୍କିର ରିପୋର୍ଟ ଏହି ପ୍ରକଳ୍ପରେ ଗଭୀର ତ୍ରୁଟି ଥିବା ଚିହ୍ନଟ କରିଥିଲା ଏବଂ ସମ୍ପୂର୍ଣ୍ଣ ସେତୁକୁ ପୁନଃନିର୍ମାଣ କରିବା ପାଇଁ ସୁପାରିସ କରିଥିଲା, ଯାହାକୁ ପାଟଣା ହାଇକୋର୍ଟ ମଧ୍ୟ ଗୁରୁତ୍ୱର ସହ ଗ୍ରହଣ କରିଥିଲେ ଏବଂ କାହିଁକି ଏ କମ୍ପାନୀ କଳାତାଲିକା ଭୁକ୍ତ ହେବନାହିଁ ବୋଲି ପ୍ରଶ୍ନ କରିଥିଲେ।

ଅନ୍ୟତମ ପ୍ରବକ୍ତା ଡଃ ମନୀଷା ଦାସ ପଟ୍ଟନାୟକ ସରକାରଙ୍କୁ ସିଧା ଟାର୍ଗେଟ କରି କହିଥିଲେ ଯେ ଏପରି ବିବାଦିତ, ଦାଗୀ ଓ ବାରମ୍ବାର ବିଫଳ ହେଉଥିବା କମ୍ପାନୀକୁ ଓଡିଶାରେ ଦାୟିତ୍ୱ ଦେବା ଅର୍ଥ ପ୍ରକୃତରେ ଲୋକଙ୍କ ଜୀବନକୁ ବିପଦରେ ପକାଇବା। ସେ



କହିଥିଲେ ଯେ ବିହାର ଘଟଣା କେବଳ ଯାନ୍ତ୍ରିକ ତ୍ରୁଟି ନୁହେଁ; ବରଂ ପ୍ରଶାସନିକ ଅବହେଳା ଓ ନିୟନ୍ତ୍ରଣର ଅଭାବକୁ ମଧ୍ୟ ସ୍ପଷ୍ଟ କରିଛି, ଯାହାକୁ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପର୍ଯ୍ୟନ୍ତ ନେଇଯିବାକୁ ପଡ଼ିଥିଲା। ଡଃ ପଟ୍ଟନାୟକ ପ୍ରଶ୍ନ କରିଥିଲେ ଯେ କେଉଁ ଯୋଗ୍ୟତା ଆଧାରରେ ଏହି କମ୍ପାନୀକୁ ଚୟନ କରାଗଲା, ପୂର୍ବ ଟେଣ୍ଡର କାହିଁକି ବାତିଲ୍ କରାଗଲା ଓ ଏହାର ପଛରେ କାହାର ଲାଭ ରହିଛି। ସେ ସଚେତନ କରିଥିଲେ ଯେ ଯଦି ଏହିପରି ଅବହେଳା ଜାରି ରହେ, ତେବେ ଓଡିଶାରେ ମଧ୍ୟ ଏକ ବଡ଼ ଦୁର୍ଘଟଣା ଘଟିପାରେ ଓ ତାହାର ଦାୟିତ୍ୱ ସରକାରଙ୍କୁ ନେବାକୁ ପଡ଼ିବ। ଜନସୁରକ୍ଷା ସହ କୌଣସି ପ୍ରକାରର ସାଲିସ କେବେ ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ ଏବଂ ଏହି ଟେଣ୍ଡର ପ୍ରକ୍ରିୟାର ତୁରନ୍ତ ପୁନଃବିଚାର କରା ନ ଗଲେ, ଆଗକୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବ୍ୟବସାୟୀଙ୍କଠାରୁ ଟଙ୍କା ଓ ସୁନାଗହଣା ଲୁଟ୍

ରାଜଘାଟ, ୫।୪ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧୀନ ଅମର୍ଦ୍ଦାରୋଡ୍ ବଜାରର ଜଣେ ଗହଣା ଦୋକାନୀ ଲୁଟ୍‌ର ଶିକାର ହୋଇଛନ୍ତି। କିଛି ଦୁର୍ବୃତ୍ତ ଫାଙ୍କା ଗୁଳିଚାଳନା କରି ତାଙ୍କୁ ଭୟଭୀତ କରିବା ସହ ଆକ୍ରମଣ କରି ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ଗହଣା ଦୋକାନୀଜଣଙ୍କ ହେଲେ, ଗଗନ କୁମାର ପ୍ରଧାନ(୩୨)। ଏ ସଂପର୍କରେ ସେ ଜଳେଶ୍ୱର ରେଳ ସୁରକ୍ଷାବଳ ଏବଂ ବସ୍ତା ଥାନାରେ ଅଭିଯୋଗ କରିଛନ୍ତି।

ଗଗନଙ୍କ ଅମର୍ଦ୍ଦାରୋଡ୍ ବଜାରରେ 'ଲକ୍ଷ୍ମୀ ଜୁଏଲାର୍ସ' ନାମକ ଏକ ଅଳଙ୍କାର ଦୋକାନ ରହିଛି। ଶନିବାର ରାତି ପ୍ରାୟ ୯ଟାରେ ଗଗନ ଦୋକାନ ବନ୍ଦ କରି ମରାମତି ହେବାକୁ ଆସିଥିବା କିଛି ଅଳଙ୍କାର, ବିକ୍ରି ପାଇଁ ତିଆରି ହୋଇଥିବା କିଛି ସୁନା ଅଳଙ୍କାର ସମେତ ନଗଦ ୨ଲକ୍ଷ ୪୦ ହଜାର ଧରି ସାଇକଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଅମର୍ଦ୍ଦାରୋଡ-ବେଲା ରେଳବାଇ ରାସ୍ତାର ଉତ୍ତର କେବିନ ନିକଟ ସୃଷ୍ଟିଧର ଗିରିଙ୍କ ଘର ସମ୍ମୁଖରେ ଗୋଟିଏ ବାଇକ୍‌ରେ ୩ଜଣ ଯୁବକ ଆସି ଗଗନଙ୍କୁ ବନ୍ଧୁକ ଦେଖାଇ ଲୁଟ୍ କରିବା ପାଇଁ ଉଦ୍ୟମ କରିଥିଲେ। ଗଗନ ବିରୋଧ କରିବାରୁ ଦୁର୍ବୃତ୍ତମାନେ ଗୋଟିଏ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିବା ସହ ଲୁହାଛଡ଼ରେ ତାଙ୍କୁ ପିଟି ଲହୁଲୁହାଣ କରିଥିଲେ। ଗଗନଙ୍କ ଉପରେ ସାଇକଲ ପଡ଼ି ଛନ୍ଦି ହୋଇଯିବାରୁ ଦୁର୍ବୃତ୍ତମାନେ ତାଙ୍କଠାରୁ ସବୁତକ ଟଙ୍କା ଓ ୨୫୦ ଗ୍ରାମ ଓଜନର ସୁନାଗହଣା ଭର୍ତ୍ତି ବ୍ୟାଗକୁ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ଆହତ ଗଗନଙ୍କୁ ଉଦ୍ଧାର କରି ବସ୍ତା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ।

## ଭାରତୀୟ ରେଳବାଇର ସ୍ପଷ୍ଟୀକରଣ

# ପ୍ରଭାବିତ ହେବନାହିଁ ପୂର୍ବତଟ ରେଳବାଇର ରାଜସ୍ୱ ଆୟ

ଭୁବନେଶ୍ୱର,୫।୪(ସମିସ): ପଲାସା–ଇଚ୍ଛାପୁରମ୍ ରେଳ ସେକ୍ସନକୁ ପୂର୍ବତଟ ରେଳପଥ ଜୋନ୍‌ରୁ ଦକ୍ଷିଣ ଉପକୂଳ ରେଳପଥକୁ ସ୍ଥାନାନ୍ତରଣ ନେଇ ରାଜ୍ୟବ୍ୟାପୀ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଉଛି। ଏନେଇ ରବିବାର ଭାରତୀୟ ରେଳବାଇ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି। ନବଗଠିତ ଦକ୍ଷିଣ ତଟ ଜୋନରେ ଷ୍ଟେସନର ସାମିଲକୁ ନେଇ ଚିନ୍ତା ପ୍ରକଟ କରିବାର କୌଣସି କାରଣ ନାହିଁ ବୋଲି ରେଳବାଇ ଆଶ୍ୱାସନା ପ୍ରଦାନ କରିଛି।

ରେଳବାଇ ପକ୍ଷରୁ କୁହାଯାଇଛି ଯେ ପଲାସା-ଇଚ୍ଛାପୁରମ୍ ସେକ୍ସନ (୫୦ କିଲୋମିଟର) ରେ ୭ଟି ଷ୍ଟେସନ ଯଥା ପଲାସା, ସୁମାଦେବୀ, ମାଣ୍ଡାସା ରୋଡ୍, ବାରୁଭା, ସୋମପେଟା, ଝାଡୁପୁଡି ଏବଂ ଇଚ୍ଛାପୁରମ୍ ରହିଛି। ଏହି ସମସ୍ତ ଷ୍ଟେସନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ଅବସ୍ଥିତ। ଏହି ଷ୍ଟେସନଗୁଡ଼ିକ ମଧ୍ୟରୁ କୌଣସିଟି ହେଲେ ଓଡ଼ିଶା ମଧ୍ୟରେ ଅବସ୍ଥିତ ନୁହେଁ। ଏହି ଷ୍ଟେସନଗୁଡ଼ିକ ଛୋଟରୁ ମଧ୍ୟମ ଆକାରର ଷ୍ଟେସନ ଯାହା ମୁଖ୍ୟତଃ ଯାତ୍ରୀ ପରିଚାଳନା କରିଥାଏ। ଏଥି ମଧ୍ୟରୁ କୌଣସିଟି ଏକ ପ୍ରମୁଖ ମାଲ ପରିବହନ ଷ୍ଟେସନ ନୁହେଁ। ତେଣୁ ପୂର୍ବତଟ ରେଳବାଇର ରାଜସ୍ୱ ପ୍ରଭାବିତ ହେବାର ସମ୍ଭାବନା ନାହିଁ। ଷ୍ଟେସନଗୁଡ଼ିକ

**ପୂର୍ବତଟ ରେଳବାଇର ବିକାଶ ପ୍ରତି ଭାରତୀୟ ରେଳବାଇ ପ୍ରତିବଦ୍ଧ**

ଯେଉଁ ଜୋନ୍ ଅଧୀନରେ ଆସିଲେ ବି ସେହିସବୁ ଷ୍ଟେସନରେ ମାଲ୍ ପରିବହନ ନିରବଚ୍ଛିନ୍ନ ଭାବରେ ଜାରି ରହିବ। ସମସ୍ତ ସୀମାରେଖା ମଧ୍ୟରେ ରେଳ ଚଳାଚଳ ନିରବଚ୍ଛିନ୍ନ ଜାରି ରହିବ। ରେଳ ସେବାରେ କୌଣସି ବ୍ୟାଘାତ ଉପୁଜିବ ନାହିଁ। ପଲାସା-ଭୁବନେଶ୍ୱର, ପଲାସା-କଟକ ଏବଂ ଇଚ୍ଛାପୁରମ-କଟକ ମେମୁ/ଯାତ୍ରୀବାହୀ ସେବା ସମେତ ବର୍ତ୍ତମାନ ଚଳାଚଳ କରୁଥିବା ସମସ୍ତ ଟ୍ରେନର କାର୍ଯ୍ୟସୂଚୀ, ମାର୍ଗ କିମ୍ବା ଯାତାୟାତରେ କୌଣସି ପରିବର୍ତ୍ତନ ହେବ ନାହିଁ।


ରେଳବାଇ କହିଛି ଯେ ବିଶାଖାପଟନମ୍ ଡିଭିଜନରେ ଯାତ୍ରୀ ସେବାଗୁଡ଼ିକର ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଏହା ଏକ ବୈଷୟିକ ସଂଶୋଧନ। ପୂର୍ବତଟ ରେଳବାଇ ଏବଂ ଦକ୍ଷିଣତଟ ରେଳବାଇ ମଧ୍ୟରେ କର୍ମଚାରୀ ନିୟୋଜନ ସମେତ ସ୍ଥାନାନ୍ତରଣର ପଦ୍ଧତିକୁ ଚୂଡ଼ାନ୍ତ ରୂପ ଦିଆଯାଉଛି। ସମସ୍ତ ରେଳ କର୍ମଚାରୀଙ୍କ ସ୍ୱାର୍ଥ ଏବଂ ସେବା ସର୍ତ୍ତାବଳୀ ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ। ଓଡ଼ିଶା ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତା ଅତୁଟ ରହିଛି। ଓଡ଼ିଶାରେ ରେଳ ନେଟୱର୍କ ସମ୍ପ୍ରସାରଣ, ଷ୍ଟେସନ ଆଧୁନିକୀକରଣ, ବନ୍ଦେ ଭାରତ ସେବା ଏବଂ ପୂର୍ବତଟ ରେଳବାଇ ଅଧୀନରେ ନବଗଠିତ ରାୟଗଡ଼ା ଡିଭିଜନ ଆଦିରେ ରେକର୍ଡ ପୁଞ୍ଜି ବ୍ୟୟ ଏହି ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ରେଳବାଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଡାକ୍ତରୀ, ବୈଷୟିକ, ଉଚ୍ଚଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଐତିହାସିକ ନିଷ୍ପତ୍ତି: ଧର୍ମେନ୍ଦ୍ର

## ସମାଜର ଅନ୍ତିମ ଶ୍ରେଣୀରେ ଥିବା ପ୍ରତିଭାମାନଙ୍କ ସ୍ୱପ୍ନକୁ ପୂରଣ କରିବାରେ ନିଷ୍ପତ୍ତି ସହାୟକ ହେବ: କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର,୫।୪(ସମିସ): ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ସହ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ ରାଜ୍ୟ କ୍ୟାବିନେଟ୍‌ର ଐତିହାସିକ ନିଷ୍ପତ୍ତିକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। ମେଡିକାଲ, ଇଞ୍ଜିନିୟରିଂ, କୃଷି, ଅନ୍ୟାନ୍ୟ ଉଚ୍ଚ ଶିକ୍ଷା ତଥା ଆନୁସଙ୍ଗିକ ପ୍ରଯୁକ୍ତିବିଦ୍ୟାଭିତ୍ତିକ ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ସୀମା ବୃଦ୍ଧି ନିଷ୍ପତି ସମାଜର ଅନ୍ତିମ ଶ୍ରେଣୀରେ ଥିବା ପ୍ରତିଭାମାନଙ୍କୁ ସ୍ୱପ୍ନକୁ ପୂରଣ କରିବା ଦିଗରେ ଐତିହାସିକ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ନିଷ୍ପତ୍ତି ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ସାମାଜିକ ନ୍ୟାୟ ପ୍ରଦାନ କରିବା ମୋଦୀ ସରକାରଙ୍କ ଶାସନର ମୂଳମନ୍ତ୍ର। ସମାଜର ପ୍ରତ୍ୟେକ ବର୍ଗକୁ ସମାନ ସୁଯୋଗ, ଅଧିକାର ଓ ସମ୍ମାନଜନକ ଜୀବନ ପ୍ରଦାନ କରିବା ଆମ ସରକାରଙ୍କ ପ୍ରାଥମିକତା। ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ୍, ସବକା ବିକାଶ' ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ସରକାରଙ୍କ ଏହି ନିଷ୍ପତ୍ତି ଡବଲ ଇଞ୍ଜିନ ସରକାରଙ୍କ 'ଅନ୍ତ୍ୟୋଦୟ ସଂକଳ୍ପ' ବା ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ବିକାଶ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଐତିହାସିକ ନିଷ୍ପତ୍ତି ସମାଜର ଅନ୍ତିମ ଶ୍ରେଣୀରେ ଥିବା ମେଧାବୀ ପ୍ରତିଭାମାନଙ୍କୁ ସଶକ୍ତ କରିବା ସହ ରାଜ୍ୟର ସାଧାରଣ ଗରିବ ପରିବାରର ଛାତ୍ରଛାତ୍ରୀଙ୍କ ମେଡିକାଲ ଓ ଇଞ୍ଜିନିୟରିଂ ପଢ଼ିବା ସ୍ୱପ୍ନକୁ ସାକାର କରିବାରେ ଏକ ପ୍ରମୁଖ ମାଧ୍ୟମ ହେବ।



ସୂଚନାଯୋଗ୍ୟ ଶ୍ରୀ ପ୍ରଧାନ ଗତ ୨୦୨୫ ମସିହା ଅଗଷ୍ଟ ୬ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ରାଜ୍ୟ ସରକାରଙ୍କ ଅଧୀନରେ ଥିବା ମେଡିକାଲ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏସଇବିସି/ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ସହ ମେଡିକାଲ ଶିକ୍ଷାରେ ଏସସିମାନଙ୍କ ପାଇଁ ୧୬.୨୫ ପ୍ରତିଶତ ଏବଂ ଏସଟିମାନଙ୍କ ପାଇଁ ୨୨.୫୦ ପ୍ରତିଶତକୁ ସଂରକ୍ଷଣ ବୃଦ୍ଧି କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ୨୦୨୫ ମସିହା ଏପ୍ରିଲ ୧୭ ତାରିଖରେ ମଧ୍ୟ ଶ୍ରୀ ପ୍ରଧାନ ଅନୁରୂପ ଭାବେ ଏସଇବିସି ଓ ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବା ଉପରେ ଶ୍ରୀ ମାଝୀଙ୍କୁ ଚିଠି ଲେଖିଥିଲେ। ଏହାବ୍ୟତୀତ ଶ୍ରୀ ପ୍ରଧାନ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ବିଭିନ୍ନ ସମୟରେ ୩ଥର ଚିଠି ଲେଖି ଓବିସି ଓ ଏସଇବିସି ବର୍ଗ ପାଇଁ ଶିକ୍ଷାନୁଷ୍ଠାନ ଓ ସରକାରୀ ଚାକିରିରେ ସଂରକ୍ଷଣ ବୃଦ୍ଧି କରିବା ପାଇଁ ଅନୁରୋଧ କରିଥିଲେ।

# ହିତାଧିକାରୀଙ୍କୁ ମିଳୁନି; କଳାବଜାରରେ ଯାହାକୁ ଯେତେ

ଯାଜପୁର, ୫।୪ (ସମିସ): ଯାଜପୁର ଜିଲ୍ଲାରେ ବ୍ୟାପକ ଗ୍ୟାସ୍ କଳାବଜାରୀ ହେଉଥିବା ଅଭିଯୋଗ ହେଉଛି। ଖାଉଟିମାନେ ଠିକଣା ସମୟରେ ଗ୍ୟାସ୍ ସିଲିଣ୍ଡର୍ ପାଇବାରେ ହଇରାଣ ହରକତ ହେଉଥିବା

**ଯାଜପୁରର ଦୁଇ ବ୍ଲକ୍‌ରୁ ୧୦୩ ଗ୍ୟାସ୍ ସିଲିଣ୍ଡର୍ ଜବତ**

ବେଳେ କଳାବଜାରରେ 'ଯାହାକୁ ଯେତେ' ସିଲିଣ୍ଡର୍ ମିଳୁଛି। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଆଜି ୧୦୩ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର୍ ଜବତ କରାଯାଇଛି। କୋରେଇ ଏବଂ ସୁକିନ୍ଦା ବ୍ଲକ୍‌ରୁ ଏତେମାତ୍ରାରେ ସିଲିଣ୍ଡର୍ ଜବତ ହେବା ପରେ ଉପଭୋକ୍ତାମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



କୋରେଇ ବ୍ଲକର ବନ୍ଧାଳ ପଞ୍ଚାୟତର ସୁନ୍ଦରପୁର ଏବଂ ଚୌଧୁରୀ ପାଟଣାରେ ଗ୍ୟାସ୍ ସିଲିଣ୍ଡର କଳାବଜାରୀ ହେଉଥିବା ଖବର ଯୋଗାଣ ବିଭାଗକୁ ମିଳିଥିଲା। ଚଢ଼ଉ ବେଳେ ସୁନ୍ଦରପୁରର ଅଶୋକ ମହାପାତ୍ରଙ୍କ ଘରେ ୨୮ଟି ସିଲିଣ୍ଡର୍ ରହିଥିବା ବେଳେ ବିଭାଗ ତାହାକୁ ଜବତ କରିଥିଲା। ସେହିପରି, ଚୌଧୁରୀ ପାଟଣାର ଅଶୋକ ମହାପାତ୍ରଙ୍କ ଘରେ ଚଢ଼ଉ କରିବା ବେଳେ ବିଭାଗ ହାବୁଡ଼ରେ ୭୦ଟି ସିଲିଣ୍ଡର୍ ପଡ଼ିଥିଲା। ଏତେ ପରିମାଣର ସିଲିଣ୍ଡର ଦୁଇଟି ସ୍ଥାନରୁ ଜବତ ପଛରେ ଦୋ-ନମ୍ବରୀ କାରବାର ଚାଲିଥିବା ସ୍ପଷ୍ଟ ହୋଇଥିଲା।

ଜନୈକ ଅଧିକାରୀଙ୍କଠାରୁ ମିଳିଥିବା ଖବର ମତେ, ଗ୍ରାମାଞ୍ଚଳର ହିତାଧିକାରୀଙ୍କଠାରୁ ସିଲିଣ୍ଡର୍ ସହ ସେମାନଙ୍କ ଗ୍ୟାସ୍‌କାର୍ଡ ଆଣି ଚଢ଼ାମୂଲ୍ୟରେ ଗ୍ୟାସ୍ କଳାବଜାରୀ ଚାଲୁଥିଲା। ଏଭଳି ବେଆଇନ କାରବାର ପଛରେ ଏକ ରାକେଟ୍ କାମ କରୁଥିବା କୁହାଯାଉଛି। ଅପରପକ୍ଷେ, ବିଭାଗ ପକ୍ଷରୁ ପାଣିକୋଇଲିର ଏକ ସ୍ଥାନରେ ଚଢ଼ଉ କରାଯାଇଥିଲେ ହେଁ କୌଣସି ସୂତ୍ରରୁ ଖବର ପାଇ କଳାବଜାରୀ କାରବାର ସ୍ଥଳରେ ତାଲା ପକାଇ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ଜବତ ସିଲିଣ୍ଡରକୁ ବାରଦା ଡିପୋ ଏବଂ ଦେବୀ ଗ୍ୟାସକୁ ହସ୍ତାନ୍ତର କରାଯାଇଥିବାର ସୂଚନା ମିଳିଛି।

# ଡ୍ରିମ୍ସ ପଲିଟେକ୍ନିକ କ୍ୟାମ୍ପସ ଚୟନରେ ୪୧୯ ଛାତ୍ରଛାତ୍ରୀଙ୍କ ନିଯୁକ୍ତି



କଟକ, ୫।୪ (ସମିସ): ଡ୍ରିମ୍ସ ପଲିଟେକ୍ନିକ (ସ୍ୱୟଂଶାସିତ) କ୍ୟାମ୍ପସ ଚୟନରେ ବିଭିନ୍ନ ବିଭାଗର ୪୧୯ ଜଣ ଛାତ୍ରଛାତ୍ରୀ ଦେଶର ପ୍ରତିଷ୍ଠିତ ଉଦ୍ୟୋଗମାନଙ୍କରେ ନିଯୁକ୍ତି ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଲ୍ ଆଣ୍ଡ ଟି, ଏକ୍‌ଜିକମ୍ ଟେଲି ସିଷ୍ଟମ୍, କୁମୁନ୍ସ ଇଣ୍ଡିଆ, ୟୋକୋହାମା ଅଫ ହାଇୱେ ଟାୟାର, ଶୋଭା ଲିମିଟେଡ୍, ଗ୍ରୀନ୍‌କୋ ଗ୍ରୁପ, ଆମ୍ପିନ୍ ସୋଲାର, ସେଣ୍ଟମ୍ ଇଲୋଟ୍ରୋନିକ୍ସ, ଥରମାକ୍ସ ଲିମିଟେଡ୍ ପ୍ରଭୃତି ଉଦ୍ୟୋଗରେ ଏହି ନିଯୁକ୍ତି ମିଳିଛି। ଏହି ଉପଲକ୍ଷେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ନିଯୁକ୍ତି ସୁଯୋଗ ପାଇଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କୁ ଶିକ୍ଷାନୁଷ୍ଠାନର ବ୍ରାଣ୍ଡଆମ୍ବାସଡର୍ ଭାବେ ଅଭିହିତ କରିଥିଲେ। ବୃତ୍ତିଗତ ଜୀବନରେ ନିଜର ଦକ୍ଷତା ପ୍ରଦର୍ଶନ କରି ନିଜର ତଥା ଶିକ୍ଷାନୁଷ୍ଠାନ ଏବଂ ପିତାମାତାଙ୍କ ଗୌରବ ବୃଦ୍ଧି କରିବାକୁ ଆଶୀର୍ବଚନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟନିଷ୍ଠା ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାନୁଷ୍ଠାନର ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁଙ୍କ ନିରନ୍ତର ପ୍ରଚେଷ୍ଟା ଓ ଆତ୍ମବିଶ୍ୱାସ ଆଧାରରେ ଏଭଳି ସଫଳତା ମିଳିପାରିଛି ବୋଲି କହିଥିଲେ। ଟ୍ରେନିଂ ଓ ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, 'ଡିନ୍' (ଭାରପ୍ରାପ୍ତ) ଡ. ଶ୍ରୀକାନ୍ତ ଓଝା, ସିଡିସି ନିର୍ଦ୍ଦେଶକ ରମାକାନ୍ତ କାସ୍ତା, ଜିତେନ୍ଦ୍ର କୁମାର ଶତପଥୀଙ୍କ ସମେତ ବିଭାଗୀୟ ଅଧିକାରୀ, ବିଭାଗୀୟ ମୁଖ୍ୟ ଓ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ। ଅଧ୍ୟାପକ ଦେବବ୍ରତ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦନ୍ତା ଆକ୍ରମଣରେ ୪ ଗୁରୁତର

ପରଜଙ୍ଗ, ୫।୪(ସମିସ): ଢେଙ୍କାନାଳ ବନଖଣ୍ଡ ମହାବିରୋଡ୍ ରେଞ୍ଜ ଅଞ୍ଚଳରେ ଦନ୍ତାହାତୀ ଆକ୍ରମଣରେ ୪ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଦଦରାଘାଟି ସେକ୍ସନ୍ ଦୋମୁହାଣି ବିଟର ଭେରୁବଣିଆ ମୁଣ୍ଡା ସାହି, ଡିହଡୋଳ ଫରେଷ୍ଟ ସେକ୍ସନ୍ ଅଧୀନ କନ୍ତୋର ଓ ବାରିହାପୁର ଗାଁରେ ଦନ୍ତା ଆତଙ୍କ ଖେଳାଇଛି। ରବିବାର ଭୋର୍‌ରେ ଦନ୍ତା ଆକ୍ରମଣରେ ୪ ଜଣ ମହୁଲ ଗୋଟାଳି ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ଆଖୁଆପାଳ ପଞ୍ଚାୟତ ଭେରୁବଣିଆ ମୁଣ୍ଡାସାହିର କରମି ହାଁସଦା (୫୬), କନ୍ତୋର ପଞ୍ଚାୟତ ଚଣ୍ଡିକତୈଳା ସାହିର ସାବିତ୍ରୀ ସାହୁ (୫୦), ଖଇରା ସାହିର ଦେବରାଜ ସାହୁ (୭୦) ଏବଂ ବାରିହାପୁରର ଆଦିତ୍ୟ ସାହୁ (୩୭)।

କରମି ଭୋର୍ ପ୍ରାୟ ୫ଟା ବେଳେ ଘରଠାରୁ ଅଳ୍ପ ଦୂରରେ ମହୁଲ ଗୋଟାଉଥିବା ବେଳେ ହାତୀ ଆକ୍ରମଣ କରିଥିଲା। ଦଦରାଘାଟି ସେକ୍ସନ ଫରେଷ୍ଟର କାର୍ଯ୍ୟରତ ଥିବା ଫରେଷ୍ଟ ଗାର୍ଡ ପାର୍ଥସାରଥୀ ତ୍ରିପାଠୀ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ସୂଚନା ମିଳିଛି। ସେହିପରି ଦନ୍ତା ସେଠାରୁ ଆସି ମହୁଲ ଗୋଟାଉଥିବା କନ୍ତୁର ପଞ୍ଚାୟତ ଚଣ୍ଡିକତୈଳା ସାହିର ସାବିତ୍ରୀ ସାହୁଙ୍କୁ ପଛ ପାଖରୁ ଆକ୍ରମଣ କରିଥିଲା। ତାଙ୍କ ଅଣ୍ଟା ଏବଂ ଜଙ୍ଘରେ ଆଘାତ ଲାଗିଛି। ପରେ ଖଇରା ସାହିର ଦେବରାଜ ନିଜ ଗୋଡ଼ିପଶିସ୍ଥିତ ଚାଷଜମି ପାଖରେ ଥିବା ମହୁଲ ଗଛରୁ ମହୁଲ ଗୋଟାଉଥିବା ବେଳେ ଦନ୍ତା ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ତାଙ୍କ ଛାତିରେ ଶକ୍ତ ଆଘାତ ଲାଗିଛି। ବାରିହାପୁର ଗାଁର ଆଦିତ୍ୟ ସାହୁ ମହୁଲ ଗୋଟାଇବାକୁ ଯାଇ ଦନ୍ତା ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ତାଙ୍କ ଅବସ୍ଥା ମଧ୍ୟ ଗୁରୁତର ରହିଛି। ୪ ଜଣଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

ସ୍ୱାସ୍ଥ୍ୟକେନ୍ଦ୍ରରେ ଡିହଡୋଳ ଫରେଷ୍ଟର ଚନ୍ଦ୍ରଶେଖର ବେହେରା ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରିବା ସହ ସମସ୍ତ ସହଯୋଗ କରୁଛନ୍ତି। ସେପଟେ ହାତୀ ସ୍କ୍ୱାଡ୍ ଦନ୍ତାର ଗତିବିଧି ଉପରେ ନଜର ରଖିଛନ୍ତି। ସନ୍ଧ୍ୟା ସୁଦ୍ଧା ଦନ୍ତା ମୁକ୍ତାପଶି ସେକ୍ସନ ଅଞ୍ଚଳକୁ ଯାଇଥିବା ଫରେଷ୍ଟର ବେହେରା ସୂଚନା ଦେଇଛନ୍ତି।

# ଠିକାଦାରଙ୍କ ଜଗୁଆଳି ଆକ୍ରମଣରେ ଜଣେ ମୃତ

ବାରିପଦା/ବଡ଼ସାହି, ୫।୪(ସମିସ): ଠିକାଦାରଙ୍କ ଜଗୁଆଳି ଆକ୍ରମଣରେ ଆହତ ଯୁବକଙ୍କ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତ ଯୁବକଜଣଙ୍କ ହେଲେ, ବଡ଼ସାହିର କାମିନୀକାନ୍ତ ବେହେରା(୪୭)। ଖବର ପ୍ରଚାରିତ ହେବା ପରେ ବଡ଼ସାହିରେ ଉତ୍ତେଜନା ସୃଷ୍ଟି ହୋଇଛି। ମୃତକଙ୍କ ମା' ତିଳତ୍ତୋମା ବେହେରାଙ୍କ ଅଭିଯୋଗକୁ ଭିତ୍ତି କରି ବଡ଼ସାହି ପୁଲିସ ୨ଜଣଙ୍କ ନାମରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ରବିବାର ଭୋର୍‌ରେ କାମିନୀକାନ୍ତଙ୍କୁ ରକ୍ତ ଜୁଡୁବୁଡୁ ଗୁରୁତର ଆହାତ ଭାବେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାରିପଦା ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ତେବେ ସ୍ଥାନାନ୍ତର ପୂର୍ବରୁ କାମିନୀକାନ୍ତଙ୍କ ମୃତ୍ୟ ଘଟିଥିଲା।

# ପ୍ରତିଭା ପୂଜା ଦ୍ୱାରା ଜାତିର ସଂସ୍କୃତି ମହିମାନ୍ୱିତ ହୁଏ

କଟକ, ୫।୪ (ସମିସ): ସ୍ଥାନୀୟ କଳାବିକାଶ କେନ୍ଦ୍ରଠାରେ ଗଙ୍ଗାଧର ରଥ ଫାଉଣ୍ଡେସନ ପକ୍ଷରୁ ୩୧ତମ 'ସାହିତ୍ୟ ଭାରତୀ' ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ



ପ୍ରତିଭା ପୂଜା ଦ୍ୱାରା ଜାତିର ସଂସ୍କୃତି ଓ ଇତିହାସ ମହିମାନ୍ୱିତ ହୁଏ। ଜୀବନ୍ତ ପ୍ରତିଭାଧର ବ୍ୟକ୍ତିଙ୍କୁ ସାଧାରଣରେ ସମ୍ବର୍ଦ୍ଧିତ ଓ ସମ୍ମାନିତ କରିବା ଦ୍ୱାରା ଜାତି କୃତଜ୍ଞତା ସ୍ୱୀକାର କରିବା ସହ ପ୍ରେରଣା ପ୍ରଦାନ କରେ। ମୁଖ୍ୟବକ୍ତା ଅଧ୍ୟାପକ ଅଭିରାମ ବିଶ୍ୱାଳ କହିଲେ ଯେ ସାହିତ୍ୟ ସମାଜକୁ ସମ୍ପ୍ରସାରିତ କରେ। ଯୁଗଧର୍ମ ଓ ମାଟିର ବାସ୍ନା ଓ ସମୟର କଥାକୁ ବାସ୍ତବ ଭାବରେ ପ୍ରକାଶ କରି ସାହିତ୍ୟ କାଳଜୟୀ ହୁଏ। ଏହି ଅବସରରେ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ମର୍ଯ୍ୟାଦାଜନକ ସାହିତ୍ୟ ଭାରତୀ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ଗ୍ରହଣ କରି ଅଧ୍ୟାପକ ବିଶ୍ୱରଞ୍ଜନ କହିଲେ ଯେ ସାହିତ୍ୟ ଆମ୍ଭକୁ ଆବିଷ୍କାର କରେ ଓ ଆମ୍ଭର ଅଭିସାର କରେ। ଲେଖକ ବ୍ୟକ୍ତିର ଜୀବନକୁ ବିଶ୍ୱର ଜୀବନରେ ରୂପାନ୍ତରିତ କରେ।

ସେହିପରି ପୂର୍ବତନ କୁଳପତି ପ୍ରଫେସର ଅମୀୟ କୁମାର ପଟ୍ଟନାୟକଙ୍କୁ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ ସ୍ୱରୂପ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଭାନୁଜୀ ରାଓ ସ୍ମାରକୀ ପୁରସ୍କାର ଡକ୍ଟର ଇନ୍ଦିରା ଦାଶଙ୍କୁ ମାନପତ୍ର ସହ ୨୫ ହଜାର ଟଙ୍କା, ରବି ସ୍ୱାଇଁଙ୍କୁ ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର ସ୍ୱରୂପ ୨୫ହଜାର ଟଙ୍କା ସହ ମାନପତ୍ର ଦିଆଯାଇଥିଲା ଏବଂ ସୁବ୍ରତ ରଥ ସ୍ମାରକୀ ପୁରସ୍କାର ପ୍ରାଧ୍ୟାପକ ସୁନନ୍ଦା ପ୍ରଧାନ ଓ ଲକ୍ଷ୍ମଣ କୁମାରଙ୍କୁ ମାନପତ୍ର ସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କାର ଉପାୟନ ପ୍ରଦାନ କରାଯାଇଥିଲା।

ଉତ୍ସବରେ ଫାଉଣ୍ଡେସନ୍‌ର ଟ୍ରଷ୍ଟି ଡାକ୍ତର ଜୟନ୍ତ ରଥ ସଭାପତିତ୍ୱ କରି କହିଥିଲେ ଯେ ସାହିତ୍ୟ ସେବା ମାଧ୍ୟମରେ ଫାଉଣ୍ଡେସନ୍ ନିରନ୍ତର ଭାବେ ପ୍ରୋତ୍ସାହନ ସୃଷ୍ଟି କରିବାରେ

**ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ ସମାରୋହ**

ସକ୍ଷମ ହେଉଛି। ପ୍ରାରମ୍ଭରେ ଫାଉଣ୍ଡେସନ୍‌ର ଉପଦେଷ୍ଟା ସଦସ୍ୟ ପ୍ରଫେସର୍ ବିଜୟାନନ୍ଦ ସିଂହ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଡ. ବୈଜୟନ୍ତୀ ମିଶ୍ର, ବିଦ୍ୟୁତ୍ ପ୍ରଧାନ, ଅରୁଣା ସାମନ୍ତରାୟ ଓ ଶଙ୍ଖଚୂଳ ଦାସ ମାନପତ୍ର ପାଠ କରିଥିଲେ। ଫାଉଣ୍ଡେସନ୍‌ର ସମ୍ପାଦିକା ସୁସ୍ମିତା ରଥ ଧନ୍ୟବାଦ ଦେଇଥିଲେ। ଆଡଭୋକେଟ୍ ସଞ୍ଜୟ ରଥ, ଲିପ୍ସିତା ରଥ ଓ ହର୍ଷବର୍ଦ୍ଧନ ରଥ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବରେ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ବିଶ୍ୱମିତ୍ରା ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ମଶା ନିରାକରଣ ଆଳରେ ପୁଣି କୋଟିଆରେ ପଶିଲା ଆନ୍ଧ୍ର

## ଲୋକଙ୍କୁ ବିଭିନ୍ନ ଯୋଜନାରେ ପ୍ରଲୋଭିତ କରିବାକୁ ଉଦ୍ୟମ

ପଟ୍ଟାଙ୍ଗି, ୫।୪ (ସମିସ): ମଶା ନିରାକରଣ ଆଳରେ ପୁଣି ବିବାଦୀୟ କୋଟିଆରେ ଅନୁପ୍ରବେଶ କରିଛନ୍ତି ଆନ୍ଧ୍ର ଅଧିକାରୀ। ସେମାନେ ଆନ୍ଧ୍ର ସରକାରଙ୍କ ବିଭିନ୍ନ ଯୋଜନାର ଲୋଭ ଦେଖାଇ ସ୍ଥାନୀୟ ଲୋକଙ୍କୁ ପ୍ରଲୋଭିତ କରିଛନ୍ତି। ତେବେ ଏ ସଂପର୍କରେ ଖବର ପାଇ ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ ଘଟଣାସ୍ଥଳକୁ କୋଟିଆ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ କଣ୍ଡା ଗୋଲରୀ ଏବଂ ଏଡିଓ ସୁକାନ୍ତ କୁମାର ରୁଡ଼ିଙ୍କୁ ପଠାଇଥିଲେ। ଉକ୍ତ ଅଧିକାରୀମାନେ ଆନ୍ଧ୍ର ଅଧିକାରୀଙ୍କୁ ବିରୋଧ କରିବା ପରେ ସେମାନେ ଫେରିଯାଇଥିବା ଜଣାଯାଇଛି।

ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶର ପାର୍ବତୀପୁରମ୍ ମାନ୍ୟମ୍ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସାଲୁର ମଣ୍ଡଳ ତଥା ବ୍ଲକର ଏମ୍‌ପିଡିଓ ଗୋଲେପାଲି ପାର୍ବତୀ ଏବଂ ମଣ୍ଡଳ ସ୍ୱତନ୍ତ୍ର ଅଧିକାରୀ ପ୍ରସାଦଙ୍କ ସମେତ ବିଭିନ୍ନ ଆନ୍ଧ୍ର ଅଧିକାରୀମାନେ କୋଟିଆରେ ଅନୁପ୍ରବେଶ କରିଥିଲେ। ସେମାନେ କୋଟିଆ, ଉପରସେମ୍ବୀ, ଗଞ୍ଜେଇପୋଦର ଆଦି ଗ୍ରାମ



ଗସ୍ତ କରି ସେଠାରେ ସ୍ଥାନୀୟ ଅଧିବାସୀଙ୍କ ସହ ଆଲୋଚନା କରିଥିଲେ ଏବଂ ମଶା ନିରାକରଣ କରିବା ପାଇଁ ଶୁଷ୍କ ଦିବସ ପାଳନ କରିଥିବା ସୂଚନା ମିଳିଛି। ଏହି ଗସ୍ତ ସମୟରେ ଓଡ଼ିଶା ନାମଫଳକ ସମ୍ମୁଖରେ ଅଧିକାରୀଗଣ ଠିଆ ହୋଇ ଫଟୋ ଉଠାଇଥିବା ଦେଖିବାକୁ ମିଳିଛି।

ଚଳିତବର୍ଷ ଫେବ୍ରୁଆରୀ ୧୪ରେ ଆନ୍ଧ୍ର କିଷାନ କାର୍ଡ ସର୍ଭେ ନିମନ୍ତେ ଅନୁପ୍ରବେଶ କରିଥିଲେ ଆନ୍ଧ୍ର ଅଧିକାରୀ। ଆନ୍ଧ୍ର କୃଷି ବିଭାଗ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କୁ ଏକାଠି କରିଥିଲେ। ଅଧିକାରୀମାନେ ନିଜ ସହ ଆଣିଥିବା କାଗଜପତ୍ର ସହ ଗ୍ରାମବାସୀଙ୍କ ଆଧାରକାର୍ଡ ଯାଞ୍ଚ କରି ପିଏମ୍ କିଷାନ କାର୍ଡ ଲାଗି ସର୍ଭେ କରୁଥିଲେ।

## ବ୍ୟକ୍ତିଗତ ଶତ୍ରୁତାରୁ ଅଗ୍ନିକାଣ୍ଡ; ଅଭିଯୁକ୍ତ ଫେରାର

ଟାଙ୍ଗୀ,୫।୪(ସମିସ): ବ୍ୟକ୍ତିଗତ ଶତ୍ରୁତା ଓ ପାରିବାରିକ କଳହରୁ ଶନିବାର ବିଳମ୍ବିତ ରାତିରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଟାଙ୍ଗୀ ଥାନା ଅଧୀନ ଭଟିମୁଣ୍ଡା ଗ୍ରାମ ବଡ଼ସାହିରେ ଘଟିଥିବା ଏହି ଘଟଣାରେ ସୂର୍ଯ୍ୟ ସାହୁଙ୍କର ଏକ ଧାନକୁଟା ମେସିନ୍ ସମେତ ଏକ ମୋଟର ସାଇକଲ୍ ସମ୍ପୂର୍ଣ୍ଣ ଜଳିଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗ୍ରାମର ଜଗନ୍ନାଥ ସାହୁ ପାରିବାରିକ ଶତ୍ରୁତାକୁ କେନ୍ଦ୍ର କରି ରାତିର ଅନ୍ଧକାରରେ ଏହି କାଣ୍ଡ ଭିଆଇଛନ୍ତି। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ମେସିନ୍ ଓ ବାଇକ୍‌କୁ ରକ୍ଷା କରିବା ସମ୍ଭବ ହୋଇ ନ ଥିଲା। ଏନେଇ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଅଭିଯୁକ୍ତ ଜଗନ୍ନାଥ ସାହୁ ଘଟଣାସ୍ଥଳରୁ ଫେରାର ଥିବା ବେଳେ ତାଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ରମାକାନ୍ତ ନାୟକ ନୂଆ ତିଗିରିଆ ଥାନାଧିକାରୀ



ତିଗିରିଆ, ୫।୪(ସମିସ): ତିଗିରିଆ ଥାନାର ଭାରପ୍ରାପ୍ତ ଅଧିକାରୀ (ଏସଆଇ) ଇପ୍ସିତା ପ୍ରିୟଦର୍ଶିନୀଙ୍କ ବୈଦେଶ୍ୱର ଥାନାକୁ ବଦଳି ହେବା ସହିତ ତିଗିରିଆ ଥାନାର ନୂତନ ଥାନା ଅଧିକାରୀ ଭାବେ ରମାକାନ୍ତ ନାୟକ ଯୋଗଦେବେ ବୋଲି ଗ୍ରାମାଞ୍ଚଳ ଏସପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାରୁ ସୂଚନା ମିଳିଛି। ସେହିପରି ଏହି ଥାନାରେ କାର୍ଯ୍ୟରତ ଏଏସଆଇ ବିକାଶ ରଞ୍ଜନ ବିଶ୍ୱାଳଙ୍କ ବୈଦେଶ୍ୱର ଥାନାକୁ ବଦଳି ସହ ଏସଆଇ ମନୋଜ ବେହେରା ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ତିଗିରିଆ ଥାନାକୁ ମଧ୍ୟ ବଦଳି ହୋଇଥିବାର ଜଣାପଡିଛି। ଗତ ସେପ୍ଟେମ୍ବର ୨୨ ତାରିଖରୁ ତିଗିରିଆ ଥାନାଧିକାରୀ ପଦ ଖାଲି ପଡିଥିଲା। ଥାନା ଅଧିକାରୀ ଶ୍ରୀ ନାୟକ ବର୍ତ୍ତମାନ ପୁଲିସ ମୁଖ୍ୟାଳୟରେ ଅବସ୍ଥାପିତ ଥିବାବେଳେ ସେ ପୂର୍ବରୁ ଯାଜପୁର ଜିଲ୍ଲା ଧର୍ମଶାଳା ଥାନାଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି।

## ଆଶୁତୋଷ ବ୍ଲକ୍ କଂଗ୍ରେସ ସଭାପତି

ଟାଙ୍ଗୀ,୫।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କଂଗ୍ରେସ ସଭାପତି ଭାବେ ପୁନର୍ବାର ଆଶୁତୋଷ ବରାଳ ମନୋନୀତ ହୋଇଥିବା ଜଣାପଡିଛି। ଶ୍ରୀ ବରାଳ ପୂର୍ବରୁ ବ୍ଲକ କଂଗ୍ରେସ ସଭାପତି ଭାବେ ସୂଚାରୁ ରୂପେ କାର୍ଯ୍ୟ ନିର୍ବାହ କରିଥିବାରୁ ଦଳ ପୁନର୍ବାର ଦାୟିତ୍ୱ ଦେଇଥିବାରୁ ପିସିସି ସଭାପତି ଭକ୍ତଚରଣ ଦାସ, ଜିଲ୍ଲା ସଭାପତି ପ୍ରଦୀପ୍ତ ଦାସ, କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଓ ସାଲେପୁର ବିଧାୟକ ପ୍ରାର୍ଥୀ ଆକ୍ୟୁବ ଖାଁଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରମୋଦ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ



ନିଶ୍ଚିନ୍ତକୋଇଲି,୫।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର କଂଗ୍ରେସକୁ ଭଲ ପାଉଥିବା ବିଶିଷ୍ଟ କଂଗ୍ରେସ ଯୁବନେତା ପ୍ରମୋଦ କୁମାର ପଣ୍ଡାଙ୍କୁ କଟକ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି କରାଯାଇଛି। ଛାତ୍ର ଜୀବନରୁ ରାଜନୀତିରେ କଂଗ୍ରେସ ଦଳରେ ରହି ସକ୍ରିୟ ସଂଗଠନ କରିବା ସହିତ ଅନେକ ସମୟରେ ଲୋକମାନଙ୍କର ବହୁ ସମସ୍ୟା ସମାଧାନ କରିଥିବାରୁ ସେ ଏ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ବିଭିନ୍ନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି। କଂଗ୍ରେସ ପକ୍ଷରୁ ତାଙ୍କୁ ଏହି ପଦ ମିଳିଥିବାରୁ ସେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ପ୍ରଦୀପ୍ତ ଦାସଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ ଏ ଅଞ୍ଚଳରେ ତୃଣମୂଳସ୍ତରରୁ କଂଗ୍ରେସର ସଂଗଠନକୁ ସୁଦୃଢ଼ କରିବା ପାଇଁ ତାଙ୍କର ଉଦ୍ୟମ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି।

## ସରକାରୀ ଓକିଲ ରମାକାନ୍ତଙ୍କ ଅକାଳ ବିୟୋଗ

ସାଲେପୁର,୫।୪(ସମିସ): ସାଲେପୁର କୋର୍ଟରେ କାର୍ଯ୍ୟରତ ସରକାରୀ ଓକିଲ ରମାକାନ୍ତ ନାୟକଙ୍କ ହଠାତ୍ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସାଲେପୁର କୋର୍ଟରେ କାର୍ଯ୍ୟରତ ଆଇନ୍‌ଜୀବୀମାନେ ଶୋକ ପ୍ରକାଶ କରିବା ସହ ସ୍ୱର୍ଗତ ନାୟକ ଜଣେ ମେଳାପୀ ଓ ମିଷ୍ଟଭାଷୀ ବ୍ୟକ୍ତି ରୂପେ ପରିଚିତ ଥିଲେ। ନିକଟରେ ରାଜ୍ୟ ସରକାରଙ୍କ ଆଇନ୍ ବିଭାଗ ପକ୍ଷରୁ ତାଙ୍କୁ ସରକାରୀ ଓକିଲ ରୂପେ ନିଯୁକ୍ତି କରାଯାଇଥିଲା। ତାଙ୍କର ଏହି ଅକାଳ ବିୟୋଗ ଯୋଗୁ ସାଲେପୁର ବାର ଆସୋସିଏସନ୍‌ର ସଭାପତି ବିକ୍ରମ କେଶରୀ ବଳଙ୍କ ସମେତ ବହୁ ଆଇନ୍‌ଜୀବୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଆଇନଜୀବୀ ତାପସ ସମ୍ବର୍ଦ୍ଧିତ



ଟାଙ୍ଗୀ,୫।୪(ସମିସ): କ୍ରିମିନାଲ କୋର୍ଟ ବାର ଆସୋସିଏସନର କଟକ ନିର୍ବାଚନରେ ଉପସଭାପତି ଭାବେ ବିଜୟୀ ହୋଇଥିବା ତାପସ କୁମାର ନାଏକଙ୍କୁ ଟାଙ୍ଗୀ ଅଞ୍ଚଳରେ ସମ୍ବର୍ଦ୍ଧନା ଦିଆଯାଇଛି। ଟାଙ୍ଗୀ ଚୌଦ୍ୱାର ଅଞ୍ଚଳର ବିଶିଷ୍ଟ ସମାଜସେବୀ ଡ଼ ଅନାଦି ଚରଣ ନାଏକଙ୍କ ଏକମାତ୍ର ପୁତ୍ର ଶ୍ରୀ ନାଏକ ଦୀର୍ଘ ଦିନ ଧରି ଓକିଲାତି କରି ପୂର୍ବରୁ ବାର ଆସୋସିଏସନର ୨୩-୨୪ ମସିହାରେ ସମ୍ପାଦକ ଭାବେ ମଧ୍ୟ ବିଜୟ ଲାଭ କରିଥିଲେ। ଏହି ଅବସରରେ ଟାଙ୍ଗୀ ଅଞ୍ଚଳର ବିଭିନ୍ନ ବ୍ୟକ୍ତି ବିଶେଷ ତାଙ୍କ ବାସଭବନରେ ଶୁଭେଚ୍ଛା ଜଣାଇଥିବା ଜଣାପଡିଛି।

**ପ୍ରଶାସନିକ ଅବହେଳା**

# ୫ ବର୍ଷ ପରେ ବି ବଣ୍ଟନ ହୋଇନି ମାର୍କେଟ କମ୍ପ୍ଲେକ୍ସ



**୯ଟି ଦୋକାନ ଗୃହ ଏବେ ଭୂତକୋଠି**

**ପିଣ୍ଡା ଓ ଚଟାଣରେ ପଡ଼ିଲାଣି ଫାଟ**

**ଅଧପନ୍ତରିଆ ପଡ଼ିଛି କଲ୍ୟାଣ ମଣ୍ଡପ**

ନିଶ୍ଚିନ୍ତକୋଇଲି,୫।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଚରମ ଦାୟିତ୍ୱହୀନତା ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ଅର୍ଥ ପାଣିରେ ପଡ଼ିଛି। ଓରତି ପଞ୍ଚାୟତ ବରକୋଳିଆ ବ୍ୟାଙ୍କ ଛକ ବଜାରରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟନର ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦୋକାନ ଗୃହଗୁଡ଼ିକ ବଣ୍ଟନ ହୋଇପାରୁ ନାହିଁ। ଫଳରେ ସ୍ଥାନୀୟ ବେକାର ଯୁବକମାନେ ନିଜର ଜୀବିକା ହରାଇବା ସହ ସରକାରୀ ସମ୍ପତ୍ତି ନଷ୍ଟ ହେବାକୁ ବସିଛି।

ସୂଚନା ଅନୁଯାୟୀ, ବିଗତ ବିଜେଡି ସରକାର ସମୟରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉଦ୍ୟମରେ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ୯ଟି ଦୋକାନ ଗୃହ ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ୨୦୨୧ ଡିସେମ୍ବର ୨୬ ତାରିଖରେ ଏହାର ଉଦ୍‌ଘାଟନ ହୋଇଥିଲେ ହେଁ, ଆଜି ପର୍ଯ୍ୟନ୍ତ ଏହାକୁ କାହାରିକୁ ଆବଣ୍ଟନ କରାଯାଇ ନାହିଁ। ଦୀର୍ଘ ଦିନ ଧରି ବନ୍ଦ ରହିବା ଫଳରେ ଏହି ଗୃହଗୁଡ଼ିକ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳରେ ପରିଣତ ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ ଗୃହର ଚଟାଣ ଓ ପିଣ୍ଡା ଫାଟି ଆଁ କଲାଣି। ଏହି ମାର୍କେଟ କମ୍ପ୍ଲେକ୍ସ ଉପରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରଥମେ ୧୦ ଲକ୍ଷ ଓ ପରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ଦୁର୍ଭାଗ୍ୟବଶତଃ ଗତ ୫ ବର୍ଷ ହେବ ଏହାର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସରକାର ବଦଳିବା ପରେ ବର୍ତ୍ତମାନର ବିଜେପି ସରକାର ଏହି ବାକି ରହିଥିବା କାମ ପାଇଁ ଅର୍ଥ ପ୍ରଦାନ କରୁ ନ ଥିବା ଅଭିଯୋଗ ହୋଇଛି। କଲ୍ୟାଣ ମଣ୍ଡପଟି କାର୍ଯ୍ୟକ୍ଷମ ହେଉ ନ ଥିବାରୁ ପଞ୍ଚାୟତର ଗରିବ ଲୋକମାନେ ବାହାଘର ବ୍ରତଘର ଭଳି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପାଇଁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ମାର୍କେଟ କମ୍ପ୍ଲେକ୍ସ ବଣ୍ଟନ ନ ହେବା ପଛରେ ଏକ ବଡ଼ କାରଣ ହେଉଛି ସମ୍ମୁଖ ଭାଗରେ ଥିବା ସରକାରୀ ଜାଗାର ଜବରଦଖଲ। କେତେକ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜାଗାକୁ ମାଡ଼ି ବସି ବେଆଇନ ଭାବେ ଗୃହ ନିର୍ମାଣ କରି ବ୍ୟବସାୟ କରୁଛନ୍ତି। ବ୍ଲକ ଓ ତହସିଲ ପ୍ରଶାସନ ଏହି ଜବରଦଖଲକାରୀଙ୍କ ବିରୋଧରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ସ୍ଥାନୀୟ ପଞ୍ଚାୟତବାସୀ ତୁରନ୍ତ ଜବରଦଖଲ ହଟାଇବା ସହ ଅଧା ନିର୍ମିତ କଲ୍ୟାଣ ମଣ୍ଡପର କାମ ଶେଷ କରିବା ଏବଂ ମାର୍କେଟ କମ୍ପ୍ଲେକ୍ସର ମରାମତି କରି ହିତାଧିକାରୀଙ୍କୁ ବଣ୍ଟନ କରିବା ପାଇଁ ଦୃଢ଼ ଦାବି କରିଛନ୍ତି।

**କାଳବୈଶାଖୀର ତାଣ୍ଡବ**

# ମେଡିକାଲ ପାଚେରି ଭାଙ୍ଗିଲା, ଅଳ୍ପକେ ବର୍ତ୍ତିଲେ ପଥଚାରୀ



ଆଠଗଡ଼,୫।୪(ସମିସ): ରବିବାର ଅପରାହ୍ନରେ ଆଠଗଡ଼ ଓ ଆଖପାଖ ଅଞ୍ଚଳରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ପ୍ରବଳ ଝଡ଼ତୋଫାନ ସାଙ୍ଗକୁ ଘଡ଼ଘଡ଼ି ଓ ବର୍ଷା ଯୋଗୁଁ ସହରରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷ କରି ପବନର ବେଗ ଅଧିକ ଥିବାରୁ ଆଠଗଡ଼ ଉପଖଣ୍ଡ ସରକାରୀ ଚିକିତ୍ସାଳୟର ପ୍ରାୟ ୪୦ ଫୁଟ ଲମ୍ବର ଏକ ପକ୍କା ପାଚେରି ଭାଙ୍ଗି ତଳେ ପଡ଼ିଯାଇଛି। ଅପରାହ୍ନ ପ୍ରାୟ ସାଢ଼େ ତିନିଟା ସମୟରେ ହଠାତ୍ ପାଗ ପରିବର୍ତ୍ତନ ହୋଇ ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା ଆରମ୍ଭ ହୋଇଥିଲା। ଏହି ସମୟରେ ପବନର ପ୍ରକୋପରେ ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନର ସାଇନବୋର୍ଡ ଓ ବିଜ୍ଞାପନ ଫଳକଗୁଡ଼ିକ ଉଡ଼ିଯାଇଥିବା ଦେଖିବାକୁ ମିଳିଥିଲା। ରଘୁନାଥ ବଜାର ଗୋପବନ୍ଧୁ ଛକଠାରେ ଥିବା କେତେକ ଉଠାଦୋକାନ ଉପରେ ଏକ ବିରାଟ ଗଛ ଭାଙ୍ଗି ପଡ଼ିଥିଲା। ସେହି ସମୟରେ ଦୋକାନ ନିକଟରେ ୮ରୁ ୧୦ ଜଣ ଲୋକ ଆଶ୍ରୟ ନେଇଥିଲେ। ସୌଭାଗ୍ୟବଶତଃ କାହାର କୌଣସି କ୍ଷତି ହୋଇନାହିଁ। ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ଏହି ପ୍ରାକୃତିକ ବିପର୍ଯ୍ୟୟ ଫଳରେ ସମଗ୍ର ଅଞ୍ଚଳରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି। ପ୍ରବଳ ବେଗରେ ହୋଇଥିବା ଏହି ବର୍ଷା ପବନ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳାଇ ଦେଇଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଥିବା ସୂଚନା ମିଳିଛି।

## କ୍ୟାରମ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଚୌଦ୍ୱାର,୫।୪(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଇନ୍‌ଡୋର ଆସୋସିଏସନ୍ ତରଫରୁ ଚୌଦ୍ୱାର ପୌରପାଳିକା ୧୧ ନମ୍ବର ୱାର୍ଡସ୍ଥିତ ଗୋପବନ୍ଧୁ ଖେଳ ପଡ଼ିଆଠାରେ ବ୍ଲକସ୍ତରୀୟ କ୍ୟାରମ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଦୁଇଟି ବିଭାଗରେ ୩୨ଜଣ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ୧୫ବର୍ଷରୁ କମ ବର୍ଗରେ ଦୀପକ ପରିଡ଼ା ଚାମ୍ପିଅନ୍ ଓ ପିୟୂଷ କୁମାର ନାୟକ ରନର୍ସଅପ୍ ହୋଇଥିଲେ। ସେହିପରି ୨୦ ବର୍ଷରୁ କମ ବିଭାଗରେ ସାହିଲ ବେହେରା ଓ ଜ୍ୟୋତିରଞ୍ଜନ ବାରିକ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ଆଖ୍ୟା ଅର୍ଜନ କରିଥିଲେ। କ୍ରୀଡ଼ାବିତ୍ ଅଶ୍ୱିନୀ ଜେନା, ମୃତ୍ୟୁଞ୍ଜୟ ପଟ୍ଟନାୟକ, ଭାସ୍କରଚନ୍ଦ୍ର ରାଉତରାୟ, ଟୁକୁ ପ୍ରଧାନ, ଅନ୍ତର୍ଯ୍ୟାମୀ ସାହୁ, ଚିତ୍ତରଞ୍ଜନ ଜେନା, ମନୋଜ ସ୍ୱାଇଁ ପ୍ରମୁଖ ଅତିଥି ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆସୋସିଏସନ୍‌ର ସଭାପତି ଅମୂଲ୍ୟ ରଞ୍ଜନ ରାଉତରାୟ ଓ ସମ୍ପାଦକ ଭୀମସେନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଟୁର୍ଣ୍ଣାମେଣ୍ଟରେ ରାଜକିଶୋର ସ୍ୱାଇଁ, ଅପ୍ରମିତ ଜେନା, ଭାସ୍କର ମହାପାତ୍ର, ବିଦ୍ୟାଧର ରାଉତ, କାହ୍ନୁ ଚରଣ ଜେନା, ବିନମ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ବିଦ୍ୟାଳୟରେ ଖଡ଼ିଛୁଆଁ



ତିଗିରିଆ,୫।୪(ସମିସ): ତିଗିରିଆ ବ୍ଲକ ନୂଆପାଟଣା ପଞ୍ଚାୟତସ୍ଥିତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ ଖଟୁଆଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ନୂଆପାଟଣା ପଞ୍ଚାୟତ ସରପଞ୍ଚ ସୋମନାଥ ଦାସ, ଭୋଗଡା ପଞ୍ଚାୟତ ସରପଞ୍ଚ ଶର୍ମିଳା ନାୟକ, ଅବସରପ୍ରାପ୍ତ ଶିକ୍ଷାଧିକାରୀ ପ୍ରକାଶଚନ୍ଦ୍ର ମଉଗଜସିଂହ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିରଞ୍ଚି ପାତ୍ର, ସୁଶାନ୍ତ ସାହୁ, ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ସାହୁ, ତୁଳସୀ ରଥ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ତୋଷ ବେହେରା ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗଦେଇଥିଲେ। ଶିକ୍ଷକ ମାଧବଚନ୍ଦ୍ର ପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ମାହାଙ୍ଗାରେ ଅଷ୍ଟପ୍ରହର ନାମଯଜ୍ଞ



ମାହାଙ୍ଗା,୫।୪(ସମିସ): ଗୁରୁସ୍ୱାମୀ ଠାକୁର ଶ୍ରୀ ଶ୍ରୀ କେଶବଚନ୍ଦ୍ରଙ୍କ ବିଶ୍ୱଭାତୃତ୍ୱ ଦିବ୍ୟାମ୍ନା ପରିଷଦ କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଚତୁଃମଣ୍ଡପେ ଚତୁଃଯୁଗୀୟ ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ର ପରିଚାଳନା ସମିତି ତତ୍ତ୍ୱାବଧାନରେ ଶ୍ରୀ ମଣ୍ଡପ ପ୍ରତିଷ୍ଠା, ନାମଯଜ୍ଞ ଶ୍ରୀ ଶୁଭାଧିବାସ ଓ ବିମାନ ପରିକ୍ରମା, ଦିବସବ୍ୟାପୀ ଶ୍ରୀନାମ ସଂକୀର୍ତ୍ତନ ଓ ଶ୍ରୀନଗର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବିଶ୍ୱଭାତୃତ୍ୱ ଦିବ୍ୟାମ୍ନା ପରିଷଦ କ୍ଷିତିଜ୍ୟୋତି ଆଶ୍ରମ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

## ରଘୁନାଥ ମହାନ୍ତିଙ୍କୁ ସାହିତ୍ୟଶ୍ରୀ ସମ୍ମାନ



ନିଶ୍ଚିନ୍ତକୋଇଲି, ୫।୪ (ସମିସ): ବିଶିଷ୍ଟ ସାହିତ୍ୟିକ ତଥା ଉତ୍କଳଜ୍ୟୋତି ରଘୁନାଥ ମହାନ୍ତିଙ୍କୁ ସାହିତ୍ୟଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ସାହିତ୍ୟ ସେବା କ୍ଷେତ୍ରରେ ସେ ଏହି ସମ୍ମାନ ପାଇଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ସରପଡାଠାରେ ଥିବା ମା' ବନଦୁର୍ଗା ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ଆଧ୍ୟାତ୍ମିକ ସାହିତ୍ୟ ଆଲୋଚନାରେ ସଭାପତି ପ୍ରଶାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଏଥିରେ ବିଶିଷ୍ଟ ସାରସ୍ୱତ ସାଧକ ଫକୀର ଚରଣ ନାୟକ, ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟ ଓ କବି ସଚ୍ଚିଦାନନ୍ଦ ମିଶ୍ର ଶ୍ରୀ ମହାନ୍ତିଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରି ଏହି ସମ୍ମାନ ପ୍ରଦାନ କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ସାହିତ୍ୟିକ, କବି, ଶିକ୍ଷାବିତ୍ ଓ ସାମ୍ବାଦିକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅହମ୍ମଦିଆ ଯୁବ ସଂଗଠନ ପକ୍ଷରୁ ଶାନ୍ତିଯାତ୍ରା



ତିଗିରିଆ,୫।୪(ସମିସ): ତିଗିରିଆ ବ୍ଲକ ନିଜିଗଡ ପଞ୍ଚାୟତ ଅଧୀନ ଜମାତ ଅହମ୍ମଦିଆ କରଡାପଲ୍ଲୀ ଗ୍ରାମ ଯୁବ ସଂଗଠନ ପକ୍ଷରୁ ରବିବାର ବିଶ୍ୱଶାନ୍ତି ପାଇଁ ଏକ ଶାନ୍ତିଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୁଦାମୁଲ ଅହମ୍ମଦିଆ ଯୁବ ସଂଗଠନର କଟକ ଜିଲ୍ଲା ଅଧ୍ୟକ୍ଷ ମହମ୍ମଦ ସଫାକତ ଅଲ୍ଲିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟ କମାଲଉଦ୍ଦିନ ଖାଁ, କରାମତ ଅଲ୍ଲୀ ଖାଁ, ମହମ୍ମଦ ଅରାଫତ୍, ସରାଫତ ଅଲ୍ଲୀ ଖାଁ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ କରଡାପଲ୍ଲୀ ଗ୍ରାମଠାରୁ ଏକ ଶୋଭାଯାତ୍ରାରେ ବାହାରି ତିଗିରିଆ ନିଜିଗଡ ଗୋହିରିମୁଣ୍ଡା ଛକଠାରେ ଏକତ୍ରିତ ହୋଇ ବିଶ୍ୱବାସୀଙ୍କୁ ତୃତୀୟ ବିଶ୍ୱଯୁଦ୍ଧଠାରୁ ଦୂରେଇ ରହିବାକୁ ସଚେତନ କରାଇଥିଲେ।

# ଶ୍ରୀରାମ ନବମୀ ଉତ୍ସବ ଉଦ୍‌ଯାପିତ



ବଡମ୍ବା,୫।୪(ସମିସ): ବଡମ୍ବା ବ୍ଲକ ଅଧୀନ ସାନବାରସିଂହ ଗ୍ରାମ ଉପରସାହିଠାରେ ଜୟ ମହାବୀର ହନୁମାନ ନାଟ୍ୟ ସଂସଦ ତରଫରୁ ଶ୍ରୀରାମ ନବମୀର ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୟ ମହାବୀର ହନୁମାନ ନାଟ୍ୟ ସଂସଦ ତରଫରୁ ରାମାୟଣ ପାରାୟଣ କରିବା ସହିତ ସୀତାଜନ୍ମ, ସୀତାବିବାହ, ରାମ ବନବାସ, ସୀତାଚୋରି, ବାଳିବଧ, ଲଙ୍କାପୋଡି, ଲକ୍ଷ୍ମଣ ଶକ୍ତିଭେଦ ଏବଂ ରାବଣ ପୋଡି ଆଦି ଗୀତିନାଟ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ସ୍ୱାଇଁ, ସମ୍ପାଦକ ଚିନ୍ମୟ ଗୋଛି ଏବଂ କୋଷାଧ୍ୟକ୍ଷ ରବୀନ୍ଦ୍ର ଗୋଛି ସଂଯୋଜନା କରିଥିବା ବେଳେ ଉପଦେଷ୍ଟା ତ୍ରିଲୋଚନ ସାହୁଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶକ ଭାବରେ ଏବଂ ପେଣ୍ଟର ରାମଚନ୍ଦ୍ର ଗୋଛି, ବିଜୟ ବେହେରା, ଆଶୁତୋଷ ଗୋଛି ଆଦି ସମସ୍ତ କଳାକାରଙ୍କୁ ବେଶ କରିଥିଲେ। ଭରତ ନାୟକ ଉଡ଼ନ୍ତା ହନୁମାନ ଭାବରେ ଏବଂ ମାୟାଧର ଗୋଛି ହନୁମାନ ଭାବେ ଅଭିନୟ କରିଥିଲେ। ଅନୁଷ୍ଠାନର ପଞ୍ଚୁ ଦାସ, ବିଜୟ ଗୋଛି, ହେମନ୍ତ ସ୍ୱାଇଁ, ଗୋକୁଳ ସ୍ୱାଇଁ, ସାଗର ସ୍ୱାଇଁ, ଜୟନ୍ତ ସ୍ୱାଇଁ, ମଳୟ ରଞ୍ଜନ ଗୋଛି, ଆଶିଷ ମନ୍ତ୍ରୀ ଆଦି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଦିଲ୍ଲୀପ ସ୍ୱାଇଁ, ଚିନ୍ମୟ ଗୋଛି, ଲୋଚନ ସାହୁ, ପ୍ରମୋଦ ସ୍ୱାଇଁ, ଅନଙ୍ଗ ନରେନ୍ଦ୍ର ରାମାୟଣ ପାଠ କରିଥିଲେ।

## ଟାଙ୍ଗୀ ବ୍ଲକ୍‌ରେ ଓଡ଼ିଆ ପକ୍ଷ



ଟାଙ୍ଗୀ,୫।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ହୋଇଯାଇଛି। ବିଡ଼ିଓ ଏନ୍‌ଏନ୍ ରାଜଲକ୍ଷ୍ମୀ ଓଝାଙ୍କ ଅଧ୍ୟକ୍ଷତାରେ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ କର୍ମଚାରୀ ସମ୍ବଲପୁରୀ ଓ ପାଟ ପୋଷାକ ପରିଧାନ କରିଥିବା ଦେଖିବାକୁ ମିଳିଥିଲା। ଏବିଡିଓ ଶାଶ୍ୱତ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କାଳବୈଶାଖୀର ତାଣ୍ଡବ; ପ୍ରବଳ ଘଡ଼ଘଡ଼ି ଯୋଗୁଁ ଲୋକେ ଆତଙ୍କିତ

# ଭୂଇଁରେ ଲୋଟିଲା ପାଚିଲା ଧାନ ଫସଲ



କଣାସ, ୫।୪(ସମିସ): ରାଜ୍ୟରେ କିଛିଦିନ ହେଲା ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ତାଣ୍ଡବ ଲୀଳା ସୃଷ୍ଟି କରି ବହୁ କ୍ଷୟକ୍ଷତି ହେଉଛି। ରବିବାର ଅପରାହ୍ଣରେ କଣାସ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ଯୋଗୁଁ ଚାଷୀମାନେ ରବି ଋତୁରେ କରିଥିବା ଧାନ ଫସଲ ପାଚିଲା ଅବସ୍ଥାରେ ପ୍ରବଳ ପବନ ହେତୁ ଜମିରେ ଶୋଇପଡ଼ିବା ସହ ବର୍ଷା ହେବାରୁ ମାଟିରେ ମିଶିଯାଇଛି। ଅନେକ ସ୍ଥାନରେ ଗଛ ଡାଳ ଭାଙ୍ଗି ପଡ଼ିଥିବାବେଳେ ଚାଳ ଛପର ଉଡ଼ିଯାଇଛି। କେତେକ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିବାରୁ କଣାସ ଅଞ୍ଚଳ ଅନ୍ଧାରରେ

**ବିଦ୍ୟୁତ୍ ତାର ଛିଣ୍ଡି ଅନେକ ଅଞ୍ଚଳ ଅନ୍ଧାର**

ରହିଛି। ବିଶେଷ କରି ଚିଲିକା ଉପକୂଳ ଗଡ଼ିଶାଗୋଦା, ଯାମଳଗୋଦା, ଆଳିବାଡ଼, ଖଣ୍ଡହତା, ବିନ୍ଧଣ, ଅଣ୍ଡାଳସିଂହ, ଗଡ଼ସାହି, ଚୁପୁରିଙ୍ଗି, କାଦୁଆ, ଗୋପୀନାଥପୁର, ବଡାଲ, ଗଡ଼ଖାରଦ, ଦେଇପୁର, ସାହୁପଡ଼ା, ବକୁ, ଦୋଛିଆଁ, ଦିବ୍ୟସିଂହପୁର ପଞ୍ଚାୟତର ଚାଷ ଜମିରେ ଧାନ ପାଚି ଯାଇଥିବାରୁ ଭୂଇଁରେ ଲୋଟି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ପ୍ରବଳ ପବନ ଯୋଗୁଁ ଗଛରୁ ଆମ୍ବ ପ୍ରାୟ ଝଡ଼ି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। କେତେକ ସ୍ଥାନରେ କୂଆପଥର ବୃଷ୍ଟି ହୋଇଛି।

## ଦିଗପହଣ୍ଡିରେ କାଳବୈଶାଖୀ

# ବଜ୍ରପାତରେ ୨ ମଇଁଷି ମୃତ

ଦିଗପହଣ୍ଡି,୫।୪(ସମିସ): ଦିଗପହଣ୍ଡି ସହର ସମେତ ଆଖପାଖ ଅଞ୍ଚଳରେ ରବିବାର କାଳ ବୈଶାଖୀ ପ୍ରଭାବରେ ଘନ ଘନ ବଜ୍ରପାତ ସାଙ୍ଗକୁ କୁଆପଥର ସହ ଝଡ଼ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ବଜ୍ରପାତରେ ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡା ପଞ୍ଚାୟତ ବଜ୍ରଗୁମ୍ମା ଗ୍ରାମର ଭାଗିରଥି ଗୌଡ଼ଙ୍କ ୨ଟି ମଇଁଷି ମୃତ୍ୟୁବରଣ କରିଥିବା ଜଣାପଡିଛି। ଭାଗିରଥି ଅପରାହ୍ନରେ ମଇଁଷିଙ୍କୁ ଚରାଇବାକୁ ଗାଁ ନିକଟସ୍ଥ ବାହୁଦା ନଦୀତଟକୁ ନେଇଥିଲେ। ଅପରାହ୍ନ ପ୍ରାୟ ୩ ଟାରେ ମେଘ ପବନ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ବଜ୍ରପାତ ପ୍ରଭାବରେ ମଇଁଷି ୨ଟି ସେଠାରେ ଟଳି ପଡ଼ିଥିଲେ। ଖବରପାଇ ଭ୍ରମରପୁର ଲାଇଭ ଷ୍ଟକ୍ ଇନ୍ସପେକ୍ଟର ବାଳକୃଷ୍ଣ ପ୍ରଧାନ ଓ ଅନ୍ୟ କର୍ମଚାରୀ ବୃନ୍ଦ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ବେଳେ ସୋମବାର ମୃତ ମଇଁଷି ଦ୍ୱୟର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଭାଗିରଥି ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ଗ୍ରାମର ସାମାଜିକ କର୍ମୀ ସୁଶାନ୍ତ କୁମାର ଷଡଙ୍ଗୀ ଓ ଗ୍ରାମବାସୀ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ ଅଧିନ ଅନେକ ଗ୍ରାମାଞ୍ଚଳରେ ଭୀଷଣ ପବନ ସାଙ୍ଗକୁ କାଳବୈଶାଖୀର ଭୀମ ତାଣ୍ଡବ ଯୋଗୁଁ ଚାଳ ଓ ଟିଣ ଘର ଉଡ଼ିଯାଇଛି। ରାସ୍ତା କଡରେ ଥିବା ଗଛ ଉପୁଡ଼ି ପଡ଼ିବା ସହ ଗଛ ଡାଳ ଭାଙ୍ଗି ପଡ଼ିବାରୁ ରାସ୍ତା ଅବରୋଧ ହୋଇଥିଲା। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟିବାରୁ ରାସ୍ତାରେ ଲୋକେ ଚଳପ୍ରଚଳ ହୋଇଥିବା ଜଣାପଡିଛି। କୁଆପଥର ମାଡରେ ଗ୍ରାମାଞ୍ଚଳ ମାନଙ୍କରେ ପନିପରିବା ଓ ଆମ୍ବ ଝଡି ପଡିଛି।

# ପୁରୀରେ କାଳବୈଶାଖୀ ବର୍ଷା



ପୁରୀ,୫।୪(ସମିସ): ପୁରୀରେ କାଳବୈଶାଖୀ ପ୍ରଭାବରେ ହାଲୁକା ପବନ ଓ ବର୍ଷା ହୋଇଛି। ବିଜୁଳି ଓ ଘଡ଼ଘଡ଼ି ବି ମାରିଥିଲା। ଫଳରେ ଗ୍ରୀଷ୍ମ ତାତିରୁ ସାମୟିକ ଭାବେ ମିଳିଛି ଆଶ୍ୱସ୍ତି। ରବିବାର ସବୁକିଛି ସ୍ୱାଭାବିକ ଥିଲା। କିନ୍ତୁ ଖରା ଯୋଗୁଁ ତାତିରେ ଅସ୍ତବ୍ୟସ୍ତ ହେଉଥିଲେ ପୁରୀବାସୀ, ଭକ୍ତ ଓ ପର୍ଯ୍ୟଟକ। ଅପରାହ୍ଣ ପ୍ରାୟ ସାଢ଼େ ୩ଟା ପରଠାରୁ ହଠାତ୍ ଆକାଶ ଢାଙ୍କି ହୋଇଯାଇଥିଲା। କଳାହାଣ୍ଡିଆ ମେଘ ସନ୍ଧ୍ୟାର ଭ୍ରମ ସୃଷ୍ଟି କରିଥିଲା। ଅପରାହ୍ଣ ୪ଟାରୁ ଆରମ୍ଭ ହୋଇଥିଲା ହାଲୁକା ପବନ ସାଙ୍ଗକୁ ଝିପିଝିପି ବର୍ଷା। ଏହି କାଳବୈଶାଖୀ ବର୍ଷା, ପବନ ଯୋଗୁଁ ରାସ୍ତାଘାଟରେ କିଛି ସମୟ ପାଇଁ ପାଣି ଜମିଥିଲା। ଯାତାୟାତ ମଧ୍ୟ ପ୍ରଭାବିତ ହୋଇଥିଲା। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ପାଣି ଜମିଥିଲା। ପ୍ରଚଣ୍ଡ ଗରମ ଯୋଗୁଁ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିବା ଭକ୍ତ ଅସ୍ତବ୍ୟସ୍ତ ହୋଇପଡୁଥିଲେ। ହେଲେ ବର୍ଷା ହେବା ପରେ ସେମାନେ ଆଶ୍ୱସ୍ତି ଅନୁଭବ କରିଥିଲେ। ଅନ୍ୟପକ୍ଷରେ ଏହି କାଳବୈଶାଖୀ ବର୍ଷା, ପବନ ସାଙ୍ଗକୁ ବିଜୁଳି, ଘଡ଼ଘଡ଼ି ବି ମାରୁଥିଲା। ମାଳତିପାଟପୁରଠାରେ ଏକ ନଡ଼ିଆ ଗଛରେ ବଜ୍ରପାତ ହେବାରୁ ସେଥିରେ ନିଆଁ ଲାଗିଯାଇଥିଲା।

## ■ ଆଜି ମହାପ୍ରଭୁଙ୍କ ପଇତାଲାଗି

# ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ

ପୁରୀ,୫।୪(ସମିସ): ବୈଶାଖ କୃଷ୍ଣ ଚତୁର୍ଥୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ଦଇତାପତି ସେବକମାନେ ଏହି ନୀତି ପାଇଁ ଗର୍ଭଗୃହକୁ ପ୍ରବେଶ କରିବେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯିବ। ଏହି ନୀତି ସମ୍ପନ୍ନ ପରେ ଠାକୁରମାନଙ୍କର ମହାସ୍ନାନ କରାଯିବ। ଏହି ନୀତି ପାଇଁ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ଅର୍ଥାତ୍ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଲିଫ୍ଟ ମାଗିବା ବାହାନାରେ ୪୫ ହଜାର ଲୁଟ୍

ବେଲପଡ଼ା,୫।୪(ସମିସ): ବେଲପଡ଼ା ଥାନା ଧୂମାଭଟା-ପାଟଣାଗଡ଼ ରାସ୍ତାର ଯୁବା ଦର୍ଦାରପାଲି ନିକଟରେ ଲିଫ୍ଟ ମାଗିବା ବାହାନାରେ ବନ୍ଧୁକ ଦେଖାଇ ଜଣେ ଯୁବକଙ୍କଠାରୁ ୪୫ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହେଉଛି। ବଲାଙ୍ଗିର ଜିଲ୍ଲା ବେଲପଡା ଥାନା ଡାହିମାଲ ଗାଁର ଲୋକବନ୍ଧୁ ବୁଢ଼େକ ନାମକ ଜଣେ ଯୁବକ ପାଟଣାଗଡ଼ରୁ ୪୫ ହଜାର ଟଙ୍କା ଉଠାଇ ନିଜ ଗାଁ କୁ ଫେରୁଥିବା ବେଳେ କେନ୍ଦୁମୁଣ୍ଡି ଜଙ୍ଗଲ ନିକଟରେ ପ୍ରଥମେ ଜଣେ ଶିଶୁ ହାତ ମାରି ଗାଡ଼ି ଅଟକାଇବାକୁ କହିଥିଲା। ବାଇକ୍ ଆରୋହୀ ଜଣକ ଗାଡ଼ି ଅଟକାଇ ଦେବାରୁ ଜଙ୍ଗଲରେ ଲୁଚିଥିବା ୨ ଜଣ ମୁଖା ପିନ୍ଧା ଯୁବକ ବାହାରି ମୁଣ୍ଡରେ ବନ୍ଧୁକ ରଖି ଧରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହାପରେ ଯୁବକ ଠାରୁ ୪୫ ହଜାର ଟଙ୍କା ଲୁଟ୍ ଫେରାର ମାରିଥିଲେ।

# ଟ୍ରକ୍ ଚକତଳେ ପଡ଼ି ମହିଳା ମୃତ, ୩ ଗୁରୁତର

ପୁରୁଷୋତ୍ତମପୁର,୫।୪(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ପୁରୁଷୋତ୍ତମପୁର - ଭୂତସରସିଙ୍ଗ ରାଜ୍ୟ ରାଜପଥ ମଧ୍ୟରେ ରବିବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ଅନ୍ୟ ୩ ଗୁରୁତରଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁବାରିଆ ଶବର ଗାଡ଼ିରେ ସ୍ତ୍ରୀ ସୁଷମା ଶବର(୩୬), ପୁଅ ନିଖିଲ(୮), ଝିଅ ଇହଗନ(୬)ଙ୍କୁ ନେଇ ବ୍ରହ୍ମପୁରରୁ ପୋଲସରା ଯାଉଥିଲେ। ପୁରୁଷୋତ୍ତମପୁର-ଭୂତସରସିଙ୍ଗ ରାସ୍ତା ବର୍ଷା ଯୋଗୁଁ କାଦୁଅ ହୋଇଥିବାରୁ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ପଡ଼ିଯିବା ଫଳରେ ବାଇକ୍‌ରେ ବସିଥିବା ସମସ୍ତେ ପଡ଼ିଯାଇଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା।

# ମହେନ୍ଦ୍ରଗିରିରେ ପର୍ଯ୍ୟଟକ ନିଖୋଜ ଅଭିଯୋଗ

ପାରଳାଖେମୁଣ୍ଡି,୫।୪(ସମିସ): ମହେନ୍ଦ୍ରଗିରି ବୁଲି ଯାଇଥିବା ନିଆଳି ବ୍ଲକ୍‌ର ଓଲଟପୁରୁ ଗ୍ରାମର ବିନୋଦ ଜେନା ନିଖୋଜ ହୋଇଯାଇଛନ୍ତି। ରବିବାର ଅପରାହ୍ଣରେ ଚାରିଜଣ ସାଙ୍ଗ ମିଶି ମହେନ୍ଦ୍ରଗିରି ବୁଲିବା ପାଇଁ ଯାଇଥିଲେ। ଭୀମ ମନ୍ଦିର ଅଭିମୁଖେ ପାହାଡ଼ ଚଢି ଯିବା ସମୟରେ ହଠାତ ଖୁବ ଜୋରରେ ପବନ ବହିବା ସହ ଘଡ଼ଘଡ଼ି ଓ ବର୍ଷା ହୋଇଥିଲା। ତିନି ଜଣ ସାଙ୍ଗ ଭୀମ ମନ୍ଦିର ଭିତରେ ଆଶ୍ରୟ ନେଇଥିବା ବେଳେ ବିନୋଦ ପାହାଡ ତଳପଟକୁ ଦୌଡ଼ି ପଳାଇଥିଲେ। ତେବେ ୧୦ ମିନିଟ ପରେ ପରିସ୍ଥିତି ସ୍ୱାଭାବିକ ହେବା ପରେ ତିନିସାଙ୍ଗ ବିନୋଦଙ୍କୁ ଖୋଜି ନ ପାଇବାରୁ ପୁଲିସର ଆଶ୍ରୟ ନେଇଥିଲେ। ସନ୍ଧ୍ୟାଯାଏ ବିନୋଦଙ୍କ ପତ୍ତା ମିଳିନଥିଲା।

# ‘ନୀତି, ଅନୀତି ଓ ରାଜନୀତି’ ଆଲୋଚନାଚକ୍ର

ବଲାଙ୍ଗିର,୫।୪(ସମିସ): ସ୍ଥାନୀୟ ଜିଲ୍ଲା ସାମ୍ବାଦିକଭବନ ସମ୍ମିଳନୀ କକ୍ଷରେ ଓଡ଼ିଶା ସାମ୍ବାଦିକ ସଂଘ ବଲାଙ୍ଗିର ଜିଲ୍ଲା ଶାଖା ତରଫରୁ ନୀତି, ଅନୀତି ଓ ରାଜନୀତି ଶୀର୍ଷକ ଆଲୋଚନାଚକ୍ର ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତା ରବିବାର ଅନୁଷ୍ଠିତ ହୋଇଥିଲା। ଆଲୋଚନା ଚକ୍ରରେ ଅତିଥିଭାବେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବକ୍ତାଭାବେ ଯୁବନେତା ଭଟଲି ବିଧାୟକ ଇରାଶିସ ଆ.ର୍ଯ୍ୟ, ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂହ ସାଲୁଜା, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ



ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ତଥା ବକ୍ତାମାନେ ଅଧର୍ମ, ଅନ୍ୟାୟ, ଶୋଷଣ ଦୁର୍ନୀତି ହେଉଛି ବୋଲି ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସେହିପରି ନୀତି ଦ୍ୱାରା ରାଜନୀତି ପରିଚାଳିତ ହେଲେ ସମାଜ ଓ ରାଷ୍ଟ୍ରର ମଙ୍ଗଳ ସମ୍ଭବ ହେବ କହିଥିଲେ। ପ୍ରାକ୍ ସ୍ୱାଧୀନତା ଠାରୁ ସାମ୍ପ୍ରତିକ ସମୟ ମଧ୍ୟରେ ନୀତି ଅନୀତି ଓ ରାଜନୀତି କୁ ଅନେକ ଯୁକ୍ତି ଉପସ୍ଥାପନ କରିଥିଲେ ବକ୍ତାମାନେ। ଏକ ସୁସ୍ଥ ସମାଜ ଗଠନ ପାଇଁ ସମସ୍ତେ ସଚେତନ ହେଲେ ପରିବାର ବାଦ ରାଜନୀତିର ବିଲୟ ସମ୍ଭବ, ବିକାଶ ପ୍ରକ୍ରିୟାର ଶେଷ ଧାଡିରେ ଥିବା ବ୍ୟକ୍ତି ପ୍ରଶ୍ନ ଉଥାପନ କଲେ, ରାଜନୀତି ଦୁର୍ନୀତିମୁକ୍ତ ହେଲେ ନୀତି ସମ୍ଭବ ବୋଲି ବକ୍ତାମାନେ କହିଥିଲେ।

# ପ୍ରସିଦ୍ଧ ଚନ୍ଦନେଶ୍ୱର ଚଡ଼କ ପର୍ବରେ ନବମ ଅର୍ଘ୍ୟ ସମ୍ପନ୍ନ



ଚନ୍ଦନେଶ୍ୱର, ୫।୪ (ସମିସ) : ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ପୂର୍ବଭାରତର ଅତ୍ୟନ୍ତ ପ୍ରସିଦ୍ଧ ଶ୍ରୀ ଚନ୍ଦନେଶ୍ୱର ଜୀଉଙ୍କର ବିଶ୍ୱବିଖ୍ୟାତ ଚଡ଼କ ପର୍ବ ଅବସରରେ ଆଜି ନବମ ଅର୍ଘ୍ୟ ବିଧିବଦ୍ଧ ଭାବେ ସମ୍ପନ୍ନ ହୋଇଛି। ଏହି ପାରମ୍ପରିକ ପର୍ବ ୧୧ ଦିନ ଧରି ଧାର୍ମିକ ଉତ୍ସାହ ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହେଉଛି। ପୁରାତନ ପରମ୍ପରା ଓ ନିୟମାନୁସାରେ ଚୈତ୍ର ମାସର ୧୯ତମ ଦିନ, ଏପ୍ରିଲ ୩ ତାରିଖ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଏହି ପର୍ବ ଆଜି ନବମ ଅର୍ଘ୍ୟରେ ପଦାର୍ପଣ କରିଛି। ଏହି ଅବସରରେ ମୁଖ୍ୟ ଶ୍ରୀବେକଡି ଉପବିତ ଧାରଣ କରିବା ପରେ ସନ୍ଧ୍ୟାବେଳେ ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ, ଶ୍ରୀବେକଡି ନିରଞ୍ଜନ ଲେଙ୍କା ଓ ଦେଉଳିଆ ଅଜିତ ପାତ୍ରଙ୍କ ସମେତ ୧୩ ଜଣ ମୁଖ୍ୟ ଉପବିତଧାରୀଙ୍କ ନେତୃତ୍ୱରେ ଏକ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ମୌରସୀ ତପନ କୁମାର ପଣ୍ଡା, ଉପମୌରସୀ ବୁଦ୍ଧଦେବ ପଣ୍ଡା ଏବଂ ଶତାଧିକ ଉପବିତଧାରୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଗ୍ରାମ୍ୟ ପରିକ୍ରମା କରିଥିଲେ।

# ଫରେଷ୍ଟଗାର୍ଡଙ୍କୁ ଏସିଏଫ୍‌ଙ୍କ ମାଡ଼: ନ୍ୟାୟ ପାଇଁ ଧାରଣା ଦେବେ ପରିବାର

ନୀଳଗିରି, ୫।୪(ସମିସ): କୁଲଡିହା ରେଞ୍ଜରଙ୍କ ଅମାନବୀୟ ମାଡ଼ ଏବଂ ଅତ୍ୟାଚାର ବିରୋଧରେ ଶେଷରେ ନ୍ୟାୟପାଇଁ ଧାରଣା ଦେବେ ପୀଡିତ ଫରେଷ୍ଟଗାର୍ଡଙ୍କ ପରିବାର। ଏ ନେଇ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଫରେଷ୍ଟଗାର୍ଡଙ୍କ ପତ୍ନୀ ଦୀପ୍ତିମୟୀ ପାତ୍ର। ଗତ ମାର୍ଚ୍ଚ ୨୫ତାରିଖ ରାତି ପ୍ରାୟ ୧୨ଟା ସମୟରେ ନୀଳଗିରି କୁଲଡିହା ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ତଥା ଏସିଏଫ୍ ସୁବ୍ରତ କୁମାର ବେହେରା ନିଜର ୨୦ରୁ ୨୫ ବନକର୍ମଚାରୀଙ୍କ ସହିତ ଏକ ରେଡ୍ ସାରି ଫେରୁଥିବା ବେଳେ ମୟୂରଭଞ୍ଜ ଝିଙ୍କପଦାରୁ ନିଜ ନୀଳଗିରି ଭଡ଼ାଘରକୁ ଫେରୁଥିବା ଉପରଡିହା ଗ୍ରାମର ଜିଲ୍ଲାବନବିଭାଗ କାର୍ଯ୍ୟାଳୟର ନିଲମ୍ବିତ ଫରେଷ୍ଟଗାର୍ଡ ପଦ୍ମଲୋଚନ ପାତ୍ର ଏବଂ ତାଙ୍କ ସାଥୀ ବିଦ୍ୟୁତ୍ ବିଭାଗର କର୍ମଚାରୀ କ୍ଷୀରୋଦ ଦାସଙ୍କୁ ଗାଡ଼ି ଓଭରଟେକ୍‌କୁ ନେଇ ନିସ୍ଥୁକ ମାଡ଼ମାରିଥିଲେ। ଫଳରେ ପଦ୍ମଲୋଚନଙ୍କ ବାମହାତ ଭାଙ୍ଗିଯିବା ସହ ପିଠିରେ ମାଡ଼ର ଚିହ୍ନ ଦେଖିବାକୁ ମିଳିଥିଲା। ଉଭୟଙ୍କୁ ଖୋଦ୍ ରେଞ୍ଜର ଏବଂ ସହକର୍ମୀ ବନକର୍ମଚାରୀ ବରହମପୁର ଥାନାକୁ ନେଇ ଏକ ଲିଖିତ ସମାଧାନ ପତ୍ର ଲେଖାଇ ନେଇଥିଲେ। ମାତ୍ର ଯନ୍ତ୍ରଣାରେ ଛଟପଟ ପଦ୍ମଲୋଚନ ଏବଂ କ୍ଷୀରୋଦଙ୍କୁ ହସ୍ପିଟାଲକୁ ନନେଇ ଛାଡିଚାଲି ଯାଇଥିବା ବେଳେ ପରିବାରଲୋକେ ବାଲେଶ୍ୱର ମେଡିକାଲ କଲେଜକୁ ନେଇ ଚିକିତ୍ସା କରାଇଥିଲେ। ଏପରିକି ପରବର୍ତ୍ତୀଦିନ ୨୬ତାରିଖ ଏସିଏଫ୍ ସୁବ୍ରତ ବେହେରା ମେଡିକାଲ ଯାଇ ମାମଲାକୁ ରଫାଦଫା କରିବାକୁ ଚେଷ୍ଟାକରି ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ପଦ୍ମଲୋଚନଙ୍କ ପତ୍ନୀ ଏବଂ କ୍ଷୀରୋଦଙ୍କ ପରିବାର ତରଫରୁ ବରହମପୁର ଥାନାରେ ଅଭିଯୋଗ ହୋଇଥିଲେ ହେଁ ପୁଲିସ କୌଣସି ପଦକ୍ଷେପ ନେଇନଥିବା ବେଳେ ବାଲେଶ୍ୱର ଡିଏଫ୍‌ଓ ମଧ୍ୟ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ତେଣୁ ନିଜକୁ ଅସୁରକ୍ଷିତ ଏବଂ ନ୍ୟାୟପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିକଟକୁ ପତ୍ର ଲେଖିଥିବା ବେଳେ ଆଜି ନୀଳଗିରି ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ବନ୍ଧୁବାନ୍ଧବଙ୍କ ସହିତ ଶାନ୍ତିପୂର୍ଣ୍ଣ ଧାରଣାଦେବାକୁ ସାମ୍ବାଦିକ ସମ୍ମିଳନୀରେ ପଦ୍ମଲୋଚନଙ୍କ ପତ୍ନୀ ଦୀପ୍ତିମୟି ପାତ୍ର ସୂଚନା ଦେଇଛନ୍ତି। ଗଡ଼ଜାତ ମାଟିର ସ୍ୱାଭିମାନ ଏବଂ ଜଣେ ହରିଜନ ସମ୍ପ୍ରଦାୟର ମହିଳାଙ୍କ ଅଧିକାର ପାଇଁ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ନିଜର ସମର୍ଥନ ଦେଇ ଧାରଣାରେ ସହଯୋଗ କରିବେ ବୋଲି ସୂଚନା ଦେଇଛନ୍ତି।

## ■ ତାଳସାରୀ ବେଳାଭୂମିରେ ବଙ୍ଗୀୟ ନାୟକଙ୍କ ସଲିଳ ସମାଧି

# ୬ ଦିନ ପରେ ପତ୍ନୀଙ୍କ ଅଭିଯୋଗ, ତଦନ୍ତ ଜୋରଦାର

ଚନ୍ଦନେଶ୍ୱର, ୫।୪ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳସ୍ଥିତ ତାଳସାରୀ ବେଳାଭୂମିରେ ଘଟିଥିବା ଦୁର୍ଭାଗ୍ୟଜନକ ଘଟଣାରେ ପଶ୍ଚିମବଙ୍ଗର ପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତା ରାହୁଲ ଅରୁଣୋଦୟ ବାନାର୍ଜୀଙ୍କ ସଲିଳ ସମାଧି ଘଟଣା ସମଗ୍ର ଚଳଚ୍ଚିତ୍ର ଜଗତକୁ ଶୋକାକୁଳ କରିଦେଇଛି। ଘଟଣା ଘଟିଥିବାର ୬ ଦିନ ପରେ ଶନିବାର ବିଳମ୍ବିତ ରାତିରେ ମୃତକଙ୍କ ସ୍ତ୍ରୀ ପ୍ରିୟଙ୍କା ସରକାର ତାଳସାରୀ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିବାରୁ ଘଟଣା ନୂତନ ମୁହାଁ ନେଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ରବିବାର ଅପରାହ୍ନରେ ‘ଭୋଲେ ବାବା ପାର କରେଗା’ ନାମକ ଟେଲି ଫିଲ୍ମର ସୁଟିଂ ତାଳସାରୀ ସମୁଦ୍ରତଟରେ ଚାଲିଥିଲା। ଏହି ସୁଟିଂ ସମୟରେ ବୋଟ ଉପରେ ଦୃଶ୍ୟ ଧାରଣ କରାଯାଉଥିବା ବେଳେ ଅସାବଧାନତା ବଶତଃ ନାୟକ ଓ ନାୟିକା ଦୁହେଁ ସମୁଦ୍ରଜଳରେ ପଡ଼ିଯାଇଥିଲେ। ତୁରନ୍ତ ସ୍ଥାନୀୟ ଲୋକଙ୍କ ସହଯୋଗରେ ନାୟିକାଙ୍କୁ ଉଦ୍ଧାର କରାଯାଇଥିଲା, କିନ୍ତୁ ଅଭିନେତା ରାହୁଲଙ୍କୁ କିଛି ସମୟ ପରେ ପାଣିରୁ ବାହାର କରାଯାଇ ଦୀଘା ହସ୍ପିଟାଲକୁ ନେଇଯାଇଥିଲା। ସେଠାରେ ଚିକିତ୍ସକମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଅକାଳ ମୃତ୍ୟୁ ପଶ୍ଚିମବଙ୍ଗର ଚଳଚ୍ଚିତ୍ର ଜଗତରେ ଗଭୀର ଶୋକର ଛାୟା ଛାଡ଼ିଥିଲା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଥିଲେ। ଗତକାଲି ବିଳମ୍ବିତ ରାତିରେ ମୃତକଙ୍କ ସ୍ତ୍ରୀ ପ୍ରିୟଙ୍କା ସରକାରଙ୍କ ସହ ଅଭିନେତା ସୌରଭ ଚାଟାର୍ଜୀ, ରିତୁପର୍ଣ୍ଣା ସେନଗୁପ୍ତ ଓ ପ୍ରସନଜିତ ଚାଟାର୍ଜୀଙ୍କ ସମେତ ଚଳଚ୍ଚିତ୍ର ଓ ସିରିଏଲ ଜଗତର ଅନେକ ପ୍ରମୁଖ ନାୟକ-ନାୟିକା ତାଳସାରୀ ଥାନାରେ




ପହଞ୍ଚିଥିଲେ। ବାଲେଶ୍ୱର ଆଡିସନାଲ ଏସପି ଦିବ୍ୟ ଜ୍ୟୋତି ଦାଶ, ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା ଓ ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସହିତ ପୁଲିସ ପ୍ରଶାସନର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ। ଘଟଣାକୁ ନେଇ ଉଠୁଥିବା ବିଭିନ୍ନ ପ୍ରଶ୍ନ ଓ ସନ୍ଦେହକୁ ଦୃଷ୍ଟିରେ ରଖି ପୁଲିସ ତଦନ୍ତ ପରେ ଜଣା ପଡ଼ିବ। ପତ୍ନୀଙ୍କ ଲିଖିତ ଅଭିଯୋଗ ପରେ ଘଟଣାର ପ୍ରକୃତ କାରଣ ଓ ଦାୟୀ ବ୍ୟକ୍ତିମାନଙ୍କ ବିଷୟରେ ତଦନ୍ତ ପରେ ସ୍ପଷ୍ଟ ଚିତ୍ର ପ୍ରକାଶ ପାଇବ ବୋଲି ଆଶା କରାଯାଉଛି।


# ପର୍ଯ୍ୟଟକଙ୍କ ପସନ୍ଦ ଡେବ୍ରିଗଡ଼

## ୨୦୨୫-୨୬ରେ ଦେଢ଼ ଲକ୍ଷ ପର୍ଯ୍ୟଟକ, ୬ କୋଟି ରାଜସ୍ୱ

ସମ୍ବଲପୁର, ୫।୪ (ସମିସ): ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ। ଡେବ୍ରିଗଡ଼ ଇକୋ-ଟୁରିଜିମ୍ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ୬.୦୨ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଛି। ଏହାସହ ୧.୪ଲକ୍ଷ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛି। ଗତ ଆର୍ଥିକ ବର୍ଷ ୨୦୨୪-୨୫ରେ ୮୫ ହଜାର ପର୍ଯ୍ୟଟକ ଆସିଥିବା ବେଳେ ୫.୦୧ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିଲା। ଚଳିତ ଆର୍ଥିକ ବର୍ଷରେ ୫୦ ପ୍ରତିଶତ ପର୍ଯ୍ୟଟକ ଓଡ଼ିଶାର ହୋଇଥିବା ବେଳେ ବାକି ୫୦ ପ୍ରତିଶତ ଭାରତର ବିଭିନ୍ନ ପ୍ରାନ୍ତ ଏବଂ ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଇଟାଲୀ, କାନାଡା, ଜର୍ମାନୀ, ସ୍ପେନ୍, ବ୍ରାଜିଲ୍ ଆଦି ଦେଶରୁ ଆସିଥିବା ହୀରାକୁଦ ବନ୍ୟପ୍ରାଣୀ ବିଭାଗର ଡିଏଫଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

୨୫-୨୬ର ନୂତନ ଆକର୍ଷଣ ଦୁଇଟି ସ୍ୱତନ୍ତ୍ର ସୁବିଧା ଆରମ୍ଭ ହୋଇଛି। ଜଙ୍ଗଲ ଭିତରେ ହୋମ-ଷ୍ଟେ’ ଓ ପକ୍ଷୀ ନିରୀକ୍ଷଣ ପାଇଁ ଏକ ସ୍ୱତନ୍ତ୍ର ୨ କିଲୋମିଟର ଲମ୍ବା ରାସ୍ତା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛି। ଏଠାରେ





ପର୍ଯ୍ୟଟକମାନେ ସହଜରେ ଭାରତୀୟ ବାଇସନ୍ (ଗୟଳ), କଲରାପତରିଆ ବାଘ, ବଲୁଆ କୁକୁର, ସମ୍ବର, ଚିତ୍ରା ମୃଗ, ଭାଲୁ, ବରାହ ଏବଂ ମୟୂର ସହ ଅନେକ ବିରଳ ପକ୍ଷୀ ଦେଖିବାର ସୁଯୋଗ ପାଉଛନ୍ତି। ରହିବା ପାଇଁ ୨୫ଟି ରୁମ୍, ହୀରାକୁଦ କ୍ରୁଜ୍, ବ୍ୟାଟ୍ ଆଇଲ୍ୟାଣ୍ଡ, କ୍ୟାଟଲ୍ ଆଇଲ୍ୟାଣ୍ଡ ଓ ସନସେଟ୍ ଆଇଲ୍ୟାଣ୍ଡ, ଆଇଲ୍ୟାଣ୍ଡ କାଫେ, ଜଙ୍ଗଲ ସଫାରୀ, ହାଇକିଂ (୨ ରୁ ୨୦ କିମି), ଟ୍ରେକିଂ ଓ କ୍ୟାମ୍ପିଂ, କାୟାକିଂ, ସାଇକେଲିଂ, ବନ୍ୟପ୍ରାଣୀ ଲାଇବ୍ରେରୀ ଏବଂ ଫଟୋଗ୍ରାଫି ଟୁର୍‌ର ମଜା ଉଠାଇ ପାରୁଛନ୍ତି।

ଡେବ୍ରିଗଡ଼ ଇକୋଟୁରିଜିମ୍, ଇକୋ-ଟୁରିଜିମ୍ ସଂରକ୍ଷଣ ଏବଂ ସମ୍ପ୍ରଦାୟ କଲ୍ୟାଣ ମଧ୍ୟରେ ଏକ ଶକ୍ତିଶାଳୀ ସେତୁ ଭାବରେ ଉଭା ହୋଇଛି। ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟ ପାଇଁ ଏହା ପ୍ରାକୃତିକ ସମ୍ପଦ ଉପରେ ଚାପ ହ୍ରାସ କରିବା ସହ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିଛି। ବିଭିନ୍ନ ଗ୍ରାମର ପ୍ରାୟ ୧୨୦ ପରିବାର ବର୍ତ୍ତମାନ ଗାଇଡ୍, ସଫାରି ଡ୍ରାଇଭର, ଡଙ୍ଗା ପରିଚାଳକ, ହୋମ-ଷ୍ଟେ’ ହୋଷ୍ଟ ଏବଂ ପରିବେଶ ଅନୁକୂଳ ସୁବିଧାରେ କର୍ମଚାରୀ ଭାବରେ ସକ୍ରିୟ ଭାବରେ ନିୟୋଜିତ ଅଛନ୍ତି। ବିଶେଷକରି, ମହିଳା ଏବଂ ଯୁବପିଢ଼ି ଘର ପାଖରେ ଅର୍ଥପୂର୍ଣ୍ଣ ନିଯୁକ୍ତି ପାଉଛନ୍ତି, ଯାହା ଆର୍ଥିକ ସ୍ଥିରତା

**■ ବନ୍ୟପ୍ରାଣୀ ସହ ଜଙ୍ଗଲ ହୋମ ଷ୍ଟେ ଆକର୍ଷଣ ବିନ୍ଦୁ**

**■ ଏ ବର୍ଷ ହେବ କେନୋପି ୱାକ୍ ସହ ୩୨ ନୂଆ କଟେଜ୍**

ଏବଂ ସାମାଜିକ ସଶକ୍ତୀକରଣକୁ ସୁଦୃଢ଼ କରୁଛି। ସମ୍ପ୍ରଦାୟର ୪୦ ପ୍ରତିଶତ ସଦସ୍ୟ ମହିଳା ସଫାରି ଡ୍ରାଇଭର୍, ଇକୋ-ଗାଇଡ୍ ଭାବେ ନିୟୋଜିତ ଅଛନ୍ତି। ଆସନ୍ତା ଗ୍ରୀଷ୍ମଋତୁ ଶେଷ ସୁଦ୍ଧା ଡେବ୍ରିଗଡ଼ ଇକୋ-ଟୁରିଜମ୍‌ରେ ୩୨ଟି ନୂଆ କଟେଜ୍, କାନୋପି-ୱାକ୍ ସଫାରି ଓ କ୍ରୁଜ୍ ପାଇଁ ନୂତନ ଗାଡ଼ି ଓ ନୌକାର ବ୍ୟବସ୍ଥା କରାଯିବ ବୋଲି ଡିଏଫ୍‌ଓ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ନୂଆ କାମ ପାଇଁ ଯୋଜନା ପ୍ରସ୍ତୁତ କରିବେ। ବିଦ୍ୟାର୍ଥୀ ପଢ଼ାରେ ଧ୍ୟାନ ଦେବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇପାରେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ।

**ବୃଷ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିତାମାତାଙ୍କ ଆଶୀର୍ବାଦରୁ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି। ମହିଳାମାନେ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**କର୍କଟ:** ସଠିକ୍ ସମୟରେ ନିଷ୍ପତ୍ତି ନେବା ଜରୁରି। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଯାନବାହନ କିଣି ପାରନ୍ତି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ସିଂହ:** ଅଟକି ରହିଥିବା କାମ ପୂରା ହେବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କନ୍ୟା:** ଯୋଜନା ମୁତାବକ କାମ କରନ୍ତୁ। ସକାରାତ୍ମକ ଚିନ୍ତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଉଦ୍ଧାର ଦେଇଥିବା ଟଙ୍କା ଫେରି ପାଇବେ। ପରଚର୍ଚ୍ଚାଠାରୁ ଦୂରେଇ ରୁହନ୍ତୁ।

**ତୁଳା:** ଅଚାନକ ଖୁସି ଖବର ପାଇବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ। ଦାନ ଧର୍ମ କରନ୍ତୁ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କଣ୍ଠଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ଧନୁ:** ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି। ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**ମକର:** ଦିନଟି ସୁଖପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କୁମ୍ଭ:** ନୂତନ ବ୍ୟବସାୟଆରମ୍ଭ କରିବାକୁ ବର୍ତ୍ତମାନ ସମୟଅନୁକୂଳ। ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ମିଳିପାରେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। ଅଯଥା ଖର୍ଚ୍ଚ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

## ଆଜିର ଇତିହାସ


- ୧୮୯୬- ଆଧୁନିକ ଅଲିମ୍ପିକ୍ ଏଥେନ୍ସରୁ ଆରମ୍ଭ ହେଲା।
- ୧୮୯୬- ପ୍ରଥମ ଥର ପାଇଁ ବିମାନରେ ଫିଲ୍ମ ପ୍ରଦର୍ଶନ କରାଗଲା।
- ୧୯୫୫- ଆମେରିକା ପରମାଣୁ ପରୀକ୍ଷା କଲା।
- ୧୯୮୦- ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ହୋଇଥିଲା।
- ୨୦୧୪- ଶ୍ରୀଲଙ୍କା ଟିମ୍ ଟି-୨୦ ବିଶ୍ୱକପ୍ ଫାଇନାଲ୍‌ରେ ଭାରତକୁ ୬ ୱିକେଟ୍‌ରେ ହରାଇ ପ୍ରଥମ ଥର ଚାମ୍ପିୟନ୍ ହେଲା।



## ବିନା ଗାଡ଼ିରେ ବରଯାତ୍ରୀ

ବର୍ତ୍ତମାନ ବାହାଘରକୁ ନେଇ ବିଭିନ୍ନ ସମୟରେ ବେଶ୍ ରୋଚକୀୟ ଭିଡିଓଗୁଡ଼ିକ ସାମ୍ନାକୁ ଆସୁଛି। ଏବେ ଏକ ବାହାଘରର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଭାଇରାଲ ହୋଇଥିବା ଭିଡିଓରେ ଏକ ନିଆରା ବର ରୋଷଣି ଦେଖିବାକୁ ମିଳିଛି। ସାଧାରଣତଃ ବାହାଘର ସମୟରେ ବର ବନ୍ଧୁବାନ୍ଧବଙ୍କ ସହ ବାଜା, ବାଣ ଓ ଡିଜେରେ ରୋଷଣି କରି କନିଆ ଘରେ ପହଞ୍ଚିଥାଏ। ଏହିସମୟରେ ବର ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଦାମୀ ଗାଡ଼ିରେ ଯାଇଥାଏ। ବେଳେବେଳେ ପରିବେଶ ସୁରକ୍ଷା ପାଇଁ କିମ୍ବା ନିରାଡ଼ମ୍ବର ବିବାହରେ ବାଣ, ଡିଜେ ବଦଳରେ ପାରମ୍ପରିକ ବାଦ୍ୟରେ ରୋଷଣି କରାଯାଇଥାଏ। ତେବେ ଭାଇରାଲ ହୋଇଥିବା ଭିଡିଓରେ କିଛି ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ରୋଷଣିରେ କାର୍ କି ବସ୍ ନାହିଁ। ବରଯାତ୍ରୀମାନେ ଚାଲି ଚାଲି କନିଆ ଘରକୁ ଯାଉଛନ୍ତି। ତା'ସହ କୌଣସି ମହଙ୍ଗା ସାଜସଜ୍ଜା ବି ଦେଖିବାକୁ ମିଳିନାହିଁ। ଗାଁ ପରିବେଶରେ ବରଟି ରୋଷଣି କରିଯାଉଛି। ମହିଳାମାନେ ରଙ୍ଗବେରଙ୍ଗର ପୋଷାକ ପିନ୍ଧି ନାଚୁଥିବାବେଳେ କୁନି କୁନି ପିଲାମାନେ ବି ଏଥିରେ ସାମିଲ ହୋଇଛନ୍ତି। ପୂରା ପରିବେଶ ହସଖୁସିରେ ଫାଟି ପଡୁଛି। ତେବେ ଏଥିରେ ଏକ ବିଶେଷ କଥା ହେଉଛି, ରୋଷଣି ସମୟରେ କୌଣସି ଗାଡ଼ିକୁ ବ୍ୟବହାର କରାଯାଇ ନାହିଁ। ସେହିପରି କିଛି ଲୋକ ମୁଣ୍ଡରେ ଜିନିଷ (ମଜାକରେ ଯୌତୁକ କୁହାଯାଉଛି) ବୋହି ଯାଉଥିବା ନଜର ଆସିଛନ୍ତି। ବର ଗାଡ଼ି ବଦଳରେ ଲୋକଙ୍କ କାନ୍ଧରେ ବସି ଯାଉଥିବାର ଦେଖାଯାଇଛି। ତେବେ ଏହି ଦୃଶ୍ୟକୁ ଦେଖି ଅନେକ ଆଶ୍ଚର୍ଯ୍ୟ ହେବା ସହ ବହୁ ଜଣ ଏମିତି ନିରାଡ଼ମ୍ବର ବାହାଘରକୁ ପ୍ରଶଂସା କରିଛନ୍ତି। ଏହି ଭିଡିଓ ଏକଥା ଦର୍ଶାଇଛି ଯେ, ଟଙ୍କା ପଇସା ବିନା ଆଡ଼ମ୍ବରରେ ବି ବାହାଘର ଭଳି ଏକ ସୁନ୍ଦର ମୁହୂର୍ତ୍ତକୁ ଖୁସିରେ ଉପଭୋଗ କରିହେବ। ଏଭଳି ବାହାଘର ପରିବେଶ ଅନୁକୂଳ ବୋଲି କିଛି ଲୋକ ପ୍ରତିକ୍ରିୟା ଦେଇଛନ୍ତି।


## ବିଲେଇ ପେଟରେ ୨୬ଟି ହେୟାରବ୍ୟାଣ୍ଡ



ଅନେକ ଲୋକଙ୍କର ଅଜବ ଖାଦ୍ୟାଭ୍ୟାସ ଥାଏ। ଏଥିଯୋଗୁଁ ଅନେକ ସମୟରେ ଅସ୍ତ୍ରୋପଚାର କରାଯାଇ ସେମାନଙ୍କ ପେଟରୁ ଷ୍ଟିଲ୍ ଚାମଚ, ଟୁଥବ୍ରଶ୍, ଲୁହାକଣ୍ଟା ଆଦି ବାହାର କରାଯାଏ। ହେଲେ ଆମେରିକାର ଫ୍ଲୋରିଡାରେ ମିଡ୍‌ନାଇଟ୍ ନାମକ ଏକ ୬ ବର୍ଷର ବିଲେଇ ପେଟରୁ ୨୬ଟି ହେୟାର ବ୍ୟାଣ୍ଡ ବାହାରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ମିଡ୍‌ନାଇଟ୍‌ର ସ୍ୱାସ୍ଥ୍ୟାବସ୍ଥା ଅଚାନକ ଖରାପ ହୋଇଯାଇଥିଲା। ଗମ୍ଭୀର ସ୍ଥିତିରେ ବିଲେଇଟିକୁ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଯାଞ୍ଚ କରାଯିବା ପରେ ତାର ଅନ୍ତନଳୀରେ ବ୍ଲକେଜ୍ ହୋଇଥିବା ଜଣାପଡ଼ିଥିଲା। ଏହାପରେ ବିଲେଇଟିର ତୁରନ୍ତ ଅସ୍ତ୍ରୋପଚାର କରାଯାଇଥିଲା। ମିଡ୍‌ନାଇଟ୍ ପେଟରୁ ୨୬ଟି କେଶ ବନ୍ଧା ବ୍ୟାଣ୍ଡ (ହେୟାର ବ୍ୟାଣ୍ଡ) ବାହାରିଥିଲା। ସାମାଜିକ ଗଣମାଧ୍ୟମରେ ମିଡ୍‌ନାଇଟ୍‌ର କାହାଣୀ ଭାଇରାଲ ହେବା ପରେ ଅନେକ ଲୋକ ଏହି ଘଟଣାକୁ ଦେଖି ଚିନ୍ତିତ ଓ ଚକିତ ହୋଇଯାଇଥିଲେ। ଅସ୍ତ୍ରୋପଚାର ପରେ ମିଡ୍‌ନାଇଟ୍ ଧୀରେ ଧୀରେ ଠିକ୍ ହେବା ସହ ସ୍ୱାଭାବିକ ଜୀବନ ଜିଇଁବା ଆରମ୍ଭ କରିଛି। ତେବେ ଏହି ଘଟଣାଟି ସାଧାରଣ ମାମଲା ନୁହେଁ, ବରଂ ପୋଷା ଜୀବଙ୍କ ସୁରକ୍ଷା ସହିତ ଜଡ଼ିତ ବଡ଼ ବାର୍ତ୍ତା ମଧ୍ୟ ଦେଉଛି। ପ୍ରାଣୀ ବିଶେଷଜ୍ଞଙ୍କ କହିବାନୁସାରେ, "ଘରେ ଥିବା ଛୋଟ ଛୋଟ ସାମଗ୍ରୀ ଯେପରି ରବର ବ୍ୟାଣ୍ଡ, ସୂତା, ପ୍ଲାଷ୍ଟିକ୍ ଖଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ତଥା ଅନ୍ୟାନ୍ୟ ସାମଗ୍ରୀ ପୋଷା ଜୀବଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ପୋଷା ଜୀବ କୁନି କୁନି ପିଲାମାନଙ୍କ ଭଳି ଜିଜ୍ଞାସୁ ହୋଇଥାନ୍ତି। ସମସ୍ତ ଜିନିଷକୁ ସ୍ପର୍ଶ କରି, ଚାଖି କିମ୍ବା ଖେଳି ତାହାକୁ ବୁଝିବାକୁ ଚେଷ୍ଟା କରନ୍ତି। ତେଣୁ ପୋଷା ଜୀବଙ୍କ ସୁରକ୍ଷାର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ମାଲିକଙ୍କ ଉପରେ ନ୍ୟସ୍ତ। ତେଣୁ ଘରେ ଏଭଳି ଜିନିଷ ରଖିବା ଉଚିତ ନୁହେଁ ଯାହା ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିବ।"

## 'ଦାଦା'ର ସୁଟିଂ ଆରମ୍ଭ କଲେ ରାଜକୁମାର

ବଲିଉଡ୍ ଅଭିନେତା ରାଜକୁମାର ରାଓ ଭାରତୀୟ କ୍ରିକେଟର୍ ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍‌ର ସୁଟିଂ ଆରମ୍ଭ କରି ଦେଇଛନ୍ତି। ଏହାର ଟାଇଟଲ୍ 'ଦାଦା : ଦ ସୌରଭ ଗାଙ୍ଗୁଲି ଷ୍ଟୋରି' ରଖାଯାଇଛି। ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଲଭ୍ ରଞ୍ଜନ ଓ ଅଙ୍କୁର ଗର୍ଗଙ୍କ ଲଭ୍ ଫିଲ୍ମସ୍ ଥିବାବେଳେ ବିକ୍ରମାଦିତ୍ୟ ମୋଟୱାନେ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଲଭ୍ ଫିଲ୍ମସ୍ ପକ୍ଷରୁ ଏକ ଫଟୋ ସେୟାର୍ କରାଯାଇ ଲେଖାଯାଇଛି, 'ଲାଇଟ୍ସ, କ୍ୟାମେରା, କ୍ରିକେଟ୍! 'ଦାଦା'ର ସୁଟିଂ ଏବେ ଆରମ୍ଭ ହେଲା।' ଫିଲ୍ମର କାହାଣୀ ଓ ଅନ୍ୟ କଳାକାରଙ୍କ ବିଷୟରେ ଏଯାବତ୍ କିଛି କୁହାଯାଇ ନାହିଁ। ଏହି ଫିଲ୍ମ ରିଲିଜ୍ ହେବାକୁ ବର୍ଷକରୁ ଅଧିକ ସମୟ ଲାଗିପାରେ ବୋଲି କୁହାଯାଉଛି। ରାଜକୁମାର ସୌରଭଙ୍କ ବାୟୋପିକ୍ ବ୍ୟତୀତ ଉଜ୍ଜ୍ୱଳ ନିକମ୍‌ଙ୍କ ଏକ ବାୟୋପିକ୍‌ରେ ମଧ୍ୟ କାମ କରୁଛନ୍ତି। ଏହାର ଟାଇଟଲ୍ 'ନିକମ୍' ରଖାଯାଇଛି।



## ସ୍ୱସ୍ତି




## ପବିତ୍ର ବୈଶାଖ ମାସ

**ଆରମ୍ଭ ହୋଇଛି ବୈଶାଖ ମାସ। ଧାର୍ମିକ ଦୃଷ୍ଟିକୋଣରୁ ଏହି ମାସ ଅତ୍ୟନ୍ତ ପବିତ୍ର। ଏହି ମାସରେ ଭୀଷଣ ଗରମ ହୁଏ। ଉକ୍ତ ମାସରେ ସ୍ନାନ, ଦାନ, ଜପ ଓ ଉପବାସର ବିଶେଷ ମହତ୍ତ୍ୱ ଅଛି। ବିଶେଷକରି ପଙ୍ଖା, ବସ୍ତ୍ର, ଚପଲ, ଜଳ ଦାନ କରିବାକୁ ଶୁଭ ବୋଲି କୁହାଯାଏ।**

ବୈଶାଖ ମାସ ଆରମ୍ଭ ସହ ଖର ମାସ ଶେଷ ହୋଇଛି। ଏହି ମାସରୁ ପୁଣି ଶୁଭ ତଥା ମାଙ୍ଗଳିକ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ବୈଶାଖ ମାସରେ ଭଗବାନ ବିଷ୍ଣୁଙ୍କ ଉପାସନା କରିବାର ବିଶେଷ ମହତ୍ତ୍ୱ ଅଛି। କୁହାଯାଏ, ବୈଶାଖ ଶୁକ୍ଳ ପକ୍ଷ ନବମୀରେ ଦେବୀ ଲକ୍ଷ୍ମୀ ମାତା ସୀତା ଭାବେ ପୃଥିବୀରେ ପ୍ରକଟ ହୋଇଥିଲେ। ଏଣୁ ଏହା ସୀତା ନବମୀ ଏବଂ ଜାନକୀ ନବମୀ ଭାବେ ପରିଚିତ। ଏହି ମାସରେ କରାଯାଉଥିବା କାର୍ଯ୍ୟ ଦ୍ୱାରା ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇଥାନ୍ତି। ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ନର-ନାରାୟଣ, ନୃସିଂହ, ପର୍ଶୁରାମ, ହୟଗ୍ରୀବ ଭଳି ଅନେକ ଅବତାର ଗ୍ରହଣ କରିଥିଲେ। ଏହି ମାସରେ ଶୁଭକାର୍ଯ୍ୟ ସହିତ ଦାନ ଓ ପୂଜାପାଠ ବିଶେଷ ଗୁରୁତ୍ୱ ବହନ କରେ।

## ତୁଳସୀ ମାଳା ସହ ରୁଦ୍ରାକ୍ଷ ଧାରଣ ମନା



**ହିନ୍ଦୁ ଧର୍ମରେ ତୁଳସୀ ଗଛର ବିଶେଷ ମହତ୍ତ୍ୱ ଅଛି। ଏହାକୁ ମା' ଲକ୍ଷ୍ମୀଙ୍କ ପ୍ରତୀକ ବୋଲି କୁହାଯାଏ। ସେହିପରି ରୁଦ୍ରାକ୍ଷ ଶିବଙ୍କ ସହ ଜଡ଼ିତ। ତେବେ ରୁଦ୍ରାକ୍ଷ ସହ ତୁଳସୀ ମାଳାକୁ ଏକତ୍ର ଧାରଣ କରିବା ଠିକ୍ ନୁହେଁ। ଧାର୍ମିକ ମାନ୍ୟତାନୁସାରେ ଏହାକୁ ବାରଣ କରାଯାଇଛି।**

- ତୁଳସୀ ମାଳା ପିନ୍ଧିବା ପୂର୍ବରୁ ଏବଂ ପରେ କିଛି ନିୟମ ପାଳନ କରିବା ଜରୁରି।
- ଏହାକୁ ପିନ୍ଧିବା ପୂର୍ବରୁ କ୍ଷୀର ଓ ଗଙ୍ଗା ଜଳରେ ସଫା କରନ୍ତୁ। ଏହାପରେ ଭଗବାନଙ୍କ ପୂଜାର୍ଚ୍ଚନା କରି ଏହି ମାଳା ପିନ୍ଧନ୍ତୁ।
- ସେହିପରି ଆମିଷ ଖାଉଥିଲେ ଏହି ମାଳା ପିନ୍ଧିବା ଅନୁଚିତ।
- ରୁଦ୍ରାକ୍ଷ ସହ ତୁଳସୀ ମାଳାକୁ ଏକତ୍ର ପିନ୍ଧିବା ମନା। ରୁଦ୍ରାକ୍ଷ ଏବଂ ତୁଳସୀ ମାଳା ଧାର୍ମିକ ମାନ୍ୟତା ଉପରେ ଆଧାରିତ।
- ରୁଦ୍ରାକ୍ଷ ଶିବଙ୍କ ସହ ସମ୍ବନ୍ଧିତ। ଏହା ଉଗ୍ରତା ଓ ଶକ୍ତି ସହ ସମ୍ପର୍କିତ। ତୁଳସୀ ବିଷ୍ଣୁଙ୍କ ସହ ସମ୍ବନ୍ଧିତ। ପୁଣି ଏହାର ସମ୍ପର୍କ ଶାନ୍ତି ଓ ଭକ୍ତି ସହିତ। ଦୁଇଟି ମାଳାର ଉର୍ଜା ଓ ଏବଂ ଧାର୍ମିକ ମହତ୍ତ୍ୱ ଭିନ୍ନ। ସେଥିପାଇଁ ଏହାକୁ ଏକତ୍ର ପିନ୍ଧିବା ଦ୍ୱାରା ଆଧ୍ୟାତ୍ମିକ ପ୍ରଭାବଶୀଳତା ହ୍ରାସ ପାଏ।
- ଶିବ ଓ ବିଷ୍ଣୁ ପୂଜାରେ ପ୍ରଭେଦ ଥିବାରୁ ଏହାକୁ ଏକତ୍ର ଧାରଣ କରିବା ନିଷିଦ୍ଧ। ତେବେ ଧାର୍ମିକ ଅନୁଶାସନ ଏବଂ ପରମ୍ପରାକୁ ପାଳନ କରିବା ଦୃଷ୍ଟିରୁ ଏହାକୁ ଅଲଗା ଅଲଗା ଭାବେ ପିନ୍ଧିବା ଉତ୍ତମ।

## ଶ୍ରୀଯନ୍ତ୍ର ସ୍ଥାପନର ନିୟମ



ଶ୍ରୀଯନ୍ତ୍ର ବୈଭବ ଏବଂ ସମୃଦ୍ଧିର ପ୍ରତୀକ। ବାସ୍ତୁ ଶାସ୍ତ୍ର ଏବଂ ଜ୍ୟୋତିଷରେ ଏହାକୁ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ କରିବାର ସବୁଠୁ ପ୍ରଭାବୀ ସାଧନ ବୋଲି କୁହାଯାଏ। ଘରେ ଶ୍ରୀଯନ୍ତ୍ରକୁ ଠିକ୍ ଭାବେ ସ୍ଥାପନା କରିବା ଦ୍ୱାରା ସକାରାତ୍ମକ ଶକ୍ତି ବଜାୟ ରହେ। ଧନ, ସମୃଦ୍ଧି ଆସେ, ନକାରାତ୍ମକ ଶକ୍ତି ଦୂର ହୁଏ। ଶ୍ରୀଯନ୍ତ୍ର ସ୍ଥାପନ ପୂଜା ଘରେ କରିବାକୁ ସବୁଠୁ ଉତ୍ତମ ବୋଲି ବିବେଚନା କରାଯାଏ। ଯଦି ପୂଜା ଘରେ ଉପଲବ୍ଧ ନ ହେଉଛି ଏହାକୁ ଆଲମାରିରେ ରଖିପାରିବେ। ଯେଉଁଠି ଧନ ସମ୍ବନ୍ଧିତ ଜିନିଷ ରଖାଯାଏ। ଶ୍ରୀଯନ୍ତ୍ରକୁ ସବୁବେଳେ ସଫା ଓ ପବିତ୍ର ସ୍ଥାନରେ ରଖାଯାଏ। ଧୂଳି ମାଟି ଅପରିଷ୍କାର ସ୍ଥାନରେ ରଖନ୍ତୁ ନାହିଁ। ଉତ୍ତର ପୂର୍ବ ଦିଗ ଶ୍ରୀଯନ୍ତ୍ର ସ୍ଥାପନ ପାଇଁ ଶୁଭ ଦିଗ ବୋଲି ବିବେଚନା କରାଯାଉଛି। ଶ୍ରୀଯନ୍ତ୍ର ଶୁକ୍ରବାର ସ୍ଥାପନ କରିବାକୁ ଉତ୍ତମ ବୋଲି କୁହାଯାଏ। ଶୁକ୍ରବାର ମା' ଲକ୍ଷ୍ମୀ ଏବଂ ଶୁକ୍ର ଗ୍ରହଙ୍କ ଦିନ। ଶୁକ୍ରବାର ସକାଳେ ଏବଂ ଲକ୍ଷ୍ମୀ ପୂଜା ମୁହୂର୍ତ୍ତରେ ସ୍ଥାପନ କରିବା ଉଚିତ। ଏହା ପୂର୍ଣ୍ଣିମା, ଅଷ୍ଟମୀ, ଶୁକ୍ରବାର ପଡୁଥିବା କୌଣସି ଶୁଭ ତିଥିରେ ସ୍ଥାପନ ପାଇଁ ଉତ୍ତମ। ସ୍ଥାପନ ସମୟରେ ଘରେ ଶୁଦ୍ଧତା ବଜାୟ ରଖିବା ଉଚିତ।

ତେବେ ପ୍ରଥମେ ଶ୍ରୀଯନ୍ତ୍ରକୁ କଞ୍ଚା କ୍ଷୀରରେ ଧୋଇବାକୁ ହେବ। ପୁଣି ଗଙ୍ଗା ଜଳରେ ଭଲ ଭାବେ ଶୁଦ୍ଧ କରନ୍ତୁ। ପୂଜା ସ୍ଥାନକୁ ସଫା କରିବା ଲାଗି ନାଲି ନଚେତ ହଳଦିଆ କପଡ଼ା ବିଛାନ୍ତୁ। ଶ୍ରୀଯନ୍ତ୍ରକୁ ସ୍ଥାପନ କରିବା ସମୟରେ ମନ୍ତ୍ର ଜପ କରନ୍ତୁ। ଶ୍ରୀଯନ୍ତ୍ର ସାମ୍ନାରେ ଘରେ ଦୀପ ଜଳାନ୍ତୁ। ଫୁଲ, ଅକ୍ଷତ, ଚନ୍ଦନ, ମିଠା ଅର୍ପଣ କରନ୍ତୁ। ଶେଷରେ ଲକ୍ଷ୍ମୀଙ୍କ ଆରତି କରି ପ୍ରାର୍ଥନା କରନ୍ତୁ। ଏହାକୁ ଉତ୍ତର ପୂର୍ବ ଦିଗରେ ସ୍ଥାପନ କରନ୍ତୁ। କେବେ ବି ଏହାକୁ ଓଲଟା କିମ୍ବା ଅପରିଷ୍କାର କରି ରଖନ୍ତୁ ନାହିଁ। ନିୟମିତ ଶ୍ରୀଯନ୍ତ୍ରକୁ ପରିଷ୍କାର କରି ପୂଜା କରନ୍ତୁ। ଏହାକୁ ଠିକ୍ ଭାବେ ସ୍ଥାପନ କରିବା ଦ୍ୱାରା ଜୀବନରେ ଧନ, ସମୃଦ୍ଧି, ସୁଖ, ଶାନ୍ତି ଆସେ। ଆର୍ଥିକ ପରିସ୍ଥିତିର ସାମ୍ନା କରୁଥିଲେ, ଏହାକୁ ଠିକ୍ ଭାବେ ସ୍ଥାପନ କରିବା ଉଚିତ।

## ସ୍ୱସ୍ତିକ ଚିହ୍ନର ମହତ୍ତ୍ୱ


**ସନାତନ ଧର୍ମରେ ସ୍ୱସ୍ତିକ ଚିହ୍ନର ବିଶେଷ ମହତ୍ତ୍ୱ ଅଛି। କୌଣସି ଶୁଭକାର୍ଯ୍ୟର ଆରମ୍ଭ ସ୍ୱସ୍ତିକ ଚିହ୍ନରୁ ହୋଇଥାଏ। ଧାର୍ମିକ ମାନ୍ୟତାନୁସାରେ, ସ୍ୱସ୍ତିକ ଚିହ୍ନକୁ ଘରେ ଅଙ୍କନ କରିବା ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ଏହା ବାସ୍ତୁଦୋଷ ଦୂର କରିବାରେ ସାହାଯ୍ୟ କରେ।**



- ପୂଜା ଏବଂ ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଭଲ। ଏହା ଘରର ବାସ୍ତୁଦୋଷ ଦୂର କରିଥାଏ।
- ବ୍ୟବସାୟ ସ୍ଥଳରେ କୌଣସି ପ୍ରକାର ବାସ୍ତୁଦୋଷ ଥିଲେ ପୂର୍ବ, ଉତ୍ତର-ପୂର୍ବ ଏବଂ ଉତ୍ତର ଦିଗରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଉଚିତ।
- ଏହି ସ୍ଥାନରେ ଅଷ୍ଟଧାତୁ ବା ତମ୍ବା ନିର୍ମିତ ସ୍ୱସ୍ତିକ ଚିହ୍ନକୁ ଲଗାଇପାରିବେ।
- ପଢ଼ାରେ ବିଦ୍ୟାର୍ଥୀଙ୍କ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ପଢ଼ା ଘରର ଦକ୍ଷିଣ-ପଶ୍ଚିମ ଦିଗରେ ସ୍ୱସ୍ତିକ ଚିହ୍ନ କରିବା ଭଲ।
- ବାସ୍ତୁ ଅନୁସାରେ, ସ୍ୱସ୍ତିକ ଚିହ୍ନ ପାଖରେ ଜୋତା ଚପଲ ରଖନ୍ତୁ ନାହିଁ।

## ସାମିଙ୍କ ସଫଳତା ପରେ ଅଗରକର-ଗମ୍ଭୀର ସମାଲୋଚିତ

ହାଇଦରାବାଦ, ୫ା୪ (ଏଜେନ୍ସି): ଆଇପିଏଲ୍‌ରେ ରବିବାର ସନ୍‌ରାଇଜର୍ସ ହାଇଦରାବାଦ ବିପକ୍ଷରେ ଲକ୍ଷ୍ମୌ ସୁପର ଜାଏଣ୍ଟସର ଫାଷ୍ଟବୋଲର ମହମ୍ମଦ ସାମି ଚମତ୍କାର ବୋଲିଂ କରିଥିଲେ। ନୂଆ ବଲ୍‌ରେ ବୋଲିଂକରି ସାମି ଟାଭିଷେକ୍ ଭାବେ ପରିଚିତ ସନ୍‌ରାଇଜର୍ସର ଦୁଇ ମାରାତ୍ମକ ବ୍ୟାଟ୍‌ସମ୍ୟାନ ଅଭିଷେକ ଶର୍ମା (୦) ଓ ଟ୍ରାଭିସ୍ ହେଡ୍ (୭)ଙ୍କୁ ଆଉଟ୍ କରି ଦେଇଥିଲେ। ତାଙ୍କ ପ୍ରଥମ ଦୁଇ ଓଭରରେ ୨ଟି ଧିମା ବଲ୍‌ରେ ଉଭୟ ଓପନରଙ୍କୁ ସାମି ଆଉଟ୍ କରିଥିଲେ। ସାମି ୪ ଓଭରରୁ ମାତ୍ର ୯ ରନ୍‌ଦେଇ ୨ଟି ୱିକେଟ୍ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ।



ତାଙ୍କର ବୋଲିଂ ସଫଳତା ବଳରେ ସନ୍‌ରାଇଜର୍ସ ୨୬ ରନ୍‌ରେ ୪ଟି ୱିକେଟ୍ ହରାଇଥିଲା। ଏପରି ବୋଲିଂ ଦେଖି କ୍ରିକେଟପ୍ରେମୀ ଏକ୍ସରେ ସାମିଙ୍କୁ ପ୍ରଶଂସା କରିବା ସହ ଏତେ ଦିନ କାହିଁକି ଏହି ଅଭିଜ୍ଞ ଫାଷ୍ଟବୋଲରଙ୍କୁ ଭାରତୀୟ ଦଳରୁ ବାହାରେ ରଖାଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ସାମିଙ୍କୁ ଉପେକ୍ଷା କରାଯିବା ଯୋଗୁଁ ସେମାନେ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ମନୋନୟନ କମିଟି ମୁଖ୍ୟ ଅଜିତ ଆଗରକରଙ୍କୁ ଦୋଷଦେଇ ଉଭୟଙ୍କୁ କଟୁ ସମାଲୋଚନା କରିଛନ୍ତି। ସାମି ତାଙ୍କ ଫର୍ମ ଓ ଫିଟ୍‌ନେସ ଦେଖାଇବା ପାଇଁ ବଙ୍ଗଳା ପାଇଁ ଘରୋଇ କ୍ରିକେଟ୍ ଖେଳିଥିଲେ। ଗତ ରଣଜୀ ଋତୁରେ ସାମି ସେମିଫାଇନାଲରେ ୮ଟି ସହ ମୋଟ ୩୭ଟି ୱିକେଟ୍ ନେଇଥିଲେ।

## ଆଇପିଏଲ୍: ୨୦୦ ୱିକେଟ୍ ନେବାରେ ଭୁବନେଶ୍ୱର ପ୍ରଥମ ପେସର

ବେଙ୍ଗାଲୁରୁ, ୫ା୪(ଏଜେନ୍ସି): ସିଏସ୍‌କେର ଆୟୁଷ ମାହତ୍ରେଙ୍କୁ ଆଉଟ କରି ଆର୍‌ସିବିର ଭୁବନେଶ୍ୱର କୁମାର ପ୍ରଥମ ପେସ ବୋଲର ଭାବେ ଆଇପିଏଲ୍‌ରେ ୨୦୦ ୱିକେଟନେବାରେ ସମର୍ଥ ହୋଇଛନ୍ତି। ଗୋଟିଏ ଟି-୨୦ ଟୁର୍ଣ୍ଣାମେଣ୍ଟରେ କେବଳ ବିଶ୍ୱର ଅନ୍ୟ ୩ଜଣ ପେସ୍ ବୋଲର ୨୦୦ ୱିକେଟ ନେବାରେ ସକ୍ଷମ ହୋଇଛନ୍ତି। ସେମାନେ ହେଲେ ଡାନି ବ୍ରିଗ୍‌ସ ୨୬୮, ସମିତ ପଟେଲ ୨୩୦ ଓ କ୍ରିସ୍ ଉଡ୍ ୨୧୦। ଏମାନେ ସମସ୍ତେ ଇଂଲଣ୍ଡର ଟି-୨୦ ବ୍ଲାଷ୍ଟରେ ଏହି ସଫଳତା ପାଇଛନ୍ତି। ଆଇପିଏଲ୍‌ରେ ଲେଗ୍ ସ୍ପିନର ଯଶସ୍ୱୀ ଜୟସ୍ୱାଲ ସର୍ବାଧିକ ୨୨୪ଟି ୱିକେଟ ପାଇଛନ୍ତି।

## ଷଷ୍ଠଥର 'ଶୂନ'ରେ ଆଉଟ ହେଲେ ଅଭିଷେକ

ହାଇଦରାବାଦ୍, ୫ା୪(ଏଜେନ୍ସି): ଆଜି ଏଠାରେ ଖେଳାଯାଇଥିବା ଆଇପିଏଲ୍-୨୦୨୬ରୁ ଏଲ୍‌ଏସ୍‌ଜି ବିପକ୍ଷ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍‌ର ବିସ୍ଫୋରକ ଓପନର ଅଭିଷେକ ଶର୍ମା 'ଶୂନ' ରନ୍‌ରେ ଆଉଟ ହୋଇଛନ୍ତି। ହାଇଦରାବାଦ୍‌ରେ ସେ ଦ୍ୱିତୀୟ ଥର ଓ ଆଇପିଏଲ୍‌ରେ ଚତୁର୍ଥଥର ଲାଗି ସେ ଶୂନ୍ ରନ୍‌ରେ ଆଉଟ ହୋଇଥିଲେ। କିନ୍ତୁ ୨୦୨୬ରେ ଏହାକୁ ମିଶାଇ ସେ ଟି-୨୦ରେ ଷଷ୍ଠଥର ଲାଗି 'ଶୂନ' ରନ୍‌ରେ ଆଉଟ ହୋଇଛନ୍ତି। ଏହା ଫଳରେ ଗୋଟିଏ ସିଜନରେ ସର୍ବାଧିକ ଥର 'ଶୂନ'ରେ ଆଉଟ ହେବାରେ ରୋହିତ ଶର୍ମା ଓ ସଞ୍ଜୁ ସାମସନଙ୍କ ରେକର୍ଡ ସହ ଅଭିଷେକ ସମକକ୍ଷ ହୋଇଛନ୍ତି। ୨୦୧୮ ରେ ରୋହିତ ଓ ୨୦୨୪ରେ ସାମସନ ସମସ୍ତ ଟି-୨୦ରେ ୬ଥର ଲେଖାଏଁ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। କିନ୍ତୁ ଆଇସିସିର ନଂ-୧ ର୍‌ୟାଙ୍କିଙ୍ଗ୍‌ପ୍ରାପ୍ତ ବ୍ୟାଟର ଭାବେ ଗୋଟିଏ ସିଜନରେ ସର୍ବାଧିକ ୬ଥର ଆଉଟ ହେବାରେ ଅଭିଷେକ ପ୍ରଥମ ବ୍ୟାଟର ହୋଇଛନ୍ତି। ଏହି ମ୍ୟାଚ୍‌ରେ ତାଙ୍କୁ ଭେଟେରାନ ଫାଷ୍ଟ ବୋଲର ମହମ୍ମଦ୍ ସାମି ଆଉଟ କରିଥିଲେ ଓ ଏଲ୍‌ଏସ୍‌ଜି ଏହି ମ୍ୟାଚ୍‌କୁ ୫ ୱିକେଟରେ ଜିତିଥିଲା।

## ହ୍ୟାଟ୍ରିକ୍ ପ୍ଲେୟର ଅଫ୍ ଦି ମ୍ୟାଚ୍: ସମୀର ରିଜ୍‌ଭୀ ୭ମ ଖେଳାଳି

ହାଇଦରାବାଦ, ୫ା୪ (ଏଜନ୍ସି): ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସର ସମୀର ରିଜ୍‌ଭୀ କ୍ରମାଗତ ୨ୟ ମ୍ୟାଚ୍‌ରେ ଅର୍ଦ୍ଧଶତକ ମାରି ଦଳକୁ ଜିତାଇଛନ୍ତି। ଉଭୟ ମ୍ୟାଚ୍‌ରେ ରିଜ୍‌ଭୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି। ଶନିବାର ମୁମ୍ବଇ ଇଣ୍ଡିଆନ୍‌ସ ବିପକ୍ଷରେ ୯୦ ରନ୍ କରି ରିଜ୍‌ଭୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସମୁଦାୟ ଆଇପିଏଲ୍‌ରେ କ୍ରମାଗତ ୩ୟ ମ୍ୟାଚ୍‌ରେ ରିଜ୍‌ଭୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି। ଆଇପିଏଲ୍‌ରେ ହ୍ୟାଟ୍ରିକ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ହେବାର ରିଜ୍‌ଭୀ ୭ମ ଖେଳାଳି। ଗତବର୍ଷ ପଞ୍ଜାବ ବିପକ୍ଷ ଶେଷ ମ୍ୟାଚ୍‌ରେ ରିଜ୍‌ଭୀ ଅପରାଜିତ ୫୮ ରନ୍ କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଚଳିତବର୍ଷ ପ୍ରଥମ ୨ଟି ମ୍ୟାଚ୍‌ରେ ରିଜ୍‌ଭୀ ଏହି କୃତିତ୍ୱ ଦୋହରାଇଛନ୍ତି। ୨୦୧୦ରେ ଆର୍‌ସିବିର ଜ୍ୟାକ୍‌ସ କାଲିସ୍, ୨୦୧୨ରେ ଦିଲ୍ଲୀର ବୀରେନ୍ଦ୍ର ସେହ୍ୱାଗ, ୨୦୧୬ରେ ଗୁଜରାଟ ଲାୟନ୍ସର ଆରୋନ୍ ଫିଞ୍ଚ୍, ୨୦୧୬ରେ ଆର୍‌ସିବିର ବିରାଟ କୋହଲି, ୨୦୧୮ରେ ରାଜସ୍ଥାନର ଜୋସ୍ ବଟ୍‌ଲର ଓ ୨୦୨୦ରେ ଚେନ୍ନଇର ଋତୁରାଜ ଗାଏକ୍‌ୱାଡ କ୍ରମାଗତ ୩ଟି ଆଇପିଏଲ୍ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ।

### ଡେଭିଡ୍ ଓ ପାଟିଦାର୍‌ଙ୍କ ବିସ୍ଫୋରକ ବ୍ୟାଟିଂ

## ସିଏସ୍‌କେ ବିପକ୍ଷରେ ଆର୍‌ସିବିର କ୍ରମାଗତ ଚତୁର୍ଥ ବିଜୟ

ବେଙ୍ଗାଲୁରୁ, ୫ା୪(ଏଜେନ୍ସି): ଅଷ୍ଟ୍ରେଲୀୟ ବ୍ୟାଟର ଟିମ୍ ଡେଭିଡ୍ (୨୫ବଲ୍‌ରେ ୭୦ ରନ୍) ଓ ଦେବଦତ୍ତ ପାଡିକଲ (୨୯ବଲ୍‌ରେ ୫୦ରନ୍) ଓ ବୋଲରଙ୍କ ମିଳିତ ସଫଳତା ବଳରେ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍‌ର ଏକାଦଶ ଲିଗ୍ ମ୍ୟାଚ୍‌ରେ ଆର୍‌ସିବି (ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ) ୪୩ ରନ୍‌ରେ ସିଏସ୍‌କେ (ଚେନ୍ନଇ ସୁପର କିଙ୍ଗ୍‌ସ)କୁ ପରାସ୍ତ କରିଛି। ଏହା ଫଳରେ ଆର୍‌ସିବି ଦ୍ୱିତୀୟ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ସିଏସ୍‌କେ ଚଳିତ ସିଜନରେ ୩ଟି ମ୍ୟାଚ୍ ଖେଳି ୩ଟିରେ ପରାଜିତ ହୋଇଛି। ସେହିପରି ଆଇପିଏଲ୍‌ରେ ଏହାକୁ ମିଶାଇ ଆର୍‌ସିବି କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି। ବେଙ୍ଗାଲୁରୁଠାରୁ ଚେନ୍ନଇ କ୍ରମାଗତ ଚତୁର୍ଥ ପରାଜୟ ବରଣ କରିଛି। ଦଳ ୨୦୨୪ ଲିଗ୍‌ରେ ଥରେ, ୨୦୨୫ରେ ଦୁଇଥର ଓ ୨୦୨୬ରେ ଆଜି ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛି। ଏହା ଫଳରେ କ୍ରମାଗତ ୪ଟି ମ୍ୟାଚ୍‌ରେ ଚେନ୍ନଇର ବିଜୟ ଆଶା ଧୂଳିସାତ ହୋଇଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୫୦ରନ୍ କରିଥିଲା। ଜବାବରେ ଆର୍‌ସିବି ବୋଲିଂର ଉଚିତ ମୁକାବିଲା କରି ନ ପାରି ସିଏସ୍‌କେ ୧୯.୪ ଓଭରରେ ୨୦୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସର୍ଫରାଜ ଖାନଙ୍କ ୨୫ବଲରେ ୫୦, ପ୍ରଶାନ୍ତ ବୀର ୨୯ବଲ୍‌ରେ ୪୩ ଓ ଜାମି ଓଭରଟନ୍ ୧୬ବଲ୍‌ରେ ୩୭ ରନ୍ କରିଥିଲେ। ବିଜୟୀ ଆର୍‌ସିବି ପକ୍ଷରୁ ଭୁବନେଶ୍ୱର କୁମାର ୩ଟି, ଜ୍ୟାକବ ଡଫି, କ୍ରୁନାଲ ପାଣ୍ଡ୍ୟା ଓ ଅଭିନନ୍ଦନ ସିଂ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।




ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ପକ୍ଷରୁ କୋହଲି ଓ ସଲ୍ଟ ପ୍ରଥମ ୱିକେଟରୁ ୩୭ ରନ୍ ଉଠାଇଥିଲେ। ଏହା ମଧ୍ୟରୁ କୋହଲି ୧୮ ବଲରୁ ୨୮ ରନ୍ କରିଥିଲେ। ଏହା ପରେ ପାଡିକଲ ଦୁଇଟି ଅର୍ଦ୍ଧଶତକୀୟ ପାର୍ଟନରସିପ୍ କରି ଦଳକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ସେ ଦ୍ୱିତୀୟ ୱିକେଟରେ ସଲ୍ଟଙ୍କ ସହ ୩୭ ବଲ୍‌ରୁ ୫୬ ଓ ତୃତୀୟ ୱିକେଟରେ ପାଟିଦାରଙ୍କ ସହ ୨୧ ବଲ୍‌ରୁ ୫୮ ରନ୍ ଉଠାଇବା ପରେ ଜାମି ଓଭରଟନ୍‌ଙ୍କ ବଲ୍‌ରେ ସ୍କୁପ୍ କରିବାକୁ ଯାଇ ବୋଲ୍ଡ ହୋଇଯାଇଥିଲେ। ୨୮ ବଲ୍‌ରେ ୫ ଚୌକା ଓ ୨ଛକା ସହ ୫୦ ରନ୍ ପୂରଣ କରିବାର ପରବର୍ତ୍ତୀ ବଲ୍‌ରେ ପାଡିକଲ ଆଉଟ ହୋଇଥିଲେ। ସଲ୍ଟ ୩୦ବଲ୍‌ରୁ ୩ ଚୌକା ଓ ୨ ଛକା ସହାୟତାରେ ୪୬ ରନ୍ କରିଥିଲେ। ପାଡିକଲଙ୍କ ଆଉଟ ପରେ ବେଙ୍ଗାଲୁରୁର ରନ୍ ବର୍ଷା ହୋଇଥିଲା। ପାଟିଦାରଙ୍କ ସହ ଡେଭିଡ୍ ଯୋଗଦେବା ପରେ ଉଭୟ ଖେଳାଳି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। ଫଳରେ ଏମାନଙ୍କ ଅବିଭକ୍ତ ଚତୁର୍ଥ ୱିକେଟ ଯୋଡିରୁ ୩୫ବଲ୍‌ରେ ମିଳିଥିଲା ୯୯ ରନ୍। ଏହା ମଧ୍ୟରୁ ଡେଭିଡ୍ ୨୫ବଲ୍ ଖେଳି ୩ଚୌକା ଓ ୮ ଛକା ସହ ୭୦ରନ୍‌ରେ ଅପରାଜିତ ରହିଥିଲେ। ଜାମି ଓଭରଟନ ବୋଲିଂ କରିଥିବା ୧୯ତମ ଓଭରରେ ଡେଭିଡ୍ ୪ଟି ଛକା, ଗୋଟିଏ ଚୌକା ସହ ୩୦ରନ୍ ଉଠାଇଥିଲେ। ଅନ୍ୟପଟରେ ପାଟିଦାର ମଧ୍ୟ ଦମ୍‌ଦାର ବ୍ୟାଟିଂ କରିଥିଲେ। ସେ ୧୯ଟି ବଲ ଖେଳିବାର ସୁଯୋଗ ପାଇ ଗୋଟିଏ ଚୌକା ଓ ୬ଟି ସୁଦୃଶ୍ୟ ଛକା ବଳରେ ୪୮ ରନ୍ କରି ଅପରାଜିତ ରହିଥିଲେ। ଏମାନଙ୍କ ଦ୍ରୁତ ରନ୍ ସଂଗ୍ରହ ବଳରେ ବେଙ୍ଗାଲୁରୁ ଆଇପିଏଲ୍ ଇତିହାସରେ ତୃତୀୟ ସର୍ବାଧିକ ସ୍କୋର ସଂଗ୍ରହ କରିଛି। ପୂର୍ବରୁ ଦଳ ପୁଣେ ୱାରିୟର୍ସ ବିପକ୍ଷରେ ୫ ୱିକେଟରେ ୨୬୩ ଓ ସନ୍‌ରାଇଜର୍ସ ବିପକ୍ଷରେ ୭ ୱିକେଟରେ ୨୬୨ ରନ୍ କରିଥିଲା।

| ଆଜିର ଆଇପିଏଲ୍ ମ୍ୟାଚ୍ |
| --- |
| କୋଲକାତା ବନାମ ପଞ୍ଜାବ |
| ଭେନ୍ୟୁ-କୋଲକାତା |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

**ସଂକ୍ଷିପ୍ତ ସ୍କୋର**

**ଆର୍‌ସିବି: ୨୫୦/୩, ୨୦ ଓଭର** (ଡେଭିଡ-୭୦*, ପାଡିକଲ-୫୦, ପାଟିଦାର-୪୮*, ସଲ୍ଟ-୪୬, ଦୁବେ-୧/୩୦)।

**ସିଏସ୍‌କେ: ୨୦୭/୧୦, ୧୯.୪ ଓଭର** (ସର୍ଫରାଜ-୫୦, ପ୍ରଶାନ୍ତ-୪୩, ଓଭରଟନ୍-୩୭, ଭୁବନେଶ୍ୱର-୩/୪୧, ଅଭିନନ୍ଦନ-୨/୩୦, କ୍ରୁନାଲ-୨/୩୬, ଡଫି-୨/୫୮)।

### ସାମିଙ୍କ ଘାତକ ବୋଲିଂ, ପନ୍ତଙ୍କ ଅର୍ଦ୍ଧଶତକ

## ଏଲ୍‌ଏସ୍‌ଜିର ପ୍ରଥମ ବିଜୟ



ହାଇଦରାବାଦ୍, ୫ା୪(ଏଜେନ୍ସି): ଭେଟେରାନ ଫାଷ୍ଟ ବୋଲର ମହମ୍ମଦ୍ ସାମି (୨/୯)ଙ୍କ ଘାତକ ବୋଲିଂ ଓ ଅଧିନାୟକ ଋଷଭ ପନ୍ତ (ଅପରାଜିତ ୬୮ ରନ୍)ଙ୍କ ଦାୟିତ୍ୱପୂର୍ଣ୍ଣ ଅର୍ଦ୍ଧଶତକ ବଳରେ ଲକ୍ଷ୍ମୌ ସୁପର ଜାଏଣ୍ଟସ (ଏଲଏସ୍‌ଜି) ଚଳିତ ଆଇପିଏଲ୍‌ରେ ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ରାଜୀବ ଗାନ୍ଧି ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ପ୍ରଥମ ଲିଗ୍ ମ୍ୟାଚ୍‌ରେ ଏଲଏସ୍‌ଜି ୫ ୱିକେଟରେ ଘରୋଇ ଦଳ ସନ୍‌ରାଇଜର୍ସ ହାଇଦରାବାଦ୍‌କୁ ପରାସ୍ତ କରିଛି। ଏହା ଫଳରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଏଲଏସ୍‌ଜି ଦ୍ୱିତୀୟ ମୁକାବିଲାରେ ପ୍ରଥମ ବିଜୟ ହାସଲ କରିଥିଲାବେଳେ ହାଇଦରାବାଦ୍ ତୃତୀୟ ମୁକାବିଲାରୁ ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ହାଇଦରାବାଦ୍ ୯ ୱିକେଟରେ ୧୫୬ ରନ୍ କରିଥିଲା। ଜବାବରେ ଏଲଏସ୍‌ଜି ଗୋଟିଏ ବଲ ଓ ୫ ୱିକେଟ ବାକିଥାଇ ମ୍ୟାଚ୍‌କୁ ଜିତିନେଇଥିଲା। ଖେଳ ଆରମ୍ଭରୁ ଗୋଟିଏ ସ୍ପେଲ୍‌ରେ ୪ ଓଭର ବୋଲିଂ କରି ମାତ୍ର ୯ରନ୍ ଦେଇ ୨ଟି ୱିକେଟ ନେଇଥିବା ଏଲଏସ୍‌ଜିର ସାମିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ଘରୋଇ ମାଟିରେ ଖେଳୁଥିବା ହାଇଦରାବାଦ୍ ଭ୍ରମଣକାରୀ ଏଲଏସ୍‌ଜି ଆଗରେ ୧୬୦ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଏଲଏସ୍‌ଜି ୩୭ ରନ୍‌ରେ ପ୍ରଥମ ୱିକେଟ ହରାଇଥିଲା। ଏହା ପରେ ଅଧିନାୟକ ପନ୍ତଙ୍କ ସହ ଦ୍ୱିତୀୟ ୱିକେଟରେ ୪୦ ରନ୍ ଉଠାଇବା ପରେ ଓପନର ଆଇଡେନ୍ ମାରକ୍ରମ ଆଉଟ ହୋଇଥିଲେ। ତାଙ୍କ ବ୍ୟାଟରୁ ୪୫ ରନ୍ ମିଳିଥିଲା। ଗୋଟିଏ ପଟେ ପନ୍ତ ଦୃଢ଼ତାର ସହ ଖେଳୁଥିଲାବେଳେ ଅନ୍ୟପଟେ କ୍ରମାଗତ ୱିକେଟ ପଡ଼ିଥିଲା। ଶେଷରେ ଚୌକା ମାରି ପନ୍ତ ଦଳକୁ ୫ ୱିକେଟରେ ମ୍ୟାଚ୍ ଜିତାଇଥିଲେ। ସେ ୫୦ ବଲ୍‌ରୁ ୯ ଚୌକା ସହ ୬୮ ରନ୍ କରି ଅପରାଜିତ ରହିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରି ହାଇଦରାବାଦ୍ ୨୬ ରନ୍‌ରେ ୪ୱିକେଟ ହରାଇ ବିପଦରେ ପଡ଼ିଥିଲା। ଅଭିଷେକ ୦, ଇଶାନ କିଶାନ ୧, ଟ୍ରାଭିସ୍ ହେଡ୍ ୭ ଓ ଲିଆମ ଲିଭିଂଷ୍ଟୋନ୍ ୧୪ ରନ୍‌ରେ ଆଉଟ ହୋଇଥିଲେ। ଏହି ସମୟରେ ହେନ୍‌ରିକ୍ କ୍ଲାସେନ ଓ ନୀତୀଶ କୁମାର ରେଡ୍ଡି ଅର୍ଦ୍ଧଶତକ ହାସଲ କରିବା ସହ ୫ମ ୱିକେଟରେ ୬୩ ବଲ୍‌ରୁ ୧୧୬ ରନ୍ ଉଠାଇବା ଫଳରେ ଦଳ ଏମ ସମ୍ମାନଜନକ ସ୍କୋର କରିଥିଲା। ଏହି ଯୋଡି ଭାଙ୍ଗିବା ପରେ ହାଇଦରାବାଦ୍ ତାହାର ଶେଷ ୫ଟି ୱିକେଟ ମାତ୍ର ୧୪ ରନ୍‌ରେ ହରାଇଥିଲା। କ୍ଲାସେନ ୪୧ବଲ୍‌ରେ ୫ ଚୌକା ଓ ୨ଛକା ସହ ସର୍ବାଧିକ ୬୨ ଓ ନୀତୀଶ ୩୩ବଲ୍‌ରୁ ୩ ଚୌକା ଓ ୫ଛକା ସହ ୫୬ ରନ୍ କରିଥିଲେ। ଏଲଏସ୍‌ଜି ପକ୍ଷରୁ ଘାତକ ବୋଲିଂ କରିଥିବା ସାମି, ପ୍ରିନ୍ସ ଯାଦବ ଓ ଆଭେଶ ଖାନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

### ସେଣ୍ଟ୍ରାଲ ଏସିଆନ୍ ହ୍ୟାଣ୍ଡବଲ

## ଭାରତ ଲାଗି କାଂସ୍ୟ ଜିତିଲେ ଓଡ଼ିଆ ଖେଳାଳି ସ୍ୱସ୍ତିକପ୍ରସାଦ

ଭୁବନେଶ୍ୱର, ୫ା୪(ସମିସ): ଭାରତୀୟ ହ୍ୟାଣ୍ଡବଲ ଟିମ୍ ଉଜ୍‌ବେକିସ୍ତାନର ସମରକନ୍ଦଠାରେ ଶେଷ ହୋଇଥିବା ସେଣ୍ଟ୍ରାଲ ଏସିଆନ୍ ହ୍ୟାଣ୍ଡବଲ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛି। କାଂସ୍ୟପଦକ ମୁକାବିଲାରେ ଭାରତ ୨୫-୨୦ ଗୋଲରେ କାଜାକସ୍ତାନକୁ ପରାସ୍ତ କରିଥିଲା। ଭାରତୀୟ ଦଳରେ ଓଡ଼ିଆ ଖେଳାଳି ସ୍ୱସ୍ତିକ ପ୍ରସାଦ ପତି ଚମତ୍କାର ପ୍ରଦର୍ଶନ କରିଥିଲେ। ଓଡ଼ିଶାର ଗୋରୀଶଙ୍କର ମିଶ୍ର କୋଚ୍ ରହିଥିଲେ। ଭାରତ ପକ୍ଷରୁ ସେଣ୍ଟ୍ରାଲ ଏସିଆନ୍ ହ୍ୟାଣ୍ଡବଲରେ କାଂସ୍ୟ ପଦକ ଜିତିବାରେ ସ୍ୱସ୍ତିକପ୍ରସାଦ ଓଡ଼ିଶାର ଦ୍ୱିତୀୟ ଖେଳାଳି। ତାଙ୍କ ପୂର୍ବରୁ ୨୦୨୪ରେ ଆର୍ଯ୍ୟନ ବ୍ରାହ୍ମିନ ମଧ୍ୟ କାଂସ୍ୟ ପଦକ ବିଜୟୀ ହୋଇଥିଲେ।



### ■ ବାଂଲାଦେଶ କ୍ରିକେଟରେ ସଂକଟ

## ମୁକ୍ତ ନିର୍ବାଚନ କରିବାକୁ ସୁପାରିସ୍

ଢାକା, ୫ା୪(ଏଜେନ୍ସି): ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ରେ ଅବାଧ ଓ ମୁକ୍ତ ନିର୍ବାଚନ କରିବାକୁ ତଦନ୍ତ କମିଟି ସୁପାରିସ୍ କରିଛି। ଏହା ଫଳରେ ବାଂଲାଦେଶ କ୍ରିକେଟରେ ସଂକଟ ସୃଷ୍ଟି ହୋଇଛି। ଦେଶର ନିୟମ ଅନୁଯାୟୀ ବିସିବିର ନିର୍ବାଚନ ହେବ କିମ୍ବା ଆଇସିସି ନିର୍ଦ୍ଦେଶାବଳୀକୁ ଗ୍ରହଣ କରାଯିବ ତାହା ହିଁ ଏହି ସଂକଟ ସୃଷ୍ଟି କରିଛି। ଗତବର୍ଷ ହୋଇଥିବା ନିର୍ବାଚନରେ ଅନିୟମିତତା ହୋଇଥିଲା ବୋଲି ତମିମ ଇକବାଲ ଅଭିଯୋଗ ଆଣିବା ପରେ ଏହାକୁ ନେଇ ଏକ ୫ଜଣିଆ କମିଟି ଗଠିତ ହୋଇଥିଲା। କମିଟି ଆଜି ତାହାର ରିପୋର୍ଟ ପ୍ରଦାନ କରିଛି। ନିର୍ବାଚନରେ ଭାଗନେଇଥିବା ୭୬ଟି କ୍ଲବ୍ ମଧ୍ୟରୁ ୫୦ଟି କ୍ଲବ୍ ତଦନ୍ତ ଲାଗି ଦାବି କରିଥିଲେ। ବାଂଲାଦେଶର କ୍ରୀଡ଼ାମନ୍ତ୍ରୀ ଅମିନୁଲ ହକ୍‌ଙ୍କ ମତରେ ଆମେ ଯେ କୌଣସି ପଦକ୍ଷେପ ନେବା ପୂର୍ବରୁ ଆଇସିସିକୁ ଜଣାଇବୁ। ତଦନ୍ତ କମିଟି ରିପୋର୍ଟ ଓ ଆଇସିସି ନିର୍ଦ୍ଦେଶ ଅନୁଯାୟୀ ବିସିବି ପୁନଃଗଠିତ ହେବ।

### ହାରିକାଙ୍କୁ ଚମକାଇଦେଲେ ଉଜ୍‌ବେକ୍ ଗ୍ରାଣ୍ଡମାଷ୍ଟର

## ହାତ ମିଳାଇବା ବଦଳରେ କଲେ ନମସ୍କାର

ନୂଆଦିଲ୍ଲୀ, ୫ା୪(ଏଜେନ୍ସି): ନିଜର ଶାନ୍ତସ୍ୱଭାବ ଓ ଭଦ୍ର ଆଚରଣରେ ଭାରତର ମହିଳା ଖେଳାଳି ତଥା ଚେସ୍ ଗ୍ରାଣ୍ଡମାଷ୍ଟର ଦ୍ରୋଣାଭଲି ହାରିକାଙ୍କୁ ଚମକାଇଦେଇଛନ୍ତି ଉଜ୍‌ବେକିସ୍ତାନ ଗ୍ରାଣ୍ଡମାଷ୍ଟର ନୋଦିରବେକ୍ ୟାକୁବୋଏଭ୍। ଗ୍ରୀନ୍‌କେ ଫ୍ରିଷ୍ଟାଇଲ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟରେ ଏହି ଘଟଣା ସମସ୍ତ ଭାରତୀୟ ପ୍ରତିଯୋଗୀ ଓ କର୍ମକର୍ତ୍ତାଙ୍କୁ ବିସ୍ମିତ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ୟାକୁବୋଏଭ୍ ଓ ହାରିକାଙ୍କ ମଧ୍ୟରେ ଚାଲିଥିବା ମ୍ୟାଚ୍‌ଟି ହାରଜିତ ବିନା ଫଇସଲାରେ ଶେଷ ହୋଇଥିଲା। ମ୍ୟାଚ୍ ପରେ ହାତ ମିଳାଇବା ଲାଗି ହାରିକା ୟାକୁବୋଏଭ୍‌ଙ୍କୁ ହାତ ବଢ଼ାଇଥିଲେ। କିନ୍ତୁ ୟାକୁବୋଏଭ୍ ନମସ୍ତେ କହି ହାତ ମିଳାଇ ନ ଥିଲେ। ଏଭଳି ଆଚରଣରେ ଭାରତୀୟମାନେ ବେଶ ଚମତ୍କୃତ ହୋଇଥିଲେ ଓ ୟାକୁବୋଏଭ୍‌ଙ୍କ ଭଦ୍ର ବ୍ୟବହାର ଲାଗି ତାଙ୍କୁ ପ୍ରଶଂସା କରିଥିଲେ। ମ୍ୟାଚ୍ ପରେ ଉଭୟ ଖେଳାଳି ସ୍ମିତହସି ବୋର୍ଡ ଛାଡିଥିଲେ।



ଭାରତୀୟ ମହିଳା ଖେଳାଳିଙ୍କ ବିପକ୍ଷରେ ୟାକୁବୋଏଭ୍‌ଙ୍କର ଏପରି ଆଚରଣ ପ୍ରଥମଥର ହୋଇ ନ ଥିଲା। ପୂର୍ବରୁ ସେ ୱିକ୍ ଆନ୍ ଜୀ ଚ୍ୟାଲେଞ୍ଜ ଟୁର୍ଣ୍ଣାମେଣ୍ଟରେ ଆର୍. ବୈଶାଳୀଙ୍କ ସହ ହାତ ନ ମିଳାଇ ନମସ୍ତେ କରିଥିଲେ। ଏହି ଘଟଣାଟି ସେତେବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିଲା ଓ ବୈଶାଳୀ ଏହି ଘଟଣାରେ ଅଡୁଆ ପରିସ୍ଥିତିରେ ପହଞ୍ଚିଥିଲେ। ପରେ ଫୁଲ ଓ ଚକୋଲେଟ୍ ସହ ବୈଶାଳୀଙ୍କୁ ସେ କ୍ଷମା ମାଗିଥିଲେ। ବୈଶାଳୀ ଏ ସମ୍ପର୍କରେ କିଛି ବୁଝିବା ପୂର୍ବରୁ ୟାକୁବୋଏଭ୍ କ୍ଷମା ପ୍ରାର୍ଥନା କରିଥିଲେ। ପରେ ସେ ଧର୍ମଗତ କାରଣରୁ କୌଣସି ମହିଳାଙ୍କୁ ଛୁଇଁବାକୁ ବିରତ ରହୁଥିବା ପ୍ରକାଶ କରିଥିଲେ। ଧର୍ମଗତ ଭେଦଭାବ ଯେ ବିଶ୍ୱରେ ସବୁଆଡ଼େ ରହିଛି ତାହା ୟାକୁବୋଏଭ୍‌ଙ୍କ ଆଚରଣରୁ ସ୍ପଷ୍ଟ ହୋଇଛି।

### ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ

## ସେମିଫାଇନାଲରେ ଆଇଆଇଟି

ଭୁବନେଶ୍ୱର, ୫ା୪(ସମିସ): ବିବିସିଏ (ଭାରତ ଭୂଷଣ କ୍ରିକେଟ ଏକାଡେମୀ)କୁ ୫ ୱିକେଟରେ ପରାସ୍ତ କରି ଆଇଆଇଟି (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ) ରାମକୃଷ୍ଣ ମହାପାତ୍ର ୧୭ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାର ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଆଇଆଇଟିର ବିଜୟ ସହ ଏହି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ କିଏ କାହା ସହ ଖେଳିବେ ତାହା ସ୍ଥିର ହୋଇଯାଇଛି। ଆସନ୍ତା ୭ତାରିଖ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ କ୍ଲବ୍ ଦ ରେଡ୍‌ଷ୍ଟାର ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ମଧ୍ୟରେ, ଦ୍ୱିତୀୟ ସେମିଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ ସହ ଅନ୍ଧାରୁଆର ଆଇଆଇଟି ମଧ୍ୟରେ ଖେଳାଯିବ। ଆଜିର ଖେଳରେ ୬ ଓଭର ବୋଲିଂ କରି ୨୯ ରନ୍‌ରେ ୩ ୱିକେଟ ନେବା ସହ ୪୧ ବଲ୍‌ରେ ୪୧ରନ୍ କରିଥିବା ବିଜୟୀ ଆଇଆଇଟିର ଆଶୁତୋଷ ଯାଦବଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ଦଳର ସଚିଦାନନ୍ଦ ଲେଙ୍କା ୨୩ ରନ୍‌ରେ ୨ୱିକେଟରେ ଓ ୨୩ବଲ୍‌ରେ ୩୧ ରନ୍ କରି ଶ୍ରେଷ୍ଠ ଅଲରାଉଣ୍ଡ ପ୍ରଦର୍ଶନ କରିଥିଲେ। ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିବିସିଏ ନିର୍ଦ୍ଧାରିତ ୩୦ ଓଭରରେ ୮ ୱିକେଟ ହରାଇ ୧୭୧ ରନ୍ କରିଥିଲା। ଦଳ ପକ୍ଷରୁ ଆଦର୍ଶ ଦାଶ ୪୦, ପାର୍ଥସାରଥୀ ଲେଙ୍କା ୩୩ ଓ ସ୍ୱରିତ ଦାସ ୩୦ ରନ୍ କରିଥିଲେ। ଜବାବରେ ଆଇଆଇଟି ୨୭.୫ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ବିଜୟୀ ଦଳର ଜୟନ୍ତ ମହାନ୍ତି ୫୪, ଆଶୁତୋଷ ୪୧ ଓ ସଚିଦାନନ୍ଦ ୩୧ ରନ୍ କରିଥିଲେ। ପରାଜିତ ବିବିସିଏର ଆଦିତ୍ୟ ପଟ୍ଟନାୟକ ୩ଟି ୱିକେଟ ପାଇଥିଲେ।



### ଡିଏମ୍ ସ୍ମାରକୀ ସ୍କୁଲ ଚେସ୍

## ପ୍ରିୟଦର୍ଶନ ଚାମ୍ପିଅନ

ଭୁବନେଶ୍ୱର, ୫ା୪(ସମିସ): କଟକସ୍ଥିତ ସିଡିଏ ପବ୍ଲିକ୍ ସ୍କୁଲର ପ୍ରିୟଦର୍ଶନ ରାୟ ଏଠାରେ ରବିବାର ଅନୁଷ୍ଠିତ ଧନଞ୍ଜୟ ମହାନ୍ତି (ଡିଏମ୍) ସ୍ମାରକୀ ସ୍କୁଲ ଓପନ ଚେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ପ୍ରିୟଦର୍ଶନ ସର୍ବାଧିକ ୪.୫ ପଏଣ୍ଟ ପାଇ ପ୍ରଥମ ହୋଇଥିଲେ। ତାଙ୍କ ପଛକୁ ନୂଆପଲ୍ଲୀ ନାରାୟଣ ସ୍କୁଲର ଆୟାବନ୍ତ ମହାନ୍ତି ପ୍ରଥମ ରନର୍ସଅପ୍ ଓ ୟୁନିଟ୍-୮ ଡିଏଭି ସ୍କୁଲ୍‌ର ଅନୀଶ ପଣ୍ଡା ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ଉଭୟ ୪ ପଏଣ୍ଟ ଲେଖାଏଁ ପାଇଥିଲେ। ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି କେଭି ନଂ-୧ର ଆୟୁଷ୍ମାନ ପଣ୍ଡା ଚତୁର୍ଥ ଓ ୟୁନିଟ୍-୮ ଡିଏଭିର ଆରିଶନନ୍ଦ ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଓଡ଼ିଶା ରାଜ୍ୟ ଚେସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।



ଓଡ଼ିଆ ପକ୍ଷ ପାଳନ ଅବସରରେ ଭୁବନେଶ୍ୱରରେ ରବିବାର ଅନୁଷ୍ଠିତ ଗଣଦୌଡ଼ରେ ଭାଗନେଇଥିବା ପ୍ରତିଯୋଗୀମାନେ




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS